୬୭ତମ ବର୍ଷ | ୨୪ ଏପ୍ରିଲ, ୨୦୨୪ | ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ

ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି

ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଏପ୍ରିଲ, ୨୦୨୪]


**ଯୋଗ-ଦର୍ଶନ**

| | | | |
|---|---|---|---|
| ମାତୃବାଣୀ | ... | ... | ... ୫ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ... ୬ |
| ଯେଉଁ ସମନ୍ୱୟ ଆବଶ୍ୟକ | ... | ଶ୍ରୀଅରବିନ୍ଦ | ... ୯ |
| ଚେତନାର ପରିବର୍ତ୍ତନ | ... | ଶ୍ରୀମା | ... ୧୦ |
| ଏକାଗ୍ରତା | ... | ଶ୍ରୀଅରବିନ୍ଦ | ... ୧୨ |
| ଧମ୍ମପଦ (୬) (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ) | ... | ... | ... ୧୪ |
| ଆମ ପ୍ରକୃତିକୁ ରୂପାନ୍ତରିତ କରିବା | ... | ଶ୍ରୀଅରବିନ୍ଦ | ... ୧୯ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | |
|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... ୨୨ |
| ଦେବଜନ୍ମ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... ୨୪ |
| ବେଦରହସ୍ୟ - (ତୃତୀୟ ଭାଗ), ଅଗ୍ନିସୂକ୍ତମାଳା ଅଗ୍ନି, ଦିବ୍ୟ ସଂକଳ୍ପ-ଶକ୍ତି | ... | ଶ୍ରୀଅରବିନ୍ଦ | ... ୨୭ |
| ୨୯ ମାର୍ଚ୍ଚ ୧୯୧୪ ବିବର୍ତ୍ତନର ଇତିହାସରେ ମହତ୍ତମ ମୁହୂର୍ତ୍ତ ସ୍ମରଣ ଓ ଶ୍ରଦ୍ଧାଞ୍ଜଳି | ... | ଶ୍ରୀ ମନୋଜ ଦାସ | ... ୩୦ |
| ଆମ ଜାତୀୟତାର ବୈଶିଷ୍ଟ୍ୟ ଓ ଯୁବସମାଜର ଭୂମିକା | ... | ଶ୍ରୀ ପ୍ରପତ୍ତି | ... ୩୭ |
| ମୁକ୍ତ (କବିତା) | ... | ଶ୍ରୀଅରବିନ୍ଦ | ... ୪୦ |
| ପ୍ରପତ୍ତି | ... | ଶ୍ରୀ ଗୌର ମହାନ୍ତି | ... ୪୧ |
| ଶ୍ରୀମାଙ୍କର ବାଲ୍ୟ ଜୀବନରେ ପରିବାରର ଭୂମିକା (୨) | ... | ମମତା ଦାଶ | ... ୪୫ |

**ସାଧନା-ପରମ୍ପରା**

| | | | |
|---|---|---|---|
| ଯୋଗବାଶିଷ୍ଠ ରାମାୟଣ (୫) | ... | ... | ... ୪୮ |

**ଅନ୍ତରାଳ ଜଗତ୍**

| | | | |
|---|---|---|---|
| ଢେଲା-ପଥର ଫିଙ୍ଗୁଥିବା ପ୍ରାଣ ଜଗତର କ୍ଷୁଦ୍ର କ୍ଷୁଦ୍ର ସତ୍ତା (ଶ୍ରୀମାଙ୍କ ସହ କଥୋପକଥନ) | ... | ... | ... ୫୩ |

**ଶେଷ ପୃଷ୍ଠା :**

| | | | |
|---|---|---|---|
| ଜୀବନ ଓ ପୂର୍ଣ୍ଣଯୋଗ | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... ୫୭ |
| ଶ୍ରୀଅରବିନ୍ଦଙ୍କ ଜୀବନୀ ଆଧାରିତ କେତେକ ଫଟୋଚିତ୍ର | ... | ... | ... ୬୧ |


❖

# ମାତୃବାଣୀ

One must have an unvarying will to acquire what one does not have in one’s nature, to know what one does not yet know, to be able to do what one cannot yet do.

One must progress constantly in the light and the peace which come from the absence of personal desire.

(CWM Vol. 14, page 158) – The Mother

ନିଜର ସ୍ୱଭାବରେ ଯାହା ନାହିଁ ତାହା ଅର୍ଜନ କରିବା ପାଇଁ, ଏପର୍ଯ୍ୟନ୍ତ ଯାହା ଜାଣି ନାହଁ ତାହା ଜାଣିବା ପାଇଁ, ଏପର୍ଯ୍ୟନ୍ତ ଯାହା କରିପାରି ନାହଁ ତାହା କରିବାକୁ ସମର୍ଥ ହେବା ପାଇଁ ତୁମର ଏକ ଅବିଚଳିତ ସଂକଳ୍ପ ରହିବା ଆବଶ୍ୟକ ।

ତୁମକୁ ନିରନ୍ତର ଅଗ୍ରଗତି କରିବାକୁ ହେବ ସେହି ଆଲୋକ ଓ ଶାନ୍ତି ଭିତରେ ଯାହା ଆସିଥାଏ ନିଜର କୌଣସି ବ୍ୟକ୍ତିଗତ କାମନା ନ ରହିଲେ ।

– ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

The Divine Grace and Power can do everything, but with the full assent of the sadhak. To learn to give that full assent is the whole meaning of the sadhana. It may take time either because of ideas in the mind, desires in the vital or inertia in the physical consciousness, but these things have to be and can be removed with the aid or by calling in the action of the Divine Force.

(Letters on Yoga - II, page : 171) – Sri Aurobindo

ଭଗବତ୍ କୃପା ଓ ଶକ୍ତି ସବୁକିଛି କରି ଦେଇପାରିବ, କିନ୍ତୁ ସାଧକର ପୂର୍ଣ୍ଣ ସମ୍ମତି ସହିତ । ସେହି ପୂର୍ଣ୍ଣ ସମ୍ମତି କିପରି ଦିଆଯାଏ ତାହା ଶିଖିବାହିଁ ସାଧନାର ସମଗ୍ର ଅର୍ଥ । ମନରେ ରହିଥିବା ନାନା ଧାରଣା, ପ୍ରାଣରେ ରହିଥିବା ନାନା କାମନା ଓ ଦୈହିକ ଚେତନାରେ ରହିଥିବା ଜଡ଼ତା ହେତୁ ଏଥିପାଇଁ ସମୟ ଲାଗିପାରେ; କିନ୍ତୁ ଏଗୁଡ଼ିକୁ ଦୂର କରିବାକୁ ହେବ ଏବଂ ଭଗବତ୍ ଶକ୍ତିର କ୍ରିୟା ସାହାଯ୍ୟରେ ବା ସେହି ଶକ୍ତିକୁ ଆବାହନ କରି ଏଗୁଡ଼ିକୁ ଦୂର କରି ଦିଆଯାଇପାରେ ।

— ଶ୍ରୀଅରବିନ୍ଦ



# ଯେଉଁ ସମନ୍ୱୟ ଆବଶ୍ୟକ

## ଶ୍ରୀଅରବିନ୍ଦ

ତାହା ନିଃସନ୍ଦେହ ଭାବରେ, ସ୍ୱୟଂ ମନୁଷ୍ୟର ସମନ୍ୱୟ । ତାହାର ଗୁଣ ବା କ୍ଷମତାଗୁଡ଼ିକର ସୁସମଞ୍ଜସତା ହେଉଛି ତା'ର ଶାନ୍ତିଲାଭର ଏକ ସର୍ତ୍ତ । ସେଗୁଡ଼ିକ ଭିତରେ ପାରସ୍ପରିକ ବୁଝାମଣା ଓ ପାରସ୍ପରିକ ସହାୟତା ହେଉଛି ତା'ର ପୂର୍ଣ୍ଣତାର ଉପାୟ ବା ସାଧନ । ସେଗୁଡ଼ିକ ପରସ୍ପର ସହିତ ସଂଘର୍ଷରତ ରହିଲେ ତାହା ତା'ର ସତ୍ତାର ରାଜ୍ୟକୁ ବିଭ୍ରାନ୍ତ କରିଦିଏ; ଗୋଟିକର ବିନିମୟରେ ଅନ୍ୟଟିର ବିଜୟ ତାହାର ଆତ୍ମ-ପୂର୍ଣ୍ଣତାକୁ ପଙ୍ଗୁ କରିଦିଏ ।

ଆମର ଏହି ଯୁଗର ବିଶେଷ ଚରିତ୍ର ହେଉଛି, ଯୁକ୍ତିବୁଦ୍ଧି ଓ ବିଶ୍ୱାସ ଭିତରେ, ତର୍କଶୀଳ ମନ ଓ ସଂବୋଧି-ସଂପନ୍ନ ହୃଦୟ ଭିତରେ ଏକ ସଂବନ୍ଧ-ବିଚ୍ଛେଦ । ପ୍ରଥମ ଅବସ୍ଥାରେ ଏମାନଙ୍କ ଭିତରେ ଯୁଦ୍ଧ ଘୋଷଣା ନିଜ ସଙ୍ଗରେ ନେଇ ଆସୁଥିଲା ଏକ ଯନ୍ତ୍ରଣାପୂର୍ଣ୍ଣ ସଂଘର୍ଷ, ଏକ ବିଚଳିତ ବିଶ୍ୱାସ, କିଂବା ଏକ ଅସନ୍ତୁଷ୍ଟ ସଂଶୟବାଦ । କିନ୍ତୁ ବର୍ତ୍ତମାନ ଏମାନଙ୍କ ଭିତରେ ବିଚ୍ଛେଦ ଓ ସଂପର୍କହାନି ଏପରିସବୁ ଅତିରଞ୍ଜିତ ପ୍ରବୃତ୍ତିକୁ ଜନ୍ମ ଦେଇଛି, ଯାହାକି ଅନ୍ୟକୁ ପୂରା ବାଦ୍ ଦେଇ କେବଳ ନିଜ ଉପରେ ଏକମୁଖୀ ହେବା ଫଳରେ ମାନବଜୀବନ ଆହୁରି ଦରିଦ୍ର ହୋଇପଡ଼ିଛି; ଗୋଟିଏ ପଟରେ ରହିଛି ଏକ ନକାରାତ୍ମକ, ବିନାଶକାରୀ ସମାଲୋଚନାର ମନୋଭାବ ଓ ଅନ୍ୟ ପଟରେ ରହିଛି ଏକ କଳ୍ପନା-ପ୍ରଧାନ ପ୍ରବଣତା ଯାହା ବୁଦ୍ଧିର ବନ୍ଧ୍ୟା ମତାନ୍ଧତା ସହ ଶୁଦ୍ଧ ସହଜାତ ପ୍ରବୃତ୍ତି ଓ ସ୍ୱପ୍ନସବୁ ଉପରେ ଆଧାରିତ ବିଶ୍ୱାସର ବିରୋଧ କରେ ।

ତଥାପି ଏକ ବାସ୍ତବ ବିଚ୍ଛେଦ ଅସମ୍ଭବ । ବିଶ୍ୱାସ ଓ ସମ୍ବୋଧି ବିନା ବିଜ୍ଞାନ ଗୋଟିଏ ପାଦ ମଧ୍ୟ ଆଗକୁ ଯାଇ ପାରିବ ନାହିଁ ଏବଂ ଆଜି ସେହି ବିଜ୍ଞାନ ବଢ଼ି ଉଠୁଛି ସ୍ୱପ୍ନରେ ଭରପୂର ହୋଇ । ଧର୍ମ ମଧ୍ୟ ଗୋଟିଏ ମୁହୂର୍ତ୍ତ ପାଇଁ ତିଷ୍ଠି ପାରିବ ନାହିଁ ଯଦି ତାହା ନିଜ ସମର୍ଥନରେ ବୁଦ୍ଧିଗତ ଉପସ୍ଥାପନର ଆଶ୍ରୟ ନ ନିଏ, ତାହା ଗଭୀର ସତ୍ୟ ଦୃଷ୍ଟିରୁ ଯେତେ ଅଯଥେଷ୍ଟ ହେଲେ ମଧ୍ୟ । ଆଜି ଆମେ ଦେଖୁଛୁ ଏହା ନିଜର ଅନେକ ଅସ୍ତ୍ର ଉଧାର ଆଣୁଛି ନିଜ ବିରୋଧୀମାନଙ୍କ ଅସ୍ତ୍ରାଗାରରୁ । କିନ୍ତୁ ଯଥାର୍ଥ ସମାଧାନ ଆଣି ଦେଉଥିବା କେବଳ ଏକ ଉଚ୍ଚତର ସତ୍ୟହିଁ ଏମାନଙ୍କ ଭିତରେ ପାରସ୍ପରିକ ଭୁଲ୍ ବୁଝାମଣାକୁ ଦୂର କରି ଦେଇପାରେ ଓ ଜାତିକୁ ନିଜର ସର୍ବାଙ୍ଗୀନ ଆତ୍ମବିକାଶରେ ପୁନଃ ପ୍ରତିଷ୍ଠିତ କରିପାରେ ।

ତା'ହେଲେ ପ୍ରଥମେ ଧର୍ମଗତ ଅଭୀପ୍ସା ଓ ବୈଜ୍ଞାନିକ କ୍ଷମତାର ଏକ ସମନ୍ୱୟରୁ ଆରମ୍ଭ କରାଯାଇପାରେ ଏବଂ ତା'ର ଅଗ୍ରଗତିର ପରିଣତି ରୂପେ ଆସିପାରେ ଆନ୍ତର ଅସ୍ତିତ୍ୱରେ ଏକ ସର୍ବାଙ୍ଗୀନତା । ଦେଖିବାକୁ ହେବ ପ୍ରେମ ଓ ଜ୍ଞାନ, ଭକ୍ତର ଆନନ୍ଦ ଓ ବ୍ରହ୍ମଜ୍ଞାନୀର ଦିବ୍ୟବିଜ୍ଞାନ ଯେପରି ପରସ୍ପର ଭିତରେ ଏକତ୍ୱକୁ ସାର୍ଥକ କରନ୍ତି ଏବଂ ଉଭୟେ ଯେପରି ଜୀବନର ସେହି ପୂର୍ଣ୍ଣତାକୁ ପୁଣି ଫେରି ପାଆନ୍ତି ଯାହାକୁ ସେମାନେ ନିଜ ଅନ୍ୱେଷଣର କଠୋର ତପଶ୍ଚର୍ଯ୍ୟା ବା ନିଜ ପ୍ରେମୋନ୍ମାଦର ଉଲ୍ଲାସ ଭିତରେ ନିଜ ଭିତରୁ ନିର୍ବାସିତ କରିଦେବାକୁ ଚାହିଁଥିଲେ ।

ହୃଦୟ ଓ ମନ ହେଉଛି ସେହି ଏକହିଁ ବିଶ୍ୱଦେବ ଏବଂ ହୃଦୟ ବିନା ମନ ବା ମନ ବିନା ହୃଦୟ ମନୁଷ୍ୟର ଆଦର୍ଶ ନୁହେଁ । କିଂବା କୌଣସି ପୂର୍ଣ୍ଣତା ମଧ୍ୟ ନିଖୁଣ ଓ ବାସ୍ତବ ହେବ ନାହିଁ ଯଦି ତାହା ଫଳପ୍ରଦ ନ ହୁଏ । ଯଥାର୍ଥ ସମନ୍ୱୟ ହେଉଛି ଅନ୍ତରରେ ଏକ ପୂର୍ଣ୍ଣାଙ୍ଗ ଦିବ୍ୟ ସୁସମଞ୍ଜସତା କିନ୍ତୁ ତା'ର ପରିଣାମ ସ୍ୱରୂପ ଏକ ପରିବର୍ତ୍ତିତ ପୃଥିବୀ ଏବଂ ଅଧିକତର ମହତ୍ ଓ ଅଧିକତର ସୁଖୀ ମାନବତା ।

(Bulletin, Aug. 2006, p. 40) ✤

# ଚେତନାର ପରିବର୍ତ୍ତନ

## ଶ୍ରୀମା

*ପ୍ରଶ୍ନ : ମା, ଚେତନାର କିପରି ପରିବର୍ତ୍ତନ କରିହେବ ?*

**ଶ୍ରୀମା** : ଏହା କରିବା ପାଇଁ ଅନେକ ଉପାୟ ଅଛି । ପ୍ରତ୍ୟେକର ପ୍ରକୃତି ଅନୁଯାୟୀ ତା'ର ସବୁଠାରୁ ଉପଯୋଗୀ ଉପାୟଟିକୁ ବ୍ୟବହାର କରିବାକୁ ପଡ଼ିବ । ଏହି ଉପାୟର ସୂଚନା କୌଣସି ଗୋଟାଏ ଅପ୍ରତ୍ୟାଶିତ ଅନୁଭୂତି ଦ୍ୱାରା ସ୍ୱତଃସ୍ଫୂର୍ତ୍ତ ଭାବେ ଆସେ,– ଉଦାହରଣସ୍ୱରୂପ ତୁମେ ପ୍ରାୟ ଗୋଟାଏ ସାଧାରଣ ବାହ୍ୟିକ ଏବଂ ସମତଳ ଚେତନାରେ ବାସ କର । ସେହି ସମତଳ ଭୂମିକୁ ସକଳ ମନୁଷ୍ୟ, ସକଳ ବସ୍ତୁ ଓ ସକଳ ଘଟଣାକୁ ଏପର୍ଯ୍ୟନ୍ତ ଦେଖି ଆସିଛ । କିନ୍ତୁ ହଠାତ୍ ଦିନେ କୌଣସି କାରଣରୁ ଉପର ସ୍ତରରେ କିଛି ବିଶେଷ ଘଟଣା ଘଟିଲା ଏବଂ ତୁମେ ଉର୍ଦ୍ଧ୍ୱକୁ ଉଠିଗଲ, ସେତେବେଳେ ସବୁ ଜିନିଷକୁ ତୁମେ ସେହି ସମତଳ ଭୂମିରେ ନ ଦେଖି ଉର୍ଦ୍ଧ୍ୱରୁ ଦେଖିବାକୁ ଲାଗିଲ ଏବଂ ତାହା ଉପରେ କର୍ତ୍ତୃତ୍ୱ ବିସ୍ତାର କରିବାକୁ ଲାଗିଲ । ସେତେବେଳେ ସନ୍ନିକଟସ୍ଥ ସଂକୀର୍ଣ୍ଣ ଗଣ୍ଡିର ଜିନିଷଗୁଡ଼ିକ ଦେଖି ପାରିବା ପରିବର୍ତ୍ତେ ତୁମେ ସବୁକିଛିକୁ ଆହୁରି ସମଗ୍ର ଭାବେ ଦେଖିବାକୁ ଲାଗିଲ । ଯେପରି ନିମ୍ନରୁ ଏକ ସମତଳ ଭୂମିରୁ ହଠାତ୍ ଏକ ପାହାଡ଼ ଚୂଡ଼ା ଦେଶକୁ ତୁମେ ଉଠିଅଛ, ତୁମେ ସେଠାରେ ବସ୍ତୁସକଳକୁ ବିଚ୍ଛିନ୍ନ ଭାବେ ନ ଦେଖି ଉର୍ଦ୍ଧ୍ୱରୁ ଏକଭାବେ, ସମଗ୍ର ରୂପେ ଦେଖିବାକୁ ଲାଗିଲ ।

ଏହି ଅନୁଭୂତି ଅନେକ ଉପାୟରେ ପ୍ରାପ୍ତ ହୁଏ, କିନ୍ତୁ ସାଧାରଣତଃ ଏହା ହଠାତ୍ ଦେଖାଦିଏ ।

ଆଉ ସମୟ ସମୟରେ ଠିକ୍ ଏହାର ବିପରୀତ ଅନୁଭୂତି ଆସିପାରେ; ମାତ୍ର ପରିଣାମ ଏକ । ହଠାତ୍ ତୁମେ ଗୋଟାଏ ଗଭୀରରେ ବୁଡ଼ିଗଲ, ତୁମେ ବସ୍ତୁସକଳକୁ ଯେପରି ଦେଖିଥିଲ, ସେସବୁ ତୁମଠାରୁ ବିଚ୍ଛିନ୍ନ, ବାହ୍ୟିକ ଏବଂ ସମ୍ପର୍କଶୂନ୍ୟ ବୋଧ ହେଲା । ତୁମେ ଗୋଟାଏ ଆନ୍ତର ନୀରବତା, ଆନ୍ତର ଅଚଞ୍ଚଳତା ଅଥବା ଗୋଟାଏ ବିଶେଷ ଆନ୍ତର ଦୃଶ୍ୟ ମଧ୍ୟରେ ପ୍ରବେଶ କଲ । ସେଠାରେ ତୁମେ ବସ୍ତୁସକଳ ବା ଘଟଣାବଳିର ଗୋଟାଏ ନିବିଡ଼ ବୋଧ ବା ଗଭୀର ଅନୁଭୂତି ଲାଭ କଲ । ପରିଦୃଶ୍ୟମାନ ବହୁବିଧ ବସ୍ତୁସକଳର ପଶ୍ଚାତରେ ତୁମେ ସେତେବେଳେ ଗଭୀର ତାଦାତ୍ମ୍ୟ ଫଳରେ ଐକ୍ୟର ଅନୁଭୂତି ପ୍ରାପ୍ତ ହେଲ ।

ଅଥବା, ହଠାତ୍ ତୁମ ଚେତନାର ସୀମାବନ୍ଧନ ଭାଙ୍ଗିଗଲା । ତୁମେ ଗୋଟାଏ ଅନନ୍ତ ଏବଂ ଅସୀମ କାଳ ମଧ୍ୟରେ ପ୍ରବେଶ କଲ, ଯେଉଁ କାଳର ଆରମ୍ଭ ନାହିଁ କି ଅନ୍ତ ନାହିଁ – ଯେଉଁ କାଳ ସର୍ବଦା ଥିଲା ଏବଂ ଯାହା ସର୍ବଦା ରହିବ ।

ଜୀବନରେ ଏହିସବୁ ଅନୁଭୂତି ଆସେ ହଠାତ୍, ବିଦ୍ୟୁତ୍ ଝଲକ ତୁଲ୍ୟ, ପୁଣି ରହେ ନିମିଷକ ମାତ୍ର, ମାତ୍ର କ୍ଷଣକ ସକାଶେ; ତୁମେ ଜାଣ ନାହିଁ କିପରି ଓ କାହିଁକି ଏ ଅନୁଭୂତି ଆସେ । ଏହିସବୁ ଅନୁଭୂତି ଅସଂଖ୍ୟ ଏବଂ ବିଭିନ୍ନ ଲୋକଙ୍କ ପାଖରେ ବିଭିନ୍ନ ରୂପରେ ଆସେ । କିନ୍ତୁ ସେହି ନିମିଷକ ମଧ୍ୟରେ, ସେହି ନିମିଷ ମାତ୍ର ଅନୁଭୂତି ଫଳରେ ତୁମେ ଗୋଟାଏ ଜୀବନର ନିର୍ଦ୍ଦେଶକାରୀ ସୂତ୍ରକୁ ଧରିପାର ।

ତାହାପରେ ଏହି ଅନୁଭୂତି ତୁମକୁ ସ୍ମରଣ ରଖିବାକୁ ହେବ, ପୁନର୍ବାର ତୁମକୁ ସେହି ଅନୁଭୂତିରେ ବାସ କରିବାକୁ ହେବ, ଅନ୍ତରର ଗଭୀରରେ ପ୍ରବେଶ କରିବାକୁ ହେବ, ଅନୁଭୂତିକୁ ଡାକି ଆଣିବାକୁ ହେବ, ଏହା ସକାଶେ ଅଭୀପ୍ସା କରିବାକୁ ହେବ । ଏହାହିଁ ଆରମ୍ଭ ମାତ୍ର ।

ଯେଉଁମାନେ ସ୍ୱକୀୟ ସତ୍ତାର ଗଭୀରତର ସତ୍ୟ ଉଦ୍‌ଘାଟନ କରିବା ସକାଶେ ବିଧି-ନିର୍ଦ୍ଦିଷ୍ଟ, ସେମାନଙ୍କ ଜୀବନରେ ଅତି କମ୍‌ରେ ଏପରି ଏକ ମୁହୂର୍ତ୍ତ ଆସେ ଯେତେବେଳେ ସେମାନେ ସତ୍ୟ-ଚେତନାର ଅନୁଭୂତି ପ୍ରାପ୍ତ ହୁଅନ୍ତି, ସେତେବେଳେ ସେମାନେ ଆଉ ସେହି ପୂର୍ବ ପରି ସାଧାରଣ ମନୁଷ୍ୟ ହୋଇ ରହନ୍ତି ନାହିଁ । ଅତି ବାଲ୍ୟକାଳରୁ ମଧ୍ୟ ସେମାନଙ୍କର ଏହି ଅନୁଭୂତି ଆସିପାରେ ଏବଂ କେବଳ ନିମିଷକ ସକାଶେ, କିନ୍ତୁ ତାହାହିଁ ପର୍ଯ୍ୟାପ୍ତ; ଏହା ପରେ ସୁନିଶ୍ଚିତ ଭାବେ ଜାଣି ପାରିବ ତୁମକୁ କେଉଁ ପଥ ଧରି ଚାଲିବାକୁ ହେବ । ଏହା ଫଳରେ ସେହି ପଥର ଦ୍ୱାର ତୁମ ସମ୍ମୁଖରେ ଖୋଲିଯାଏ । ଏହା ପରେ ତୁମକୁ ଏହି ପଥରେ ଅଗ୍ରସର ହେବାକୁ ହେବ ଏବଂ ଅଧ୍ୟବସାୟ, ଅକ୍ଲାନ୍ତ ଧୈର୍ଯ୍ୟ ଓ ଦୃଢ଼ ନିଷ୍ଠାର ସହ ଏହି ଅନୁଭୂତିକୁ ପୁନର୍ବାର ପ୍ରାପ୍ତ କରିବାକୁ ହେବ ।

ଏହାହିଁ ତୁମକୁ ଆହୁରି କିଛି ଅଧିକତର ବାସ୍ତବ, ଅଧିକତର ଅଖଣ୍ଡତା ଆଡ଼କୁ ନେଇଯିବ ।

ଯଥାର୍ଥ ଆନ୍ତର ଚେତନା ପ୍ରାପ୍ତ କରିବାକୁ ବହୁ ମାର୍ଗ ନିର୍ଦ୍ଦେଶ କରାଯାଇଛି ଏବଂ କରାଯାଇପାରେ । କିନ୍ତୁ ଏହି ପଥ ଶିକ୍ଷା ଦ୍ୱାରା ବା ବହି ପଢ଼ି ଅଥବା ଗୁରୁଙ୍କଠାରୁ ଜାଣିବା ଅପେକ୍ଷା ନିଜ ଅନ୍ତରର ଅପ୍ରତ୍ୟାଶିତ ସ୍ୱତଃସ୍ଫୂର୍ତ୍ତ ଅନୁଭୂତି ଦ୍ୱାରା ପ୍ରାପ୍ତ ହେବା ଅଧିକ ଫଳପ୍ରଦ । ଏହାହିଁ ହେଲା ତୁମ ଅନ୍ତରାତ୍ମାର ଜାଗରଣ ବା ଚୈତ୍ୟପୁରୁଷଙ୍କ ସଙ୍ଗେ ସଂସ୍ପର୍ଶ । ଏହାହିଁ ତୁମକୁ ଦେଖାଇ ଦିଏ ତୁମ ପାଇଁ ସବୁଠାରୁ ଉତ୍କୃଷ୍ଟ ମାର୍ଗ କ'ଣ; ଏବଂ ଯାହାକୁ ତୁମେ ଅନାୟାସରେ ପ୍ରାପ୍ତ କରିପାର ଏବଂ ଯାହାକୁ ଲକ୍ଷ୍ୟ ବୋଲି ମାନି ଅଧ୍ୟବସାୟ ସହକାରେ ଅନୁସରଣ କରିପାର । କେତେକଙ୍କୁ ଏସବୁ ରାତ୍ରିରେ ସ୍ୱପ୍ନରେ ଆସେ । ଅନ୍ୟମାନଙ୍କୁ ଅନ୍ୟ ଘଟଣା ସୂତ୍ରରେ ଏହା ମିଳେ, ସେମାନେ ଏପରି କିଛି ଦେଖନ୍ତି ଯାହାକି ତାଙ୍କ ଭିତରେ ଗୋଟାଏ ନୂତନ ଚେତନାକୁ ଜାଗରିତ କରି ଦିଏ । ସେମାନେ କିଛି ଶୁଣନ୍ତି ବା କିଛି ପଢ଼ନ୍ତି ବା ସୁଲଳିତ ସଙ୍ଗୀତ ବା ମଧୁର ବାକ୍ୟ ଅଥବା କୌଣସି କୌଣସି କାର୍ଯ୍ୟରେ ଗଭୀର ଏକାଗ୍ରତା ଫଳରେ ଏହି ଅନୁଭୂତି ଲାଭ କରନ୍ତି । କେଉଁ ଉପାୟରେ ଏହା ଆସେ ସେଥିରେ କିଛି ଯାଏ ଆସେ ନାହିଁ — ହଜାର ଉପାୟରେ ଆସିପାରେ, ହଜାର କାରଣରୁ ବି ଆସିପାରେ । କେବଳ ବ୍ୟକ୍ତିକୁ ଏହି ସମୟରେ ଜାଗ୍ରତ୍ ଏବଂ ସତର୍କ ରହିବାକୁ ହେବ । ସମୟ ସମୟରେ କୌଣସି ବୀରତ୍ୱ ବା ମହତ୍ତ୍ୱ ବା ଉଦାରତାର ଦୃଷ୍ଟାନ୍ତ ଦେଖିଲେ କିଂବା ଏପରି କୌଣସି ଗୁଣୀ ଲୋକଙ୍କୁ ଯାହାଙ୍କ କାର୍ଯ୍ୟଗୁଡ଼ିକ ଅତି ଆଶ୍ଚର୍ଯ୍ୟମୟ, ମନରେ ହଠାତ୍ ଗୋଟାଏ ଉତ୍ସାହ, ଉଦ୍ଦୀପନା ଅଥବା କୃତଜ୍ଞତା ଜାଗ୍ରତ୍ ହୁଏ ଏବଂ ଏହାହିଁ ହଠାତ୍ ଗୋଟାଏ ନୂତନ ଚେତନା, ଜ୍ୟୋତିଃ, ଉତ୍ତାପ, ଆନନ୍ଦର ପ୍ରବେଶ ନିମିତ୍ତ ଆଧାରର ଦ୍ୱାର ଖୋଲିଦିଏ, ଯାହା ପୂର୍ବରୁ ତୁମେ ଜାଣି ନଥିଲ । ଏହାହିଁ ସୂତ୍ର ଧରିବାର ଅନ୍ୟତମ ମାର୍ଗ ।

କିନ୍ତୁ ଚେତନାର ରୂପାନ୍ତର, ଏହି ପ୍ରୟୋଜନବୋଧ — ସର୍ବପ୍ରଥମେ ତୁମକୁ ସ୍ୱୀକାର କରିବାକୁ ହେବ ଏବଂ ଏହି ଧାରଣା ଅବଶ୍ୟ ମାନି ନେବାକୁ ହେବ ଯେ ଏହାହିଁ ଏକମାତ୍ର ମାର୍ଗ ଯାହା ସେହି ଲକ୍ଷ୍ୟରେ ନିଶ୍ଚୟ ପହଞ୍ଚାଇ ଦେବ । ଯେବେ ତୁମେ ଏହାକୁ ସିଦ୍ଧାନ୍ତ ବୋଲି ସ୍ୱୀକାର କର, ତେବେ ତୁମକୁ ସଜାଗ ଓ ସତର୍କ ହେବାକୁ ହେବ । ସେତେବେଳେ ତୁମେ ଉପାୟ ପାଇବ, ଅବଶ୍ୟ ପାଇବ ଏବଂ ଥରେ ଯଦି ତୁମେ ଏହି ଉପାୟ ଲାଭ କର ତେବେ ବିନା ଦ୍ୱିଧାରେ ଅଗ୍ରସର ହେବ ।

ବସ୍ତୁତଃ, ଆପଣାକୁ ନିରୀକ୍ଷଣ ଓ ପର୍ଯ୍ୟବେକ୍ଷଣ କରିବା, କୌଣସି ସମୟରେ ବି ନିଜର ଜୀବନରେ ଉଦାସୀନତାକୁ ସ୍ଥାନ ନ ଦେବା — ଏହାହିଁ ହେଲା ଯାତ୍ରାର ଆରମ୍ଭ ବିନ୍ଦୁ; ତୁମକୁ ଅନୁକ୍ଷଣ ମନୋଯୋଗୀ ହୋଇ ରହିବାକୁ ପଡ଼ିବ ।

ହେଲା ତ !

(CMW, Vol. 8, p. 402 - 405)

ସେ ସବୁଠି ଅଛନ୍ତି । ସେ ସବୁଠି କ୍ରିୟା କରୁଛନ୍ତି ଏବଂ ସେ ନିଶ୍ଚେତନା ଭିତରେ ଆଣି ଦିଅନ୍ତି ଚେତନା । ତୁମେ ଯେତେବେଳେ ଏକ ଅନ୍ଧକାର କୋଠରିରେ ଆଲୋକ ବର୍ତ୍ତିକାଟିଏ ଜଳାଅ, ବିଦ୍ୟୁତ୍ ସଂଯୋଗଟିକୁ ଟିପି ଜଳାଇ ଦେବା ସଙ୍ଗେ ସଙ୍ଗେହିଁ ସେହି କୋଠରିରେ ଆଉ ଅନ୍ଧକାର ରୁହେ ନାହିଁ । ଯେଉଁ ମୁହୂର୍ତ୍ତରେ ତୁମେ ଚେତନାକୁ ପ୍ରବେଶ କରାଅ ଆଉ ଅଚେତନା ରୁହେ ନାହିଁ । ସେ ତାହାହିଁ କରନ୍ତି । ସେ ଯେଉଁଠି ଯେଉଁଠି ଦେଖନ୍ତି ଅଚେତନା, ତହିଁ ଭିତରେ ପ୍ରବେଶ କରିବାକୁ ସେ ସଚେଷ୍ଟ ହୁଅନ୍ତି ।

— ଶ୍ରୀମା

# ଏକାଗ୍ରତା

## ଶ୍ରୀଅରବିନ୍ଦ

ଏକାଗ୍ରତାର ପ୍ରଥମ ପଦକ୍ଷେପ ଏହା ହେବା ଉଚିତ ଯେ ଚଞ୍ଚଳ ଓ ବିକ୍ଷିପ୍ତ ମନ ଯେପରି ଗୋଟିଏ ବିଷୟ ଉପରେ ଏକାଗ୍ର ରହି ତତ୍ ସଂପର୍କୀୟ ଭାବନାର ଗୋଟିଏ ଧାରାକୁ ସ୍ଥିର ଓ ଦୃଢ଼ ଭାବରେ ଅନୁସରଣ କରେ ଏବଂ ତାହାର ମନୋଯୋଗ ଯେପରି ଅନ୍ୟ କୌଣସି ପ୍ରଲୋଭନ ବା ପ୍ରତିକୂଳ ଆକର୍ଷଣ ଦ୍ୱାରା ବିଚଳିତ ନ ହୁଏ । ଏହି ଧରଣର ଏକାଗ୍ରତା ଆମର ସାଧାରଣ ଜୀବନରେ, ସାଧାରଣତଃ ଯଥେଷ୍ଟ ଦେଖିବାକୁ ମିଳେ । କିନ୍ତୁ ମନକୁ ନିବଦ୍ଧ କରି ଲଗାଇ ରଖି ପାରିଲା ଭଳି କୌଣସି ବାହ୍ୟବସ୍ତୁ ବା କାର୍ଯ୍ୟ ବ୍ୟତିରେକ ଯେତେବେଳେ କେବଳ ଆନ୍ତର ଗତିବିଧି ଦ୍ୱାରା ନିଜ ଭିତରେହିଁ ଏହା କରିବାକୁ ହୁଏ, ସେତେବେଳେ ଏହା ଅଧିକ କଷ୍ଟସାଧ ହୁଏ । ତଥାପି ଜ୍ଞାନ ମାର୍ଗର ସାଧକମାନଙ୍କୁ ଏହି ଅନ୍ତର୍ମୁଖି ଏକାଗ୍ରତାକୁ ଆୟତ୍ତ କରିବାକୁ ହେବ ।* ଏହା ସେହି ବୁଦ୍ଧିଜୀବୀ ଭାବୁକମାନଙ୍କର କ୍ରମବଦ୍ଧ ଚିନ୍ତନ କ୍ରିୟା ନୁହେଁ, ଯେଉଁମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଭାବନା ଦ୍ୱାରା ନିଜ ଧାରଣାଗୁଡ଼ିକରେ ଉପନୀତ ହେବା ଏବଂ ସେହି ଧାରଣାଗୁଡ଼ିକୁ ବୁଦ୍ଧିଗତ ଭାବରେ ଯୁକ୍ତ ଓ ସୁସମ୍ବନ୍ଧିତ କରି ରଖିବା । ବୋଧହୁଏ କେବଳ ପ୍ରଥମ ଅବସ୍ଥାଟିକୁ ଛାଡ଼ି ଦେଲେ, ଏକାଗ୍ରତାରେ ଯୁକ୍ତିବୁଦ୍ଧିଗତ ପ୍ରକ୍ରିୟାର ସେତେଟା ପ୍ରୟୋଜନ ନାହିଁ ଯେତେଟା ପ୍ରୟୋଜନ ରହିଛି ଗୋଟିଏ ଭାବନା ବା ବିଚାରର ଫଳପ୍ରଦ ସାରମର୍ମଟି ଉପରେ ଯଥା ସମ୍ଭବ ଏକାଗ୍ର ରହିବା, ଯାହା ଫଳରେ ସେହି ବିଚାର, ଅନ୍ତରାତ୍ମାର ସଂକଳ୍ପର କ୍ରମାଗତ ଚାପ ଦ୍ୱାରା ନିଜ ଅନ୍ତର୍ନିହିତ ସତ୍ୟର ସମସ୍ତ ବିଭାବ ଓ ଦିଗଗୁଡ଼ିକୁ ପ୍ରକାଶ କରିଦେବ । ଏହିପରି ଭାବେ ଯଦି ଭଗବତ୍ ପ୍ରେମ ହୁଏ ଏକାଗ୍ରତାର ବିଷୟ ବସ୍ତୁ, ତା'ହେଲେ ପ୍ରେମ ରୂପରେ ଭଗବାନଙ୍କୁ ଭାବିବାର ସାରମର୍ମ ଉପରେ ମନକୁ ଏପରିଭାବେ ଏକାଗ୍ର କରିବା ଆବଶ୍ୟକ ଯେପରିକି ଏହି ଭଗବତ୍ ପ୍ରେମର ନାନାବିଧ ପ୍ରକାଶ ଓ ଅଭିବ୍ୟକ୍ତି, କେବଳ ମନର ଭାବନା ଆଗରେ ନୁହେଁ, ସାଧକର ହୃଦୟରେ, ତା'ର ସତ୍ତାରେ ଓ ତା'ର ସୂକ୍ଷ୍ମ-ଦର୍ଶନରେ ଜ୍ୟୋତିର୍ମୟ ରୂପ ନେଇ ପ୍ରକାଶିତ ହୋଇ ଉଠିବ । ହୁଏତ ପ୍ରଥମେ ଏହାର ଭାବନାଟି ଆସିପାରେ ଏବଂ ଅନୁଭୂତିଟି ତା'ପରେ ଆସିପାରେ, କିନ୍ତୁ ସମାନ ଭାବରେ ମଧ୍ୟ ପ୍ରଥମେ ଅନୁଭୂତି ଓ ପରେ ସେହି ଅନୁଭୂତି ଭିତରୁ ତା'ର ଜ୍ଞାନର ଉଦୟ ହୋଇପାରେ । ପରେ ପ୍ରାପ୍ତ ହୋଇଥିବା ଏହି ଉପଲବ୍ଧିଟି ଉପରେ ଏକାଗ୍ର ହେବାକୁ ହେବ ଏବଂ ତାହାକୁ ଅଧିକରୁ ଅଧିକ ଧାରଣ କରିବାକୁ ହେବ ଯେପର୍ଯ୍ୟନ୍ତ ଏହା ଏକ ନିରନ୍ତର ଅନୁଭୂତିରେ ଏବଂ ଶେଷରେ ସତ୍ତାର ଏକ ଧର୍ମ ବା ବିଧାନରେ ପରିଣତ ନ ହୋଇଛି ।

ଏକାଗ୍ରୀଭୂତ ଧ୍ୟାନର ଏହାହିଁ ହେଉଛି ପ୍ରକ୍ରିୟା, କିନ୍ତୁ ଏହାଠାରୁ ଅଧିକ ଆୟାସସାଧ ପଦ୍ଧତି ହେଉଛି ସମଗ୍ର ମନକୁ କେବଳ ସେହି ଭାବନାଟିର ସାରମର୍ମ ଉପରେ ଏପରି ଏକାଗ୍ର ଓ ନିବଦ୍ଧ କରି ରଖିବା ଯାହାଦ୍ୱାରା ଆମେ ବିଷୟବସ୍ତୁଟିର କେବଳ ମନସ୍ତାତ୍ତ୍ୱିକ ଅନୁଭୂତି ନୁହେଁ, ସେହି ଭାବନା ପଛରେ ଥିବା ବସ୍ତୁଟିର ମୂଳ ମର୍ମରେ ଯାଇ ପହଞ୍ଚି ପାରିବା । ଏହି ପ୍ରକ୍ରିୟାରେ ସମସ୍ତ ଭାବନା ବନ୍ଦ ହୋଇଯାଏ ଏବଂ ତାହା ପରିଣତ ହୋଇଯାଏ ଲକ୍ଷ୍ୟ ବସ୍ତୁର ଏକ ତନ୍ମୟ ଓ ପୁଲକମୟ ଧ୍ୟାନରେ ବା ତହିଁରେ ସଂପୂର୍ଣ୍ଣରୂପେ ବୁଡ଼ି ଲୀନ ହୋଇଯିବାର ଏକ ଅନ୍ତର୍ସମାଧିରେ । ଯଦି ଏହି ପ୍ରକ୍ରିୟାଟିକୁ ଅନୁସରଣ କରାଯାଏ, ତା'ହେଲେ ତା'ର ପରିଣତି ସ୍ୱରୂପ ଆମେ ଯେଉଁ ଅବସ୍ଥାକୁ ଉଚ୍ଛ୍ରିତ ହେଉ ସେହି ଅବସ୍ଥାକୁ ପୁଣି ତଳକୁ ଆବାହନ କରି ଆଣିବାକୁ ହେବ ଯାହା ଫଳରେ ତାହା ଆମର ନିମ୍ନତର ସତ୍ତାକୁ ମଧ୍ୟ ଅଧିକାର କରିବ ଏବଂ ଆମର ସାଧାରଣ ଚେତନା ଉପରେ ନିଜର ଆଲୋକ, ସାମର୍ଥ୍ୟ ଓ ଆନନ୍ଦ ବିସ୍ତାର କରିପାରିବ । ତା' ନ ହେଲେ ଅନେକ ସାଧକ ଯେପରି କରି-ଥାଆନ୍ତି, ଆମେ ସେହିପରି ଏକ ଉର୍ଦ୍ଧ୍ୱାୟିତ ଏକ ଅବସ୍ଥାରେ ବା ଏକ ଅନ୍ତର୍ମୁଖି ସମାଧିରେ ଏହାକୁ ଅଧିକାର କରିପାରୁ କିନ୍ତୁ

* ଆଭ୍ୟନ୍ତରୀଣ ବିତର୍କ ଓ ବିଚାରର ପ୍ରାଥମିକ ଅବସ୍ଥାରେ ନାନାବିଧ ଭ୍ରାନ୍ତ ଧାରଣାର ସଂଶୋଧନ ଲାଗି ଓ ଏକ ବୁଦ୍ଧିଗତ ସତ୍ୟରେ ଉପନୀତ ହେବା ଲାଗି ଏହା ଆବଶ୍ୟକ ।

ସମାଧି ଭଙ୍ଗ ପରେ ଆମେ ଯେତେବେଳେ ଉଠିପଡୁ ବା ସଂସାରର ସଂପର୍କ ଭିତରକୁ ଓହ୍ଲାଇ ଆସୁ ସେତେବେଳେ ଆମେ ଏହା ଉପରେ ଆମର ଅଧିକାରକୁ ହରାଇ ବସୁ । ଏହି ଅଧାପନ୍ତରିଆ ଅଧିକାର ପୂର୍ଣ୍ଣଯୋଗର ଲକ୍ଷ୍ୟ ନୁହେଁ ।

ଆଉ ଏକ ତୃତୀୟ ପ୍ରଣାଳୀ ରହିଛି, ଯେଉଁଥିରେ ପ୍ରଥମେ କୌଣସି ଗୋଟିଏ ବସ୍ତୁ ଉପରେ ଆୟାସପୂର୍ଣ୍ଣ ଧ୍ୟାନ କରାଯାଏ ନାହିଁ, ବା ଭାବନାମୟ-ଦୃଷ୍ଟିର କୌଣସି ଗୋଟିଏ ବିଷୟବସ୍ତୁ ଉପରେ ଆୟାସସାଧ୍ୟ ଧ୍ୟାନ କରାଯାଏ ନାହିଁ । ସର୍ବପ୍ରଥମେ ମନକୁ ସଂପୂର୍ଣ୍ଣ ନୀରବ ଓ ନିଶ୍ଚଳ କରିଦେବାକୁ ହୁଏ । ଏହା ନାନା ବାଟରେ କରାଯାଇପାରେ; ଗୋଟିଏ ବାଟ ହେଉଛି ସମସ୍ତ ମାନସ କ୍ରିୟାରୁ ସଂପୂର୍ଣ୍ଣରୂପେ ପଛକୁ ହଟି ଛିଡ଼ା ହେବା, ଭାବନାରେ ଅଂଶ ଗ୍ରହଣ ନ କରି କେବଳ ସେଗୁଡ଼ିକୁ ନିରୀକ୍ଷଣ କରି ଚାଲିବା ଯେପର୍ଯ୍ୟନ୍ତ କୌଣସି ଅନୁମୋଦନ ନ ପାଇ ନିଜର ଲମ୍ଫଝମ୍ଫ ଓ ଧାଁଧଉଡ଼ରେ କ୍ଳାନ୍ତ ହୋଇ, କ୍ରମାଧିକ ଭାବରେ ଓ ଶେଷରେ ସେଗୁଡ଼ିକ ପୂରା ଶାନ୍ତ ହୋଇ ନ ଯାଆନ୍ତି । ଆଉ ଗୋଟିଏ ବାଟ ହେଉଛି ଭାବନାର ସମସ୍ତ ପ୍ରସ୍ତାବନାକୁ ପ୍ରତ୍ୟାଖ୍ୟାନ କରିବା, ଯେତେବେଳେ ସେଗୁଡ଼ିକ ଆସନ୍ତି, ଆସିବା ମାତ୍ରକେ ସେଗୁଡ଼ିକୁ ମନରୁ କାଢ଼ି ଫିଙ୍ଗିଦେବା ଏବଂ ଦୃଢ଼ ଭାବରେ ସତ୍ତାର ସେହି ଶାନ୍ତିକୁ ଧାରଣ କରି ରହିବା, ଯାହା ବାସ୍ତବରେ ମନର ସମସ୍ତ ଗୋଳମାଳ ଓ ଉପଦ୍ରବ ପଛରେ ସଦାସର୍ବଦା ବିଦ୍ୟମାନ ରହିଥାଏ । ଯେତେବେଳେ ଏହି ଗୋପନ ଶାନ୍ତି ଅନାବରଣ ଭାବରେ ପ୍ରକଟିତ ହୁଏ, ସେତେବେଳେ ସତ୍ତାରେ ଏକ ବିରାଟ ସ୍ଥିରତା ପ୍ରତିଷ୍ଠିତ ହୁଏ ଏବଂ ସାଧାରଣତଃ ଏହା ସହ ଆସେ ସର୍ବବ୍ୟାପୀ ନୀରବ ବ୍ରହ୍ମର ଏକ ପ୍ରତ୍ୟକ୍ଷ ଓ ଅନୁଭୂତି; ଏବଂ ସେତେବେଳେ ଅନ୍ୟ ସବୁକିଛି ପ୍ରଥମେ ମନେହୁଏ କେବଳ ଏକ ବାହ୍ୟରୂପ ଓ ଛାୟାଭାସ ମାତ୍ର । ସ୍ଥିରତାର ଏହି ଆଧାର ଉପରେ, ବସ୍ତୁଗୁଡ଼ିକର ବାହ୍ୟ ପ୍ରପଞ୍ଚକୁ ନେଇ ନୁହେଁ, ଭଗବତ୍ ଅଭିବ୍ୟକ୍ତିର ଗଭୀର ସତ୍ୟକୁ ନେଇ, ବସ୍ତୁଗୁଡ଼ିକର ଜ୍ଞାନ ବା ଅନୁଭୂତି ସହ ଅନ୍ୟ ସବୁକିଛିର ନିର୍ମାଣ ସମ୍ଭବ ହୋଇପାରେ ।

ସାଧାରଣତଃ ଥରେ ଏହି ଅବସ୍ଥା ପ୍ରାପ୍ତ ହେଲେ ଆୟାସସାଧ୍ୟ ଏକାଗ୍ରତାର ଆଉ କୌଣସି ଆବଶ୍ୟକତା ରହେ ନାହିଁ । ତାହାର ସ୍ଥାନ ନେବ ଭାବନାଗୁଡ଼ିକୁ ପ୍ରସ୍ତାବନା ଆକାରରେ ଉପଯୋଗ କରୁଥିବା ସଂକଳ୍ପର ଏକ ମୁକ୍ତ ଓ ସ୍ୱଚ୍ଛନ୍ଦ ଏକାଗ୍ରତା ଏବଂ ନିମ୍ନତର ଅଂଶଗୁଡ଼ିକୁ ଯଥାର୍ଥ ଆଲୋକ ପ୍ରଦାନ । ସେତେବେଳେ ଏହି ସଂକଳ୍ପ ଦୈହିକ ଓ ପ୍ରାଣିକ ସତ୍ତା ଉପରେ, ହୃଦୟ ଓ ମନ ଉପରେ ଚାପ ଦେବ ଯେପରିକି ସେମାନେ ନିଜକୁ ଭଗବାନଙ୍କର ସେହି ରୂପଗୁଡ଼ିକରେ ପୁନର୍ଗଠିତ କରନ୍ତି ଯାହା ନୀରବ ବ୍ରହ୍ମ ଭିତରୁ ସ୍ୱତଃ ପ୍ରକାଶିତ ହୋଇ ଆସିଥାଏ । ପୂର୍ବର ପ୍ରସ୍ତୁତି ଓ ବିଶୁଦ୍ଧି ଅନୁଯାୟୀ ସେହି ଅଂଶଗୁଡ଼ିକ ଆପେକ୍ଷାକୃତ ଦ୍ରୁତ ବା ମନ୍ଥର ଗତିରେ ଊଣା ବା ଅଧିକ ସଂଘର୍ଷ ସହ ସେହି ସଂକଳ୍ପର ବିଧାନ ଓ ପ୍ରସ୍ତାବନାଗୁଡ଼ିକୁ ମାନିନେବାକୁ ବାଧ୍ୟ ହେବେ । ଫଳସ୍ୱରୂପ, ଶେଷରେ ଭଗବାନଙ୍କର ଜ୍ଞାନ ଆମର ଚେତନା ଓ ତାହାର ସମସ୍ତ ସ୍ତରକୁ ନିଜର ଅଧିକାର ଭିତରକୁ ଆଣିବ ଏବଂ ବୈଦିକ ସାଧକମାନେ ଯେପରି କରିଥିଲେ, ସେହିପରି ଆମର ମାନୁଷୀ ଅସ୍ତିତ୍ୱ ମଧ୍ୟରେ ଭଗବାନଙ୍କର ଏକ ପ୍ରତିମୂର୍ତ୍ତି ଗଠିତ ହୋଇଯିବ । ପୂର୍ଣ୍ଣଯୋଗ ପାଇଁ ଏହାହିଁ ହେଉଛି ସବୁଠୁ ସିଧା ଓ ଶକ୍ତିଶାଳୀ ସାଧନା ।

(Bulletin, Nov. 2006, p. 50 - 52) ✤

ମଣିଷ ଯାହା କରି ସାରିଛି, ଚିରକାଳ ପାଇଁ ସେଇଗୁଡ଼ିକର ପୁନରାବୃତ୍ତି କରି ଚାଲିବା ଆମର କାମ ନୁହେଁ । ଆମର କାମ ହେଉଛି ଏପରି ସବୁ ନୂତନ ସିଦ୍ଧିରେ ପହଞ୍ଚିବା ଓ ଏପରି ସବୁ ରହସ୍ୟର ଉଦ୍‌ଘାଟନ କରିବା ଯାହାକୁ କେହି ସ୍ୱପ୍ନରେ ମଧ୍ୟ ଦେଖି ନାହାନ୍ତି । ଆମର କ୍ଷେତ୍ର ରୂପେ ଦିଆଯାଇଛି ସମୟ, ଆତ୍ମା ଓ ଜଗତ୍; ଦୃଷ୍ଟି, ଆଶା ଓ ସୃଜନଶୀଳ କଳ୍ପନା ଆମକୁ ଦିଅନ୍ତି ସଂଳାପର ଗୋପନ ଇଙ୍ଗିତ, ସଂକଳ୍ପ, ବିଚାର ଏବଂ ଶ୍ରମ ହେଉଛି ଆମର ସର୍ବ ଫଳପ୍ରଦ ଯନ୍ତ୍ର ଓ ଉପାୟ ।

— ଶ୍ରୀଅରବିନ୍ଦ

# ଧମ୍ମପଦ

## (୬)

## (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ)

[ଭାରତୀୟ ସଭ୍ୟତା ଓ ସଂସ୍କୃତିର ତିନୋଟି ସମୁଜ୍ଜ୍ୱଳ ରତ୍ନ ହେଲା ଉପନିଷଦ୍, ଗୀତା ଏବଂ ଧମ୍ମପଦ । ବୈଦିକ ଶାସ୍ତ୍ରରେ ଉପନିଷଦ୍‌ର ସ୍ଥାନ ଏବଂ ମହାଭାରତରେ ଗୀତାର ସ୍ଥାନ ଯେପରି, ବୌଦ୍ଧଗ୍ରନ୍ଥମାନଙ୍କ ମଧ୍ୟରେ ଧମ୍ମପଦର ସ୍ଥାନ ସେହିପରି । ଏହି ତିନି ମହାରତ୍ନହିଁ ଭାରତବର୍ଷକୁ ବିଶ୍ୱସମାଜରେ ଶ୍ରଦ୍ଧାର ଆସନରେ ବସାଇଛି ।

ବୌଦ୍ଧ ଧର୍ମଶାସ୍ତ୍ରର ତିନୋଟି ଭାଗ ଅଛି : ୧. ବିନୟପିଟକ (ନୀତି ଶାସ୍ତ୍ର), ୨. ସୁତ୍ତପିଟକ (ଗଳ୍ପ ଓ ନୀତି ଶାସ୍ତ୍ର), ୩. ଅଭିଧମ୍ମପିଟକ (ଦର୍ଶନ ଶାସ୍ତ୍ର) । ଏହି ତିନୋଟି ମହାଗ୍ରନ୍ଥ ଯଥାକ୍ରମେ ଉପାଲି, ଆନନ୍ଦ ଓ କାଶ୍ୟପ ନାମକ ବୁଦ୍ଧଙ୍କର ବିଶିଷ୍ଟ ଶିଷ୍ୟତ୍ରୟଙ୍କ ଦ୍ୱାରା ଉକ୍ତ ହୋଇଛି । ସୁତ୍ତପିଟକ ପାଞ୍ଚ ଭାଗରେ ବିଭକ୍ତ, ଯଥା : ଦୀଘ ନିକାୟ, ମଝିମ ନିକାୟ, ସଂଯୁତ୍ତ ନିକାୟ, ଅଙ୍ଗୁତ୍ତର ନିକାୟ ଓ ଖୁଦ୍ଦକ ନିକାୟ । କେତେଗୁଡ଼ିଏ ଛୋଟ ଛୋଟ ଗ୍ରନ୍ଥ ଖୁଦ୍ଦକ ନିକାୟର ଅନ୍ତର୍ଗତ । ଏହି ଖୁଦ୍ଦକ ନିକାୟର ଦ୍ୱିତୀୟ ଗ୍ରନ୍ଥ ହେଲା ଧମ୍ମପଦ । ଏହା ଛବିଶଟି ଅଧ୍ୟାୟରେ ବିଭକ୍ତ ଏବଂ ଏଥିରେ ୪୨୩ଟି ଶ୍ଳୋକ ଅଛି । ଅନ୍ୟାନ୍ୟ ପ୍ରାଚୀନ ବୌଦ୍ଧଶାସ୍ତ୍ର ପରି ଧମ୍ମପଦ ପାଲି ଭାଷାରେ ଲିଖିତ । ଗୌତମ ବୁଦ୍ଧଙ୍କ ଶିକ୍ଷାର ଶ୍ରେଷ୍ଠ ସଂପଦ ଏହାର ଅନ୍ତର୍ଭୁକ୍ତ ଏବଂ ଏହା ଭଗବଦ୍ ଗୀତା ତୁଲ୍ୟ ଅତ୍ୟନ୍ତ ଜନପ୍ରିୟ ।

'ଧମ୍ମପଦ' ଗ୍ରନ୍ଥଟି ଶ୍ରୀମା'ଙ୍କର ଗଭୀର ସମ୍ମାନ ଓ ଆଦର ଲାଭ କରିଛି । ୧୯୫୭ ମସିହା ଅଗଷ୍ଟ ମାସରୁ ୧୯୫୮ ମସିହା ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର ଦିନ ସନ୍ଧ୍ୟା କ୍ଲାସରେ ଶ୍ରୀମା ଧମ୍ମପଦର ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ ସହ ତାହାର ବ୍ୟାଖ୍ୟା ପଢ଼ୁଥିଲେ । ମୂଳ ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ କରିଛନ୍ତି ବୌଦ୍ଧ ସନ୍ନ୍ୟାସିନୀ ବିଦୁଷୀ ଫ୍ରେଞ୍ଚ ମହିଳା ମାଦାମ୍ କାର୍‌ପେଲେସ୍ (Madame Karpeles – ଭାରତୀଦି' ନାମରେ ପରିଚିତା) । ଶ୍ରୀମା ପ୍ରତ୍ୟେକଟି ମୂଳ ଶ୍ଳୋକର ଫ୍ରେଞ୍ଚ ଅନୁବାଦ ପଢ଼ି ତାହାର ସରଳ ବ୍ୟାଖ୍ୟା ଫ୍ରେଞ୍ଚ ଭାଷାରେ କରୁଥିଲେ ଏବଂ ବ୍ୟାଖ୍ୟା ପରେ ସେହିସବୁ ଶ୍ଳୋକଗୁଡ଼ିକର ସାରମର୍ମ ଉପରେ ଧ୍ୟାନ କରିବାକୁ କହୁଥିଲେ । ଏହି ବ୍ୟାଖ୍ୟା ସମ୍ବଳିତ 'ଧମ୍ମପଦ' ପୁସ୍ତକ ଫ୍ରେଞ୍ଚ ଭାଷାରେ ''Commentaries surle Dhammapada'' ନାମରେ ପ୍ରକାଶିତ ହୋଇଛି । ...

ଶ୍ରୀମା'ଙ୍କର ସରଳ, ସୁସ୍ପଷ୍ଟ, ମର୍ମସ୍ପର୍ଶୀ ଓ ଜ୍ଞାନଗର୍ଭକ ଭାଷ୍ୟ ପ୍ରତ୍ୟେକ ଚିନ୍ତାଶୀଳ ଭାରତବାସୀର ଗଭୀର ଅନୁଧ୍ୟାନର ବିଷୟ । ଶ୍ରୀମା'ଙ୍କର ବିଶ୍ୱଜନୀନ ଉପଦେଶ ସହିତ କୌଣସି ଧର୍ମର ସଂଘର୍ଷଣ ଅସମ୍ଭବ । ଏହା ଜଗତର କୌଣସି ଧର୍ମର ବିରୋଧୀ ନୁହେଁ । ... ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ 'ଧମ୍ମପଦ'ର ଅନୁବାଦ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଏହାହିଁ ପ୍ରଥମ । ଆଶା କରୁ ଓଡ଼ିଶାର ପାଠକ ପାଠିକାମାନେ ଏହା ପାଠ କରି ବିଶେଷ ଉପକୃତ ହେବେ । – ସଂପାଦନା]

ଦ୍ୱିତୀୟ ଅଧ୍ୟାୟ

### ଅପ୍ପମାଦବଗ୍‌ଗୋ (ଅପ୍ରମାଦବର୍ଗ)

### (୩)

ତେ ଝାୟିନୋ ସାତତିକା ନିଚ୍ଚଂ ଦଳ୍ହ-ପରକ୍କମା ।
ଫୁସନ୍ତି ଧୀରା ନିବ୍‌ବାଣଂ ଯୋଗକ୍‌ଖେମଂ ଅନୁତ୍ତରଂ ॥

(They who are intelligent, meditative, persevering, combat ceaselessly against themselves, reach the Nirvana that is supreme felicity.)

ଯେଉଁମାନେ ବିଜ୍ଞ, ଧ୍ୟାନପର, ଉଦ୍ୟମଶୀଳ ଏବଂ ଅବିରତ ସଂଯତାଚାର ସେମାନେ ପରମାନନ୍ଦସ୍ୱରୂପ ନିର୍ବାଣ ଲାଭ କରନ୍ତି ।

(୪)

ଉଟ୍ଠାନବତୋ ସତିମତୋ ସୁଚିକମ୍ମସ୍‌ସ ନିସମ୍ମକାରିଣୋ ।
ସଞ୍ଞତସ୍‌ସ ଚ ଧମ୍ମଜୀବିନୋ ଅପ୍ପମତ୍ତସ୍‌ସ ଯସୋଽଭିବଡ୍‌ଢତି ॥

(He who is full of Zeal, he who is mindful, he who is pure in deed, and acts thoughtfully, who is self-controlled and lives in accordance with the law, sees his fame evergrowing.)

ଯେଉଁ ଲୋକ ଉତ୍‌ଥାନଶକ୍ତିସମ୍ପନ୍ନ, ସ୍ମୃତିମାନ୍, ବିଶୁଦ୍ଧାଚାରଶୀଳ, ବିମୃଶ୍ୟକାରୀ, ସଂଯତ ଏବଂ ଧର୍ମାନୁମୋଦିତ ଜୀବନଯାପନ କରେ, ସେ ତାହାର ଯଶଃ ଅଭିବର୍ଦ୍ଧିତ ହେବାର ଦର୍ଶନ କରେ ।

**ଶ୍ରୀମା'ଙ୍କ ଭାଷ୍ୟ :**

ଏଠାରେ ଯଶଃର ଯେଉଁ ପ୍ରତିଶ୍ରୁତି ଦିଆହୋଇଛି, ତାହା ବୌଦ୍ଧ ଶିକ୍ଷାର ଉପଯୁକ୍ତ ବିଷୟ ବୋଲି ମୁଁ ବୋଧ କରୁ ନାହିଁ । ସମ୍ଭବତଃ ଏହି ଶ୍ଲୋକର ଅର୍ଥ ଅନ୍ୟପ୍ରକାର । ଏବଂ ନୈତିକ ନିୟମ ଅନୁଯାୟୀ ଜୀବନଯାପନ କରିବାକୁ ହେଲେ, ବ୍ୟକ୍ତି ପକ୍ଷରେ  କି ପ୍ରକାର ନୈତିକ ନିୟମ ଏଠାରେ ଅଭିପ୍ରେତ ତାହା ଜାଣିବା ଦରକାର, କାରଣ ଏହା ସାଧାରଣତଃ ସାମାଜିକ ନୈତିକତା ରୂପେ ବିବେଚିତ ହୁଏ । ଏହା ମଧ୍ୟ ଗୋଟିଏ ବିଶେଷ ଚିତ୍ତାକର୍ଷକ ପ୍ରତିଶ୍ରୁତି ବୋଲି ମୋର ବୋଧ ହେଉ ନାହିଁ । ଯେଉଁମାନେ ଯାବତୀୟ ମାନବିକ ଦୁର୍ବଳତା ସଂପୂର୍ଣ୍ଣରୂପେ ବର୍ଜନ କରିବାକୁ ସଂକଳ୍ପବଦ୍ଧ ହୁଅନ୍ତି, ସେମାନେ ସାମାଜିକ ନୈତିକତା ପାଳନ କିଂବା ଯଶଃ ଅର୍ଜନ ଆଦୌ ଗ୍ରାହ୍ୟ କରନ୍ତି ନାହିଁ ।

ଉତ୍ସାହଶୀଳ ହେବା ବିଶେଷ ପ୍ରଶଂସନୀୟ, ସଦାଚାରୀ ହେବା ମଧ୍ୟ ଅପରିହାର୍ଯ୍ୟ, ବିବେଚନାପୂର୍ବକ କର୍ମ କରିବା ମଧ୍ୟ ସର୍ବୋତ୍କୃଷ୍ଟ, (ବ୍ୟକ୍ତି ଏହା ସର୍ବଦା କାର୍ଯ୍ୟତଃ କରେ ନାହିଁ), କହିବା ବାହୁଲ୍ୟ ମାତ୍ର ଯେ ଇନ୍ଦ୍ରିୟସଂଯମ ପ୍ରାରମ୍ଭିକ ପଦକ୍ଷେପ ... କିନ୍ତୁ ଉକ୍ତ ଉପସଂହାର !!

ତଥାପି, ମୁଁ ଦେଖୁଛି ଯେ 'ଧମ୍ମ' ଶବ୍ଦର ଏଠାରେ ଇଂରାଜୀ ଅନୁବାଦ ହୋଇଛି 'Law' ଏବଂ 'ଯଶଃ' ଶବ୍ଦର ଇଂରାଜୀ ଅନୁବାଦ ହୋଇଛି 'fame', କିନ୍ତୁ 'ଧମ୍ମ'ର ଅର୍ଥ ବରଂ ହେବା ଉଚିତ ଆନ୍ତର ସତ୍ୟ ଏବଂ 'ଯଶଃ'ର ଅର୍ଥ ଆଧ୍ୟାତ୍ମିକ ଗୌରବ । ସୁତରାଂ ମୂଳ ପାଠକୁ ଆମ୍ଭେମାନେ ଏହିପରି ଅନୁବାଦ କରିପାରୁ – ''Whoever is full of zeal, pure in deed, acts thoughtfully, controls his passions, lives according to the inner truth, will see his spiritual glory evergrowing.''– ଅର୍ଥାତ୍, ଯେଉଁ ବ୍ୟକ୍ତି ଉତ୍ସାହଶୀଳ, ସତ୍ କର୍ମୀ, ବିଚାରଶକ୍ତିମାନ୍ କର୍ମକ୍ଷମ, ଜିତେନ୍ଦ୍ରିୟ ଏବଂ ଆନ୍ତର ସତ୍ୟ ଅନୁସାରେ ଜୀବନଯାପନ କରେ, ସେ ତାହାର ଆଧ୍ୟାତ୍ମିକ ଗୌରବ ସଦାବୃଦ୍ଧିଶୀଳ ଦେଖିବ ।

(୫)

ଉଟ୍ଠାନେନ'ପ୍ପମାଦେନ ସଞ୍ଞମେନ ଦମେନ ଚ ।
ଦୀପଂ କୟିରାଥ ମେଧାବୀ ୟଂ ଓଘୋ ନାଭିକୀରତି ॥

(By his zeal and vigilance and discipline and self-control, the intelligent man should create an island for himself which no flood can overwhelm.)

ଉତ୍‌ଥାନ, ଅପ୍ରମାଦ, ସଂଯମ ଓ ଦମ ଦ୍ୱାରା ବିଜ୍ଞ ବ୍ୟକ୍ତି ନିଜ ପାଇଁ ଯେଉଁ ଦ୍ୱୀପ ନିର୍ମାଣ କରିବେ, ତାହା ପ୍ଲାବନ ଦ୍ୱାରା ଧ୍ୱଂସ ହେବ ନାହିଁ ।

(୬)

ପମାଦମନୁୟୁଞ୍ଜନ୍ତି ବାଲା ଦୁମ୍ମେଧିନୋ ଜନା ।
ଅପ୍ପମାଦଞ୍ଚ ମେଧାବୀ ଧନଂ ସେଟ୍ଠଂ' ବ ରକ୍‌ଖତି ॥

(The stupid, devoid of intelligence, give themselves to negligence. The intelligent guards vigilance as the supreme treasure.)

ନିର୍ବୋଧ ଅଜ୍ଞଗଣ ପ୍ରମାଦଯୁକ୍ତ ହୁଅନ୍ତି, ବିଜ୍ଞଗଣ ଅପ୍ରମାଦକୁ ଶ୍ରେଷ୍ଠ ସମ୍ପଦ ରୂପେ ରକ୍ଷା କରନ୍ତି ।

(୭)

ମା ପମାଦମନୁୟୁଞ୍ଜେଥ ମା କାମରତି ସନ୍ଥବଂ ।
ଅପ୍ପମତ୍ତୋ ହି ଝାୟନ୍ତୋ ପପ୍ପୋତି ବିପୁଲଂ ସୁଖଂ ॥

(Do not give yourself to negligence nor to the enjoyment of the passions. It is the vigilant given to meditation that attains the Vast happiness.)

ପ୍ରମାଦର ଅନୁବର୍ତ୍ତୀ ହୁଅ ନାହିଁ, ଇନ୍ଦ୍ରିୟସୁଖର ବଶବର୍ତ୍ତୀ ହୁଅ ନାହିଁ । ଧ୍ୟାନରତ ଅପ୍ରମତ୍ତ ବ୍ୟକ୍ତି ବିପୁଳ ସୁଖ ଅନୁଭବ କରନ୍ତି ।

(୮)

ପମାଦଂ ଅପ୍ପମାଦେନ ଯଦା ନୁଦତି ପଣ୍ଡିତୋ ।
ପଞ୍ଞାପାସାଦମାରୁୟ୍ହ ଅସୋକୋ ସୋକିନିଂ ପଜଂ ।
ପବ୍ବତଟ୍ଠୋ ବ ଭୂମ୍ମଟ୍ଠେ ଧୀରୋ ବାଲେ ଅବେକ୍ଖତି ॥

(The wise dispel negligence by vigilance, they climb to the heights of wisdom and griefless themselves they contemplate from a hilltop as it were the ignorant ones grieving on the plains.)

ଯେପରି ପର୍ବତର ଉପରିସ୍ଥିତ ବ୍ୟକ୍ତି ସମତଳ ପ୍ରଦେଶର ବ୍ୟକ୍ତିଗଣଙ୍କୁ ଅବଲୋକନ କରନ୍ତି, ସେହିପରି ପଣ୍ଡିତ ବ୍ୟକ୍ତି ଅପ୍ରମାଦ ଦ୍ୱାରା ପ୍ରମାଦ ଦୂରୀଭୂତ କରି ପ୍ରଜ୍ଞାପ୍ରାସାଦରେ ଆରୋହଣପୂର୍ବକ ସ୍ୱୟଂ ଶୋକମୁକ୍ତ ହୋଇ ଶୋକଗ୍ରସ୍ତ ଜନଗଣଙ୍କୁ ଅବଲୋକନ କରନ୍ତି ।

(୯)

ଅପ୍ପମତ୍ତୋ ପମତ୍ତେସୁ ସୁତ୍ତେସୁ ବହୁଜାଗରୋ ।
ଅବଲସ୍ସଂ' ବ ସୀଘସ୍ସୋ ହିତ୍ୱା ୟାତି ସୁମେଧସୋ ॥

(Vigilant among the negligent, wide awake among the slumberous, one intelligent goes fast like a steed that leaves behind a faint mount.)

ପ୍ରମତ୍ତଗଣଙ୍କ ମଧ୍ୟରେ ସ୍ୱୟଂ ଅପ୍ରମତ୍ତ ହୋଇ, ଯେଉଁମାନେ ସୁପ୍ତ ସେମାନଙ୍କ ମଧ୍ୟରେ ସଦାଜାଗରିତ ହୋଇ, ବିଜ୍ଞ ବ୍ୟକ୍ତି ଦ୍ରୁତଗାମୀ ଅଶ୍ୱ ଯେପରି ଦୁର୍ବଳ ଅଶ୍ୱକୁ ଅତିକ୍ରମ କରେ, ସେହିପରି ଶୀଘ୍ରଗାମୀ ହୁଅନ୍ତି ।

(୧୦)

ଅପ୍ପମାଦେନ ମଘବା ଦେବାନଂ ସେଟ୍ଠତଂ ଗତୋ ।
ଅପ୍ପମାଦଂ ପସଂସନ୍ତି ପମାଦୋ ଗରହିତୋ ସଦା ॥

(By vigilance Indra has become supreme among the gods. Vigilance is praiseworthy. Negligence is always blameworthy.)

ଅପ୍ରମାଦ ଦ୍ୱାରା ଇନ୍ଦ୍ର ଦେବଶ୍ରେଷ୍ଠ ହୋଇଅଛନ୍ତି । ଅପ୍ରମାଦ ପ୍ରଶଂସିତ ହୁଏ, ପ୍ରମାଦ ସର୍ବଦା ନିନ୍ଦିତ ।

(୧୧)

ଅପ୍ପମାଦରତୋ ଭିକ୍ଖୁ ପମାଦେ ଭୟଦସ୍ସି ବା ।
ସଞ୍ଞୋଜନଂ ଅଣୁଂ ଥୂଲଂ ଡହଂ ଅଗ୍ଗୀବ ଗଚ୍ଛତି ॥

(The Bhikkhu who is given to vigilance and who shuns negligence moves forward like a fire consuming all bonds, great or small.)

ଅପ୍ରମାଦରତ ଏବଂ ପ୍ରମାଦବର୍ଜନକାରୀ ଭିକ୍ଷୁ କ୍ଷୁଦ୍ର ବୃହତ୍ ସର୍ବପ୍ରକାର ବନ୍ଧନକୁ ଅଗ୍ନି ପରି ଦଗ୍ଧ କରି ଅଗ୍ରଗାମୀ ହୁଅନ୍ତି ।

(୧୨)

ଅପ୍ପମାଦରତୋ ଭିକ୍ଖୁ ପମାଦେ ଭୟଦସ୍ସି ବା ।
ଅଭବ୍ବୋ ପରିହାଣାୟ ନିବ୍ବାଣସ୍ସେବ ସନ୍ତିକେ ॥

(The Bhikkhu who is given to vigilance and who shuns negligence never goes astray, he moves near into Nirvana.)

ଅପ୍ରମାଦରତ ଏବଂ ପ୍ରମାଦକୁ ବର୍ଜନ କରିଥିବା ଭିକ୍ଷୁର ପତନ ନାହିଁ । ସେ ନିର୍ବାଣର ନିକଟବର୍ତ୍ତୀ ।

**ଶ୍ରୀମା'ଙ୍କ ଭାଷ୍ୟ :**

ଏଠାରେ ସଂପୂର୍ଣ୍ଣ ଅଧ୍ୟାୟଟି ମୁଁ ପାଠ କଲି, କାରଣ ମୋର ଧାରଣା ଏହି ଯେ ଶ୍ଲୋକଗୁଡ଼ିକର ସମଷ୍ଟି ଏକ ଅନୁକୂଳ ବାତାବରଣ ସୃଷ୍ଟି କରେ । ଏବଂ ପ୍ରତ୍ୟେକ ଶ୍ଲୋକକୁ ପୃଥକ୍ ପୃଥକ୍ ନ କରି, ସବୁ ଶ୍ଲୋକ ଏକସଙ୍ଗେ ଏକାଠି ଗ୍ରହଣୀୟ । କିନ୍ତୁ ମୁଁ ଦୃଢ଼ତା ସହ ତୁମକୁ ଏହି ପରାମର୍ଶ ଦେଉଅଛି ଯେ ଏଠାରେ ବ୍ୟବହୃତ ଶବ୍ଦଗୁଡ଼ିକୁ ଅବିକଳ ସାଧାରଣ ସରଳ ଅର୍ଥରେ ଗ୍ରହଣ କରିବ ନାହିଁ ।

ଉଦାହରଣସ୍ୱରୂପ ମୋର ଦୃଢ଼ବିଶ୍ୱାସ ଏହି ଯେ ଏହାର ମୌଳିକ ଚିନ୍ତାଧାରା ଏପରି ନ ଥିଲା ଯେ ତୁମେ ପ୍ରଶଂସିତ ହେବା ଉଦ୍ଦେଶ୍ୟରେ ଅପ୍ରମତ୍ତ ହେବ ଏବଂ ନିନ୍ଦନୀୟ ନ ହେବା ଉଦ୍ଦେଶ୍ୟରେ ଅବଶ୍ୟ ପ୍ରମତ୍ତ ହେବ ନାହିଁ । ଏହା ବ୍ୟତୀତ ଏଠାରେ ଉକ୍ତ ଉଦାହରଣରୁ ପ୍ରମାଣ ମିଳୁଅଛି; କାରଣ ଏହା ନିଶ୍ଚିତ ଯେ ହିନ୍ଦୁପରମ୍ପରାଗତ ଅଧିମାନସ (overmental) ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ ଇନ୍ଦ୍ରଦେବତା ସ୍ତୁତିବାଦ ଲାଭ ଉଦ୍ଦେଶ୍ୟରେ ଅପ୍ରମାଦ ଅନୁସରଣ କରି ନ ଥିଲେ । ଏପରି କହିବା ଗୋଟିଏ ନିତାନ୍ତ ଅସାର କଥା । ତଥାପି, ଏହି ଶ୍ଲୋକଗୁଡ଼ିକୁ ତୁମେ ଯଦି ଏକତ୍ରିତ ଗ୍ରହଣ କର, ତାହାହେଲେ ଜାଣିପାରିବ ଯେ ସେଗୁଡ଼ିକ ପୁନରୁଲ୍ଲିଖିତ ଓ ବିଶେଷ ପ୍ରଣିଧାନ-ଯୋଗ୍ୟ ହେବା ଯୋଗୁଁ ସେଗୁଡ଼ିକରେ ପ୍ରକାଶୋନ୍ମୁଖ ବିଷୟର ଏକ ଉଦ୍ଦୀପକ ଶକ୍ତି ରହିଅଛି । ଏହା ଗୋଟିଏ ହିତକର ମନସ୍ତାତ୍ତ୍ୱିକ ଭାବଧାରା ସହିତ ତୁମର ସଂଯୋଗ ସ୍ଥାପନ କରେ ଏବଂ ଏହି ଶିକ୍ଷା ଯଦି ତୁମେ ଅନୁସରଣ କର ତାହାହେଲେ ତାହାର ପରିଣାମ ଅତି ମୂଲ୍ୟବାନ୍ ହେବ ।

ବିଶେଷତଃ ଶେଷ ଦୁଇଟି ଶ୍ଲୋକରେ ବିଶେଷ ଅନୁପ୍ରେରଣା ରହିଅଛି । ଅଭୀପ୍ସାର ଏକ ଜ୍ୱଳନ୍ତ ଅଗ୍ନିଶିଖା ତୁଲ୍ୟ ଭିକ୍ଷୁ ଅଗ୍ରସର ହୁଅନ୍ତି ଏବଂ ପ୍ରମାଦ ବର୍ଜନ କରନ୍ତି ।

ପ୍ରମାଦର ପ୍ରକୃତ ତାତ୍ପର୍ଯ୍ୟ ସଂକଳ୍ପର ଶିଥିଳତା, ଯେଉଁ ହେତୁରୁ ବ୍ୟକ୍ତି ତାହାର ଲକ୍ଷ୍ୟ ବିସ୍ମୃତ ହୁଏ ଏବଂ ନାନାବିଧ କାର୍ଯ୍ୟରେ ସମୟ ଅତିବାହିତ କରେ ଯାହା ଲକ୍ଷ୍ୟପ୍ରାପ୍ତି ଦିଗରେ ସହାୟକ ନ ହୋଇ, ବରଂ ପଥ ମଧ୍ୟରେ ବ୍ୟକ୍ତିକୁ ନିବୃତ୍ତ କରେ ଏବଂ ବାରଂବାର ବିପଥଗାମୀ କରେ । ସୁତରାଂ ଅଭୀପ୍ସାର ଅଗ୍ନିଶିଖା ପ୍ରମାଦ ପ୍ରତି ଭିକ୍ଷୁର ଘୃଣା ଜାତ କରେ । ପ୍ରତ୍ୟେକ ମୁହୂର୍ତ୍ତରେ ବ୍ୟକ୍ତିର ସ୍ମରଣ ରଖିବା ଉଚିତ ଯେ ସମୟ ଅପେକ୍ଷାକୃତ ଅଳ୍ପ, ପଥରେ ସମୟ ଅପବ୍ୟୟ କରିବା ଅନୁଚିତ, ଗୋଟିଏ ମୁହୂର୍ତ୍ତ ନଷ୍ଟ ନ କରି, ଅତି ଶୀଘ୍ର, ଯେତେ ଶୀଘ୍ର ସମ୍ଭବ ଅଗ୍ରସର ହେବା ଉଚିତ । ଏବଂ ଯେ ଅପ୍ରମତ୍ତ ହୁଅନ୍ତି, ନିଜର ସମୟ ନଷ୍ଟ କରନ୍ତି ନାହିଁ, ସେ କ୍ଷୁଦ୍ର ବୃହତ୍ ସକଳ ବନ୍ଧନରୁ ମୁକ୍ତ ହୁଅନ୍ତି, ଅପ୍ରମାଦ ହେତୁ ତାଙ୍କର ସକଳ ବାଧାବିଘ୍ନ ଅପସାରିତ ହୁଏ ଏବଂ ଏହି ଧାରା ଯଦି ଅଧ୍ୟବସାୟ ସହ ଅନୁସରଣ କରନ୍ତି, ତହିଁରେ ପୂର୍ଣ୍ଣ ପରିତୋଷ ଲାଭ କରନ୍ତି (ଯାହାକି କିଛିକାଳ ପରେ ଘଟିଥାଏ), ତାହାହେଲେ ଅପ୍ରମତ୍ତ ହେବା ଯୋଗୁଁ ତାଙ୍କର ସୁଖାନୁଭୂତି ଏପରି ପ୍ରବଳ ହୁଏ ଯେ ଅପ୍ରମାଦ ଭ୍ରଷ୍ଟ ହେବା ସଙ୍ଗେ ସଙ୍ଗେ ସେ ନିଜକୁ ଅସୁଖୀ ବୋଧ କରନ୍ତି ।

ଏହା ସତ୍ୟ ଯେ ବ୍ୟକ୍ତି ଯେତେବେଳେ ଗନ୍ତବ୍ୟ ପଥରେ ସମୟ ନଷ୍ଟ ନ କରିବା ପାଇଁ ପ୍ରବୃତ୍ତ ହୁଏ, ସେତେବେଳେ ସମୟ ନଷ୍ଟ କରିବା ତାଙ୍କର କଷ୍ଟଦାୟକ ହୁଏ ଏବଂ ତହିଁରେ ସେ ଆଦୌ ସୁଖ ପା'ନ୍ତି ନାହିଁ । ଏବଂ ଯଦି ତୁମେ କୌଣସି ସମୟରେ ଏହି ଅବସ୍ଥା ପ୍ରାପ୍ତ ହୁଅ ଏବଂ ତୁମ ଜୀବନରେ ଏହିପ୍ରକାର ଉନ୍ନତି ଓ ରୂପାନ୍ତରର ପ୍ରଚେଷ୍ଟା ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ବିଷୟ ହୁଏ, ଏବଂ ଏହା ସର୍ବଦା ତୁମର ଚିନ୍ତାର ବିଷୟ ହୁଏ, ତାହାହେଲେ ତୁମେ ପ୍ରକୃତରେ ଶାଶ୍ୱତ ସତ୍ତା ଓ ତୁମ ନିଜ ସତ୍ତାର ସତ୍ୟାଭିମୁଖୀ ଯାତ୍ରାପଥର ପଥିକ ହେବ ।

ଏହା ନିଶ୍ଚିତ ଯେ ଆନ୍ତର ଉତ୍କର୍ଷସାଧନ ସମୟରେ ଏପରି ମୁହୂର୍ତ୍ତ ଉପସ୍ଥିତ ହୁଏ, ଯେତେବେଳେ ମନୋନିବେଶ ପାଇଁ ଚେଷ୍ଟା, ଅଭିନିବେଶ କ୍ରିୟାରେ ନିମଗ୍ନ ହେବାର ଏବଂ ସତ୍ୟର ଅନୁସନ୍ଧାନ ଓ ତାହାର ସର୍ବୋତ୍କୃଷ୍ଟ ପ୍ରକାଶର ପ୍ରୟାସ (ଯାହାକୁ ବୌଦ୍ଧଗଣ ଧ୍ୟାନ କହନ୍ତି) ପରିବର୍ତ୍ତେ ତୁମେ ବରଂ ଏକପ୍ରକାର ଶାନ୍ତି, ଅନୁଳ୍ପା, ବିଶ୍ରାମ ଓ ଆନନ୍ଦ ଅନୁଭବ କର ଏବଂ ଅନ୍ୟାନ୍ୟ ଅସାର ବିଷୟରେ ଲିପ୍ତ ହେବା ନିମନ୍ତେ ଏପରି ଅବସ୍ଥାରୁ ବାହାରି ଆସିବା ତଥା ସମୟର ଅପବ୍ୟବହାର କରିବା

ତୁମ ପକ୍ଷରେ ଅତୀବ କ୍ଳେଶଦାୟକ ହୁଏ । ଅପରିହାର୍ଯ୍ୟ କାର୍ଯ୍ୟ, ଭଗବାନଙ୍କ ଉଦ୍ଦେଶ୍ୟରେ କୃତ କର୍ମ ବ୍ୟତୀତ ବାହ୍ୟିକ କ୍ରିୟାସମୂହ ହ୍ରାସପ୍ରାପ୍ତ ହୁଏ । ଯାହାକିଛି ନିରର୍ଥକ, ଅସାର, ଯାହାଦ୍ୱାରା ଯଥାର୍ଥରେ ସମୟ ଓ ଶ୍ରମର ଅପବ୍ୟବହାର କରାହୁଏ, ତଦ୍ରୂପ ଯାବତୀୟ କର୍ମ ଆଦୌ ସନ୍ତୋଷଜନକ ହୁଏ ନାହିଁ, ବରଂ ତାହା ଏକପ୍ରକାର ଅସ୍ୱସ୍ତି ଓ ଅବସାଦ ସୃଷ୍ଟି କରେ । ତୁମେ କେବଳ ସୁଖୀ ହୁଅ, ଯେତେବେଳେ ତୁମର ଲକ୍ଷ୍ୟ ପ୍ରତି ତୁମେ ମନଃସଂଯୋଗ କର । ସେତେବେଳେ ତୁମେ ପଥ ଅବଲମ୍ବନ କର ।

(କ୍ରମଶଃ)

("Mother's Commentary on the Dhammapada"
ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ ଧମ୍ମପଦ,
ପୃଷ୍ଠା : ୩୩ - ୩୯)
ଅନୁବାଦ : ଶ୍ରୀ ଲଳିତମୋହନ ଘୋଷ

We pray that the Divine should teach us ever more, enlighten us more and more, dispel our ignorance, illumine our minds.
(CWM Vol. 15, p. 208) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ଆମ ପ୍ରକୃତିକୁ ରୂପାନ୍ତରିତ କରିବା

## ଶ୍ରୀଅରବିନ୍ଦ

ଆମ କର୍ମର ପରମପ୍ରଭୁ ଯେତେବେଳେ ଆମର ପ୍ରକୃତିଟିକୁ ରୂପାନ୍ତରିତ କରୁଥାଆନ୍ତି ସେତେବେଳେ ସେ ତାହାକୁ ତାହାର ସମ୍ମାନ ଦେଇଥାଆନ୍ତି; ସେ ପ୍ରକୃତିର ମାଧ୍ୟମରେହିଁ କ୍ରିୟା କରନ୍ତି, ନିଜର କୌଣସି ସ୍ୱେଚ୍ଛାଚାରୀ ଖିଆଲ ଖୁସି ଦ୍ୱାରା ନୁହେଁ । ଆମର ଏହି ଅପୂର୍ଣ୍ଣ ପ୍ରକୃତି ଭିତରେହିଁ ନିହିତ ହୋଇ ରହିଛି ଆମର ପୂର୍ଣ୍ଣତାର ଉପାଦାନସବୁ, କିନ୍ତୁ ତାହା ରହିଛି ଖାପଛଡ଼ା, ବିକୃତ ଓ ସ୍ଥାନଚ୍ୟୁତ ହୋଇ, ଯେପରିକି ଏକ ବିଶୃଙ୍ଖଳା ଭିତରେ ବା ଏକ ଅପୂର୍ଣ୍ଣ ଶୃଙ୍ଖଳାର ଦୈନ୍ୟ ଭିତରେ ସେଗୁଡ଼ିକୁ ଏକତ୍ର ଧରି ନିକ୍ଷିପ୍ତ କରିଦିଆଯାଇଛି । ଏହି ସମସ୍ତ ଉପାଦାନକୁ ଧୈର୍ଯ୍ୟର ସହିତ ପୂର୍ଣ୍ଣ, ଶୁଦ୍ଧ ଓ ପୁନଃସଂଗଠିତ କରି ଏକ ନୂତନ ଛାଞ୍ଚରେ ପକାଇବାକୁ ହେବ ଏବଂ ରୂପାନ୍ତରିତ କରିବାକୁ ହେବ । ଏଗୁଡ଼ିକୁ ହାଣି କାଟି ଛେଦନ କରିବା ବା ଏଗୁଡ଼ିକର ବିନାଶ ଓ ଅଙ୍ଗହାନି କରିବା ବା ଅସ୍ୱୀକାର ଓ ସିଧା ବଳପ୍ରୟୋଗ କରି ଏଗୁଡ଼ିକୁ ବିନଷ୍ଟ କରିଦେବା ଆମର ଲକ୍ଷ୍ୟ ନୁହେଁ । ଏହି ସଂସାର ଓ ତହିଁରେ ବାସ କରୁଥିବା ଆମେମାନେ ହେଉଛୁ ତାଙ୍କରି ସୃଷ୍ଟି ଓ ତାଙ୍କରି ଅଭିବ୍ୟକ୍ତି ଓ ସେ ଏହି ସଂସାର ସହିତ ଓ ଆମମାନଙ୍କ ସହିତ ଯେଉଁ ଧରଣର କାରବାର କରନ୍ତି ତାହାକୁ ଆମର ସଂକୀର୍ଣ୍ଣ ଓ ଅଜ୍ଞାନମୟ ମନ କେବେହେଲେ ବୁଝିପାରିବ ନାହିଁ, ଯଦି ତାହା ସଂପୂର୍ଣ୍ଣ ନୀରବ ହୋଇ ନ ଯାଏ ଓ ଏକ ଦିବ୍ୟଜ୍ଞାନ ଦିଗରେ ନିଜକୁ ଉନ୍ମୋଚିତ କରି ନ ଦିଏ । ଆମର ସମସ୍ତ ଭ୍ରମ ପ୍ରମାଦ ଭିତରେ ମଧ୍ୟ ସତ୍ୟର ଏକ ଉପାଦାନ ରହିଛି ଯାହାକି ଆମର ଅଣ୍ଡାଳି ହେଉଥିବା ବୁଦ୍ଧି ଆଗରେ ନିଜର ପ୍ରକୃତ ଅର୍ଥଟିକୁ ପ୍ରକଟ କରିଦେବା ଲାଗି ଆୟାସ କରୁଥାଏ । ମଣିଷର ବୁଦ୍ଧି ଭ୍ରମ-ପ୍ରମାଦଟିକୁ କାଟି ଫୋପାଡ଼ି ଦେବା ସହିତ ତାହା ସଙ୍ଗରେ ସତ୍ୟଟିକୁ ମଧ୍ୟ କାଟି ଫୋପାଡ଼ି ଦିଏ ଏବଂ ତାହା ସ୍ଥାନରେ ରଖେ ଆଉ ଏକ ଅର୍ଦ୍ଧସତ୍ୟ ଓ ଅର୍ଦ୍ଧ ଭ୍ରମ-ପ୍ରମାଦ । କିନ୍ତୁ ପରମ ଦିବ୍ୟବିଜ୍ଞତା ଆମର ସେହି ଭ୍ରମ-ପ୍ରମାଦଗୁଡ଼ିକୁ ସେହିପରି ରହିବା ପାଇଁ ଛାଡ଼ିଦିଏ ଓ ତାହାକୁ ସହ୍ୟ କରେ, ଯେପର୍ଯ୍ୟନ୍ତ ଆମେ ସେହିସବୁ ମିଥ୍ୟାବରଣ ତଳେ ପ୍ରଚ୍ଛନ୍ନ ଓ ସୁରକ୍ଷିତ ହୋଇ ରହିଥିବା ସତ୍ୟରେ ଯାଇ ନ ପହଞ୍ଚିଛୁ । ଆମେ ଯାହାକୁ ଆମର ପାପ ବୋଲି କହୁ ସେଗୁଡ଼ିକ ହେଉଛି ଏକ ଅନ୍ୱେଷଣକାରୀ ପରମ ସାମର୍ଥ୍ୟର ବିପଥଗାମୀ ପଦକ୍ଷେପସବୁ; ପାପ ନୁହେଁ, ପୂର୍ଣ୍ଣତାହିଁ ହେଉଛି ତାହାର ଲକ୍ଷ୍ୟ । ଏହାର ଲକ୍ଷ୍ୟ ହେଉଛି ଏପରି କିଛି ଯାହାକୁ ଆମେ ଦିବ୍ୟ-ସଦ୍‌ଗୁଣ ବୋଲି କହିପାରୁ । ଅନେକ ସମୟରେ ଏହି ତଥାକଥିତ ପାପଗୁଡ଼ିକ ଏପରି ଏକ ଗୁଣର ଆବରଣ ସ୍ୱରୂପ ହୋଇ ଥାଆନ୍ତି ଯାହାକୁ ରୂପାନ୍ତରିତ କରିବାକୁ ହେବ ଏବଂ ତାହାର କୁତ୍ସିତ ଛଦ୍ମବେଶ ଭିତରୁ ତା'କୁ ବାହାର କରି ଆଣିବାକୁ ହେବ । ତାହା ନ ହୋଇଥିଲେ ବସ୍ତୁସବୁର ନିର୍ଭୁଲ, ପରିପୂର୍ଣ୍ଣ ବିଧାନରେ ସେଗୁଡ଼ିକର କୌଣସି ଅସ୍ତିତ୍ୱ ନ ଥା'ନ୍ତା ବା ସେଗୁଡ଼ିକୁ ତିଷ୍ଠି ରହିବାକୁ ଛାଡ଼ି ଦିଆଯାଇ ନ ଥା'ନ୍ତା । ଆମ କର୍ମର ଅଧୀଶ୍ୱର କେବେହେଲେ କୌଣସି ଭୁଲ୍ କରନ୍ତି ନାହିଁ ବା କେବଳ ଉଦାସୀନ ଦ୍ରଷ୍ଟା ହୋଇ ରୁହନ୍ତି ନାହିଁ ବା ଅନାବଶ୍ୟକ ମନ୍ଦ ଜିନିଷଗୁଡ଼ିକୁ ନେଇ ଏକ ଅବହେଳା ବା କାଳକ୍ଷେପଣର ବିଳାସରେ ମଜ୍ଜିଯାଆନ୍ତି ନାହିଁ । ସେ ଆମର ଯୁକ୍ତିବୁଦ୍ଧି ଅପେକ୍ଷା ଅନେକ ଅଧିକ ବିଜ୍ଞ ଏବଂ ଆମର ସଦ୍‌ଗୁଣଠାରୁ ଅନେକ ଅଧିକ ବିଜ୍ଞତା ତାଙ୍କ ଭିତରେ ରହିଛି ।

ଆମର ପ୍ରକୃତି ଖାଲି ଯେ ସଂକଳ୍ପ କ୍ଷେତ୍ରରେ ପ୍ରମାଦଗ୍ରସ୍ତ ବା ଜ୍ଞାନର କ୍ଷେତ୍ରରେ ଅଜ୍ଞାନମୟ ହୋଇ ରହିଥାଏ, ସେତିକି ନୁହେଁ ତାହା ମଧ୍ୟ ସାମର୍ଥ୍ୟର କ୍ଷେତ୍ରରେ ଦୁର୍ବଳ । କିନ୍ତୁ ଭଗବତ୍ ଶକ୍ତି ବିଦ୍ୟମାନ ହୋଇ ରହିଛି ଓ ତାହାହିଁ ଆମକୁ ବାଟ ଦେଖାଇ ଆଗେଇ ନେବ ଯଦି ଆମେ ସେହି ଶକ୍ତି ଉପରେ ବିଶ୍ୱାସ ଓ ଭରସା ରଖୁ ଏବଂ ତାହାହିଁ ଆମର ଅସାମର୍ଥ୍ୟ ଓ ଆମର ଶକ୍ତିସବୁକୁ ଏକ ଭଗବତ୍ ଉଦ୍ଦେଶ୍ୟର ପରିପୂରଣ ଦିଗରେ ବ୍ୟବହାର କରିବ । ଆମେ ଯଦି ଆମର ଆଶୁ ଲକ୍ଷ୍ୟ ସାଧନରେ ବିଫଳ ହେଉ, ତା'ହେଲେ ଏହି ବିଫଳତାଟିହିଁ ତାଙ୍କର ଅଭିପ୍ରେତ ଥିଲା । ଅନେକ ସମୟରେ କୌଣସି ଆଶୁ ଓ ପୂର୍ଣ୍ଣ ସାଫଲ୍ୟ ଆମକୁ ଯେଉଁ ଲକ୍ଷ୍ୟ ଲାଭରେ ପହଞ୍ଚାଇ ଦେଇଥାଆନ୍ତା, ତାହା ଅପେକ୍ଷା ଆମର ବିଫଳତା ଓ ଦୁଷ୍ପରିଣାମ ଆମକୁ ଅଧିକ ଯଥାର୍ଥ ଫଳପ୍ରାପ୍ତି ଦିଗରେ ଆଗେଇ ନେବା ପାଇଁ ଏକ ଉଚିତ ମାର୍ଗ ହୋଇଥାଏ । ଆମକୁ ଯଦି ଦୁଃଖଯାତନା ଭୋଗ କରିବାକୁ ପଡ଼େ ତା'ହେଲେ ତାହାର କାରଣ ହେଉଛି ଆନନ୍ଦର ଏକ ବିରଳତର ସମ୍ଭାବନା ପାଇଁ

ଆମ ଭିତରେ କିଛିକୁ ପ୍ରସ୍ତୁତ କରାଇବାକୁ ହେବ । ଆମେ ଯଦି ଝୁଣ୍ଟି ପଡୁଥାଉ ତା'ହେଲେ ତାହା ହୋଇଥାଏ ଶେଷରେ ଆମେ ଅଧିକତର ନିର୍ଭୁଲ ଭାବେ ପଥ ଚାଲିବାର ରହସ୍ୟଟିକୁ ଶିଖିବା ପାଇଁ । ଏପରିକି ଶାନ୍ତି, ଶୁଦ୍ଧତା ଓ ପୂର୍ଣ୍ଣତା ଅର୍ଜନ କରିବା ପାଇଁ ଆମେ ଯେପରି ଅତି ବ୍ୟଗ୍ର ଓ ତରବର ନ ହେଉ । ଆମେ ଶାନ୍ତିର ଅଧିକାରୀ ହେବୁ ନିଶ୍ଚୟ, କିନ୍ତୁ ତାହା ଯେପରି ଏକ ଶୂନ୍ୟ ବା ପ୍ରକୃତିର ଧ୍ୱସ୍ତ ବିଧ୍ୱସ୍ତ ଶାନ୍ତି ନ ହୁଏ ବା ନିହତ ଅଥବା ଅଙ୍ଗହାନି ହୋଇଥିବା ସାମର୍ଥ୍ୟଗୁଡ଼ିକର ଏପରି ଶାନ୍ତି ନ ହୁଏ ଯାହାକି କୌଣସି ଅସ୍ଥିର-ଆଲୋଡ଼ନ ପାଇଁ ଅକ୍ଷମ, କାରଣ ତା'ହେଲେ ବୁଝିବାକୁ ହେବ ସେହି ସାମର୍ଥ୍ୟଗୁଡ଼ିକର ତୀବ୍ରତା, ତେଜ ଓ ଶକ୍ତିକୁ ନଷ୍ଟ କରିଦେଇ ଆମେହିଁ ସେଗୁଡ଼ିକୁ ଅକ୍ଷମ କରିଦେଇଛୁ । ଶୁଦ୍ଧତା ଆମର ଲକ୍ଷ୍ୟ ହେବ ନିଶ୍ଚୟ କିନ୍ତୁ ତାହା ଯେପରି ଶୂନ୍ୟତାର ଶୁଦ୍ଧତା ନ ହୁଏ ବା ନିରସ, କଠିନ ଶୀତଳତାର ଶୁଦ୍ଧତା ନ ହୁଏ । ଆମଠାରୁ ପୂର୍ଣ୍ଣତା ଦାବି କରାଯାଉଛି, କିନ୍ତୁ ଯେଉଁ ପୂର୍ଣ୍ଣତା କେବଳ ସଂକୀର୍ଣ୍ଣ ସୀମା ଭିତରେ ନିଜର ପରିସରକୁ ଆବଦ୍ଧ ରଖି ତିଷ୍ଠି ରହିପାରେ ବା ଯେଉଁ ପୂର୍ଣ୍ଣତା ଦିବ୍ୟ ଅନନ୍ତଙ୍କର ଚିର ଆତ୍ମ-ବିସ୍ତାରର ପଞ୍ଜିକାରେ ମନଇଚ୍ଛା କେଉଁଠି ଏକ ପୂର୍ଣ୍ଣଚ୍ଛେଦ ଟାଣିଦେଇ ନିଜର ଅସ୍ତିତ୍ୱ ବଜାୟ ରଖିପାରେ ସେହି ପୂର୍ଣ୍ଣତା ଆମର ଲକ୍ଷ୍ୟ ନୁହେଁ ଆମର ଲକ୍ଷ୍ୟ ହେଉଛି ସେହି ଦିବ୍ୟ ପ୍ରକୃତିରେ ରୂପାନ୍ତର ହେବା । କିନ୍ତୁ ସେହି ଦିବ୍ୟ ପ୍ରକୃତି ଏକ ମାନସିକ ବା ନୈତିକ ଅବସ୍ଥା ମାତ୍ର ନୁହେଁ, ତା' ହେଉଛି ଏକ ଆଧ୍ୟାତ୍ମିକ ଅବସ୍ଥା ଯାହାକୁ ଲାଭ କରିବା କଷ୍ଟସାଧ୍ୟ, ଏପରିକି ଆମ ବୁଦ୍ଧି ଦ୍ୱାରା ତାହାର ଧାରଣା କରିବା ମଧ୍ୟ କଷ୍ଟସାଧ୍ୟ । ଆମ କର୍ମ ଓ ଯୋଗର ଅଧୀଶ୍ୱର ଜାଣନ୍ତି କ'ଣ କରିବାକୁ ହେବ ଏବଂ ତାଙ୍କୁହିଁ ଛାଡ଼ିଦେବାକୁ ହେବ ତାଙ୍କ ନିଜ ଉପାୟରେ ଓ ନିଜ ରୀତିରେ ତାହା ଆମ ଭିତରେ ସଂପନ୍ନ କରିବା ପାଇଁ ।

ଅଜ୍ଞାନର ଗତିବୃତ୍ତି ତା'ର ମୂଳ ମର୍ମରେ ହେଉଛି ଅହଂପୂର୍ଣ୍ଣ ଏବଂ ଯେପର୍ଯ୍ୟନ୍ତ ଆମେ ଆମ ଭିତରେ ତଥାପି ଏକ ବ୍ୟକ୍ତିତ୍ୱକୁ ସ୍ୱୀକାର କରୁଥିବା ଓ ଆମ ଅସଂପୂର୍ଣ୍ଣ ପ୍ରକୃତିର ଅର୍ଦ୍ଧ ଆଲୋକ ଓ ଅର୍ଦ୍ଧ-ସାମର୍ଥ୍ୟ ମଧ୍ୟରେ କର୍ମ କରି ଚାଲୁଥିବା ସେପର୍ଯ୍ୟନ୍ତ ଏହି ଅହଂ କବଳରୁ ନିସ୍ତାର ଲାଭ କରିବାଠାରୁ ଅଧିକ କଷ୍ଟସାଧ୍ୟ ଆଉ କିଛି ନାହିଁ । ଏହି ଅହଂକୁ ତା'ର କର୍ମପ୍ରବୃତ୍ତିରୁ ବଞ୍ଚିତ କରି, ଉପବାସୀ କରି ରଖିବା ବା ବ୍ୟକ୍ତିତ୍ୱର ସମସ୍ତ ଗତିବୃତ୍ତିକୁ ଆମ ଭିତରୁ କାଟି ଦେଇ ତା'ର ବିନାଶ ସାଧନ କରିବା ଅପେକ୍ଷାକୃତ ଅଧିକ ସହଜ । ଏକ ଶାନ୍ତିର ସମାଧିରେ ବା ଦିବ୍ୟପ୍ରେମର ଉଲ୍ଲାସ ଭିତରେ ନିମଗ୍ନ ରହି ଏହାକୁ ଆତ୍ମବିସ୍ମରଣର ଏକ ଅଭିଭୂତ ଅବସ୍ଥା ଭିତରକୁ ଉଠାଇ ନେବା ମଧ୍ୟ ଅପେକ୍ଷାକୃତ ଅଧିକ ସହଜ । କିନ୍ତୁ ଆମ ପାଇଁ ଅଧିକତର କଷ୍ଟସାଧ୍ୟ ସମସ୍ୟାଟି ହେଉଛି ଆମ ଭିତରେ ରହିଥିବା ଆମର ଯଥାର୍ଥ ସତ୍ୟତର ବ୍ୟକ୍ତିସ୍ୱରୂପକୁ ମୁକ୍ତ କରିଆଣି ଏପରି ଏକ ଦିବ୍ୟମାନବତ୍ୱ ଲାଭ କରିବା ଯାହାକି ଦିବ୍ୟ ଶକ୍ତିର ଏକ ଶୁଦ୍ଧ ଆଧାର ଓ ଦିବ୍ୟ କର୍ମର ଏକ ପୂର୍ଣ୍ଣ ସମର୍ଥ ଯନ୍ତ୍ରରେ ପରିଣତ ହୋଇଉଠିବ । ଦୃଢ଼ତାର ସହିତ ଗୋଟିଏ ପରେ ଗୋଟିଏ ପଦକ୍ଷେପ ଗ୍ରହଣ କରିବାକୁ ହେବ, ଗୋଟିଏ ପରେ ଗୋଟିଏ ବାଧାବିଘ୍ନକୁ ସଂପୂର୍ଣ୍ଣ ଭାବରେ ଅଙ୍ଗେ ନିଭାଇବାକୁ ପଡ଼ିବ ଓ ସେଗୁଡ଼ିକ ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ଆଣିବାକୁ ହେବ । କେବଳ ସେହି ପରମ ବିଜ୍ଞତା ଓ ପରମ ଦିବ୍ୟଶକ୍ତିହିଁ ଆମ ପାଇଁ ଏହି କାମଟିକୁ ସଂପନ୍ନ କରିଦେଇପାରେ ଏବଂ ତାହା ସବୁକିଛିକୁ ସଂପନ୍ନ କରିଦେବ ଯଦି ଆମେ ଏକ ପରିପୂର୍ଣ୍ଣ ଶ୍ରଦ୍ଧା ଓ ବିଶ୍ୱାସ ନେଇ ତାହା ହାତରେ ନିଜକୁ ସମର୍ପି ଦେଇପାରିବା ଏବଂ ଏକ ଅବିଚଳ ସାହସ ଓ ଧୈର୍ଯ୍ୟର ସହ ତାହାର ସମସ୍ତ କ୍ରିୟାକୁ ଅନୁସରଣ କରି ତହିଁରେ ଆମର ପୂର୍ଣ୍ଣ ସମ୍ମତି ପ୍ରଦାନ କରିବା ।

ଏହି ଦୀର୍ଘ ପଥରେ ପ୍ରଥମ ପଦକ୍ଷେପ ହେଉଛି ଆମର ସମସ୍ତ କର୍ମକୁ ଆମ ଭିତରେ ଓ ସଂସାର ଭିତରେ ବିରାଜମାନ ହୋଇ ରହିଥିବା ସେହି ପରମଙ୍କ ପାଖରେ ଏକ ଯଜ୍ଞରୂପେ ନିବେଦନ କରିବା । ଏହା ହେଉଛି ମନ ଓ ହୃଦୟର ଏକ ବିଶେଷ ଭାବଦୃଷ୍ଟି ଯାହାକୁ ଆରମ୍ଭ କରିବା ସେତେଟା କଷ୍ଟକର ନ ହେଲେ ମଧ୍ୟ, ତାହାକୁ ଅଖଣ୍ଡ ନିଷ୍ଠା ଓ ସର୍ବବ୍ୟାପକ କରି ଗଢ଼ି ତୋଳିବା ଅତ୍ୟନ୍ତ କଷ୍ଟସାଧ୍ୟ । ଦ୍ୱିତୀୟ ପଦକ୍ଷେପଟି ହେଉଛି ଆମର କର୍ମର ଫଳ ପ୍ରତି ସମସ୍ତ ଆସକ୍ତି ପରିତ୍ୟାଗ କରିବା; କାରଣ ସେହି ଯଜ୍ଞର ଯାହା ସବୁଠୁ ଯଥାର୍ଥ, ଅନିବାର୍ଯ୍ୟ ଓ ବାଞ୍ଛନୀୟ ଫଳ ଓ ଏକମାତ୍ର ଯାହା ପ୍ରୟୋଜନୀୟ ତାହା ହେଉଛି ଆମ ଭିତରେ ସେହି ଭଗବତ୍ ଦିବ୍ୟ ଉପସ୍ଥିତି ଓ ସେହି ଦିବ୍ୟ ଭାଗବତ ଚେତନା ଓ ଶକ୍ତି ଲାଭ କରିବା ଏବଂ ଯଦି ଆମର ସେହି ପ୍ରାପ୍ତି ଲାଭ ହୁଏ ତେବେ ଆଉ ବାକି ସବୁକିଛି ଆପେ ଆପେହିଁ ପ୍ରାପ୍ତ ହୋଇଯିବ । ଏହାହିଁ ହେଉଛି ଆମର ପ୍ରାଣସତ୍ତା, ଆମର କାମନାତ୍ମା ଓ କାମନା ପ୍ରକୃତିରେ

କ୍ରିୟା କରୁଥିବା ଅହଂଗତ ଇଚ୍ଛାର ରୂପାନ୍ତର । ଏବଂ ଅନ୍ୟଟି ତୁଳନାରେ ଏହା ଅନେକ ଅଧିକ କଷ୍ଟସାଧ । ତୃତୀୟ ପଦକ୍ଷେପଟି ହେଲା ଆମ ସତ୍ତାର କେନ୍ଦ୍ରୀୟ ଅହଂବୋଧଟିକୁ ଏପରିକି କର୍ମୀର ଅହଂବୋଧଟିକୁ ଦୂର କରିବା । ତାହାହିଁ ହେଉଛି ସବୁଠାରୁ ଅଧିକ କଷ୍ଟସାଧ୍ୟ ରୂପାନ୍ତର ଏବଂ ଏହା ପୂର୍ଣ୍ଣ ଭାବରେ ସଂପନ୍ନ ହୋଇପାରିବ ନାହିଁ ଯଦି ଆମେ ପ୍ରଥମ ଦୁଇ ପଦକ୍ଷେପ ଯଥାର୍ଥ ଭାବେ ଗ୍ରହଣ କରି ନ ଥାଉ; କିନ୍ତୁ ଏହି ପ୍ରଥମ ପଦକ୍ଷେପଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ ନାହିଁ ଯଦି ସେହିସବୁ ଗତିବୃତ୍ତିର ମୂଳ ଉତ୍ସ ଅହଂବୋଧର ସଂପୂର୍ଣ୍ଣ ବିଲୋପ ଓ ଉଚ୍ଛେଦ ସାଧନ କରି ତାହାକୁ ଅଭିଷେକର ମୁକୁଟ ପିନ୍ଧାଇ ଦେବାକୁ ଏହି ତୃତୀୟ ପଦକ୍ଷେପଟି ନ ଆସେ ଓ ଅହଂବୋଧର ବିଲୋପ ସାଧନ କରି ବାସନାର ମୂଳ ଉତ୍ସଟିକୁ ଉତ୍ପାଟିତ କରି ନ ଦିଏ । ଯେତେବେଳେ କେବଳ ଆମ ପ୍ରକୃତି ମଧ୍ୟରୁ ସେହି କ୍ଷୁଦ୍ର ଓ ସଂକୀର୍ଣ୍ଣ ଅହଂବୋଧକୁ ଉପାଡ଼ି ଫିଙ୍ଗି ଦିଆଯାଇ ପାରିବ ସେତେବେଳେ କେବଳ ସାଧକ ତା'ର ଯଥାର୍ଥ ବ୍ୟକ୍ତି-ସ୍ୱରୂପଟିକୁ ଜାଣିପାରିବ ଯାହାକି ପରମ ଭଗବାନଙ୍କର ଏକ ଅଂଶ-ଶକ୍ତିରୂପେ ଊର୍ଦ୍ଧ୍ୱରେ ଠିଆ ହୋଇଛି ଏବଂ ସେତେବେଳେ ସେ ପରମ ଭଗବତୀ ଶକ୍ତିଙ୍କ ଇଚ୍ଛା ବ୍ୟତୀତ ଅନ୍ୟ ସବୁକିଛି ପ୍ରେରଣା ଓ ଶକ୍ତିକୁ ପ୍ରତ୍ୟାଖ୍ୟାନ ଓ ପରିତ୍ୟାଗ କରିବା ପାଇଁ ସମର୍ଥ ହେବ ।

(SABCL, Vol. 20, pp. 233 - 235)

All sincere prayers are granted, but it may take some time to realise materially.

(CWM Vol. 15, p. 207) – The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ :

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ପୁଣି ଚହଟ ଚିକ୍କଣ ସୁଆଙ୍ଗ

ଷ୍ଟେଟ୍‌ସ୍‌ମ୍ୟାନ୍‌ର ରବିବାସରୀୟ ସଂଖ୍ୟାରେ ଚମକପ୍ରଦ ଘଟଣାଟିଏ ପ୍ରକାଶ ପାଇଛି ଯେ ମି. ମୋର୍ଲେ ''ଶେଷରେ ଏକ କାର୍ଯ୍ୟକ୍ଷମ ଯୋଜନାର ବିଧିବଦ୍ଧ ରୂପରେଖ ପ୍ରସ୍ତୁତ କରିଛନ୍ତି ଯେଉଁଥିରେ ବହୁଳ ସଂଖ୍ୟାରେ ସ୍ୱନାମଧନ୍ୟ ସ୍ୱଦେଶୀମାନଙ୍କୁ ବିଭିନ୍ନ ସଂଗଠନରେ ପ୍ରତିନିଧିତ୍ୱ କରିବା ପାଇଁ ସୁବିଧା ପ୍ରଦାନ କରାଯାଇଛି ଯାହା ଫଳରେ କି ସେମାନେ ଭାରତୀୟ ପ୍ରସଙ୍ଗଙ୍କୁ ବେଶ୍ ସାର୍ଥକତାର ସହିତ ନିଜ ଆୟତ୍ତରେ ରଖିପାରିବେ'' । ଆମର ଯାହା ଅନୁମାନ ଏହା ହେଲା ସ୍ୱତନ୍ତ୍ର ସାମୁଦ୍ରିକ ତାରବାର୍ତ୍ତାଗୁଡ଼ିକ ମଧ୍ୟରୁ ସର୍ବଶେଷ ଓ ଅତ୍ୟନ୍ତ କର୍ତ୍ତୃତ୍ୱବ୍ୟଞ୍ଜକ ଯାହାକୁ ଧରି ଷ୍ଟେଟ୍‌ସ୍‌ମ୍ୟାନ୍ ଆମକୁ ମିଠାକଥା କହି ଲାଗିଛି, ଯେହେତୁ ମି. ଜନ୍ ମୋର୍ଲେ ସମଗ୍ର ଭାରତବର୍ଷ ପାଇଁ ମୁଖ୍ୟ ପ୍ରଶାସକ ରୂପେ ନିଯୁକ୍ତି ପାଇବା ଦିନଠାରୁ ପର୍ଯ୍ୟାପ୍ତ ପରିମାଣର ଆଉ ତାଙ୍କୁ ଖାଦ୍ୟ ପାନୀୟ ମିଳୁ ନାହିଁ । କାରଣ ଆମମାନଙ୍କୁ କୁହା ହେଉଛି ମି. ମୋର୍ଲେ ଭାରତୀୟ ବଜେଟ୍ ଉପସ୍ଥାପନା କରିବା ସମୟରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିବେ । ଏହି ଅମଙ୍ଗଳସୂଚକ କେବ୍‌ଲ୍ ବାର୍ତ୍ତାରେ ବ୍ୟବହୃତ ହୋଇଥିବା ଶବ୍ଦାବଳି ପ୍ରତି ଆମେ ଆମର ପାଠକବର୍ଗଙ୍କର ଧ୍ୟାନ ଆକର୍ଷଣ କରିବୁ । ଭାରତୀୟ ବିଷୟଗୁଡ଼ିକର ଫଳପ୍ରଦ ନିୟନ୍ତ୍ରଣ ଥାଇ ବିଭିନ୍ନ ସଂଗଠନମାନଙ୍କ ଉପରେ ଏକ ବୃହତ୍ତର ପ୍ରତିନିଧି ମଣ୍ଡଳ କାର୍ଯ୍ୟ କରିବାକୁ ଯାଉଛି, ଯଥା : ବିଧାନ ପରିଷଦ ଏବଂ ବୋଧେ କାର୍ଯ୍ୟନିର୍ବାହୀ ସମିତି ଉପରେ ଯେଉଁଥିରେ ବର୍ତ୍ତମାନ ''ମୂଳ ଅଧିବାସୀ''ମାନଙ୍କୁ ପ୍ରତିନିଧିତ୍ୱ ମିଳିନି । ଭାରତରେ ମାମଲାଗୁଡ଼ିକ ଆୟତ୍ତ କରିବା ଦିଗରେ ଭାରତୀୟମାନଙ୍କୁ ଅନୁମତି ଦିଆଯାଏନି, ସେମାନଙ୍କୁ ସେଇ ସମସ୍ତ ସଙ୍ଗଠନଗୁଡ଼ିକରେ ବିଶେଷତଃ ପ୍ରତିନିଧିତ୍ୱ ମିଳେ ଯାହା ପାଖରେ ଏହି ନିୟନ୍ତ୍ରଣ ଥାଏ । ସେମାନେ ବଡ଼ ଧରଣର ସ୍ୱର ଉତ୍ତୋଳନ କରନ୍ତି, କିନ୍ତୁ ସେ ସ୍ୱର ଯେ ସମ୍ପୂର୍ଣ୍ଣ ରୂପେ ଫଳପ୍ରସୂ ହେବ ତା'ର କିଛି ଗ୍ୟାରେଣ୍ଟି ନାହିଁ । ପ୍ରଶାସନ ମଧ୍ୟରେ ଭାରତୀୟମାନଙ୍କ ଭାଗୀଦାରୀ କେବଳ ଏକ ସ୍ୱର ଉତ୍ତୋଳନ କରିବାରେ, କିନ୍ତୁ ଆଉ ଅଧିକ କିଛି ନୁହେଁ, ଏବଂ ଭବିଷ୍ୟତରେ ମଧ୍ୟ ଏହା କେବଳ ସ୍ୱର ଉତ୍ତୋଳନରେହିଁ ସୀମିତ ରହିବ କିନ୍ତୁ ଆଉ ଅଧିକ କିଛି ହେବ ନାହିଁ । ଆମେ ଅଧିକନ୍ତୁ ଲକ୍ଷ୍ୟ କରୁଛୁ ଯେ ଯାହାର ପ୍ରତିନିଧିତ୍ୱ କରାଯିବ ସିଏ ଦେଶ ନୁହେଁ, କି ଦେଶର ସର୍ବସାଧାରଣ ନୁହଁନ୍ତି କିନ୍ତୁ ସେମାନେ ହେଉଛନ୍ତି କେବଳ ''ସ୍ୱନାମଧନ୍ୟ ମୂଳ ଅଧିବାସୀ'' । ପରିଷଦଗୁଡ଼ିକ ନିକଟରେ ଆମକୁ ଅଳ୍ପ କିଛି ଅଧିକ ଗୋଖଲେ, ଅଳ୍ପ କିଛି ଅଧିକ ଭୂପେନ୍ଦ୍ରନାଥ ବୋଷ, ଅଳ୍ପ କିଛି ଅଧିକ ଡାକ୍ତାର ନବାବ ମିଳିବେ – ଆଉ ସେଇଠି ହେବ ଗୋଟିଏ ପରିସମାପ୍ତି । ସେଇଠି ଅଳ୍ପ ଟିକିଏ ଛାଇ ଆଲୁଅର କାରସାଦି ହେବ, କୃଷ୍ଣବର୍ଣ୍ଣ ମୁଖଶ୍ରୀର ସଂଖ୍ୟାରେ କିଛି ବଢ଼ତି ହେବ, ଆଉ ତା'ପରେ ମି. ମୋର୍ଲେ ଓ ଷ୍ଟେଟ୍‌ସମ୍ୟାନ୍ ବୀରଦର୍ପରେ ଆସି ଆମକୁ ଆମନ୍ତ୍ରଣ କରିବେ ଆନନ୍ଦରେ ମତୁଆଲା ହୋଇଉଠିବା ପାଇଁ ''ସ୍ୱାୟତ୍ତ ଶାସନ ଅଭିମୁଖେ ହାସଲ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିରେ'' । ଅନ୍ୟ ଏକ ସୂତ୍ରରୁ ସୂଚନା ମିଳିଛି ଯେ ନିର୍ବାଚିତ ଓ ମନୋନୀତ ସଭ୍ୟମାନଙ୍କ ମଧ୍ୟରେ ଅଧିକାଂଶ ହେବେ ଅଣସରକାରୀ । ପ୍ରକାରାନ୍ତରେ କହିଲେ ମି. ଅପ୍‌କାର (Mr. Apcar), ମି. ଗୋଖଲେ ଓ ଡାକ୍ତାର ନବାବ ଅନେକ ଥରକୁ ମିଶେଇ ବହୁଗୁଣିତ ହେବା ସହିତ ସେଇମାନେହିଁ ପରିଷଦରେ ହେବେ ସଂଖ୍ୟାଧିକ ଅଣସରକାରୀ । ସଂସ୍କାର ତେବେ କ'ଣ ଏଇଆ ଯେଉଁଥିପାଇଁ ଆମେ ଆମନ୍ତ୍ରିତ ହୋଇଛୁ ସ୍ୱଦେଶୀକୁ, ଜାତୀୟତାବାଦକୁ ଆଉ ଆମର ଭବିତବ୍ୟକୁ ଜଳାଞ୍ଜଳି ଦେବା ଉଦ୍ଦେଶ୍ୟରେ ? ମି. ମୋର୍ଲେ ଓ ଷ୍ଟେଟ୍‌ସ୍‌ମ୍ୟାନ୍ ଭୀଷଣ ଭାବେ ବିଭ୍ରାନ୍ତ ହୋଇଛନ୍ତି ଯଦି ସେମାନେ ଭାବୁଥା'ନ୍ତି ଯେ ଏହି ଚହଟ ଚିକ୍କଣ ସୁଆଙ୍ଗରେ ଭାରତୀୟ ଜାତୀୟତାବାଦକୁ ଦିନେ ନା ଦିନେ ନିର୍ବାପିତ କରାଯାଇ ପାରିବ ।

### ଜାତୀୟ ସ୍ୱୟଂ ସେବକ ବୃନ୍ଦ

ଖୁଲ୍‌ନା ମାଜିଷ୍ଟ୍ରେଟ୍‌ଙ୍କ ପରି ବରିସାଲସ୍ଥିତ ଆମ ସମ୍ବାଦଦାତା 'ଇଂଲିଶ୍‌ମ୍ୟାନ୍'ର ସ୍ୱତନ୍ତ୍ର ସମ୍ବାଦଦାତାଙ୍କୁ ଅତ୍ୟନ୍ତ ଗମ୍ଭୀରତା ସହକାରେ ଗ୍ରହଣ କରି ନେଇଥିବାର ମନେ ହେଉଛି । ମି. ନିଉମ୍ୟାନ୍‌ଙ୍କ କାହାଣୀଗୁଡ଼ିକ ସ୍ପଷ୍ଟତଃ ଏମିତି ମନଗଢ଼ା

ହୋଇଛି ଯେ ତାହା ଉପରେ ଗୁରୁତ୍ୱ ଦେଇ ଆଲୋଚନା କରିବା କଥା ନୁହେଁ । ସେଗୁଡ଼ିକ ଯେ ଆଶଙ୍କାରେ ଜର୍ଜରିତ କଳ୍ପନାର ଅପଳାପ କିଂବା ପ୍ରକୃତ ଉପଲବ୍ଧି, ଏତେ ନିରେଖି ଦେଖିବାର ଆବଶ୍ୟକତା ଆମର ନାହିଁ । ସେଗୁଡ଼ିକର ରହିଛି ଏକ ନିର୍ଦ୍ଦିଷ୍ଟ ସାମ୍ବାଦିକଧର୍ମୀ ସାର୍ଥକତା, ଆଉ ସେମାନେ ଏହି ଖବରକାଗଜଟିର ରାଜନୈତିକ ଲକ୍ଷ୍ୟଗୁଡ଼ିକର ସାଧନ କରି ଚାଲିଛନ୍ତି ଯାହାର ପ୍ରୟାସ ଜାରୀ ରହିଛି ସରକାରଙ୍କୁ ମୋଟାମୋଟି ଭାବେ ଉସ୍କେଇବା ପାଇଁ, ଖାଣ୍ଟି ଦମନନୀତି ଅଭିମୁଖେ । ବଙ୍ଗଳାରେ ପ୍ରତ୍ୟେକ ବ୍ୟକ୍ତି ଜାଣନ୍ତି ଯେ ପୂର୍ବବଙ୍ଗରେ ଅଶାନ୍ତି ଉପୁଜିବା ପୂର୍ବରୁ ସେଠାରେ ଏମିତି କିଛି ଆନ୍ଦୋଳନର ଚିହ୍ନ ନଥିଲା ଯାହା ସାବଧାନତା ସହିତ ବିବେଚନା ପୂର୍ବକ ମି. ନିଉମ୍ୟାନ୍‌ଙ୍କୁ ଉନ୍ମାଦ ଅବସ୍ଥା ଭିତରକୁ ପ୍ରେରିତ କରିଛି । ଶାରୀରିକ ପ୍ରଶିକ୍ଷଣ ଏବଂ ଆଖଡ଼ାଶାଳଗୁଡ଼ିକ ପାଇଁ ସେଠାରେ ଏକ ଆନ୍ଦୋଳନ ଥିଲା ସତ, କିନ୍ତୁ ତାହା ଯେମିତି ହେବା କଥା ସେମିତି ବ୍ୟାପକ ଆକାରରେ କରାଯାଇ ନଥିଲା କିଂବା କୌଣସି ସଫଳତା ମିଳି ନଥିଲା । ସେଠାରେ ମଧ୍ୟ କଂଗ୍ରେସ ଭିତରେ ଗୋଟିଏ ପ୍ରଥାର ଅଭିବୃଦ୍ଧି ଘଟିଥିଲା ଯାହା ସ୍ୱାଭାବିକ ଭାବେ ସମ୍ମିଳନୀଗୁଡ଼ିକରୁ ପ୍ରସାରିତ ହୋଇ ସାଧାରଣ ସଭା ଭିତରକୁ ସଞ୍ଚରି ଯାଇଥିଲା, ଉପଯୁକ୍ତ ବ୍ୟବସ୍ଥାମାନ ଗ୍ରହଣ ଓ ଶୃଙ୍ଖଳା ରକ୍ଷା ଦିଗରେ ତରୁଣମାନଙ୍କୁ ନିୟୋଜିତ କରିବାର ସେଇ ଥିଲା ପ୍ରଥା । କେବଳ ସେଇମାନେହିଁ ସ୍ୱେଚ୍ଛାସେବୀ ଆଖ୍ୟା ବହନ କରିଥିଲେ ଆଉ ସେମାନେ କେବେହେଲେ ବି ଏକ ସ୍ଥାୟୀ ସଂଗଠନ କରି ନଥିଲେ, କିନ୍ତୁ ନିଜକୁ ଖାଲି କୌଣସି କାର୍ଯ୍ୟକ୍ରମ ଉପଲକ୍ଷ୍ୟେ ସଂଗଠିତ କରି ରଖୁଥିଲେ ଆଉ ସେଇ କାର୍ଯ୍ୟକ୍ରମଟି ସମାପ୍ତ ହୋଇଗଲା ପରେ ସେମାନେ ଅଲଗା ଅଲଗା ହୋଇ ଯାଉଥିଲେ, ମାତ୍ର ସେଇ ସମସ୍ତ ଆଖଡ଼ାଶାଳ ସହିତ ସେମାନଙ୍କର କୌଣସି ସମ୍ପର୍କ ମଧ୍ୟ ରହୁ ନଥିଲା । ଶେଷରେ ସ୍ୱଦେଶୀ ଆନ୍ଦୋଳନର ପ୍ରାକ୍ କାଳରେ ତରୁଣମାନଙ୍କ ମଧ୍ୟରେ ମହାନ୍ କର୍ମମୁଖରତା ଖେଳି ଯାଇଥିଲା ଏବଂ ଧାରଣାରେ ବସିବା ସମୟରେ ବର୍ଜନ ଆନ୍ଦୋଳନକୁ ବଳବତ୍ତର କରିବା ଉଦ୍ଦେଶ୍ୟରେ ବିଭିନ୍ନ ଉପାୟମାନ ଅବଲମ୍ବନ କରି ନୈତିକ ପ୍ରରୋଚନା ଦିଆଯାଉଥିଲା । କିନ୍ତୁ ଗୋଟିଏ କିଂବା ଦୁଇଟି ସ୍ଥାନ ବ୍ୟତୀତ ଏହି କାର୍ଯ୍ୟକ୍ରମ ଅନେକ ଦିନ ହେଲା ଅଚଳ ହୋଇଗଲାଣି । କେବଳ କେତେବେଳେ କେମିତି କାଁ ଭାଁ ଆକସ୍ମିକ ଭାବେ ସେଥିପାଇଁ ପ୍ରଚେଷ୍ଟାମାନ କରାଯାଉଛି । ଧାରଣାରେ ବସିଥିବା ତରୁଣମାନଙ୍କୁ ନେଇ କେବେ ବି କୌଣସି ସଂଗଠନର ସୃଷ୍ଟି କରା ଯାଇନି କିଂବା ସେମାନେ ସ୍ୱେଚ୍ଛାସେବୀର ମାନ୍ୟତା ପାଇ ନାହାନ୍ତି । କୋମିଲା ଆଉ ଜମାଲପୁର ଠାରେ ସ୍ୱଦେଶୀ ଆନ୍ଦୋଳନ ବିରୋଧୀ ହିଂସାର ଉଦ୍‌ଗୀରଣ ପରେ ପରେ ତରୁଣମାନେ ସ୍ୱେଚ୍ଛାକୃତ ଭାବେ ଏକଜୁଟ ହୋଇଗଲେ ଗୁଣ୍ଡାଗର୍ଦ୍ଦି ବିରୋଧରେ ଏକ ସୁଦୃଢ଼ ପ୍ରତିରୋଧକୁ ତୋଳି ଧରିବା ପାଇଁ, ଆଉ ଏହାହିଁ ପ୍ରତ୍ୟକ୍ଷ ଭାବେ ଦୃଷ୍ଟ ଏମିତି ଏକ ଭୀଷଣ ବ୍ୟାପାର ଯାହାକି ମି. ନିଉମ୍ୟାନ୍‌ଙ୍କୁ ବାଉଳା କରି ପକେଇଛି । ତାଙ୍କର ପ୍ରଳାପଗୁଡ଼ିକ ଭିତରେ ସେ ଏଇସବୁ ହୁଗୁଳା ଖିଅଗୁଡ଼ିକୁ ଏକାଠି ମିଶେଇ ତହିଁରୁ ଗୋଟିଏ ଭୟାନକ ତଥା ବିସ୍ମୟକର ଜାଲଟିଏ ବୁଣି ଦେଇଛନ୍ତି । ଯାହାର ଫଳସ୍ୱରୂପ ଶହ ଶହ ସଂଖ୍ୟାରେ ଯେଉଁ ଯୁବକମାନେ ସେମାନଙ୍କ ଭିଟାମାଟିର ସୁରକ୍ଷାରେ ବର୍ତ୍ତମାନ ଭାଗ ନେଇଛନ୍ତି, ସେମାନେ ପୂର୍ବରୁ କେବେହେଲେ ଆଖଡ଼ାଶାଳରେ ଯୋଗ ଦେଇ ନଥିଲେ କିଂବା ଲାଠିଟିଏ ମଧ୍ୟ ହାତରେ ଧରି ନଥିଲେ, ଆଉ ଅନେକ ଆଗରୁ ଯାହା ଉପଲବ୍ଧି କରିବା ଉଚିତ ଥିଲା ବର୍ତ୍ତମାନ ସେଇମାନେହିଁ ପ୍ରଥମେ ଉପଲବ୍ଧି କରୁଛନ୍ତି ଯେ ଏହି ଶାରୀରିକ ବ୍ୟାୟାମ ଓ ପ୍ରଶିକ୍ଷଣର ଆବଶ୍ୟକତା ଥିଲା ନିଜର ଆତ୍ମରକ୍ଷା ପାଇଁ ।

ଆଙ୍ଗ୍ଲୋଭାରତର ଏହି କଳ୍ପନା ପ୍ରବଣ ସେର୍‌ଲକ୍ ହୋମ୍‌ସ୍ (Sherlock Holmes) ନିଜର ଅନନ୍ୟସାଧାରଣ ବିଚକ୍ଷଣତା ବଳରେ ଆବିଷ୍କାର କରି ପକେଇଛନ୍ତି ଯେ ସରକାରୀ ଆଦେଶ ବିରୋଧୀ ସଂଘ, ବନ୍ଦେ ମାତରମ୍ ଗୋଷ୍ଠୀ, ଆଉ ବ୍ରତୀ-ସମିତି (Brati Samiti) – ଅର୍ଥାତ୍ ପ୍ରଥମ ସ୍ୱଦେଶୀ ଉଦ୍ଦୀପନାର ସେଇ ନିର୍ଦ୍ଦୋଷ ଏବଂ ଶାନ୍ତିପୂର୍ଣ୍ଣ ଭସ୍ମାବଶେଷଗୁଡ଼ିକ ହେଲେ ପୃଥକ୍ ପୃଥକ୍ ତଥା ସମ୍ମିଳିତ ଭାବେ ଏ ସମସ୍ତ ଭୟଙ୍କର ସ୍ୱେଚ୍ଛାସେବୀମାନଙ୍କର ସଂଗଠନକାରୀ କେନ୍ଦ୍ର ! ଆମେ ଏତିକି କେବଳ ଆଶା କରୁଛୁ ଯେ ଆମ ଦେଶବାସୀମାନେ ଏପରି ଏକ ସଂଗଠନକୁ ଜାଣିଶୁଣି ସୁଚାରୁ ରୂପେ ଗଠନ କରିବା ପାଇଁ ସମର୍ଥ ହୁଅନ୍ତୁ । କିନ୍ତୁ ଏହି କାର୍ଯ୍ୟଟି ସମ୍ଭବ ହେବା ଆଗରୁ ଆମକୁ ଆଉ କିଛି ବାଟ ତଥାପି ଅଗ୍ରସର ହେବାକୁ ପଡ଼ିବ ।

[ବନ୍ଦେ ମାତରମ୍, ମେ ୨୭, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

# ଦେବଜନ୍ମ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଇହଲୋକରେ ଏଇ ସ୍ଥୂଳ ଜଗତରେ ଆମେ ରହିବୁ । ଯାହାକିଛି ଉପଲବ୍ଧି କରିବାର, ଯାହାକିଛି ପ୍ରତିଷ୍ଠିତ କରିବାର ଅଛି, ସେଗୁଡ଼ିକ ଜୀବନର ଭିତର ଦେଇହିଁ ଉପଲବ୍ଧି କରିବୁ, ଜୀବନର ଭିତରେହିଁ ପ୍ରତିଷ୍ଠିତ କରିବୁ, ଜୀବନର ଅତୀତ ହୋଇ କରିବୁ ନାହିଁ । ବୈଦିକ ଋଷିଗଣ ସେମାନଙ୍କର ସମସ୍ତ ଆକାଙ୍କ୍ଷା, ସମସ୍ତ ପ୍ରୟାସ ଉତ୍ସର୍ଗ କରିଥିଲେ – 'ଦେବାୟ ଜନ୍ମନେ' । ଏଇ ଦେବଜନ୍ମ ଲାଭ କରିବାହିଁ ଆମର ଲକ୍ଷ୍ୟ; ଦେବତାର ସତ୍ତା ଦେଇ ଆମ ସତ୍ତାର ପ୍ରତି ସ୍ତରକୁ ସମ୍ପୂର୍ଣ୍ଣ କରିବାକୁ ହେବ, ଦେବତାର ଜୀବନ ଦେଇ ମାନୁଷୀ ଜୀବନର ପ୍ରତି ଅଙ୍ଗକୁ ଅମୃତମୟ କରିବାକୁ ପଡ଼ିବ ।

ଭଗବାନଙ୍କୁ ନ ଚାହେଁ କିଏ ? କିନ୍ତୁ ସିଏହିଁ ଭଗବାନଙ୍କୁ ଚାହାନ୍ତି, ଯିଏ କେବଳ ଭାଗବତ । ଅନ୍ତର ମଧ୍ୟରେ ଏକ ଅନନ୍ତ ଅନିର୍ଦ୍ଦେଶ୍ୟର ବୋଧକୁହିଁ ସାଧାରଣ ଲୋକେ ଭଗବତ୍ ଉପଲବ୍ଧି ବୋଲି ଜାଣନ୍ତି । ସନ୍ନ୍ୟାସୀର ଆଖିରେ ଜୀବନ ଓ ଜଗତ୍ ଯେମିତି ସ୍ୱପ୍ନ ଭଳି । ଜରା-ମରଣ, ସୁଖ-ଦୁଃଖ, ଜ୍ଞାନ-ଅଜ୍ଞାନ, ଶକ୍ତି-ଅଶକ୍ତି ସବୁକିଛି ସମାନ – କାହାର କିଛି ବିଶେଷ ମୂଲ୍ୟ ନାହିଁ; ହୁଏତ ସିଏ ଦେଖନ୍ତି ସବୁକିଛି କିଂବା ଦେଖି ମଧ୍ୟ ଅଦେଖା କରିଦିଅନ୍ତି । ସେ ଏକ ସମରସାତ୍ମକ, ବିପୁଳ ବୈରାଗ୍ୟରେ ବାସ କରନ୍ତି, ଜଗତର ଖେଳରେ ତାଙ୍କର କିଛି କହିବାର ନାହିଁ । ଯାହା ଅଛି, ତାହାକୁହିଁ ଭଗବାନଙ୍କର ପରମା ସୃଷ୍ଟି ଅନିର୍ବଚନୀୟ ଲୀଳା ବୋଲି ସ୍ୱୀକାର କରି ନେଇଥା'ନ୍ତି । ସେଇଥିରେହିଁ ମୁଗ୍ଧ ହୋଇ ସେମାନେ ଭାସି ଚାଲନ୍ତି । କୁହେଳି-ଘେରା ପ୍ରକୃତିର ଦୃଶ୍ୟ ଯେଭଳି ପାଖରେ ଥାଇ ମଧ୍ୟ ଅସ୍ପଷ୍ଟ ଦୂରାଗତ ସାଧୁର ଚିତ୍ତରେ ଏଇ ଜଗତ୍ ବି ସେଇଭଳି ସମ୍ବନ୍ଧହୀନ ସୁଦୂର ପ୍ରବାସ-ସ୍ଥଳ ।

ଆମେ କିନ୍ତୁ ଭଗବାନଙ୍କୁ କେବଳ ଭାଗବତ କରି ରଖିବାକୁ ଚାହୁଁନା, ଆମେ ତାହାଙ୍କୁ ବସ୍ତୁଗତ କରି ଦେଖିବୁ, ଜଗତର ଲୀଳା-ଖେଳରେ ତାହାଙ୍କୁ ଜାଗ୍ରତ୍, ମୂର୍ତ୍ତିମାନ କରି ଧରିବୁ । ଭଗବାନ୍ କ'ଣ ଖାଲି ଅନନ୍ତ ? ସେ ସାନ୍ତ ମଧ୍ୟ । ସେ କ'ଣ କେବଳ ଅନିର୍ଦ୍ଦେଶ୍ୟ ? ସେ ନିର୍ଦ୍ଦେଶ୍ୟ ମଧ୍ୟ । ଭଗବାନ୍ କ'ଣ କେବଳ ଏକ ? ସେ ବହୁ ମଧ୍ୟ । ସେ କେବଳ ଚୈତନ୍ୟ ମାତ୍ର ନୁହନ୍ତି, ସେ ଶକ୍ତି ମଧ୍ୟ । ସେ କେବଳ ଶାନ୍ତ-ଶିବ ନୁହନ୍ତି, ସେ ପୁଣି ରୁଦ୍ର ମଧ୍ୟ । ନିଖିଳ ସୃଷ୍ଟିର ପଶ୍ଚାତରେ ଭଗବାନ୍ କେବଳ ନିଥର ସତ୍ତା ମାତ୍ର ନୁହନ୍ତି, ସେ ପ୍ରତ୍ୟେକ ବସ୍ତୁ, ପ୍ରତ୍ୟେକ ଜୀବ, ପ୍ରତ୍ୟେକ ଘଟଣା ଭିତରେ ଏକ ରତପୂର୍ଣ୍ଣ ପ୍ରେରଣା ରୂପେ କାର୍ଯ୍ୟ କରି ଚାଲିଛନ୍ତି । ଭଗବାନ୍ କେବଳ କବି-ରଚୟିତା ନୁହନ୍ତି, ସେ କର୍ମୀ ମଧ୍ୟ – ଜଗତକୁ, ଜୀବକୁ ଏକ ବିଶେଷ ଉଦ୍ଦେଶ୍ୟ ଦିଗରେ ଚଳାଇ ନେଉଛନ୍ତି, ପ୍ରତି ମୁହୂର୍ତ୍ତରେ ସେଗୁଡ଼ିକୁ ବିଶେଷ କିଛି ରୂପ ଦେବା ଲାଗି ଗଢ଼ି ଉଠିବାରେ ଉଦ୍‌ଯୁକ୍ତ କରୁଛନ୍ତି ସିଏ ।

ଆମ୍ଭମାନଙ୍କୁ ଏକ ବିଶେଷ ମୂର୍ତ୍ତି ନେଇ ଗଢ଼ି ଉଠିବାକୁ ହେବ; ଭଗବାନ୍ ଯେଉଁ ଭାବରେ ଚଳାଇବେ, ଆମେ ଅନ୍ଧ ଭଳି ସେଇ ଭାବରେ ଚାଲିବୁ – ଏଇ ପ୍ରକାର ଏକ ଆଳସ୍ୟପୂର୍ଣ୍ଣ ନିର୍ଭରତାହିଁ ସାଧନାର ଚରମ କଥା ନୁହେଁ । ଆମେ ଯେ ଭଗବାନଙ୍କର ହାତରେ ଏକ ଯନ୍ତ୍ର ମାତ୍ର – ଏକଥା ସତ୍ୟ; ତେବେ, ଆମକୁ ଜାଣିବାକୁ ପଡ଼ିବ ଯେ ତାଙ୍କର କେଉଁ ଇଚ୍ଛାଟି, କେଉଁ ଉଦ୍ଦେଶ୍ୟଟି ଆମ ଦ୍ୱାରା ଫଳବତୀ ହେବାକୁ ଚାହୁଁଛି, କି ଉପାୟରେ ତାଙ୍କର ଏହି ଇଚ୍ଛାଟି ପୂରଣ ହୋଇପାରିବ । ଜୀବନର ପ୍ରତି କ୍ଷେତ୍ରରେ ଭଗବାନଙ୍କର ସେଇ ବିଶେଷ ଇଚ୍ଛାଟିକୁ ଚିହ୍ନି ନେବାକୁ ପଡ଼ିବ ସ୍ଥୂଳ ମଧ୍ୟରେ, ତାହାକୁ ଆମକୁ ଶରୀରୀ କରିବାକୁ ହେବ । ଅସ୍ପଷ୍ଟ ଭାବକୁ ଜ୍ଞାନ ଦ୍ୱାରା ଚକ୍ଷୁଷ୍ମାନ୍ କରିବାକୁ ହେବ; ଶକ୍ତି ଦ୍ୱାରା ଏହାକୁ ବାସ୍ତବ କରି ତୋଳିବାକୁ ହେବ । ସାଧାରଣ ଭାବରେ କିଛି ପାଇବା ବା ହୋଇ ଉଠିବା ସାଧାରଣ କଥା, ବିଶେଷ ଭାବରେ କିଛି ପାଇବା ଅବା ହୋଇ ଉଠିବାହିଁ ସିଦ୍ଧି ।

ମନୁଷ୍ୟର ସାଧାରଣ ଜୀବନ ଯେପରି ସ୍ପଷ୍ଟ, ଜାଗ୍ରତ୍, ଲକ୍ଷ୍ୟଯୁକ୍ତ ଏବଂ ଦୈନନ୍ଦିନ କର୍ମମୟ ଜୀବନକୁ ମନୁଷ୍ୟ ଯେପରି ସଂହତ, ସୁବିନ୍ୟସ୍ତ, ଫଳପ୍ରସୂ କରି ଏକ ସାମଞ୍ଜସ୍ୟ ମଧ୍ୟରେ ସ୍ଥାପିତ କରିଛି; ଆମକୁ, ଦିବ୍ୟଜୀବନରେ ଆଗ୍ରହୀ, ଆମେ ଆମ ଜୀବନକୁ ବି ସେଇ ପ୍ରକାରେହିଁ କରିବାକୁ ଚାହୁଁ – ତେବେ ଆହୁରି ପୂର୍ଣ୍ଣତର, ଦୃଢ଼ତର, ଶୁଦ୍ଧତର ଭାବେ । ସାଧାରଣ ମଣିଷ, ତାହାର ଜୀବନ ନିୟନ୍ତ୍ରିତ କରେ ତା'ର

ମାନୁଷୀ ଦୃଷ୍ଟିରେ, ଆମେ ଆମର ଜୀବନ ନିୟନ୍ତ୍ରିତ କରିବୁ ଦେବତାର ଦୃଷ୍ଟିଦେଇ ।

*

ମଣିଷ-ଜୀବନର କେନ୍ଦ୍ର ହେଉଛି ବୁଦ୍ଧି । ବୁଦ୍ଧି ଦ୍ୱାରାହିଁ ଜୀବନକୁ ଶୃଙ୍ଖଳିତ କରିବାକୁ ପ୍ରୟାସ କରିଆସିଛି ସେ । କ'ଣ ଭଲ, କ'ଣ ମନ୍ଦ, କ'ଣ ସମ୍ଭବ, କ'ଣ ଅସମ୍ଭବ – ବିଚାର ଦ୍ୱାରା ସେ ସିଦ୍ଧାନ୍ତରେ ପହଞ୍ଚିଛି, ସେଇ ବିଚାର-ସିଦ୍ଧାନ୍ତ ଅନୁସାରେ ନିଜର ପ୍ରେରଣାକୁ ଚାଳିତ କରିବାକୁ ଶିଖିଛି । ତର୍କ ବଳରେ ସେ ସତ୍ୟକୁ ନିର୍ଣ୍ଣୀତ କରୁଛି । କିନ୍ତୁ ବିଚାର-ବିତର୍କ ଖାଲି ଅଂଶ ବିଶେଷରେ ଆଭାସ ବା ଛାୟା ଦେଇଥାଏ, ତା' ଦ୍ୱାରା ସତ୍ୟବସ୍ତୁ କେବେ ବି ଲବ୍ଧ ହୁଏ ନାହିଁ । ବୁଦ୍ଧିର ସଂକୀର୍ଣ୍ଣ ଗୋଧୂଳି ଆଲୋକ ସାହାଯ୍ୟରେ ଆମେ ଏତିକି କେବଳ ଜାଣୁ ଯେ କ'ଣ କେତିକି ସମ୍ଭବ, କ'ଣ ହେଲେ ବି ହୋଇପାରେ । ସମ୍ଭାବନୀୟତାର ଏକ ଆଶ୍ରୟ ଉପରେ ନିର୍ଭର କରି ଆମେ ଜୀବନକୁ ପ୍ରତିଷ୍ଠିତ କରିଅଛୁ । ତେଣୁ ଜଗତରେ ଦେଖୁ ଶୃଙ୍ଖଳା ଆଣିବାକୁ ବସି ବିଶୃଙ୍ଖଳାହିଁ ଅଧିକ ମାତ୍ରାରେ ଫୁଟି ଉଠେ । ଆମେ ଚାହୁଁ ସତ୍ୟ । ସୁତରାଂ ଯାହା ଯଥାର୍ଥ, ବସ୍ତୁ ମଧ୍ୟରେ ଯାହା ତା'ର ଅନ୍ତରତମ ପ୍ରକୃତି, ଯେଉଁ ଗୁହ୍ୟତମ ଧର୍ମ ଯାବତୀୟ ପରିଣତିର ଅନ୍ତରାଳରେ, ସେଇ ସତ୍ୟ ଉପରେହିଁ ଆପଣାକୁ ତଥା ମନୁଷ୍ୟଜାତିକୁ ଗଢ଼ି ତୋଳିବା – କେବଳ ଗୋଟିଏ ସମ୍ଭାବନାକୁ ଭିତ୍ତି କରି ଜୀବନ କଟାଇ ଦିଆଯାଇ ପାରିବ ନାହିଁ । ଆମେ ବହନ କରି ଆଣିବୁ ଋତକୁ ଏଇ ମର୍ତ୍ତ୍ୟ ଭୁବନକୁ । ତେଣୁ ମାନସିକ ପ୍ରତ୍ୟୟର କ୍ଷେତ୍ରରେ ଆମକୁ ଆଣିବାକୁ ପଡ଼ିବ ଦିବ୍ୟ-ଦୃଷ୍ଟି । ସସୀମ ଖଣ୍ଡତା, ଇନ୍ଦ୍ରିୟ-ଦତ୍ତ ପୃଥକ୍‌ତ୍ୱକୁ ଡେଇଁ ଯାଇ ଆତ୍ମାରେ, ବୃହତ୍‌ରେ ପହଞ୍ଚିବାକୁ ଚାହୁଁ ଆମେ । ବିବେକକୁ ପ୍ରତିଷ୍ଠିତ କରିବାକୁ ହେବ ବିଚାର ସ୍ଥାନରେ, ବୁଦ୍ଧିକୁ ପରିଣତ କରିବାକୁ ହେବ ବୋଧି ରୂପେ । ଏଇ ନବଜନ୍ମର ଆରମ୍ଭରେ ଆମ ମଧ୍ୟରେ କବି ଦୃଷ୍ଟି ନେଇ ଆସିବାକୁ ହେବ, ତାକୁହିଁ କରିବାକୁ ହେବ ଜୀବନର କେନ୍ଦ୍ର । ଜୀବନକୁ ବୃହତ୍ ଓ ପୂର୍ଣ୍ଣ କରିବାକୁ ହେଲେ ଜୀବନରେ ଯେଉଁ ଦେବ-ଶୃଙ୍ଖଳା ଓ ସାମଞ୍ଜସ୍ୟ ଆଦି ପ୍ରୟୋଜନ, ସେଗୁଡ଼ିକୁ ସ୍ଥାପିତ କରିବାକୁ ହେବ ଆନ୍ତର-ଜୀବନରେ । ମଣିଷର ଚାହିଦା କ'ଣ, ମଣିଷର ଜାଣିବା କେତେ ଦୂର ଅବଧି ସେ ବିଷୟରେ ଅବା ତା'ର ସୁବିଧା କ'ଣ, ତା'ର ଅସୁବିଧାଟି କେଉଁଠି ସେସବୁ ଦିଗରେ ଦୃଷ୍ଟି ନ ଦେଇ ଭଗବାନଙ୍କ ଦୃଷ୍ଟି ଦେଇ, ଭଗବାନଙ୍କର ଜ୍ଞାନ ଦେଇ ଆମେ ଦେଖିବୁ – ସେ କ'ଣ ଚାହାନ୍ତି, ଆମ ଭିତରେ ତାଙ୍କର କେଉଁ ଉଦ୍ଦେଶ୍ୟ ଫଳବତୀ କରିବାକୁ ସେ ଚାହାନ୍ତି । ତା' ଫଳରେ ଆମେ ଏ ଜଗତକୁ, ଆମ ପରିବେଶକୁ ତାଙ୍କ ଉପଯୋଗୀ କରି ନୂଆ କରି ନିର୍ମାଣ କରିବାକୁ ଚେଷ୍ଟା କରିବୁ ସତ୍ୟର ଋତମୟ ପ୍ରେରଣା ଦେଇ ।

ସତ୍ୟଦୃଷ୍ଟି ନିମନ୍ତେ, ଜ୍ଞାନ ନିମନ୍ତେ ଆମ ଅନ୍ତରରେ ସ୍ୱୟଂ ଆବିର୍ଭୂତ ହେବେ ସେଇ ବୈଦିକ ସୂର୍ଯ୍ୟଦେବ । ଆଉ ଆମେ ଆବାହନ କରିବୁ ମିତ୍ରଦେବଙ୍କୁ ବିଶୁଦ୍ଧ ପ୍ରେମ ପାଇଁ – ଯାହା ଆମକୁ ପରିଚାଳିତ କରିବ । ଏପର୍ଯ୍ୟନ୍ତ ସୁଖଦୁଃଖହିଁ ମଣିଷ ହୃଦୟ ରାଜ୍ୟରେ ଯୁଗଳ ସମ୍ରାଟ୍ – ପ୍ରିୟବସ୍ତୁ ଲାଭରେ ବିପୁଳ ହର୍ଷ, ଅପ୍ରିୟ ବସ୍ତୁରେ ତତୋଽଧିକ ବିଷାଦ । ମିଳନ-ବିରହ, ଆଲୋକ-ଅନ୍ଧକାର – ଏଇ ଦ୍ୱିବିଧ ତତ୍ତ୍ୱକୁ ନେଇ ଆମ ପ୍ରେମର ଯାବତୀୟ ଲୀଳା-ଖେଳା, କିନ୍ତୁ ଦେବଜନ୍ମ ପାଇବାକୁ ହେଲେ ଆମକୁ ପ୍ରିୟ ଓ ଅପ୍ରିୟକୁ ସମାନ ଭାବରେ ହୃଦୟରେ ଗ୍ରହଣ କରିବାକୁ ହେବ; ଖାଲି ସେତିକି ନୁହେଁ – ଅପ୍ରିୟ ବୋଲି କିଛି ରଖିବୁ ନାହିଁ, ଅପ୍ରିୟକୁ ପରିଣତ କରିବୁ ପ୍ରିୟରେ । ଦୁଃଖ ଓ ସୁଖକୁ ଏକାନ୍ତ ଆପଣାର ଭାବରେ ବହନ ନ କରି ତା' ଉପରେ ଥିବା ଆନନ୍ଦର ସ୍ରୋତକୁ ଜୀବନ ମଧ୍ୟକୁ ବହି ଆସିବାକୁ ଆହ୍ୱାନ କରିବୁ । ମିଳନ-ବିରହର ଦ୍ୱନ୍ଦ୍ୱରେ ପ୍ରେମକୁ ଆବଦ୍ଧ ନ କରି ଏକାତ୍ମାନୁଭୂତିର ଭିତରେ ପ୍ରେମକୁ ସଦା ତୁଷ୍ଟ କରି ରଖିବୁ । ଆନନ୍ଦରୁ ବାହାରି ଆନନ୍ଦର ଭିତର ଦେଇ ଘୂରିଫେରି ବାରଂବାର ପହଞ୍ଚିବୁ ସେହି ଆନନ୍ଦ ଠାରେ, ପୁଣି ଅଗ୍ରସର ହେବୁ ସେହି ଆନନ୍ଦ ଦିଗରେ, ଆନନ୍ଦର କ୍ଷୟ ନାହିଁ, ସୀମା ନାହିଁ, ମଳିନତା ନାହିଁ, ତାହା ସଦା ଉଜ୍ଜ୍ୱଳ, ସଦାହିଁ ଉଚ୍ଛ୍ୱସିତ; ଭୂମାନନ୍ଦ ସାଗରର ଢେଉର ତାଳେ ତାଳେ ହୃଦୟ-ସ୍ପନ୍ଦନକୁ ଉଠିବା-ପଡ଼ିବାର ଶୃଙ୍ଖଳା ଶିଖାଇବୁ । ପୃଥିବୀର ଯାବତୀୟ ଭୋଗ୍ୟବସ୍ତୁହିଁ ଆମ ପାଇଁ ଆନନ୍ଦ-ରସ କ୍ଷରଣ କରିବ, ଆମେ କେଉଁଠାରେ ବି ବୀତଶ୍ରଦ୍ଧ ବା ସ୍ୱଳ୍ପଭୋଗୀ ହେବୁ ନାହିଁ ।

ବାସନା ସବୁପ୍ରକାର ଦୁଃଖର ମୂଳ-କାରଣ; ଆମର ଶକ୍ତିକୁ, ସାମର୍ଥ୍ୟକୁ ବାସନାହିଁ ଖର୍ବ କରିଦିଏ, ଆମକୁ ବଞ୍ଚିତ କରି ରଖେ; କିନ୍ତୁ ବାସନା ଭିତରେ ଯେଉଁ ସତ୍ୟ-ଏଷଣା ଅଛି, ସେଇ ଇଚ୍ଛାଟି ଭଗବତ୍ ଇଚ୍ଛା, ତାହାକୁହିଁ ସେ କାର୍ଯ୍ୟକାରୀ କରିବାକୁ ଚାହିଁଛନ୍ତି ଆମରି ଭିତର ଦେଇ । ସେଇଟିକୁ ବିକୃତ ହେବାରୁ ଆମେ ବଞ୍ଚାଇ ରଖିବୁ ଓ ଶୁଦ୍ଧ କରିନେବୁ ଏବଂ ସେଇ ଅନୁଯାୟୀ ଚଳିବୁ । ଆମେ ଆମ ନିଜର ବ୍ୟକ୍ତିଗତ ଇଚ୍ଛାକୁ

ଭଗବାନଙ୍କର ଇଚ୍ଛାଶକ୍ତିର ମଧ୍ୟରେହିଁ ଢାଳିଦେବୁ ଯାହା ଫଳରେ ଭଗବତ୍ ଶକ୍ତିର ଅବାଧଗତି ମୁକ୍ତ କରିଦେବୁ । ପ୍ରାଣର ଯେଉଁ ବିଭିନ୍ନମୁଖୀ ଉନ୍ମାର୍ଗଗାମୀ ଅନ୍ଧ ଚେଷ୍ଟାରାଜି, ସେଥିରେ ଚିତ୍‌ଶକ୍ତି ଦ୍ୱାରା ସମ୍ପୂର୍ଣ୍ଣ ସାର୍ଥକତା ଆମେ ଲାଭ କରିବୁ । ସେତେବେଳେ ଆଉ ଆମର ଇଚ୍ଛା, ଆମର ପ୍ରେରଣା ବୋଲି ଅଲଗା କିଛି ରହିବ ନାହିଁ । ଭଗବାନଙ୍କର ଅଦମ୍ୟ ପ୍ରେରଣାହିଁ ଆମ ବୀର-ଜୀବନର କର୍ମ ପରିଚାଳକ ହେବ । ଅଗ୍ନିଦେବଙ୍କର ଜ୍ଞାନଦୀପ୍ତ ଯେଉଁ ତପଃଶକ୍ତିରୁ ଏ ଜଗତର ସୃଷ୍ଟି, ତାଙ୍କଠାରୁ ପ୍ରତିନିୟତ ଯେଉଁ ଜଗତମାନ ସୃଷ୍ଟି ହେଉଛି, ସେଇ ଆଦ୍ୟାଶକ୍ତିର ଆଧାର ଆମ୍ଭେମାନେ, ସୁତରାଂ ଆମର କୌଣସି ପ୍ରୟାସ ବିଫଳ ହେବ କି ? କୌଣସି ଲକ୍ଷ୍ୟ ଅଲଭ୍ୟ ରହିବ କି ?

ଏଇ ଶରୀର ହେଉଛି ସମସ୍ତ ଲୀଳାର ପ୍ରତିଷ୍ଠା ଭୂମି, ସେଇ ଶରୀରଟିକୁ ଆମେ ଗଠନ କରିବୁ ସଦ୍‌ବସ୍ତୁ ଦେଇ । ଯେଉଁ ସତ୍‌ପଦାର୍ଥ ସମୁଦାୟ ସୃଷ୍ଟିକୁ ସଂହତ କରି ରଖିଛି, ଯାହାକୁ ନେଇ ଏହାର ଅସ୍ତିତ୍ୱ, ତାହାରି ଦ୍ୱାରା ଆମର ଏଇ ସ୍ଥୂଳଦେହ ବି ଗଠିତ, ବିଧୃତ । ରୋଗ-ଦୌର୍ବଲ୍ୟ, ଜରା-ମରଣଆଦିକୁ ଅତିକ୍ରମ କରି ଏଇ ଭଗବତ୍ ସତ୍ତା ଭିତରେ ଶରୀରକୁ ପ୍ରତିଷ୍ଠିତ କରିବୁ; ସେଇ ଅନ୍ଧ-ସଂସ୍କାର ଓ ମାୟା, ଯାହାର ବଶରେ ରହିବା ହେତୁ ଶରୀର ନିଜକୁ ମନେକରେ କ୍ଷଣ-ବିଧ୍ୱଂସୀ, ରୋଗବୀଜପୂର୍ଣ୍ଣ ଜଡ଼ ମାତ୍ର, ସେଇ ମାୟା ଓ ସେଇ ଅନ୍ଧ-ସଂସ୍କାରକୁ ଆମକୁ ଦୂର କରିବାକୁ ହେବ । ଶରୀରକୁ ସଞ୍ଜୀବିତ କରିବାକୁ ହେବ ଅମୃତତ୍ୱ ଦେଇ – କାରଣ ଅମୃତତ୍ୱହିଁ ଶରୀରର ଆଦି ଉପକରଣ । ସ୍ୱାସ୍ଥ୍ୟରେ, ସୌନ୍ଦର୍ଯ୍ୟରେ, ବୀର୍ଯ୍ୟରେ ଶରୀରକୁ ପୂର୍ଣ୍ଣ କରି ଭରି ତୋଳିବୁ । ବିଶ୍ୱଲୀଳାର ଯେଉଁ ବିପୁଳତରଙ୍ଗ ଗଙ୍ଗା, ତାହାକୁ ଧାରଣ କରିବ ଏଇ ଶରୀର । ଏଇ ଶରୀରକୁ ଭିତ୍ତିଭୂମି କରି ଦେବଜନ୍ମର ସେଇ ସ୍ୱର୍ଗସ୍ପର୍ଶୀ ସୌଧ ନିର୍ମାଣ କରିବାର ବ୍ରତ ଆମକୁ ନେବାକୁ ପଡ଼ିବ ।

ମଣିଷର ଜୀବନ ଚାରୋଟି ଲୋକରେ ବିଭକ୍ତ – ଚାରୋଟି ଉପକରଣରେ ଗଠିତ । ଦେହ-ପ୍ରାଣ-ଚିତ୍ତ ଓ ମନ ଅର୍ଥାତ୍, ମଣିଷ ରହିଛି, ମଣିଷ କର୍ମ କରୁଛି, ମଣିଷ ଭୋଗ କରୁଛି ଏବଂ ମଣିଷ ଜାଣୁଛି – ମନୁଷ୍ୟର ସମସ୍ତ କିଛି ଏହାରି ଭିତରେ । ମାତ୍ର ଏଇ ଯେ ପ୍ରତିଷ୍ଠାନ ଚତୁଷ୍ଟୟ, ଏଗୁଡ଼ିକ ଅପରା-ପ୍ରକୃତି ଅର୍ଥାତ୍, ମାନବ-ପ୍ରକୃତି । ଏଗୁଡ଼ିକ ରୂପ ମାତ୍ର – ବହିର୍ମୁଖ ଚେହେରା ବୋଲି କହିଲେ ଚଳେ; ଏଗୁଡ଼ିକର ପଶ୍ଚାତରେ, ପ୍ରତ୍ୟେକ ଉପକରଣର ଅନ୍ତରାଳରେ ଯେଉଁ ସତ୍ୟରୂପ ରହିଛି, ସେଗୁଡ଼ିକୁ ନେଇହିଁ ପରାପ୍ରକୃତି ଅଥବା ଦେବ-ପ୍ରକୃତି । ଏସବୁ ଉପକରଣ ବା ସଂସ୍ଥାନକୁ ଦୃଷ୍ଟିଦେଲେ ଜାଣିବା ଏଗୁଡ଼ିକର ଉତ୍ସରେ ଯଥାକ୍ରମେ ସତ୍, ଚିତ୍, ଆନନ୍ଦ ଓ ବିଜ୍ଞାନହିଁ ରହିଛି । ସତ୍‌ର ଛାୟା ଦେହ, ଚିତ୍‌ର ଛାୟା ପ୍ରାଣ, ଆନନ୍ଦର ଛାୟା ଚିତ୍ତ ଏବଂ ବିଜ୍ଞାନର ଛାୟା ମନ । ଯାହାକୁ ଆମେ ମାନବ-ପ୍ରକୃତି ବା ଇହଲୋକ ବୋଲି ଜାଣୁ, ତାହା ଦେବ-ପ୍ରକୃତି ବା ପରଲୋକର ବିପରୀତ ଦିଗ – ସେଇଟି ମୂଳ ଜିନିଷର ବିକାର ବା ଖଣ୍ଡମୂର୍ତ୍ତି ମାତ୍ର । ଯାହା କୁଟିଳ ତାହାକୁ ଋଜୁ କରିବା, ଯାହା ବିକୃତ ତାହାକୁ ସ୍ୱାଭାବିକ କରିବା, ଯାହା ଖଣ୍ଡ ତାହାକୁ ପୂର୍ଣ୍ଣ କରିବା – ଏହାହିଁ ଆମର ବର୍ତ୍ତମାନ କରଣୀୟ । ତେଣୁ ଅନୁମାନ ପରିବର୍ତ୍ତେ ଦରକାର ସାକ୍ଷାତ୍-ଜ୍ଞାନ, ସୁଖ ପରିବର୍ତ୍ତେ ଦରକାର ଆନନ୍ଦ, ଚେଷ୍ଟା ଜାଗାରେ ଦରକାର ଭଗବତ୍-ଶକ୍ତି ଉପରେ ନିର୍ଭରତା ଏବଂ ଏସବୁର ଲୀଳା-କ୍ଷେତ୍ରର ସ୍ୱରୂପ ଆବଶ୍ୟକ ଅମୃତମୟ ଶରୀର । ଦେବଜନ୍ମ ବିଷୟଟି ବୁଝିବାକୁ ହେଲେ, କୃତଯୁଗର ଧର୍ମରାଜ୍ୟ ବୁଝିବାକୁ ହେଲେ ଆମକୁ ଏସବୁ ଜିନିଷକୁ ସଙ୍ଗରେ ନେଇ ଜାଣିବାକୁ ହେବ ତାହାର ମର୍ମକଥା ।

(ଶ୍ରୀ ନଳିନୀକାନ୍ତ ଗୁପ୍ତଙ୍କ ରଚନାବଳି : ୮ମ ଖଣ୍ଡର
**'ଦେବଜନ୍ମ'**ରୁ ଗୃହୀତ, ପୃଷ୍ଠା, ୫୦)

ଅନୁବାଦ : କୃଷ୍ଣାଦେବୀ ❖

ଯେଉଁ ଏକମାତ୍ର କଥା ଆବଶ୍ୟକ ତାହା ହେଉଛି ଭଗବାନଙ୍କ ଉପଲବ୍ଧି, ବାକି ସବୁ କଥା ଯେତିକି ପରିମାଣରେ ସେହି ଦିଗରେ ସାହାଯ୍ୟ କରେ କିଂବା ପରିଚାଳିତ କରେ କିଂବା ସେଇ କଥାର ଉପଲବ୍ଧି ପରେ ତାକୁ ବ୍ୟାପକ ଅଥବା ଅଭିବ୍ୟକ୍ତ କରେ ସେଇ ପରିମାଣରେ ବାଞ୍ଛନୀୟ ହୋଇଥାଏ ।

– ଶ୍ରୀଅରବିନ୍ଦ

বেদরহস্য - (তৃতীয় ভাগ), অগ্নিসূক্তমালা

# অগ্নি, দিব্য সংকল্প-শক্তি

## শ্রীঅরবিন্দ

*পূর্ব প্রকাশিত উত্তারু ...*

ଏଠାରେ ଯେ ଆଲୋକ ସଂଗୁପ୍ତ ହୋଇ ରହିଛି ଏହା ସତ୍ୟ । ଅନ୍ୟ ଦେବତାଙ୍କ ପରି ଅଗ୍ନିଙ୍କୁ ବିଶ୍ୱାତ୍ମକ ମାତାପିତାଙ୍କ — ସ୍ୱର୍ଗ ଓ ପୃଥିବୀ, 'ମନ' ଓ 'ଶରୀର', ଆତ୍ମା ଓ ଭୌତିକ ପ୍ରକୃତି, — ସନ୍ତାନ ରୂପେ ଚିତ୍ରଣ କରାଯାଇଛି । ଏହି ଭୂମି ତାଙ୍କୁ ନିଜର ଭୌତିକତା ମଧ୍ୟରେ ସଂଗୁପ୍ତ କରିବା ପୂର୍ବକ ଧାରଣ କରୁଛି ଏବଂ ସେହି 'ପିତା'ଙ୍କ ସଚେତନ କର୍ମଗୁଡ଼ିକ ନିମନ୍ତେ ତାଙ୍କୁ ମୁକ୍ତ କରୁ ନାହିଁ । ସେ ତାଙ୍କୁ ନିଜର ସମସ୍ତ ଉଦ୍ଭିଦ-ସମ୍ପଦ ମଧ୍ୟରେ ଯଥା — ତା'ର ପାଦପଶ୍ରେଣୀରେ, ବନସ୍ପତିଶ୍ରେଣୀରେ ତଥା ଦ୍ରୁମରାଜିରେ ଲୁଚାଇ ରଖିଛି — ଏସବୁ ଏପରି ରୂପ ଯେଉଁଥିରେ ଉତ୍ତାପ ଭରି ରହିଥାଏ, ଏସବୁ ଏପରି ବସ୍ତୁ ଯାହା ନିଜ ମଧ୍ୟରେ ଆତ୍ମା ନିମନ୍ତେ ଆନନ୍ଦ ସଂରକ୍ଷିତ କରି ରଖିଥାଏ । କିନ୍ତୁ ପରିଶେଷରେ ସେ ତାଙ୍କୁ ଜନ୍ମଦାନ କରିବେ; ସେ ସ୍ୱୟଂ (ପୃଥିବୀ) ନିମ୍ନଭାଗର ଅରଣି, ମନୋମୟ ସତ୍ତା ହେଉଛି ଉପରିସ୍ଥ ଅରଣି; ଉପରି ସତ୍ତାର ଚାପ ନିମ୍ନସତ୍ତା ଉପରେ ପଡ଼ିବା ଦ୍ୱାରା 'ଅଗ୍ନି' ଶିଖାର ଜନ୍ମ ଘଟିବ । ପରନ୍ତୁ ଏହି ଜନ୍ମ ଘଟିଥାଏ ଚାପ ପ୍ରୟୋଗ ଦ୍ୱାରା, ଏକ ପ୍ରକାରେ ମନ୍ଥନ ଦ୍ୱାରା । ସେହି କାରଣରୁ ତାଙ୍କୁ 'ଶକ୍ତି' ପୁତ୍ର ବୋଲାଯାଏ (ସହସଃ ପୁତ୍ରଃ) ।

ଉଦ୍‌ଗତ ହେବା ବେଳେ ଅଗ୍ନି ନିଜ କ୍ରିୟାବଳିରେ ବାହ୍ୟତଃ ଧୂମାଚ୍ଛନ୍ନ ଥାଆନ୍ତି । ପ୍ରଥମେ ସେ ଏକ ଶୁଦ୍ଧ 'ସଂକଳ୍ପ'ରେ ପରିଣତ ହୋଇ ନଥା'ନ୍ତି, ଯଦିଓ ତାଙ୍କର ମୂଳ ସ୍ୱରୂପରେ ସେ ସର୍ବଦା ଶୁଦ୍ଧ, ତଥାପି ସେ ହୋଇଥା'ନ୍ତି ଏକ ପ୍ରାଣିକ 'ସଂକଳ୍ପ', ଆମ ଅନ୍ତର୍ଗତ 'ପ୍ରାଣ'ର କାମନା, ଏକ ଧୂମାଚ୍ଛନ୍ନ ଶିଖା, ଆମ କୁଟିଳତାର ପୁତ୍ର, ନିଜ ତୃଣଭୂମିରେ ଚରୁଥିବା ଏକ 'ପଶୁ', ପୃଥିବୀର ବନରାଜିକୁ ଭକ୍ଷଣ କରିଯାଉଥିବା ଏକ ବେଗବାନ୍ ଶକ୍ତି, ଯାହାକୁ ସେ ଭକ୍ଷଣ କରନ୍ତି, ତାହାକୁ ସେ ବିଦାରଣ କରି ବିଧ୍ୱଂସ କରି ଦିଅନ୍ତି ଏବଂ ଯେଉଁଠି ପୃଥିବୀର ବନସ୍ଥଳୀର ପ୍ରଫୁଲ୍ଲତା ତଥା ଗରିମା ରହିଥିଲା ତା' ଉପରେ ନିଜର ମାର୍ଗ ସୃଷ୍ଟି କରିବା ନିମନ୍ତେ କୃଷ୍ଣ ଓ ଜ୍ୱଳନ୍ତ ଚିହ୍ନ ସେ ଛାଡ଼ି ଯାଆନ୍ତି । ଏହି ସମସ୍ତ ଭିତରେ ବିଶୋଧନର କ୍ରିୟାଟି ଚାଲୁଥାଏ, ଯଜମାନ ନିମନ୍ତେ ଏହି କ୍ରିୟା ସଚେତନ ହୋଇଥାଏ । ଅଗ୍ନି ବିଧ୍ୱଂସନ ତଥା ବିଶୋଧନ କରିଥାଏ । ଏହାଙ୍କ ସେହି କ୍ଷୁଧା ଓ ଇଚ୍ଛା ଯାହାର ପରିସର ଅସୀମ, ତାହା ଏକ ଉଚ୍ଚତର ବୈଶ୍ୱ ବ୍ୟବସ୍ଥାର ପ୍ରତିଷ୍ଠା କରିଥାଏ । ତାଙ୍କ ସଂବେଗୀ ବାସନା ନିୟନ୍ତ୍ରଣକୁ ଆସିଥାଏ ଏବଂ ଏହି ପ୍ରାଣିକ 'ସଂକଳ୍ପ' ଅର୍ଥାତ୍, 'ପ୍ରାଣ'ରେ ଏହି ଜ୍ୱଳନ୍ତ ବାସନା ଅଶ୍ୱରେ ପରିଣତ ହୋଇଯାଏ ଯିଏ ଆମକୁ ଉଚ୍ଚତର ସ୍ତରଗୁଡ଼ିକୁ ବହନ କରିନିଏ — ଏ ହେଉଛି ସେହି ଶ୍ୱେତାଶ୍ୱ ଯିଏ ଉଷାମାନଙ୍କ ସମ୍ମୁଖରେ ଧାବମାନ ।

ଧୂମାବୃତ ଗତିବିଧିରୁ ମୁକ୍ତି ଲାଭ କରି ସେ ଆମର ଆକାଶମଣ୍ଡଳଗୁଡ଼ିକରେ ଜଳି ଉଠନ୍ତି, ବିଶୁଦ୍ଧ-ମନର ମହାକାଶର ପରିମାପ କରନ୍ତି ତଥା ସ୍ୱର୍ଗର ପୃଷ୍ଠକୁ ଆରୋହଣ କରନ୍ତି । ଏହି ଅତି ବିରଳ ସ୍ତରଟିରେ ଦେବତା 'ତ୍ରିତ ଆପ୍ତ୍ୟ' ଏହି ଉଚ୍ଚ ଶିଖାବାନ୍ ଦେବଙ୍କୁ କରଗତ କରନ୍ତି ଏବଂ ଏପରି ଏକ ତୀକ୍ଷ୍ଣ ଆୟୁଧରେ ପରିଣତ କରନ୍ତି ଯାହା ଅଜ୍ଞାନତାର ସକଳ ପାପକୁ ଧ୍ୱଂସ କରିଦେବ । ଏହି ଦ୍ରଷ୍ଟୃସଂକଳ୍ପ ବନି ଯାଆନ୍ତି ଜ୍ଞାନ-ଶିଖାଗୁଡ଼ିକର ରକ୍ଷକ — ସୂର୍ଯ୍ୟଙ୍କ ଗୋଯୂଥ ସ୍ୱରୂପ ଏମାନେ ଜୀବନର ସେହିସବୁ ଚାରଣ ଭୂମିରେ ଚରୁଥା'ନ୍ତି ଯାହା ଦିତିସୁତ ଦୈତ୍ୟମାନଙ୍କ କବଳରୁ ଓ ଅନ୍ଧକାରରୁ ମୁକ୍ତ ଏବଂ ବିଦ୍ୱାନ୍ 'ସଂକଳ୍ପ'ର ଯୋଦ୍ଧୃ-ଶକ୍ତି ଦ୍ୱାରା ସୁରକ୍ଷିତ । ସେ ଅମୃତତ୍ୱକୁ ଲାଭ କରନ୍ତି ଏବଂ ମାନବ ପ୍ରାଣୀ ମଧ୍ୟରେ ତାଙ୍କର ସତ୍ୟ ଓ ଆନନ୍ଦର ବିଧାନକୁ ଅକ୍ଷୁଣ୍ଣ ରଖନ୍ତି । ପରିଶେଷରେ ଆମେ ମିଥ୍ୟା ଓ ଭ୍ରାନ୍ତିର ସମସ୍ତ କୁଟିଳତାକୁ ପାର କରିଯାଉ ଏବଂ ନୀଚ ଓ ଭଗ୍ନ ତଥା କୁଟିଳତାର ଭୂମିରୁ ଉଠି ରଜୁମାର୍ଗରେ ତଥା ସମୁଚ୍ଚ ଓ ମୁକ୍ତ ସ୍ତରଗୁଡ଼ିକରେ ଉପନୀତ ହେଉ । ସଂକଳ୍ପ ଓ ଜ୍ଞାନ ଏକ ହୋଇଯାଏ; ସିଦ୍ଧିପ୍ରାପ୍ତ ବ୍ୟକ୍ତି-ଆତ୍ମାର ପ୍ରତ୍ୟେକ ପ୍ରବୃତ୍ତି ନିଜ ଆତ୍ମସତ୍ତାର ମୂଳସତ୍ୟ ପ୍ରତି ସଚେତନ ହୋଇଯାଏ, ପ୍ରତ୍ୟେକ କର୍ମ ସଚେତନଭାବେ ସହର୍ଷେ ବିଜୟମଣ୍ଡିତ ରୂପେ ତାହାକୁ ସାର୍ଥକ କରିଥାଏ । ଯଜ୍ଞଶୀଳ ଆର୍ଯ୍ୟ ଯେଉଁ ବୈଦିକ ଅଗ୍ନିଙ୍କ ଉପାସନା କରନ୍ତି ସେହି ଦେବତା ଏହିପରି । ଏହି ଅମର

ଦେବତା ମର ଜୀବକୁ ତା' ଯଜ୍ଞ ଦ୍ୱାରା ଜୟ କରିଥା'ନ୍ତି । ଚିନ୍ତାଶୀଳ ଯୋଦ୍ଧା, ଶ୍ରମଶୀଳ ମାନବ ପରିଣତ ହୋଇଯାଏ ଜଣେ ଦ୍ରଷ୍ଟା ଋଷି, ଆତ୍ମଜୟୀ, ପାର୍ଥିବ ପ୍ରକୃତିର ରାଜା ।

ଏହି ଦିବ୍ୟ ଅଗ୍ନି ବେଦରେ ଭବ୍ୟ ଓ ବହୁଳଭାବେ ନାନା ରୂପ ମଧ୍ୟରେ କ୍ରମପର୍ଯ୍ୟାୟରେ ଅଭିହିତ ହୋଇଥା'ନ୍ତି । ଯଜ୍ଞର ସେ ଆନନ୍ଦମୟ ପୁରୋହିତ, ସ୍ୱକୀୟ ଆନନ୍ଦ ରୂପକ ମଦ୍ୟରେ ମଦାନ୍ୱିତ ଦୈବ-କ୍ରତୁ, ତରୁଣ ଋଷି, ଜାଗରୂକ ଦୂତ, ଗୃହ ମଧ୍ୟରେ ନିତ୍ୟ ସମିଦ୍ଧ ଅଗ୍ନିଶିଖା, ଦ୍ୱାରଯୁକ୍ତ ଆମର ବାସଭୂମିର ପ୍ରଭୁ, ପ୍ରିୟତମ ଅତିଥି, ଜୀବର ସ୍ୱାମୀ, ଜ୍ୱାଳାମୟ କେଶଦାମଧାରୀ ଋଷି, ଦିବ୍ୟ ଶିଶୁ, ଶୁଦ୍ଧ ତଥା ଅପାପବିଦ୍ଧ ମହାଦେବ, ଅଜେୟ ଯୋଦ୍ଧା, ଜନସମୂହଙ୍କ ସମ୍ମୁଖରେ ରହି ପଥସଂଚଳନ କରୁଥିବା ନେତା, ମରଗଣଙ୍କ ମଧ୍ୟର ଅମର, ମାନବ ମଧ୍ୟରେ ଦେବଗଣଙ୍କ ଦ୍ୱାରା ଅଧିଷ୍ଠାପିତ କର୍ମୀ, ଅପ୍ରତିହତ ଜ୍ଞାନଧାରୀ, ଅନନ୍ତ ସତ୍ତାଧାରୀ, 'ସତ୍ୟ'ର ବିରାଟ ଓ ଦୀପ୍ତିମୟ ସୂର୍ଯ୍ୟ, ଯଜ୍ଞର ଅଭିବର୍ଦ୍ଧକ ତଥା ଏହାର ପଦାକ୍ରମଗୁଡ଼ିକର ବିଜ୍ଞାତା, ଦିବ୍ୟ ବିବେକ, ଆଲୋକ, ଦୃଷ୍ଟି, ଦୃଢ଼ ଭିତ୍ତି । ସମଗ୍ର ବେଦରେ ଯେଉଁ ଯେଉଁ ସୂକ୍ତରେ ଏହି ଶକ୍ତିଶାଳୀ ତଥା ଦୀପ୍ତିମୟ ଦେବତାଙ୍କର ସ୍ତୁତିଗାନ କରାଯାଇ ଥିବାର ଆମେ ଦେଖିବାକୁ ପାଉଁ ସେଗୁଡ଼ିକ କାବ୍ୟିକ ରଂଜନାରେ ଅତ୍ୟନ୍ତ ଉତ୍କୃଷ୍ଟ, ଆଧ୍ୟାତ୍ମିକ ବ୍ୟଞ୍ଜନାରେ ଅତ୍ୟନ୍ତ ଗଭୀର, ରହସ୍ୟାତ୍ମକ ମାଦକତାରେ ଉଦାତ୍ତ । ସତେ ଯେମିତି ତାଙ୍କ ନିଜ ଶିଖା ଆହ୍ୱାନ ଓ ଆଲୋକ ତାଙ୍କର ସେହି କବିମାନଙ୍କ କଳ୍ପନାରେ ପ୍ରଜ୍ୱଳ ଆନନ୍ଦ ଦ୍ୱାରା ଅଧିକୃତ ହୋଇଥିଲା ।

କାବ୍ୟିକ ରୂପକର ଏହି ବହୁଳ ସ୍ୱରୂପ ବ୍ୟତୀତ ଆହୁରି କିଛି ପ୍ରତୀକାତ୍ମକ ରୂପରେଖ ରହିଛି ଯେଉଁଥିରେ ଦିବ୍ୟ 'ଅଗ୍ନି'ଙ୍କର ବିବିଧ ଜନ୍ମର ବର୍ଣ୍ଣନା ରହିଛି । ସେହି ବର୍ଣ୍ଣନାରେ ରହିଛି ଅତିବିଶେଷତାରେ ଭରା ବୈଚିତ୍ର୍ୟ । କେତେବେଳେ ସେ ଦ୍ୟୁଲୋକ ବା ଦିବ୍ୟପିତାଙ୍କର – 'ମନ' ବା 'ଆତ୍ମା'ର – ତଥା ଦିବ୍ୟମାତା ପୃଥିବୀର, ଅର୍ଥାତ୍, 'ଦେହ' ବା ପାର୍ଥିବ ପ୍ରକୃତିର ସନ୍ତାନ ତ କେତେବେଳେ ଏହି ଉଭୟ ଅରଣିରୁ ସମ୍ଭୂତ ଅଗ୍ନି; କେବେ କେବେ ଦ୍ୟୌଃ ଓ ପୃଥିବୀ ଉଭୟଙ୍କୁ ତାଙ୍କର ମାଆ ବୋଲି କୁହାଯାଇଛି, ଏହି ଉକ୍ତିଟି ସେତେବେଳେ ଆସେ ଯେତେବେଳେ ରୂପକଟି ଶୁଦ୍ଧ ମାନସିକ ଚୈତ୍ୟିକ ତଥା ଭୌତିକ ଚେତନା ଅଧିକତର ପ୍ରକାଶ୍ୟ ହୋଇଥାଏ । ସପ୍ତ ମାତାଙ୍କ ଶିଶୁ ରୂପେ ମଧ୍ୟ ତାଙ୍କୁ ସ୍ତୁତି କରାଯାଇଛି – କାରଣ ତାଙ୍କର ପୂର୍ଣ୍ଣାଙ୍ଗ ଜନ୍ମଗ୍ରହଣର ପରିଣାମ ହେଉଛି ଆମର ସଚେତନ ପାର୍ଥିବ ସ୍ଥିତିକୁ ଗଠନ କରୁଥିବା ସପ୍ତ ମୌଳିକ ସତ୍ୟ – ସେଥିରୁ ତିନିଟି ଅନନ୍ତ ଆଧ୍ୟାତ୍ମିକ, ଅନ୍ୟ ତିନିଟି କାଳାଧୀନ ସାନ୍ତ, ଅନ୍ୟଟି ଏହି ଉଭୟର ମଧ୍ୟବର୍ତ୍ତୀ – ଏହି ସମସ୍ତ ନିଜ ନିଜ ସ୍ଥିତି କ୍ରମରେ ସପ୍ତଲୋକର ଆଧାର । ଅନ୍ୟ ଦେବତାଙ୍କ ପରି ଏହାଙ୍କୁ ବି 'ସତ୍ୟ'-ସୂନୁ ବୋଲି କୁହାଯାଇଛି; ଏହି 'ସତ୍ୟ' ଏକ ସଙ୍ଗେ ତାଙ୍କର ଜନ୍ମସ୍ଥାନ ତଥା ନିବାସ । କେତେବେଳେ କୁହାଯାଇଛି ଯେ ସେହି ପ୍ରିୟତମ ସପ୍ତଧାରା ଏହାଙ୍କୁ ପରମେଶ୍ୱରଙ୍କ ନିମନ୍ତେ ଜନ୍ମ ଦେଇଥିଲେ; ଏଠାରେ ଏହି ପ୍ରତୀକଟି ମନେ ହୁଏ ତାଙ୍କର ସେହି ଉତ୍ସ ପ୍ରତି ଉଦ୍ଦିଷ୍ଟ ଯାହା ଶୁଦ୍ଧ 'ଆନନ୍ଦ'ର ଅନ୍ୟ ଏକ ସାର ସତ୍ୟ ଯାହା ସୃଷ୍ଟିର ମୂଳ-କାରଣ । ତାଙ୍କର ଗୋଟିଏ ରୂପ ହେଉଛି ସୌର ଆଲୋକ ଓ ଜ୍ୱାଳାମୟୀ ଶିଖା, ଦ୍ୱିତୀୟଟି ହେଉଛି ସ୍ୱର୍ଗୀୟ ଯାହା ମନ ମଧ୍ୟରେ ଅବସ୍ଥିତ, ତୃତୀୟଟିର ବାସସ୍ଥାନ ନଦୀମାନଙ୍କ ମଧ୍ୟରେ । 'ନିଶା' ଓ 'ଉଷା' ଏହାଙ୍କଠାରୁ ଉତ୍ପନ୍ନ, 'ଜ୍ଞାନ' ଓ 'ଅଜ୍ଞାନ' ଏ ଦୁହେଁ ଆମ ଦ୍ୟୁଲୋକରେ ତାଙ୍କର ଅଧିକାର ଅନୁଯାୟୀ ଜଣକ ପରେ ଜଣେ ଏହି ଦିବ୍ୟ 'ଶିଶୁ'କୁ ସ୍ତନ୍ୟପାନ କରାନ୍ତି । ଆହୁରି ମଧ୍ୟ 'ମାତରିଶ୍ୱା', 'ପ୍ରାଣ'ର ଦେବତା, ଦେବଗଣଙ୍କ ନିମନ୍ତେ ପୃଥିବୀର ବନରାଜି ମଧ୍ୟରେ ତାଙ୍କୁ ଗୁପ୍ତ ରୂପେ ପ୍ରରୋପିତ କରିଛନ୍ତି, ମାନବ, ପଶୁ ଓ ଉଦ୍ଭିଦ ପ୍ରଭୃତି ଜୀବଗଣଙ୍କ ମଧ୍ୟରେ ପ୍ରଚ୍ଛନ୍ନ କରିଛନ୍ତି, ସେହି ମହା 'ସ୍ରୋତସ୍ୱିନୀ'ମାନଙ୍କ ମଧ୍ୟରେ ସଂଗୁପ୍ତ କରି ରଖିଛନ୍ତି । ଏହି ଜଳଧାରଗୁଡ଼ିକ ହେଉଛନ୍ତି ସପ୍ତନଦୀ, ଏମାନେ ଜ୍ୟୋତିର୍ମୟ ଲୋକ (ସ୍ୱର୍ଲୋକ)ର ଅନ୍ତର୍ଗତ, ଏମାନେ ସ୍ୱର୍ଗଲୋକରୁ ସେତିକିବେଳେ ଅବତରଣ କରନ୍ତି ଯେତେବେଳେ 'ଇନ୍ଦ୍ର', ଐଶ୍ୱର ମନ, ଆବରକ 'ଅଜଗର' (ବୃତ୍ର)କୁ ହତ୍ୟା କରି ଦିଅନ୍ତି; ଆଲୋକ ଓ ସ୍ୱର୍ଗୀୟ ପ୍ରାଚୁର୍ଯ୍ୟରେ ଭରି ହୋଇ ଏହି ନଦୀମାନ ଅବତରଣ କରନ୍ତି, ସ୍ୱଚ୍ଛତା ଏବଂ ମାଧୁର୍ଯ୍ୟ ହେଉଛି ସେମାନଙ୍କର ସ୍ୱଧର୍ମ, ମାଧୁର୍ଯ୍ୟ କହିଲେ ସୁମିଷ୍ଟ ଦୁଗ୍ଧ, ଲବଣୀ ଓ ମଧୁ । ଏହି ସପ୍ତ ପୋଷୟିତ୍ରୀ ଧେନୁଙ୍କଠାରୁ, ଏହି ପ୍ରାଚୁର୍ଯ୍ୟଦାୟିନୀ ଜନନୀମାନଙ୍କଠାରୁ 'ଅଗ୍ନି'ଙ୍କ ଜନ୍ମ ହେଉଛି ତାଙ୍କର ପାର୍ଥିବ ଜନ୍ମଗୁଡ଼ିକ ମଧ୍ୟରେ ମହତ୍ତମ ଜନ୍ମ । ଏମାନଙ୍କ ଦ୍ୱାରା ପରିପୁଷ୍ଟ ହୋଇ 'ପ୍ରାଣ' ରୂପକ 'ଅଶ୍ୱାବୃନ୍ଦ' ରୂପେ ସେ ନିଜ ଦିବ୍ୟ ମହିମା ପ୍ରାପ୍ତି ଦିଗରେ ବିକଶିତ ହୋଇ ଉଠିବା ସଙ୍ଗେ ସଙ୍ଗେ ମନୁଷ୍ୟର ସକଳ ସ୍ତରକୁ ତାଙ୍କ ନିଜ ପ୍ରଜ୍ୱଳ

ଅଙ୍ଗଗୁଡ଼ିକ ଦ୍ୱାରା ପରିପୂର୍ଣ୍ଣ କରି ମାନବାତ୍ମା ମଧ୍ୟରେ ସେଗୁଡ଼ିକର ରାଜ୍ୟ ଗଠନ କରି ତାକୁ ଦିବ୍ୟ 'ସତ୍ୟ'ର ପ୍ରତିରୂପ ପ୍ରଦାନ କରିଥା'ନ୍ତି ।

ଏହି ସମସ୍ତ ରୂପକର ବିବିଧ ଓ ନମନୀୟ ଉପଯୋଗ — ବେଳେବେଳେ ଦେଖାଯାଏ ଯେ ସେହି ଗୋଟିଏ ସୂକ୍ତରେ ଏଗୁଡ଼ିକର ପ୍ରୟୋଗ ତୀବ୍ର ଗତିରେ ଏକ ପର ଅନ୍ୟର ଘଟିଛି — ଏହା ଏପରି ଏକ ସମୟରେ ଘଟିଥିଲା ଯେତେବେଳେ ପ୍ରତୀକଗୁଡ଼ିକର ସଚେତନ ଉପଯୋଗ ହେଉଥିଲା, ରୂପକଗୁଡ଼ିକ ଗାଥା ମଧ୍ୟକୁ ଆସି କଠୋର ହୋଇଯାଇ ନଥିଲେ କି ନିର୍ଦ୍ଦିଷ୍ଟ ରୂପରେଖ ନେଇ ନଥିଲେ । ପରନ୍ତୁ ସେଗୁଡ଼ିକ ଅବ୍ୟାହତ ରୂପେ ଥିଲେ ଏକ ଏକ ରୂପକଳ୍ପ ତଥା ରୂପକଥା ଯାହା ଅଦ୍ୟାବଧି ମୌଳିକ କଳ୍ପନା ମଧ୍ୟରେ ଜୀବିତ ଏବଂ ତଥାପି ନମନୀୟ ।

ଅଗ୍ନିଙ୍କ ବିଷୟରେ ଥିବା କଥାନକ ବିଷୟରେ କହିବାକୁ ଗଲେ, ଅଳ୍ପ ବର୍ଣ୍ଣିତ ପ୍ରତୀକ ବ୍ୟତୀତ ବିକଶିତ ସୁନିର୍ଦ୍ଦିଷ୍ଟ ଗାଥା ହୁଏତ ବିରଳ ଅଥବା ଆଦୌ ନାହିଁ — ଇନ୍ଦ୍ର ଓ ଅଶ୍ୱିନୟୁଗଳଙ୍କ ନାମରେ କଥାନକର ସମ୍ଭାର ଯେତେ ଅଛି ସେହି ଦୃଷ୍ଟିରୁ ଏହା ତା'ର ବିପରୀତ । ସେହି 'ଅଜଗର'-ବଧ, ଗୋଧନର ଉଦ୍ଧାର, ଦସ୍ୟୁଗଣଙ୍କ ବିନାଶ ପ୍ରଭୃତି ଯେଉଁ କାର୍ଯ୍ୟ ଇନ୍ଦ୍ର କରନ୍ତି ସେଥିରେ ଅଗ୍ନି ଅଂଶଗ୍ରହଣ କରନ୍ତି; ତାଙ୍କ ନିଜ କ୍ରିୟାକଳାପ ହେଉଛି ବିଶ୍ୱାତ୍ମକ, କିନ୍ତୁ ତାଙ୍କର ଉଚ୍ଚତମ ଗରିମା ସତ୍ତ୍ୱେ ଅଥବା ଏହି କାରଣରୁ ହୋଇପାରେ କୌଣସି ପୃଥକ୍ ସାଫଲ୍ୟ ସେ ଚାହାନ୍ତି ନାହିଁ ଏବଂ ଅନ୍ୟ ଦେବଗଣଙ୍କ ଅପେକ୍ଷା ନିଜ ପ୍ରାଧାନ୍ୟ ସେ ଦାବି କରନ୍ତି ନାହିଁ । ମାନବ ପାଇଁ ତଥା ସହାୟକ ଦେବତାଙ୍କ ପାଇଁ କର୍ମୀଟିଏ ହେବାରେ ସେ ସନ୍ତୁଷ୍ଟ । ମହାନ୍ ଆର୍ଯ୍ୟକର୍ମର ସେ କର୍ତ୍ତା ଏବଂ ପୃଥିବୀ ଓ ସ୍ୱର୍ଗ ମଧ୍ୟରେ ସେ ଜଣେ ବିଶୁଦ୍ଧ ତଥା ଉତ୍କୃଷ୍ଟ ମଧ୍ୟସ୍ଥ । ନିଷ୍କାମ ବିନିଦ୍ର ଅଜେୟ ଏହି ଦିବ୍ୟ-ସଂକଳ୍ପ-ଶକ୍ତି ସର୍ବଭୂତରେ ଅଧିବାସ କରି ଜଣେ ବିଶ୍ୱାତ୍ମକ ଆତ୍ମଶକ୍ତି ରୂପେ ଜଗତ୍ ମଧ୍ୟରେ କର୍ମ କରୁଥା'ନ୍ତି, ସେ ବୈଶ୍ୱାନର, ସେ ମହତ୍ତମ, ଶକ୍ତିମତ୍ତମ, ବୈଶ୍ୱଦେବଗଣଙ୍କ ମଧ୍ୟରେ ସେ ସର୍ବାଧିକ ତେଜସ୍ୱୀ ଓ ନିର୍ବ୍ୟକ୍ତିକ ।

ଏହି ଭାଗରେ ଅଗ୍ନି ନାମଟିକୁ ଏହାର ପ୍ରସଙ୍ଗ ଅନୁସାରେ ଶକ୍ତି ବଳ ସଂକଳ୍ପ ଐଶ୍ୱର ସଂକଳ୍ପ ପ୍ରଭୃତି ରୂପେ ଅନୁବାଦ କରାଯାଇଛି । ଆବଶ୍ୟକସ୍ଥଳେ ଋଷିଙ୍କ ନାମ ସହିତ ସେମାନଙ୍କର ମାର୍ମିକ ଅର୍ଥ ମଧ୍ୟ ପ୍ରଦତ୍ତ ହୋଇଛି । ଯଥା — ପ୍ରଥମ ସୂକ୍ତରେ 'ଗବିଷ୍ଠିର', ଏହାର ତାତ୍ପର୍ଯ୍ୟାର୍ଥ ହେଲା 'ଆଲୋକରେ ଯିଏ ସ୍ଥିର ପ୍ରତିଷ୍ଠ', ଅଥବା ସର୍ବବିଦିତ ନାମ 'ଅତ୍ରି' । 'ଅତ୍ରି'ର ଅର୍ଥ 'ଭକ୍ଷକ' ଅନ୍ୟଥା 'ପର୍ଯ୍ୟଟକ'; ଅଗ୍ନି ସ୍ୱୟଂ 'ଅତ୍ରି' ଠିକ୍ ଯେପରି ସେ 'ଅଙ୍ଗିରସ'; ଗ୍ରସନଶୀଳ କାମନା, ଜାଗତିକ ରୂପାବଳୀର ଅନୁଭୂତି ଓ ଭୋଗ ପ୍ରଭୃତି ମଧ୍ୟରୁ ଉଠି ସେ ମୁକ୍ତ ସତ୍ୟ ପ୍ରତି ତଥା ନିଜ ଅନନ୍ତ ସତ୍ତାର ଅଧିକାର ମଧ୍ୟରେ ଉପନୀତ ବ୍ୟକ୍ତି-ଆତ୍ମାର ଆନନ୍ଦ ପ୍ରତି ଆଗେଇ ଚାଲନ୍ତି ।

(କ୍ରମଶଃ)

[*'The Secret of the Veda'*, Part - III, ***Agni, the Divine Will-Force,*** pp. 389-392]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର ❖

ଯେଉଁମାନେ ନିଜକୁ ଭଗବାନଙ୍କ ପାଖରେ ନିବେଦନ କରି ଦେଇଛନ୍ତି ସେମାନେ ସମ୍ମୁଖୀନ ହେଉଥିବା ପ୍ରତିଟି ବାଧାବିଘ୍ନ ସେମାନଙ୍କ ପାଇଁ ଅଗ୍ରଗତିର ଏକ ନୂତନ ପ୍ରତିଶ୍ରୁତି ବହନ କରେ ଏବଂ ଏହି ଭାବରେ ସେଗୁଡ଼ିକୁ ଦିବ୍ୟକୃପାରୁ ମିଳୁଥିବା ଅବଦାନ ରୂପେ ଗ୍ରହଣ କରିବା ଉଚିତ ।

— ଶ୍ରୀମା

# ୨୯ ମାର୍ଚ୍ଚ ୧୯୧୪
# ବିବର୍ତ୍ତନର ଇତିହାସରେ ମହତ୍ତମ ମୁହୂର୍ତ୍ତ
## ସ୍ମରଣ ଓ ଶ୍ରଦ୍ଧାଞ୍ଜଳି

**ଶ୍ରୀ ମନୋଜ ଦାସ**

ପୂର୍ବରୁ ନିର୍ଦ୍ଧାରିତ ଭାବେ ହେଉ ଅଥବା ସାଧାରଣ ଦୃଷ୍ଟିରେ ଆକସ୍ମିକ ଭାବେ ହେଉ, କେବେ କେବେ ଦୁଇ ବ୍ୟକ୍ତିଙ୍କର ପରସ୍ପର ପ୍ରଥମ ସାକ୍ଷାତ୍ ଇତିହାସରେ ସୃଜିପାରେ ବିପୁଳ ବା ବୈପ୍ଳବିକ ପରିବର୍ତ୍ତନ; ମହାକାଳର ପ୍ରବାହକୁ ତାହା ଦେଇପାରେ ଏକ ଯୁଗାନ୍ତକାରୀ ଗତିପଥର ସଙ୍କେତ । କେବେ ଦୃଶ୍ୟମାନ ସ୍ଥୂଳ ସ୍ତରରେ; କେବେ ବା ଅତୀନ୍ଦ୍ରିୟ ସ୍ତରରେ ।

ବହୁ ବିଦିତ ଦୁଇଟି ଦୃଷ୍ଟାନ୍ତ ସ୍ମରଣ କରାଯାଉ । ପ୍ରଥମଟି ସ୍ଥୂଳ । ମଗଧର ନନ୍ଦରାଜ-ଶାସନ ଦ୍ୱାରା ଅପମାନିତ ଯୁବକ ଚନ୍ଦ୍ରଗୁପ୍ତ(ମୌର୍ଯ୍ୟ)ଙ୍କ ସହ ଅକସ୍ମାତ୍ ନନ୍ଦ-ବିରୋଧୀ କ୍ରୁଦ୍ଧ ବ୍ରାହ୍ମଣ ଚାଣକ୍ୟଙ୍କ ଭେଟ ହୋଇଗଲା । ଭାରତର ରାଜନୈତିକ ଭାଗ୍ୟରେ ସେତିକି ବେଳେ ଅନ୍ୟ ସଭିଙ୍କ ଅଜାଣତରେ ଏକ ବିପୁଳ ପରିବର୍ତ୍ତନର ଭୂମିକା ପ୍ରସ୍ତୁତ ହୋଇଗଲା ।

ଏହା ତ ମାତ୍ର ଦୁଇ ହଜାର ତିନିଶହ ବର୍ଷ ତଳର ଇତିହାସର କଥା । ଯିବା ବହୁ ପ୍ରାଚୀନ ପୁରାଣ ଯୁଗକୁ । ରାଜକୁମାରଟିଏ ଆସି ରାଜା ଜନକଙ୍କ ହେପାଜତରେ ଥିବା ମହାଦେବଙ୍କ ଆଶିଷପୂତ ଅସ୍ତ୍ର ହରଧନୁ ଭାଙ୍ଗି ପକାଇବ ? ଶିବଭକ୍ତ ପରଶୁରାମଙ୍କ ପାଇଁ ଏହା ଅସହ୍ୟ । ସେ ତଡ଼ିତ୍-ବେଗରେ ଆସି ଉପନୀତ ହେଲେ ସେ ଉଦ୍ଧତ ଯୁବକ ସହ ମୁକାବିଲା ଉଦ୍ଦେଶ୍ୟରେ । ହେଲା ରାମଚନ୍ଦ୍ର-ପରଶୁରାମ ସାକ୍ଷାତ୍ । ଚେତନାର କ୍ରମବିକାଶର ଇତିହାସରେ ସେହି ମୁହୂର୍ତ୍ତରେ ହେଲା ଏକ ନବଯୁଗର ପ୍ରଭାତ । ପରଶୁରାମ ଥିଲେ ରୁଦ୍ର ପ୍ରତାପର ଅବତାର । କ୍ଷମତାମତ୍ତ ଔଦ୍ଧତ୍ୟକୁ ଦମନ କରିବା ନିମନ୍ତେ ପ୍ରତିଶୋଧର ସ୍ଥୂଳ ରୂପ କୁଠାରହିଁ ସେ ପ୍ରୟୋଗ କରି ଚାଲିଥିଲେ । ସ୍ଥୂଳ ସ୍ତରରେ ଅପଶକ୍ତି ବିରୋଧରେ ଶୁଦ୍ଧ ଶକ୍ତିର ଅଭିଯାନ ଅଦ୍ୟାବଧି ଅବ୍ୟାହତ ରହିଛି, କିନ୍ତୁ ଶୁଦ୍ଧ ଶକ୍ତିର ଆଦର୍ଶ ରୂପେ ରାମଚନ୍ଦ୍ର-ପ୍ରବର୍ତ୍ତିତ ନୈତିକତା ଏବଂ ସତ୍ୟ-ପରାୟଣତାର ଅଭିଷେକ ସେତିକି ବେଳେ ହେଲା ଯେତେବେଳେ ପରଶୁରାମଙ୍କ ଅବତାର-ମହତ୍ତ୍ୱ ଶ୍ରୀରାମଙ୍କ ଭିତରେ ବିଲୀନ ହୋଇଗଲା; ସେ ତେଣିକି ଜଣେ ଋଷି ମାତ୍ର ହୋଇ ରହିଲେ । ଶ୍ରୀରାମଙ୍କ ଦ୍ୱାରା ପ୍ରସ୍ତୁତ ନୂତନ ଚେତନାର ଭିତ୍ତି ଉପରେହିଁ ସମ୍ଭବ ହେଲା ଶ୍ରୀକୃଷ୍ଣଙ୍କ ଅବତାର; ବିପୁଳ ଆଧ୍ୟାତ୍ମିକ ପ୍ରଜ୍ଞାର ଅବତରଣ ।

୧୯୧୪ ମସିହା ମାର୍ଚ୍ଚ ମାସ ୨୯ ତାରିଖ ଅପରାହ୍ଣରେ ଯେଉଁ ସାକ୍ଷାତ୍‌ଟି ସମ୍ଭବପର ହୋଇଥିଲା, ତାହା ଉପରୋକ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ସାକ୍ଷାତ୍ ତାଲିକାରେ ମହତ୍ତମ ସଂଯୋଜନ । ର୍ୟୁ ଫ୍ରାନ୍‌ସୁଆ ମାର୍ତ୍ତାସ୍ଥିତ ଶ୍ରୀଅରବିନ୍ଦଙ୍କ ବାସଗୃହର ଦ୍ୱିତଳରେ ଶ୍ରୀମା' ଶ୍ରୀଅରବିନ୍ଦଙ୍କୁ ଭେଟିଥିଲେ । ସେହି ମୁହୂର୍ତ୍ତରେ (ଦିନ ୩ଟା ୩୦ ମିନିଟ ପ୍ରାୟ) ସେ ହୃଦୟଙ୍ଗମ କରିଥିଲେ, ପୃଥିବୀର ଅସଂଖ୍ୟ ଲୋକ ଅଜ୍ଞାନ ତିମିରରେ ରହିଥା'ନ୍ତୁ ନା କାହିଁକି, ଭୂପୃଷ୍ଠରେ ଶ୍ରୀଅରବିନ୍ଦଙ୍କ ଉପସ୍ଥିତିହିଁ ଦିନେ ସେ ଅଜ୍ଞାନ ଆଲୋକରେ ରୂପାନ୍ତରିତ ହେବାର ତଥା ଦିବ୍ୟଯୁଗର ଆଗମନର ନିଶ୍ଚିତ ପ୍ରତିଶ୍ରୁତି ।

ବିଶ୍ୱାସର ଏ ଦଲିଲ ଅନନ୍ୟ ।

ସେହି ମୁହୂର୍ତ୍ତରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସ୍ୱରୂପ ନିର୍ଣ୍ଣୟ କରି ପାରିଲେ ବୋଲି ଆମେ ଆଜି ତାହା ଜାଣୁଛୁ ।

ବିଧାତାର ପଞ୍ଜିକାରେ ସେହି ମୁହୂର୍ତ୍ତରେ ସ୍ପଷ୍ଟ ହୋଇ ଉଠିଥିବ ଶ୍ରୀମାଙ୍କ ଭୂମିକା – ଶ୍ରୀଅରବିନ୍ଦଙ୍କ ଯୋଗଯଜ୍ଞରେ ସେ ହେବେ ପୁରୋହିତ, ହେବେ ଆହୁତି, ଚେତନାର ରହସ୍ୟଲୋକରେ ସେ ନିଜକୁ ସମର୍ପଣ କରିବେ ଯୋଗେଶ୍ୱରଙ୍କ ଦୁଃସହ ପରୀକ୍ଷା-ନିରୀକ୍ଷାର କଦବା ଆଧାର, କଦବା ସହଯୋଗୀ, କଦବା ସହକାରୀ, କଦବା ନିରୀକ୍ଷକ ଏବଂ କଦବା ଧାତ୍ରୀ ରୂପେ ।

ଶ୍ରୀମାଙ୍କୁ ଇତିହାସର ବିଡ଼ମ୍ବନା ହେତୁ ଫ୍ରାନ୍‌ସ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିଲା ସତ, କିନ୍ତୁ ସେ ଯୋଗଯଜ୍ଞର ସୂତ୍ରପାତ ହୋଇ ସାରିଥିଲା । ୧୯୨୦ ମସିହା ଏପ୍ରିଲ ୨୪ରେ ତାଙ୍କ ପୁନରାଗମନ ଉତ୍ତାରୁ ତାହା ଯେଉଁ ଯୁଗ୍ମ ତପସ୍ୟାର

ରୂପ ନେଲା, ଆମ ମନବୁଦ୍ଧିର ମାଧ୍ୟମ ଯୋଗେ ତା'ର ଆକଳନ ଅସମ୍ଭବ । କିନ୍ତୁ ଆକାଶକୁ ମାପି ନପାରିଲେ ମଧ୍ୟ ମହାଶୂନ୍ୟକୁ ଦୃଷ୍ଟିପାତ କଲେ ତା'ର ଅସୀମତାର ଧାରଣା କରି ହୁଏ । ସେହି ରୀତିରେ, ମାତୃବିଭୂତି ପ୍ରତି ଆସ୍ଥାଶୀଳ ହୋଇ ତାଙ୍କ ପ୍ରତି ଉନ୍ମୁଖ ହେଲେ ସେ ଅଭୂତପୂର୍ବ ତପସ୍ୟାର ଉଣାଧିକ ଉତ୍ତାପ ଅନୁଭବ କରି ହୁଏ । ଯେଉଁ ଅନୁଭୂତିକୁ ଅନ୍ୟ କୌଣସି ଉପଯୁକ୍ତ ଶବ୍ଦ ଅଭାବରୁ ଏ ଲେଖକ ଉତ୍ତାପ ବୋଲି କହୁଛି, ତାହା ସୌମ୍ୟ ଉତ୍ତାପ; ବିନା ପ୍ରଦାହରେ ତାହା ଆମର ଶୀତଳ ଚେତନାରେ ସଞ୍ଚାର କରେ ସଞ୍ଜୀବନୀର ଉଷ୍ମତା ।

ସ୍ଥୂଳ ଜୀବନରେ ମଧ୍ୟ ଶ୍ରୀମାଙ୍କର ପ୍ରତି ପଦକ୍ଷେପ ଥିଲା ସାଙ୍କେତିକ । ତାଙ୍କର ସମସ୍ତ କର୍ମ ପଶ୍ଚାତରେ ପ୍ରଚ୍ଛନ୍ନ ଥିଲା ଅତିଭୌତିକ ହେତୁ । ଆଧ୍ୟାତ୍ମିକ ଅନ୍ତର୍ଦୃଷ୍ଟି ବିନା ତାହାର ତାତ୍ପର୍ଯ୍ୟ ବୁଝି ହେବ ନାହିଁ । କିନ୍ତୁ ଭକ୍ତିସିକ୍ତ ମନ ତା'ର ଆଭାସ ଲାଭ କରିବାରୁ ବଞ୍ଚିତ ହୁଏ ନାହିଁ ।

ଶ୍ରୀମାଙ୍କ ସ୍ଥୂଳ ଜୀବନର ପ୍ରାସଙ୍ଗିକ ଇତିବୃତ୍ତ ଏହିପରି : ୧୮୭୮ ମସିହା ଫେବ୍ରୁଆରୀ ୨୧ ତାରିଖରେ ପ୍ୟାରିସ ନଗରୀରେ ସେ ହୋଇଥିଲେ ଭୂମିଷ୍ଠ । ତହିଁର ମାତ୍ର ବର୍ଷକ ପୂର୍ବରୁ ତାଙ୍କ ପିତାମାତା ମରିସ୍ ଆଲ୍‌ଫାସା ଏବଂ ମାତିଲ୍‌ଦେ ଆଲ୍‌ଫାସା ଇଜିପ୍ଟରୁ ଆସି ଫରାସୀ ମାଟିରେ ବସବାସ ଆରମ୍ଭ କରିଥିଲେ ।

ଶ୍ରୀମାଙ୍କ ଜନନୀ ମାଡାମ୍ ଆଲ୍‌ଫାସା ଇଜିପ୍ଟର ପ୍ରଖ୍ୟାତ ତଥା ସୁପ୍ରାଚୀନ ସମ୍ରାଟ ବା ଫାରୋ (Pharaoh)ମାନଙ୍କ ବଂଶଧର ।

ଶୈଶବାବସ୍ଥାରେ ମୀରା ନାମରେ ପରିଚିତ ଶ୍ରୀମା କିପରି ଦୀର୍ଘ ସମୟ ଧ୍ୟାନାବିଷ୍ଟ ହୋଇ ରହୁଥିଲେ, ତାଙ୍କ ପରାଦୃଷ୍ଟିରେ କିପରି ଜଣକ ପରେ ଜଣେ ଅଧ୍ୟାତ୍ମ ପୁରୁଷଙ୍କୁ ଦେଖୁଥିଲେ, ସେମାନଙ୍କ ଭିତରେ ସର୍ବାଧିକ ଅନ୍ତରଙ୍ଗ ଜଣଙ୍କୁ – ଶବ୍ଦଟିର ତାତ୍ପର୍ଯ୍ୟ ନବୁଝି ମଧ୍ୟ ସ୍ୱତଃସ୍ଫୂର୍ତ୍ତ ଭାବରେ 'କୃଷ୍ଣ' ବୋଲି ନିଜେ ଅଭିହିତ କରୁଥିଲେ, ତାରୁଣ୍ୟରେ ଚିତ୍ରକଳାରେ ଅସାଧାରଣ ବ୍ୟୁତ୍ପତ୍ତି ଲାଭ, ଅତୀନ୍ଦ୍ରିୟ ବିଜ୍ଞାନରେ ବିପୁଳ ସାଫଲ୍ୟ – ଏସବୁର ବିବରଣୀ ଆଗ୍ରହୀମାନଙ୍କୁ ବିଦିତ । ଶ୍ରୀମାଙ୍କ ସହ ବହୁବିଧ ଆଦାନପ୍ରଦାନ ଭିତରେ, ପ୍ରଶ୍ନୋତ୍ତର ଅବସରରେ, ସେ ଆମକୁ କହିଛନ୍ତି : ''ଏ ଶରୀରର ସ୍ଥୂଳ ସ୍ଥିତି-ଭିତ୍ତିକ ବିଶେଷ ବିବରଣୀ ସଂପର୍କରେ ପ୍ରଶ୍ନ କର ନାହିଁ । ... ଏ ଜୀବନବ୍ୟାପୀ, ଜ୍ଞାତସାରରେ ହେଉ ବା ଅଜ୍ଞାତ ସାରରେ, ଭଗବାନ୍ ଯାହା ଚାହିଁଛନ୍ତି, ମୁଁ ତାହାହିଁ ହୋଇଛି, ଭଗବାନ୍ ଯାହା ଚାହିଁଛନ୍ତି, ମୁଁ ତାହାହିଁ କରିଛି । ସେତିକହିଁ ଅର୍ଥପୂର୍ଣ୍ଣ ।''(୧)

କିନ୍ତୁ ଥରେ ଥରେ ତାଙ୍କ ସ୍ମୃତିରେ ଉଦ୍‌ଭାସିତ ହେଉଥିଲା ସେ ବହୁ ଅତୀତରେ ଛାଡ଼ି ଆସିଥିବା ନିଜ ପୂର୍ବ-ଜନ୍ମସବୁର ଚିତ୍ର । ହଜାର ହଜାର ବର୍ଷ ତଳର ଦୃଶ୍ୟସବୁ ହୋଇ ଉଠୁଥିଲେ ପୁନରୁଜ୍ଜୀବିତ ।

ଥରେ ୧୯୫୬ ମସିହାରେ, ସେମିତି ଏକ ଦୃଶ୍ୟ ସେ ବର୍ଣ୍ଣନା କରିଥିଲେ ତାଙ୍କ ସ୍ନେହଧନ୍ୟ ସନ୍ତାନବର୍ଗଙ୍କ ସମ୍ମୁଖରେ । ସ୍ଥାନ – ଇଜିପ୍ଟ । ଏକ ବିରାଟ ପ୍ରାସାଦ ଭିତରେ ଅର୍ଦ୍ଧନଗ୍ନ ଶିଶୁଟିଏ ଗୋଟିଏ ଆବର୍ଜନାବାହୀ ନାଳ ପାଖରେ ଖେଳୁଥିବାର ସେ ଦେଖିଲେ । ପିଲାଟିର ଶିକ୍ଷକ ଉପରେ ସେ ବିରକ୍ତ ହୁଅନ୍ତେ ସେ କୈଫିୟତ୍ ଦେଲେ, 'କିନ୍ତୁ ଆମେନ୍‌ହୋଟେପ୍‌ଙ୍କୁ ତ ଏଇଟା ଭଲ ଲାଗେ !'

ଶ୍ରୀମା'ଙ୍କର ମନେ ପଡ଼ିଗଲା । ସେ କହିଲେ, ''ସେ ପିଲାଟି ଆମେନ୍‌ହୋଟେପ୍ ବୋଲି ବୁଝିଲି । ... ଏବଂ ଏହା ମଧ୍ୟ ଜାଣିଲି ଯେ ମୁଁ ଥିଲି ତା'ର ମାଆ ।''(୨)

ଇଜିପ୍ଟର ବିସ୍ତୃତ ଇତିହାସରେ ଅଷ୍ଟାଦଶ ସମ୍ରାଟ ବଂଶରେ ଥିଲେ ଚାରିଜଣ ଆମେନ୍‌ହୋଟେପ୍ । ଏ ଲେଖକର ବିଶ୍ୱାସ (ଅନ୍ୟାନ୍ୟ ପ୍ରାସଙ୍ଗିକ ବିବରଣୀକୁ ବିଚାରକୁ ନେଇ), ଶ୍ରୀମା ଖ୍ରୀଷ୍ଟପୂର୍ବ ପଞ୍ଚଦଶ ଶତାବ୍ଦୀରେ ରାଜୁତି କରିଥିବା ଦ୍ୱିତୀୟ ଆମେନ୍‌ହୋଟେପ୍‌ଙ୍କୁ ବୁଝାଇଛନ୍ତି । ବିଶ୍ୱ-ଇତିହାସରେ ପ୍ରଥମ ନାରୀ-ଶାସିକା ସାମ୍ରାଜ୍ଞୀ ହୁସେପ୍‌ସୁଟ ଥିଲେ ତାଙ୍କ ଜନନୀ ।

ଶ୍ରୀମାଙ୍କର ସ୍ୱନାମଧନ୍ୟ ଜୀବନୀକାର ଡ. ଶ୍ରୀନିବାସ ଆୟେଙ୍ଗାର ଲେଖିଛନ୍ତି : ଇତିହାସର ଦିଗ୍‌ବଳୟରେ କେତେ ଅତୀତ – ସୁଦୂର ଅତୀତ ପର୍ଯ୍ୟନ୍ତ ବିସ୍ତାରିତ ଥିଲା ଶ୍ରୀମାଙ୍କ ଚେତନା, ସେହି କଥାଟିହିଁ ଏଠାରେ ତାତ୍ପର୍ଯ୍ୟପୂର୍ଣ୍ଣ । ସୁପ୍ରାଚୀନ କାଲ୍‌ଡ଼ିଆନ୍, ଫୋଣେସିଆନ୍, ଇଜିପ୍‌ସିଆନ୍, ଆର୍ଯ୍ୟ, ୟୁରୋପୀୟ – ସବୁ ଥିଲା ସେଇ ସ୍ମୃତିର ଅନ୍ତର୍ଭୁକ୍ତ । କୌଣସି ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ସୀମିତ ନୁହେଁ ତାଙ୍କ ମହାପ୍ରାଣ ।(୩)

ଶ୍ରୀମାଙ୍କର ଉପରୋକ୍ତ ସ୍ମୃତିଚାରଣ ଅଧିକ ଭାସ୍ୱର ହୋଇଉଠେ ୧୯୭୨ ମସିହାର ମାର୍ଚ୍ଚ ୧୪ ତାରିଖରେ ତାଙ୍କ ବାର୍ତ୍ତାର ପଟ୍ଟଭୂମିରେ : ''ଏ ଧରିତ୍ରୀର ପ୍ରାରମ୍ଭରୁ ଯେଉଁଠାରେ ଏବଂ ଯେତେବେଳେ ଚେତନାର ସାମାନ୍ୟ ରଶ୍ମିରେଖାଟିଏ ପ୍ରକଟିତ କରିବାର ସମ୍ଭାବନା ଥିଲା, ସେତେବେଳେହିଁ ମୁଁ ଥିଲି ବିଦ୍ୟମାନ ।''(୪)

ଶ୍ରୀମାଙ୍କ ସ୍ଥାୟୀ ଆଗମନ ପୂର୍ବରୁ ଆଶ୍ରମ ନଥିଲା । କେତେଜଣ ଏକାନ୍ତ ବିଶ୍ୱସ୍ତ ଓ ଅନୁରକ୍ତ ସେବକଙ୍କ ଗହଣରେ ଶ୍ରୀଅରବିନ୍ଦ ଥିଲେ ଯୋଗମଗ୍ନ । ସେ ସେବକମାନେ ଥିଲେ ଅତ୍ୟନ୍ତ ଭଦ୍ର, ବିବେକୀ ତଥା ବୁଦ୍ଧିଦୀପ୍ତ । କିନ୍ତୁ ସେମାନଙ୍କ ସ୍ୱାଭିମାନ ଥିଲା ଖୁବ୍ ଉଗ୍ର । ପରିବର୍ତ୍ତନଶୀଳ ପୃଥିବୀ ସଂପର୍କରେ ଯଥେଷ୍ଟ ଜ୍ଞାନ ଥିବା ସତ୍ତ୍ୱେ ସଂସ୍କାରରେ ସେମାନେ ଥିଲେ ସ୍ୱାଭାବିକ ରକ୍ଷଣଶୀଳ । ଶ୍ରୀଅରବିନ୍ଦଙ୍କର ପ୍ରଥମ ପର୍ଯ୍ୟାୟର ଜୀବନୀକାର ପ୍ରମୁଖ ଶିଷ୍ୟ ଅମ୍ବାଭାଇ ପୁରାଣୀ ଲେଖିଛନ୍ତି : ''ଶ୍ରୀମାଙ୍କ ଆଗମନ ଆମ ନିବାସରେ ଗୋଟାଏ ଚାଞ୍ଚଲ୍ୟ ସୃଷ୍ଟି କଲା ।''(୪)

ବିଂଶ ଶତାବ୍ଦୀର ପ୍ରଥମ ଚଉଠରେ ସାମାଜିକ ଧ୍ୟାନ-ଧାରଣା, ମନସ୍ତାତ୍ତ୍ୱିକ ଅବସ୍ଥା ଇତ୍ୟାଦି ସବିଶେଷ ବିଚାରକୁ ନେଇ ଅବସ୍ଥାଟି ଅନୁଧ୍ୟାନ କଲେ ଆମେ ଅବଶ୍ୟ ସେଦିନର ସେ ଯୁବକମାନଙ୍କର ସଂକଟ କଥା ବୁଝିପାରିବା । ସେମାନଙ୍କଠାରୁ ବୁଦ୍ଧି, ଧୀଶକ୍ତି ଓ ଜ୍ଞାନରେ ଅମାପ ମାତ୍ରାରେ ଅଧିକ ଗରୀୟାନ୍, ଆଚରଣରେ ଅପୂର୍ବ ମାର୍ଜିତ, ସମ୍ଭ୍ରମ ଓ ଗାମ୍ଭୀର୍ଯ୍ୟ, ସହନଶୀଳତା ତଥା ସୌହାର୍ଦ୍ଦ୍ୟର ସଂହତିରେ ପ୍ରଜ୍ଜ୍ୱଳ ସେ ୟୁରୋପୀୟ ମହିଳାଙ୍କ ସହ ସ୍ୱାଭାବିକ ଭାବେ ଚଳପ୍ରଚଳ ହେବାର ଆବଶ୍ୟକତା ଭଳି ସମସ୍ୟା ସେମାନଙ୍କ ବେପରୁଆ ଜୀବନରେ ଥିଲା ସ୍ୱପ୍ନାତୀତ । କିନ୍ତୁ ସେମାନଙ୍କ ସ୍ମୃତିକଥାମାନଙ୍କରୁ ଆମେ ଯାହା ଜାଣିବାକୁ ପାଉ ସେଥିରେ ଆମେ ବିସ୍ମୟ ଓ ପୁଲକରେ ଅଭିଭୂତ ଅନୁଭବ କରୁ । ଶ୍ରୀମାଙ୍କ ଜନନୀସୁଲଭ ସ୍ନେହ, ସୌହାର୍ଦ୍ଦ୍ୟ ସହ ନମ୍ରତା ସେମାନଙ୍କ ଅଜାଣତରେହିଁ ତାଙ୍କ ଆଗରେ ସେମାନଙ୍କୁ ଅବନତ ଓ ପ୍ରଣତ କରାଇ ଦେଲା ।

ସେତିକି ନୁହେଁ, ଶ୍ରୀମାହିଁ ସେମାନଙ୍କୁ ହୃଦ୍‌ବୋଧ କରାଇଦେଲେ — ଯେଉଁ ନିରଭିମାନୀ ସରଳ ଅନ୍ତେବାସୀ ଶ୍ରୀଅରବିନ୍ଦଙ୍କୁ ସେମାନେ ନିଜର ସଖା ଓ ଦିଗ୍‌ଦର୍ଶକ ରୂପେ ଧରି ନେଇଛନ୍ତି,— ସେ ସେତିକିଠାରୁ ବହୁତ — ବହୁତ — ଅଧିକ ମହୀୟାନ୍ ।

ଶ୍ରୀମାଙ୍କର ସେହି ଶ୍ରଦ୍ଧାମୟ ଉପସ୍ଥିତିର ପ୍ରଭାବରେହିଁ କ୍ରମେ ଅନୁଗତମାନଙ୍କ ସଂଖ୍ୟା ବୃଦ୍ଧି ହେବାକୁ ଲାଗିଲା । ଶ୍ରୀଅରବିନ୍ଦ ତାଙ୍କ ତପସ୍ୟାର ଦୁରଗମ୍ୟ ପର୍ବରେ ନିମଜ୍ଜିତ ରହି ୧୯୨୬ ମସିହା ୨୪ ନଭେମ୍ବରରୁ ଅନୁଗତମାନଙ୍କ ଦୃଷ୍ଟିର ଅନ୍ତରାଳକୁ ଚାଲିଯିବା ପରଠାରୁ ଏ ସମାବେଶ ଶ୍ରୀମାଙ୍କ କରୁଣାର ଆଲୋକରେ, ପ୍ରତି ପର୍ଯ୍ୟାୟରେ ତାଙ୍କ ସାଂଗଠନିକ ବ୍ୟବସ୍ଥା ଅନୁସାରେ ବିକଶିତ ହେବାକୁ ଲାଗିଲା । ଏହା ହେଲା ବିଧିବଦ୍ଧ ଆଶ୍ରମରେ ପରିଣତ । (୧୯୨୬ରେ ଅନ୍ତେବାସୀ ସଂଖ୍ୟା ଥିଲା ୨୫ ସରିକି ।)

କିନ୍ତୁ ଅନନ୍ୟ ହେଲା ଏ ଆଶ୍ରମର ଚରିତ୍ର । ଅନ୍ୟ କୌଣସି ମଠ ବା ଆଶ୍ରମ ନାମ ବହନ କରୁଥିବା ପ୍ରତିଷ୍ଠାନରେ ଯେଉଁମାନେ ଯୋଗଦାନ କରନ୍ତି, ସେମାନେ କେତେକ କଠୋର ବାହ୍ୟ ନିୟମ ପାଳନ କରିବା ନିମନ୍ତେ ମାନସିକ ଭାବେ ପ୍ରସ୍ତୁତ ହୋଇ ଆସିଥା'ନ୍ତି । ପୋଷାକ-ପରିଚ୍ଛଦ, ଖାଦ୍ୟପେୟ — ନିରୂପିତ ସମୟରେ ଗାତ୍ରୋତ୍ଥାନଠାରୁ ଆରମ୍ଭ କରି ଧ୍ୟାନ, ପ୍ରାର୍ଥନାର ଧରାବନ୍ଧା ସୂଚୀ ସେମାନଙ୍କୁ ଅନୁସରଣ କରିବାକୁ ପଡ଼େ ।

ଶ୍ରୀମାଙ୍କର ଆସ୍ଥା ଥିଲା, ଯେଉଁ ଅଭୀପ୍ସୁମାନେ ଶ୍ରୀଅରବିନ୍ଦ ଆଶ୍ରମର ଅନ୍ତେବାସୀ ହେବାକୁ ଚାହିଁବେ, ସେମାନେ ଏଭଳି ଏକ ବିରାଟ ଆଦର୍ଶ ପ୍ରତି ହୃଦୟରେ ଉନ୍ମୁଖତା ଓ ଅନୁରକ୍ତି ନେଇ ଆସିଥିବେ ଯେ ସେମାନଙ୍କ ଉପରେ ବହିଃଶୃଙ୍ଖଳା ଆରୋପ କରିବା ହେବ ବାହୁଲ୍ୟ । ସେମାନଙ୍କ ଆଭ୍ୟନ୍ତରୀଣ ପ୍ରସ୍ତୁତି ଆପଣାଛାଏଁ ସେମାନଙ୍କ ବହିଃସତ୍ତାର ଆଚରଣକୁ ନିୟନ୍ତ୍ରିତ କରିବ । ବିବର୍ତ୍ତନର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଯେଉଁ ଅଜ୍ଞାନ-ଅନ୍ଧକାର ଭିତର ଦେଇ ଚେତନା ଗତି କରୁଛି, ସେଥିରୁ ଉତ୍ତୀର୍ଣ୍ଣ ହେବା ନିମନ୍ତେ କିଏ ବା ନଚାହେଁ ! କିନ୍ତୁ କୌଣସି ନୀତିଗତ ଆଦର୍ଶ, ଧାର୍ମିକ ତତ୍ତ୍ୱ ସନ୍ଧାନୀ ମଣିଷର ସେ ଆଶା ପୂରଣ କରିପାରି ନାହିଁ । ଏକ ମହାଶକ୍ତି — ଅତିମାନସ — ଆମ ଚେତନାରେ ଅଭିଷିକ୍ତ ନହେବା ପର୍ଯ୍ୟନ୍ତ ସେ ଆଶା ପୂରଣ ହେବାର ସମ୍ଭାବନା ନାହିଁ । ଅନ୍ୟ ସବୁ ଯୋଗରେ ସାଧକମାନଙ୍କର ନିଜ ନିଜର ବ୍ୟକ୍ତିଗତ ଶକ୍ତି ଉପରେ ସେମାନଙ୍କ ସିଦ୍ଧି ନିର୍ଭର କରେ । ଶ୍ରୀଅରବିନ୍ଦଙ୍କ ଯୋଗର ଆଭିମୁଖ୍ୟ ଭିନ୍ନ; ସେ ଯୋଗ ପ୍ରତି ଉନ୍ମୁଖ ସାଧକମାନଙ୍କୁ ନେଇ ଗଠିତ ଆଶ୍ରମର ଚରିତ୍ର ଭିନ୍ନ । ଏଠାରେ ସାଧକମାନଙ୍କ ସିଦ୍ଧିର ମାତ୍ରା ଜଣେ କେତେ ପରିମାଣରେ ଶ୍ରୀମାଙ୍କ ପାଖରେ ସମର୍ପିତ, ତାହାରି ଉପରେ ନିର୍ଭରଶୀଳ । ଅବଶ୍ୟ ସମର୍ପଣ ସଙ୍ଗେ ସଙ୍ଗେ ସାଧକକୁ ମାତୃଦତ୍ତ ଆଧ୍ୟାତ୍ମିକ ଅନୁଭୂତି ମିଳୁଥିବ । କିନ୍ତୁ ଏ ଯୋଗର ଉଦ୍ଦେଶ୍ୟ ଯେ ଆଧ୍ୟାତ୍ମିକତାର ଇତିହାସରେ ନୂତନ, ସେବିଷୟରେ ସାଧକମାନେ ଅବହିତ ନରହିଲେ ମାନସିକ ଦ୍ୱନ୍ଦ୍ୱ ଓ ସନ୍ଦେହ ଅନିବାର୍ଯ୍ୟ ।

ବିବର୍ତ୍ତନରେ ଏକ ନୂତନ ଦିଗନ୍ତ ଉନ୍ମୋଚିତ ହେବ, ସେଥିପାଇଁ ପ୍ରସ୍ତୁତିର ଆହ୍ୱାନରେ ଅନୁପ୍ରାଣିତ ହୋଇ ବହୁ ଅଭୀପ୍ସୁ ଆଶ୍ରମରେ ଯୋଗଦାନ କରିଥିଲେ ସତ, କିନ୍ତୁ ଦ୍ୱିତୀୟ ମହାଯୁଦ୍ଧର ଆରମ୍ଭ ପରେ ପରେ ଅନେକ ଭକ୍ତ ସମ୍ଭାବ୍ୟ ବିପୁଳ ସଙ୍କଟରୁ ମୁକ୍ତି ପାଇବା ମାନସରେ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ଅଭୟ-ବଳୟ ଭିତରେ ରହିବା ନିମନ୍ତେ ଏଠାରେ ଆଶ୍ରୟ ଲୋଡ଼ିଲେ। ୧୯୪୫ ମସିହା ଫେବ୍ରୁଆରୀ ୨୫ ତାରିଖରେ ଶ୍ରୀଅରବିନ୍ଦ ଜଣେ ଶିଷ୍ୟ ପାଖକୁ ଲେଖିଥିଲେ, ''ଶ୍ରୀମା ଏବଂ ମୋ ପକ୍ଷରେ ଏ ଆଶ୍ରମ ବଜାୟ ରଖିବା ଅତ୍ୟନ୍ତ କଷ୍ଟକର ହୋଇଛି ।'' ଯୁଦ୍ଧ ସମୟରେ ଏକ ଦିଗରେ ଅତ୍ୟଧିକ ଦରଦାମ ବୃଦ୍ଧି, ଅନ୍ୟ ଦିଗରେ ଆଶ୍ରମର କୌଣସି ନିର୍ଦ୍ଦିଷ୍ଟ ଆୟ ପନ୍ଥାର ଅନୁପସ୍ଥିତି ଯୋଗୁଁ ସେଭଳି ସମସ୍ୟା ଉପୁଜି ଥିଲା । ତେବେ ସେ ଏହା ମଧ୍ୟ ସେହି ଚିଠିରେ ଲେଖିଥିଲେ, ''ଏକ ଦିବ୍ୟଶକ୍ତି କାର୍ଯ୍ୟକାରୀ ହେଉ ନଥିଲେ ଏ ବ୍ୟାପକ ପ୍ରତିଷ୍ଠାନ ତିଷ୍ଠି ପାରନ୍ତା ନାହିଁ ।''(୬)

ଆଶ୍ରମରେ କାହିଁକି କେବଳମାତ୍ର ସୁନିର୍ବାଚିତ, ଯୋଗ୍ୟ ଲୋକଙ୍କୁ ଗ୍ରହଣ କରାଯାଉ ନାହିଁ, ସେଭଳି ପ୍ରଶ୍ନ ଅନେକଙ୍କ ମନରେ ଉଦୟ ହେବା ଥିଲା ସ୍ୱାଭାବିକ । ଶ୍ରୀଅରବିନ୍ଦ ବୁଝାଇ ଲେଖିଥିଲେ କି ଏ ଆଶ୍ରମ ଏକ ପରୀକ୍ଷାଗାର । ସମଗ୍ର ମାନବଜାତି ଉପରେ ଅତିମାନସ ଶକ୍ତି କାର୍ଯ୍ୟକାରୀ ହେବାର ଆବଶ୍ୟକତା ଦୃଷ୍ଟିରୁ ସବୁପ୍ରକାର ମଣିଷଙ୍କ ନମୁନାମାନ ଏଠାରେ ସମାବିଷ୍ଟ ।(୭)

ଭିନ୍ନ ଭିନ୍ନ ସଂସ୍କାର ଓ କୁସଂସ୍କାର, ଅପୂର୍ଣ୍ଣ ବିଶ୍ୱାସ ଏବଂ ଅଜ୍ଞାନର ନାନାଦି ବିଭୀଷିକା, ଉଚ୍ଚାକାଂକ୍ଷା ସମେତ ସର୍ବୋପରି ଅହଂର ନାନାଦି ବିଚିତ୍ର ପରିପ୍ରକାଶ କେତେ ସାଧକଙ୍କୁ ବାରଂବାର କକ୍ଷଚ୍ୟୁତ କରିଛି । ସୀମାହୀନ ଧୈର୍ଯ୍ୟ ସହକାରେ ଶ୍ରୀଅରବିନ୍ଦ ଏବଂ ଶ୍ରୀମା ସେମାନଙ୍କୁ ସହାୟତା ଏବଂ ଆଶିଷ-ଶକ୍ତି ଦେଇ ସୁଧାରିବାର ପ୍ରୟାସ କରିଛନ୍ତି ।

ଶ୍ରୀଅରବିନ୍ଦ ଏକ ପତ୍ରରେ ଦର୍ଶାଇଥିଲେ ଅନେକଙ୍କ ଭିତରେ ପରସ୍ପର-ବିରୋଧୀ ଗୁଣ ଏକତ୍ର ରହିଥା'ନ୍ତି । ପ୍ରଥମେ ଶ୍ରୀଅରବିନ୍ଦଙ୍କ ମହାନ୍ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ଏବଂ ଶ୍ରୀମାଙ୍କ ଦିବ୍ୟ-ଆକର୍ଷଣରେ ଆକୃଷ୍ଟ ହୋଇ ଆଶ୍ରମରେ ଅନେକେ ଯୋଗ ଦିଅନ୍ତି । କିନ୍ତୁ କିଛିଦିନ ପରେ ପୁରୁଣା ସଂସ୍କାର ଏବଂ ଅହଂ ସେ ଆଦର୍ଶକୁ ଚାପି ଦିଏ କିଂବା ତା'ର ଭୁଲ୍ ଅଥବା ଏକଦେଶଦର୍ଶୀ ବ୍ୟାଖ୍ୟା କରେ । କେହି କେହି ଭ୍ରାନ୍ତ ସାଧକ ଅନ୍ତେବାସୀଙ୍କୁ ନେଇ ଗୋଷ୍ଠୀ ବନାଇ ନିଜେ କୁନି ଗୁରୁଟିଏ ଭଳି ଆଚରଣ କରେ । ଶ୍ରୀଅରବିନ୍ଦଙ୍କୁ ଏମନ୍ତ ଚେତାବନୀ ଦେବାକୁ ପଡ଼ିଥିଲା :

''ତୁମେ ଆହୁରି ବୁଝିବା ଉଚିତ ଯେ ଏଠାରେ ଗୋଟାଏ ମାତ୍ର ମହାଶକ୍ତି କାର୍ଯ୍ୟରତ ଏବଂ ତୁମର କିଂବା ଆଉ କାହାର ଗୁରୁତ୍ୱ ନାହିଁ । ପ୍ରତ୍ୟେକେ ନିଜ ଭିତରେ ସେହି ମହାଶକ୍ତିର କାର୍ଯ୍ୟକାରିତା ପ୍ରତି ଉନ୍ମୁଖ ହେବା ଚାହି । କିଛି ସାଧକଙ୍କୁ ନେଇ ଗୋଷ୍ଠୀ ବନାଇ କେହି ଜଣେ ନେତୃତ୍ୱ ନେବାର ଅଥବା ସେ ମହାଶକ୍ତି ଏବଂ ସାଧକମାନଙ୍କ ମଝିରେ ହସ୍ତକ୍ଷେପ କରିବାର ପ୍ରୟାସ ନହେଉ ।''(୮)

ସାଧନା ସକାଶେ ଉନ୍ମୁଖ କୌଣସି ଭାବୀ ସାଧକଙ୍କୁ କୌଣସି ଆଧ୍ୟାତ୍ମିକ ଗୁରୁଙ୍କ ପ୍ରେରଣାରେ ପ୍ରତିଷ୍ଠିତ ଯେଉଁ ପ୍ରତିଷ୍ଠାନ ଆଶ୍ରୟ ଦିଏ, ତାହା ଆଶ୍ରମ । ଏ ପରିପ୍ରେକ୍ଷୀରେ ଆଶ୍ରମ ବୋଇଲେ ସାଧକର ସର୍ବନିମ୍ନ ଆବଶ୍ୟକତା – ବାସସ୍ଥାନ, ଆହାର, ପରିଧେୟର ସ୍ଥୂଳ ବ୍ୟବସ୍ଥା ସଙ୍ଗେ ସଙ୍ଗେ ଗୁରୁ ପ୍ରବର୍ତ୍ତିତ ନୀତିରେ ଏକନିଷ୍ଠ ରହିବାର ସୁଯୋଗ । ଶ୍ରୀମାଙ୍କ ବ୍ୟବସ୍ଥା ଏପରି, ଜଣେ ନିଜ ଜୀବନ ଧାରଣ ସକାଶେ ପ୍ରୟୋଜନୀୟ ବସ୍ତୁର ଆୟୋଜନରେ କାଳକ୍ଷେପଣ ନକରି ଦିବ୍ୟଶକ୍ତିର ସେବା ରୂପେ ତା' ପାଇଁ ଉଦ୍ଦିଷ୍ଟ କର୍ମରେ ଆତ୍ମନିୟୋଗ କରିବ । କିନ୍ତୁ ମଣିଷର ଗତାନୁଗତିକ ପ୍ରବୃତ୍ତି ନିଜକୁ ମିଳୁଥିବା ସୁଯୋଗ ଅନୁପାତରେ ନିଜ ବିକାଶରେ ଏକନିଷ୍ଠ ନରହି ଅନ୍ୟର ତ୍ରୁଟି ଦର୍ଶାଇ ସନ୍ତୋଷ ଲାଭ କରେ । ଶ୍ରୀମାଙ୍କୁ ଲେଖିବାକୁ ପଡ଼ିଲା, ''ଅନ୍ୟ ଠାରେ ଅଥବା ପରିସ୍ଥିତିରେ କିଛି ଭୁଲ୍ ରହିଛି ବୋଲି ସିଦ୍ଧାନ୍ତ କରିବା ପୂର୍ବରୁ ତୁମ ବିଚାର ଠିକ୍ ବୋଲି ତୁମେ ନିଜେ ସମ୍ପୂର୍ଣ୍ଣ ନିଶ୍ଚିତ ହେବା ଚାହି । ଏବଂ ଯେପର୍ଯ୍ୟନ୍ତ ଜଣେ ଅଜ୍ଞାନ ଓ ମିଥ୍ୟାମୟ ମାମୁଲି ଚେତନାରେ ଥିବ, ସେପର୍ଯ୍ୟନ୍ତ ତା'ର କେଉଁ ବିଚାର ବା ନିର୍ଭୁଲ ହେବ ?''

''ଏକମାତ୍ର ସତ୍ୟ ଚେତନାହିଁ ବିଚାର କରିପାରେ । ଅତଏବ ସବୁ ପରିସ୍ଥିତିରେ ବିଚାର ଦାୟିତ୍ୱ ଭଗବାନଙ୍କ ଉପରେ ଛାଡ଼ିଦେବା ଉତ୍ତମ ।''(୯)

କିନ୍ତୁ ହାୟ, ଆଜି ଭଳି ୧୯୫୭ରେ ମଧ୍ୟ ଆମ ଭଳି ସାଧକମାନେ ନିଜ ନିଜର ଅହଂଚାଳିତ ଦୁଷ୍ଟ ଅଭ୍ୟାସ ଛାଡ଼ି ପାରି ନଥିଲେ । ଶ୍ରୀମାଙ୍କୁ କହିବାକୁ ପଡ଼ିଲା :

''ମୁଁ ଆଉ ବାରଂବାର ଏକଥାର ପୁନରାବୃତ୍ତି

କରିପାରିବି ନାହିଁ – ଅନ୍ୟମାନେ କ'ଣ କରୁଛନ୍ତି, ସେକଥା ଉପରେ ତୁମ୍ଭେମାନେ ମୁଣ୍ଡ ଖେଳାଅ ନାହିଁ । ଅନ୍ୟକୁ ବିଚାର କର ନାହିଁ, ସମାଲୋଚନା କର ନାହିଁ, (ଅନ୍ୟ ସହ ନିଜକୁ) ତୁଳନା କର ନାହିଁ । ସେସବୁ ତୁମ କାମ ନୁହେଁ ।''(୧୦)

ଆଶ୍ରମ ଗତାନୁଗତିକ ସାମାଜିକ ପ୍ରତିଷ୍ଠାନ ନୁହେଁ । ଏଠାକୁ ଜଣେ ଆସେ ନିଜ ଅଧିକାର ସାବ୍ୟସ୍ତ କରିବାକୁ ନୁହେଁ – ବରଂ ବିପରୀତ ପ୍ରୟାସ କରିବାକୁ – ଅଧିକାରବୋଧ ଦିବ୍ୟଶକ୍ତି ପାଖରେ ସମର୍ପଣ କରିବାକୁ ଅଥବା ତାହାକୁ ନିର୍ମୂଳ କରିବାକୁ । ଆଶ୍ରମ ସାମାଜିକ ଅର୍ଥରେ ସୁଖମୟ ଜୀବନଯାପନ ସକାଶେ କାହାକୁ ନିମନ୍ତ୍ରଣ କରିଆଣେ ନାହିଁ । ସାଧନାରେ ବାଧାବିଘ୍ନ, ଅହଂ ଉପରେ ଆଘାତ ଅନିବାର୍ଯ୍ୟ । କାରଣ ସେହିସବୁକୁ ସାମନା କରିବା ଦ୍ୱାରାହିଁ ଆମର ଆଧ୍ୟାତ୍ମିକ ପ୍ରଗତି ସମ୍ଭବପର । କିନ୍ତୁ ଏ ମୌଳିକ ସତ୍ୟ ପାସୋରିଦେଇ, ଅନ୍ୟମାନେ ଆରାମରେ ଅଛନ୍ତି ବୋଲି ଧରିନେଇ କେହି କେହି ହତାଶା ଅନୁଭବ କରନ୍ତି । ଶ୍ରୀମାଙ୍କୁ କହିବାକୁ ପଡ଼ିଛି : ''ଯେଉଁମାନଙ୍କ ପାଇଁ ଏଠାରେ ଜୀବନ ଦୁର୍ବିଷହ ମନେହୁଏ, ଏବଂ ଯେଉଁମାନେ ଏଠାରେ ନିଜ ଅଭିଳଷିତ ଆରାମ ପାଆନ୍ତି ନାହିଁ, ସେମାନେ ଏଠାରେ ନରହିବା ଉଚିତ । ... ଆରାମପ୍ରଦ ଜୀବନର ବ୍ୟବସ୍ଥା ଆମର ଆଭିମୁଖ୍ୟ ନୁହେଁ, ଦିବ୍ୟଜୀବନ ପାଇଁ ପ୍ରସ୍ତୁତିହିଁ ଲକ୍ଷ୍ୟ – ଯାହା ଏକ ଭିନ୍ନ ବ୍ୟାପାର ।''(୧୧)

(People who feel miserable here and find that they have not the comfort they require ought not to stay ... after all our aim is not to give to people a comfortable life, but to prepare them for the Divine Life which is quite a different affair.)

ଶ୍ରୀମା ଆହୁରି ମଧ୍ୟ ସାଧକମାନଙ୍କୁ ସ୍ମରଣ କରାଇ ଦେଲେ, ''ଏଠାରେ ଆମ ପାଇଁ ମାତ୍ର ଗୋଟାଏ କଥା ଗୁରୁତ୍ୱପୂର୍ଣ୍ଣ । ଆମେ ଭଗବାନଙ୍କ ପାଇଁ ଅଭୀପ୍ସା ପୋଷଣ କରୁ । ଭଗବାନଙ୍କ ପାଇଁ ଜୀବନଧାରଣ କରୁ, ତାଙ୍କ ପାଇଁ କାର୍ଯ୍ୟ କରୁ ।''(୧୨)

ଆଶ୍ରମର ଅନ୍ତେବାସୀମାନଙ୍କର ଶତ ଦୁର୍ବଳତା, ଅବାଧ୍ୟତା, ଅକୃତଜ୍ଞତା ଏବଂ ଆଶ୍ରମ-ବିରୋଧୀ କାର୍ଯ୍ୟକଳାପ ସତ୍ତ୍ୱେ ଶ୍ରୀମା ଯେଉଁ ପ୍ରକାର କ୍ଷମାଚରଣ କରୁଥିଲେ, ସହନଶୀଳତାର ଯେଉଁ ଦୃଷ୍ଟାନ୍ତ ରଖୁଥିଲେ, ତାହା କୌଣସି ମାନୁଷୀ ଗୁରୁ ପକ୍ଷରେ ସମ୍ଭବପର ନୁହେଁ । ନଳିନୀକାନ୍ତ ଗୁପ୍ତଙ୍କ ଭାଷାରେ, ''ଶ୍ରୀମାଙ୍କ ବ୍ୟକ୍ତିତ୍ୱର ଥିଲା ଦୁଇ ଦିଗ, ଦୁଇ ବାହୁ- ଦିବ୍ୟ ଏବଂ ମାନବିକ !''

ସେହି ଦୁଇ ବାହୁ ଯୋଗେ ସେ ସାଧକମାନଙ୍କୁ ନିଜ ନିଜ ଚେତନାର ବିଷଠାରୁ ରକ୍ଷା କରିଛନ୍ତି ।

ଆଜି, ସ୍ଥୂଳଭାବରେ ଦୃଶ୍ୟମାନ ନଥିବା ସତ୍ତ୍ୱେ ଶ୍ରୀମା ତାହାହିଁ କରି ଚାଲିଛନ୍ତି । ଆମ ଭଳି ଆଶ୍ରମବାସୀମାନଙ୍କୁ ଆମ ଗ୍ରହଣଶୀଳତା ଅନୁପାତରେ ଯଥାସମ୍ଭବ ସୁରକ୍ଷା ଦେବା ସଙ୍ଗେ ସଙ୍ଗେ ବିଶ୍ୱବ୍ୟାପୀ ସଂଖ୍ୟାରେ କ୍ରମାଗତଭାବେ ବୃଦ୍ଧି ଲାଭ କରୁଥିବା ତାଙ୍କର ଅସଂଖ୍ୟ ସନ୍ତାନ ଏବଂ ଅନୁଗତମାନଙ୍କ ଚେତନାରେ ଦିବ୍ୟବିଭୂତିର ସ୍ପର୍ଶ ଦେଉଛନ୍ତି ।

ଆଶ୍ରମର ପ୍ରତିଟି ବିଭାଗ ତାଙ୍କରି ସୃଷ୍ଟି – ସବୁକୁ ସେ ଜୀବନ୍ୟାସ ଦେଇଛନ୍ତି । ମାନବ-ଚେତନାରେ ଦିବ୍ୟଶକ୍ତିର ପ୍ରଭାବକୁ ଆହୁରି ବ୍ୟାପକତର କରିବାର ପରୀକ୍ଷା ରୂପେ ଆଶ୍ରମ ପରେ ସେ ଅରୋଭିଲ୍ ଭଳି ଦୁଃସାହସିକ ଆନ୍ତର୍ଜାତିକ ପରୀକ୍ଷା ଆରମ୍ଭ କରିଛନ୍ତି ।

ଅଜ୍ଞାନ ମଣିଷର ବିଚାରରେ କେଉଁ କାମ ବଡ଼ ତ କେଉଁ କାମ ଛୋଟ । ଆମର ସେ ମୂଢ଼ତା ଦୂରୀଭୂତ କରି ଭଗବତ୍- ସମର୍ପିତ ଯାବତୀୟ କର୍ମ କିପରି ଯୋଗରେ ପରିଣତ ହୋଇପାରେ, ସେ ସତ୍ୟ ସେ ଆମକୁ ବାରଂବାର ସ୍ମରଣ କରାଇ ଦେଇଛନ୍ତି ।

ଶ୍ରୀଅରବିନ୍ଦ ତାଙ୍କର ଏକ କାରିକାରେ ଦର୍ଶାଇ ଥିଲେ, ବଡ଼ ବଡ଼ ସନ୍ଥମାନେ ଚମତ୍କାର (miracle) ପ୍ରଦର୍ଶନ କରନ୍ତି; ଆହୁରି ବଡ଼ମାନେ ସେସବୁକୁ ତାଚ୍ଛଲ୍ୟ କରନ୍ତି; ସବୁଠୁଁ ବଡ଼ମାନେ ତାଚ୍ଛଲ୍ୟ ବି କରନ୍ତି ଏବଂ ସଙ୍ଗେ ସଙ୍ଗେ ଚମତ୍କାର ପ୍ରଦର୍ଶନ ମଧ୍ୟ କରନ୍ତି । ଅର୍ଥାତ୍, ଶେଷ ପର୍ଯ୍ୟାୟର ସନ୍ଥମାନେ ସମସ୍ତ ନୀତିନିୟମ, ଧ୍ୟାନଧାରଣାରୁ ପ୍ରମୁକ୍ତ; ସେସବୁର ଊର୍ଦ୍ଧ୍ୱରେ ସେମାନଙ୍କ ଚେତନାର ସ୍ଥିତି । ଶ୍ରୀମାଙ୍କ ଚମତ୍କାରିତା ସହସ୍ର ସନ୍ତାନ – ଆଶ୍ରମରେ, ଭାରତରେ ଏବଂ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ତାଙ୍କ ପ୍ରତି ଉନ୍ମୁକ୍ତ ଅନୁଗତମାନେ ଅନୁଭବ କରିଛନ୍ତି । ସ୍ଥୂଳ ସ୍ତରରେ ମଧ୍ୟ କେହି କେହି ତା'ର ପ୍ରତ୍ୟକ୍ଷ ଦ୍ରଷ୍ଟା ।

ଡା. ପ୍ରମଥ କୁମାର ସାନ୍ୟାଲଙ୍କ ଦୃଷ୍ଟାନ୍ତ ନିଆଯାଉ । ଶ୍ରୀଅରବିନ୍ଦ ୧୯୫୦ ମସିହା ଡିସେମ୍ବର ୫ ତାରିଖ ପ୍ରତ୍ୟୁଷ ପୂର୍ବରୁ କଳେବର ତ୍ୟାଗ କଲେ । କିନ୍ତୁ ଦୀର୍ଘ ଚାରିଦିନ ଯାଏ ମୃତ୍ୟୁର କୌଣସି ଲକ୍ଷଣ ତାଙ୍କ ଶରୀରରେ ଦେଖାଦେଲା

ନାହିଁ — ନଅ ତାରିଖରେ ଯାଇ ତାଙ୍କୁ ସମାଧିସ୍ଥ କରାଗଲା, ଏକଥା ସମସ୍ତେ ଜାଣନ୍ତି । ସେହି ସମୟ ଭିତରେ ଥରେ ସେ ଦିବ୍ୟଶରୀର ପାଖରେ ଶ୍ରୀମା ଏବଂ ଡା. ସାନ୍ୟାଲ୍‌ଙ୍କ ବ୍ୟତୀତ ଆଉ କେହି ନଥିବା ଅବସରରେ ଡାକ୍ତର ମହାଶୟ ଶ୍ରୀମାଙ୍କୁ ପଚାରିଦେଲେ : ଗୁରୁଦେବଙ୍କ କଳେବର ସେମିତି ଦୀପ୍ତିମାନ୍ ରହିବାର ରହସ୍ୟ କ'ଣ ? ସାଧାରଣ ସତ୍ୟଟିଏ ଉଚ୍ଚାରଣ କଲା ଭଳି ସ୍ୱରରେ ଶ୍ରୀମା ଜଣାଇଲେ କି ସେ କଳେବର ଯେଉଁ ଅତିମାନସ ଶକ୍ତି ଧାରଣ କରିରଖିଛି, ସେ ଆଲୋକ ସେ କଳେବରରୁ ଅପସାରିତ ନହେବା ପର୍ଯ୍ୟନ୍ତ ତହିଁ ଉପରେ ପ୍ରାକୃତିକ ନିୟମ କାର୍ଯ୍ୟକାରୀ ହୋଇପାରିବ ନାହିଁ ।

ସାହସଭରେ ଡାକ୍ତର ମହାଶୟ ପଚାରିଦେଲେ, ମା', ମୁଁ ସେ ଆଲୋକ ଥରେ ଦେଖି ପାରନ୍ତି ନାହିଁ ?

ଶ୍ରୀମା ସ୍ପର୍ଶ କଲେ ଡାକ୍ତର ମହାଶୟଙ୍କ ଶିରୋଦେଶ । ସେ ଭାଗ୍ୟବାନ୍ ସନ୍ତାନ ଦେଖିଲେ ସେ କଳେବରକୁ ଆଶ୍ଳେଷାବଦ୍ଧ କରି ରଖିଥିବା ଅପୂର୍ବ କନକ-ନୀଳଦ୍ୟୁତି; ଅତିମାନସ ଆଲୋକ ।

ଏହା ଶ୍ରୀମାଙ୍କ ସ୍ୱତଃସ୍ଫୂର୍ତ୍ତ କୃପାର ଏକ ଦୃଷ୍ଟାନ୍ତ । କିନ୍ତୁ ତାଙ୍କର ପ୍ରକୃତ ଚମତ୍କାର ଆମେ ସଭିଏଁ ଆମ ଚେତନାରେ ଅନୁଭବ କରିପାରିବୁ — ଏହାହିଁ ଥିଲା ତାଙ୍କର ପ୍ରତିଶ୍ରୁତି ଏବଂ ପ୍ରତ୍ୟାଶା ।

ପରିଶେଷରେ ଏ ଲେଖକ ଶ୍ରୀମାଙ୍କୁ ନିଜର ପ୍ରଥମ ଦର୍ଶନକାଳୀନ ଅଭିଜ୍ଞତାଟିକୁ ସ୍ମରଣ କରୁଛି । ଆଧ୍ୟାତ୍ମିକ ଦୃଷ୍ଟିରୁ ଏ ପର୍ଯ୍ୟାୟର ଅଭିଜ୍ଞତାର ବିବରଣୀ ପ୍ରଦାନ ଉଚିତ କି ଅନୁଚିତ, ସେସମ୍ପର୍କରେ ମନ ଆନ୍ଦୋଳିତ ହେବା ପୂର୍ବରୁ ଏହା କେତେକଙ୍କ ଆଗରେ ଅଭିବ୍ୟକ୍ତ କରିସାରିଥିଲି । ଅତଏବ ଲିପିବଦ୍ଧ କରୁଛି ।

ଅର୍ଦ୍ଧ ଶତାବ୍ଦୀରୁ ଏକ ବର୍ଷ ଅଧିକ କାଳ ତଳର କଥା । ସେ ଦିନଟି ୧୯୬୩ ମସିହାର ଫେବ୍ରୁଆରୀ ୨୧ ତାରିଖ । ବାତାବରଣ ନିସ୍ତବ୍ଧ । କେତେ ହଜାର ନରନାରୀ ଆଶ୍ରମ କୋଠାର ପୂର୍ବ ତ୍ରିତଳ ବାରନ୍ଦା (Terrace) ଉପରେ ଦୃଷ୍ଟି ନିବଦ୍ଧ ରଖି ଦଣ୍ଡାୟମାନ । ଏଡ଼େ ବଡ଼ ସମାବେଶଟିଏ ହୋଇଥିବ ଅଥଚ କ୍ଷୀଣତମ ଧ୍ୱନି ମଧ୍ୟ ଶୁଭୁ ନଥିବ — ଏହା ଅସ୍ୱାଭାବିକ ନିଶ୍ଚୟ, କିନ୍ତୁ ବଡ଼ ପ୍ରୀତିପ୍ରଦ ସେ ଅସ୍ୱାଭାବିକତା !

ସେ ପବିତ୍ର ନିସ୍ତବ୍ଧତା ଯେପରି ଆହୁରି ଘନୀଭୂତ ହୋଇ ଆସୁଥିଲା; ଶ୍ରୀମା ଆବିର୍ଭୂତ ହେବାର ମୁହୂର୍ତ୍ତ ଆସନ୍ନ । ଶହ ଶହ ଆଗନ୍ତୁକଙ୍କ ଛଡ଼ା ଆଶ୍ରମବାସୀମାନେ ମଧ୍ୟ ତାଙ୍କ ଦର୍ଶନ ପାଇଁ ଥିଲେ ଅଧୀର — ଯେହେତୁ ବର୍ଷାଧିକ କାଳ ତାଙ୍କ ଦୈନିକ ଦର୍ଶନରୁ ସଭିଏଁ ବଞ୍ଚିତ ଥିଲେ ।

ଏ ଲେଖକର ଊର୍ଦ୍ଧ୍ୱଦୃଷ୍ଟି ମଧ୍ୟ ସେ ଆକାଂକ୍ଷିତ ପରିସରରେ ଥିଲା ନିବଦ୍ଧ । ତେବେ, କେତେବେଳେ ଟିକିଏ ଅନ୍ୟମନସ୍କ ହୋଇ ପଡ଼ିଥିଲି । ହଠାତ୍ ଚେତି ଉଠିଲି : ସତେ ଯେପରି ମୋ ଦୃଷ୍ଟି ଆଗରେ ଅବତରଣ କରିଛି ଏକ ଅସମ୍ଭବ ଦୃଶ୍ୟ ! ମୁଁ କ'ଣ ତନ୍ଦ୍ରାଚ୍ଛନ୍ନଭାବେ ବିସ୍ମୟକର ଏବଂ ଅବାସ୍ତବ ସ୍ୱପ୍ନଟିଏ ଦେଖୁଛି ? କିନ୍ତୁ ନିଜ ଉପରେ ମୋର ସନ୍ଦେହ ହେଲା ଅବିଳମ୍ବେ ଦୂରୀଭୂତ !

ମୁଁ ଦେଖୁଛି ଶ୍ରୀମାଙ୍କୁ — ଅନ୍ତତଃ ଏ ଜୀବନରେ ପ୍ରଥମ ଥର ପାଇଁ !

କିନ୍ତୁ ପୂର୍ବରୁ ଆଲୋକଚିତ୍ର ଏବଂ ଛାୟାଚିତ୍ର ମାଧ୍ୟମରେ ଯେଉଁ ମୁଖମଣ୍ଡଳ ସହ ମୋର ପରିଚୟ ଥିଲା, ଏହା କ'ଣ ସେହିସବୁ ଚିତ୍ରର ଆଧାର ? ଅସମ୍ଭବ ! ସେ ମୁହୂର୍ତ୍ତରେ ମୁଁ ଯାହା ଦେଖୁଥିଲି, ତାହା କୌଣସି ମଣିଷର ମୁହଁ ହୋଇ ପାରେନା । ତାହା ଅତୀନ୍ଦ୍ରିୟ, ସ୍ୱର୍ଗାଦପି, ସ୍ୱର୍ଗାଗତ ଏକ ଅଲୌକିକ ସୌନ୍ଦର୍ଯ୍ୟର ନିର୍ଯାସ । ଇନ୍ଦ୍ରଧନୁର ବର୍ଣ୍ଣ-ବୈଚିତ୍ର୍ୟ ସହ ଦୂର ଦିଗନ୍ତର ସୂର୍ଯ୍ୟାସ୍ତକାଳୀନ ପ୍ରଶାନ୍ତ ଆଭାର ଅବିଶ୍ୱାସ୍ୟ ସମାହାର, ମୋ କଳ୍ପନାର ସମସ୍ତ ଦେବୀଙ୍କର ମାଧୁର୍ଯ୍ୟର ଏକତ୍ର ଏବଂ ଏକାନ୍ତ ପ୍ରତିଫଳନ ତାହା । ଅବିଶ୍ୱାସ୍ୟ, ଅବର୍ଣ୍ଣନୀୟ ।

ଗୋଟାଏ ପାର୍ଥିବ ମୁଖମଣ୍ଡଳ ଏତେ ସୌନ୍ଦର୍ଯ୍ୟ ଧରି ରଖିପାରେ, ସ୍ୱଚକ୍ଷୁରେ ସନ୍ଦର୍ଶନ କରି ନଥିଲେ ମୁଁ କଳ୍ପନା କରିପାରି ନଥା'ନ୍ତି ।

ସ୍ମିତ ହସଟିଏ ଖେଳାଇ ଶ୍ରୀମା ଅପସରି ଗଲେ । କିଛି ସମୟ ପର୍ଯ୍ୟନ୍ତ ମୋ ନିଜ ଅଭିଜ୍ଞତା ମୋତେ ଅବିଶ୍ୱାସ୍ୟ ମନେ ହୋଇଥିଲା ।

ଏ ଅଭିଜ୍ଞତାହିଁ ମୋ ଭିତରେ ଆଣି ଦେଇଥିଲା ଏହି ଅଟଳ ପ୍ରତ୍ୟୟ : ତାଙ୍କ ପଦ ପ୍ରାନ୍ତରେ ସ୍ଥାନ ପାଇବାହିଁ ହେବ ଏ ଜୀବନର ପରମ ସାର୍ଥକତା ।

ପରେ ବୁଝିଲି, ମୁଁ ଯାହା ଦେଖିଲି ତାହା ଶ୍ରୀମାଙ୍କ ମହାଲକ୍ଷ୍ମୀ ବିଭବ-ବିକିରିତ ଅନବଦ୍ୟ ସ୍ୱର୍ଗ-ସୌନ୍ଦର୍ଯ୍ୟର ଏକ ଝଲକ । ସେ ଦୃଶ୍ୟର ପୁନରାବୃତ୍ତି ହୋଇ ନାହିଁ । କିନ୍ତୁ କ୍ରମେ ଜାଣିଲି, ତାଙ୍କର ଆହୁରି କେତେ ସନ୍ତାନ ସେହି ସ୍ନିଗ୍ଧ ବିକିରଣର ଅଭିଜ୍ଞତା ଅର୍ଜିଛନ୍ତି — କାହାକୁ ବା ମିଳିଛି ମାହେଶ୍ୱରୀ-ରୂପୀ ଶ୍ରୀମାଙ୍କର ପ୍ରଜ୍ଞା-ସ୍ପର୍ଶ, କାହାକୁ ବା ମିଳିଛି ମହାକାଳୀରୂପୀ

ଶ୍ରୀମାଙ୍କର ଶକ୍ତି-ସ୍ପର୍ଶ, କାହାକୁ ବା ମିଳିଛି ମହାସରସ୍ୱତୀରୂପୀ ଶ୍ରୀମାଙ୍କର ପ୍ରେରଣାସ୍ପର୍ଶ ।

ଯୋଗେଶ୍ୱର ଶ୍ରୀଅରବିନ୍ଦଙ୍କ ସହ ଦିବ୍ୟଜନନୀ ଶ୍ରୀମାଙ୍କ ସାକ୍ଷାତ୍ ଆଧ୍ୟାତ୍ମିକତାର ଇତିହାସରେ ତଥା ବିବର୍ତ୍ତନର ପ୍ରଚ୍ଛନ୍ନ ଇତିହାସରେ ଏକ ଦେଦୀପ୍ୟମାନ ମୁହୂର୍ତ୍ତ ।

ସେହି ସାକ୍ଷାତ୍‌ର ଆଶୀର୍ବାଦରୁ ସମ୍ଭବପର ହୋଇଛି ଆମର ଏ ଆଶ୍ରମ, ସେହି ସାକ୍ଷାତ୍‌ର ଫଳ ଆମ ଭଳି ସହସ୍ର ନରନାରୀଙ୍କ ଚେତନାରେ ଶୁଭଙ୍କର ବିପ୍ଳବ, ମାନବର ଭବିଷ୍ୟତ୍ ଉପରେ ବିଶ୍ୱାସ – ବିଶ୍ୱବ୍ୟାପୀ ବହୁ ହତାଶାବ୍ୟଞ୍ଜକ ଘଟଣା ସତ୍ତ୍ୱେ । ସେହି ସାକ୍ଷାତ୍ ଯୋଗୁଁ ଆମ ଜୀବନରେ ଅନାସ୍ୱାଦିତ-ପୂର୍ବ ସାର୍ଥକତା ବୋଧର ଅଭ୍ୟୁଦୟ ।

ଶ୍ରୀମାଙ୍କ କହିବାନୁସାରେ, ଶ୍ରୀଅରବିନ୍ଦଙ୍କ ବିନା ତାଙ୍କ ଅସ୍ତିତ୍ୱହିଁ ନାହିଁ; ତାଙ୍କ ବିନା ଶ୍ରୀଅରବିନ୍ଦ ଅପ୍ରକଟିତ । (Without him, I exist not; without me he is unmanifest.)

୨୯ ମାର୍ଚ୍ଚ ୨୦୨୪ : ଆଜି ଆମ କୃତଜ୍ଞତା ବ୍ୟାପ୍ତ ହେଉ ଶହେରୁ ଅଧିକ ବର୍ଷ ପଛକୁ – ଏବଂ ଅନାଗତ ଅମାପ ଶତାବ୍ଦୀ ଆଗକୁ । ✣

---

## ତଥ୍ୟ ନିର୍ଦ୍ଦେଶିକା


୧. ଟି. ଭି. କପାଳି ଶାସ୍ତ୍ରୀଙ୍କ Flame of White Lightରେ ଶ୍ରୀମାଙ୍କ ବାର୍ତ୍ତା (୨୨ ଜୁନ୍, ୧୯୫୮)
୨. Questions and Answers : ଶ୍ରୀମା (୧୯୫୬)
୩. ଡକ୍ଟର କେ. ଆର୍ ଶ୍ରୀନିବାସ ଆୟେଙ୍ଗାର : Sri Aurobindo : A Biography and History
୪. ଡକ୍ଟର କେ. ଆର୍ ଶ୍ରୀନିବାସ ଆୟେଙ୍ଗାର : On the Mother : The Chronicle of a Manifestation and Ministry
୫. ଏ. ବି. ପୁରାଣୀ : The Life of Sri Aurobindo
୬. SABCL Vol. 25, P. 231
୭. SABCL Vol. 23, P. 856
୮. SABCL Vol. 23, P. 1036
୯. Collected Works of the Mother, Vol. 14, P. 292
୧୦. Collected Works of the Mother, Vol. 14, P. 293
୧୧. Collected Works of the Mother, Vol. 13, P. 127
୧୨. Collected Works of the Mother, Vol. 13, P. 112

# ଆମ ଜାତୀୟତାର ବୈଶିଷ୍ଟ୍ୟ ଓ ଯୁବ ସମାଜର ଭୂମିକା

## ଶ୍ରୀ ପ୍ରପତ୍ତି

["She (India) is destined once more to new-mould the life of the world and restore the peace of the human spirit." – Sri Aurobindo]

ଯେଉଁ ବରେଣ୍ୟ ମହାପୁରୁଷ ଆଧୁନିକ ଯୁଗରେ ଭାରତର ଅଭ୍ୟୁତ୍ଥାନ, ଅଗ୍ରଗତି ଓ ଉନ୍ନତି ସମ୍ବନ୍ଧେ ଅତି ସ୍ପଷ୍ଟ ଘୋଷଣା କରିଛନ୍ତି ଏବଂ ସେଥିନିମିତ୍ତ କାର୍ଯ୍ୟ କରି ନିଜର ଦେଶପ୍ରୀତି, ଜାତିପ୍ରୀତି ଓ ସ୍ୱଦେଶବତ୍ସଳତାର ପରାକାଷ୍ଠା ଦେଖାଇଛନ୍ତି, ସେମାନଙ୍କ ମଧ୍ୟରେ ଶ୍ରୀଅରବିନ୍ଦ ଅନ୍ୟତମ । ଶ୍ରୀଅରବିନ୍ଦ ସ୍ୱୟଂ ରାଜନୀତି କ୍ଷେତ୍ରରେ ଥାଇ ଦେଶ-ମାତୃକାର ମୁକ୍ତି ନିମିତ୍ତ ଯେଉଁ ସଂଗ୍ରାମ କରିଥିଲେ ତାହା ସ୍ୱର୍ଣ୍ଣାକ୍ଷରରେ ଭାରତ ଇତିହାସରେ ଚିରକାଳ ନିମିତ୍ତ ଲିପିବଦ୍ଧ ହୋଇ ରହିବ । ତତ୍‌କାଳୀନ 'ବନ୍ଦେ ମାତରମ୍' ପତ୍ରିକାର ଛତ୍ରେ ଛତ୍ରେ ସେ ଜାତୀୟତାର ଯେଉଁ ଅଗ୍ନିମୟୀ ମନ୍ତ୍ର-ଶକ୍ତି ସଞ୍ଚାର କରିଥିଲେ ଏବଂ ଆମ ଜାତୀୟତାର ଲକ୍ଷ୍ୟ, ସାଧନା ଓ ସିଦ୍ଧି ସମ୍ବନ୍ଧେ ଯେଉଁ ଅମୋଘ ଓ ଶାଶ୍ୱତ ଘୋଷଣାମାନ କରିଥିଲେ, ତାହା ଗୀତାର ବାକ୍ୟତୁଲ୍ୟ ଚିରଦିନ ଭାରତବାସୀଙ୍କୁ ଉଦ୍‌ବୁଦ୍ଧ ଓ ଅଭିଭୂତ କରିବ । ରବୀନ୍ଦ୍ରନାଥଙ୍କ ଭାଷାରେ ଶ୍ରୀଅରବିନ୍ଦହିଁ ଥିଲେ ଭାରତ-ଅନ୍ତରାତ୍ମାର ବାଣୀମୂର୍ତ୍ତି, ଯାହା ସେ ତାଙ୍କର 'ନମସ୍କାର' କବିତାରେ ଅଭିବ୍ୟକ୍ତ କରିଛନ୍ତି :

''ଅରବିନ୍ଦ, ରବୀନ୍ଦ୍ରର ନିଅ ନମସ୍କାର
ହେ ବନ୍ଧୁ, ହେ ଦେଶବନ୍ଧୁ, ସ୍ୱଦେଶ-ଆତ୍ମାର
ବାଣୀମୂର୍ତ୍ତି ତୁମେ ! ... ... ...

*

ବନ୍ଧନ-ପୀଡ଼ନ-ଦୁଃଖ-ଅସମ୍ମାନ ମଧ୍ୟେ ଦେଖି ତୁମ ମୂର୍ତ୍ତି
କର୍ଣ୍ଣେ ମୋର ବାଜେ ଆତ୍ମାର ବନ୍ଧନହୀନ ଆନନ୍ଦର ଗାନ –
ମହା ତୀର୍ଥଯାତ୍ରୀର ସଙ୍ଗୀତ, ଚିର ପ୍ରାଣ ଆଶାର ଉଲ୍ଲାସ,
ଗମ୍ଭୀର ନିର୍ଭର ବାଣୀ ଉଦାର ମୃତ୍ୟୁର ।
ହେ କବି, ଭାରତର ବୀଣାପାଣି ତୁମ ମୁଖେ ଦୃଷ୍ଟି ରଖି
ବୀଣାର ପ୍ରତିଟି ସ୍ୱରେ ଦିଅନ୍ତି ବିପୁଳ ଝଙ୍କାର –
ନାହିଁ ତହିଁ ଦୁଃଖତାନ, ନାହିଁ କ୍ଷୁଦ୍ର ଲାଜ, ନାହିଁ ଦୈନ୍ୟ, ନାହିଁ ତ୍ରାସ ।
ତେଣୁ ଆଜି ଶୁଣେ, କେଉଁଠାରୁ ବହି ଆସେ ଝଞ୍ଜା ସାଥେ ସିନ୍ଧୁର ଗର୍ଜନ,
ଅନ୍ଧବେଗେ ନିର୍ଝରର ଉନ୍ମତ୍ତ ନର୍ତ୍ତନ ପାଷାଣ ପିଞ୍ଜରା ଭାଙ୍ଗି,
ବଜ୍ରର ଗର୍ଜନ ରବ, ଭେରିମନ୍ଦ୍ରେ ମେଘପୁଞ୍ଜ ଜଗାଏ ଭୈରବ ।
ସେ ଉଦାତ୍ତ ସଙ୍ଗୀତର ତରଙ୍ଗ ମଧ୍ୟରେ
ଅରବିନ୍ଦ, ରବୀନ୍ଦ୍ରର ଘେନ ନମସ୍କାର ।''

ତତ୍କାଳୀନ ସ୍ୱଦେଶୀ ଆନ୍ଦୋଳନର ଝଡ଼ଝଞ୍ଜା ମଧ୍ୟରେ ଶ୍ରୀଅରବିନ୍ଦଙ୍କ ଅତୁଳନୀୟ ଦେଶପ୍ରୀତିର ପରିଚୟ ପାଇ ରବୀନ୍ଦ୍ରନାଥ ଯାହା ଲେଖିଛନ୍ତି ତାହା ଅକ୍ଷରେ ଅକ୍ଷରେ ସତ୍ୟ । ଶ୍ରୀଅରବିନ୍ଦ ଭାରତର ଅନ୍ତରାତ୍ମା ଓ ଅନ୍ତଃପୁରୁଷଙ୍କ ସଙ୍ଗେ ଏକାତ୍ମତା ଲାଭ କରିଥିଲେ । ସେ ସର୍ବତୋଭାବେ ଭାରତର ଶାଶ୍ୱତ ଆତ୍ମା ସଙ୍ଗେ ନିଜକୁ ମିଳାଇ ଦେଇଥିଲେ । ଏହି ଦେଶକୁ ସେ 'ଭାରତୀ', 'ଭବାନୀ', 'ଭାରତ-ଶକ୍ତି', ସିଂହବାହିନୀ ଅସୁର-ମର୍ଦ୍ଦିନୀ, ଦିବ୍ୟ-ସାମର୍ଥ୍ୟଦାୟିନୀ ଦୁର୍ଗା ବୋଲି ଅଭିହିତ କରିଥିଲେ । ଜାତୀୟତାକୁ ସେ ଆଧ୍ୟାତ୍ମିକତାରେ ରୂପାନ୍ତର କରିଥିଲେ । ଶ୍ରୀଅରବିନ୍ଦଙ୍କର ଜାତୀୟତାମୂଳକ ରଚନାବଳିରେ 'ଭାରତମାତା'ଙ୍କର ଯେଉଁ ଅପରୂପ ଜୀବନ୍ତ ଦିବ୍ୟ ମୂର୍ତ୍ତିର ଦର୍ଶନ ମିଳେ ତାହା ଅନ୍ୟତ୍ର କେଉଁଠି ଦେଖିବାକୁ ମିଳେ ନାହିଁ । ଭଗୀରଥ ଯେପରି ସ୍ୱର୍ଗରୁ ପତିତପାବନୀ ଗଙ୍ଗାଙ୍କୁ ଆଣି ମର୍ତ୍ତ୍ୟ ଭୂମିରେ ଅବତରଣ କରାଇଥିଲେ, ଶ୍ରୀଅରବିନ୍ଦ ସେହିପରି ଅତୀତର ଅନନ୍ତକାଳ ମଧ୍ୟରେ ଭାରତମାତାଙ୍କର ଲୁକ୍କାୟିତ ସ୍ୱର୍ଣ୍ଣମୟୀ ପ୍ରତିମାକୁ ଉଦ୍ଧାର କରି ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ଭାରତର ଐତିହ୍ୟ, ସଂସ୍କୃତି, ସାହିତ୍ୟ, କଳା, ଭାସ୍କର୍ଯ୍ୟ, ରାଷ୍ଟ୍ରନୀତି, ଶିଳ୍ପ, ଶିକ୍ଷା, ଯୋଗ, ଦର୍ଶନ,

ଆଧ୍ୟାତ୍ମିକତା ଇତ୍ୟାଦି ଉପରେ ସେ ଯେଉଁ ଗଭୀର ଆଲୋକପାତ କରିଛନ୍ତି ତାହା ଯେପରି ମୃତକୁ ସଞ୍ଜୀବନୀ-ଶକ୍ତି ଦାନ କରିଛି । ଏହା କହିବା ଅନାବଶ୍ୟକ ଯେ ଶ୍ରୀଅରବିନ୍ଦଙ୍କ ଦିବ୍ୟଜୀବନ ସାଧନର ପ୍ରାଥମିକ ଏବଂ ଏକ ଅପରିହାର୍ଯ୍ୟ ସିଦ୍ଧିହିଁ ଭାରତର ଉତ୍ଥାନ, ଉନ୍ନତି ଓ ଅଗ୍ରଗତି । ଭାରତହିଁ ସେହି ପୁଣ୍ୟଭୂମି ଯେ ଦିବ୍ୟ ଜୀବନ ସିଦ୍ଧିର ଭାରକୁ ବହନ କରିବ । ବର୍ତ୍ତମାନ ଯୁଗରେ ସମଗ୍ର ମାନବଜାତିର କଲ୍ୟାଣ ଓ ଉନ୍ନତି ବହୁଭାବରେ ଭାରତ ଉପରେ ନିର୍ଭର କରୁଛି । ଜାତି ହିସାବରେ ଭାରତବର୍ଷ ଏପରି କିଛି ମହାନ୍ ସତ୍ୟର ଅଧିକାରୀ ଯାହା ସେ ନିଜେହିଁ ଜଗତକୁ ଦାନ କରିପାରିବ, ଅନ୍ୟ କେହି ନୁହେଁ । ଜଗତର କଲ୍ୟାଣ ନିମିତ୍ତ ଭାରତର ଉତ୍ଥାନ ବିଧିନିର୍ଦ୍ଦିଷ୍ଟ ।

... ... ସମଗ୍ର ପୃଥିବୀରେ ଅତିମାନସ ଅଧ୍ୟାତ୍ମ-ବିପ୍ଳବ ଫଳରେ ଯେଉଁ ନୂତନ ମାନବ ଗୋଷ୍ଠୀର ଉଦ୍ଭବ ହେବ, ସେଥିରେ ଭାରତହିଁ ହେବ ଅଗ୍ରଗାମୀ ଦେବଦୂତ, ଦିଶାରୀ ଓ ଗୁରୁ । ଶ୍ରୀମା'ଙ୍କ ମୁଖନିଃସୃତ ବାଣୀରେ ଏହି ସତ୍ୟ ଏକ ପ୍ରୋଜ୍ଜ୍ୱଳ ରୂପ ଧାରଣ କରିଛି :

''ଭାରତର ଭବିଷ୍ୟତ୍ ଅତି ସ୍ପଷ୍ଟ । ଭାରତହିଁ ଜଗତର ଗୁରୁ । ପୃଥିବୀର ଭବିଷ୍ୟତ୍ ରୂପରେଖ ଭାରତ ଉପରେ ନିର୍ଭର କରେ । ଭାରତହିଁ ଜୀବନ୍ତ ଆତ୍ମା । ଭାରତବର୍ଷ ପୃଥିବୀରେ ଦିବ୍ୟ ଅଧ୍ୟାତ୍ମ ଜ୍ଞାନ ମୂର୍ତ୍ତ କରୁଛି । ଭାରତ ସରକାର ଭାରତବର୍ଷର ଏହି ତାତ୍ପର୍ଯ୍ୟକୁ ସ୍ୱୀକାର କରିବା ଉଚିତ ଏବଂ ତାଙ୍କର କାର୍ଯ୍ୟ ତଦନୁଯାୟୀ ପରିଚାଳିତ ହେବା ଉଚିତ ।''

ଦିବ୍ୟ ଜ୍ଞାନ, ଶକ୍ତି, ଜ୍ୟୋତିଃ ଓ ସାମର୍ଥ୍ୟର ଅଫୁରନ୍ତ ଭୂମି ଭାରତ । ମାନବଜାତିର ପୁନର୍ଜନ୍ମ ଏହି ଦିବ୍ୟ ଜ୍ଞାନ ଓ ଜ୍ୟୋତିଃ ମଧ୍ୟରେ ହେବ । ସେଥିପାଇଁ ଭାରତହିଁ ମାନବ ଗୋଷ୍ଠୀର ଦ୍ୱିଜତ୍ୱ ଲାଭରେ ଗୁରୁ ରୂପେ ପୌରହିତ୍ୟ କରିବ । ଭାରତର ନବଜନ୍ମର ଏହାହିଁ ମୂଳ ରହସ୍ୟ ।

ତେବେ, ଏ ପ୍ରଶ୍ନ ସ୍ୱାଭାବିକ ଭାବରେ ମନରେ ଉଠିବ ଯେ ଶ୍ରୀଅରବିନ୍ଦଙ୍କ ଭାରତ-ପ୍ରୀତି, ଜାତିପ୍ରେମର ଅନ୍ତର୍ନିହିତ ତାତ୍ପର୍ଯ୍ୟ କ'ଣ ? ସେ ଜଣେ ଭାରତବାସୀ, ଏକ ସମୟରେ ଭାରତର ମୁକ୍ତି-ସଂଗ୍ରାମର ଜନୈକ ବିଶିଷ୍ଟ କର୍ଣ୍ଣଧାର । ସେଥିପାଇଁ ହୁଏତ ସେ ଭାରତବର୍ଷକୁ ଏତେ ଭଲ ପାଉଥିଲେ ଏବଂ ଏହି ଦରିଦ୍ର, ପତିତ ଜାତି ଉପରେ ଏତେ ପ୍ରଶଂସା ଢାଳି ଦେଇଛନ୍ତି । ଭାରତ-ଉତ୍ଥାନ ମଧ୍ୟରେ ଶ୍ରୀଅରବିନ୍ଦ ମାନବ ଗୋଷ୍ଠୀର ଉତ୍ଥାନ ଦେଖିଲେ କିପରି ? ଏହା ହୁଏତ ଦେଶ ପ୍ରତି ଗୋଟିଏ ମୋହ, ଆସକ୍ତିର ସୂଚନା ମାତ୍ର । ତେବେ କେଉଁ ଭାବରେ ଭାରତର ଉତ୍ଥାନ ହେଲେ ସମଗ୍ର ମାନବଜାତିର ଉତ୍ଥାନ ହେବ ? ଅନ୍ୟ କୌଣସି ଗୋଷ୍ଠୀ ବା ରାଷ୍ଟ୍ରର ଉତ୍ଥାନରେ ପୃଥିବୀରେ ସେହି ଉତ୍ଥାନ ବା କଲ୍ୟାଣ ସାଧିତ ହେବ ନାହିଁ କାହିଁକି ? ''ଭାରତ ଯଦି ସଙ୍କଳ୍ପ କରେ, ତେବେ ମାନବଜାତି ଆଜି ଯେଉଁ ସମସ୍ୟା ନେଇ ବିବ୍ରତ, କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଛି, ସେସବୁର ସେ ଦେଇପାରେ ଏକ ଅବ୍ୟର୍ଥ ମୀମାଂସା, ଏକ ନୂତନ ନିର୍ଦ୍ଦେଶ ।'' — ଏପରି ଉକ୍ତି ଶ୍ରୀଅରବିନ୍ଦ କାହିଁକି କଲେ ? ଜଗତ୍ ସମସ୍ୟାର ସମାଧାନର ଚାବିକାଠି ଭାରତ ହସ୍ତରେ — ଏହାର ଅର୍ଥ କ'ଣ ଏବଂ କେଉଁ ସତ୍ୟର ଅଧିକାରୀ ହେତୁ ଭାରତ ସମଗ୍ର ଜଗତକୁ ପଥ ନିର୍ଦ୍ଦେଶ କରିପାରେ ? ଏସବୁ ବାକ୍ୟର ଯଥାର୍ଥତା ଅଛି ତ ? ଯଦି ଅଛି, ତେବେ କେଉଁ ଅର୍ଥରେ ?

କେବଳ ଶ୍ରୀଅରବିନ୍ଦ ନୁହନ୍ତି, ଶ୍ରୀମା ଯେ ଭାରତବାସିନୀ ନୁହନ୍ତି ଅଥଚ ଭାରତକୁ ନିଜର ମାତୃଭୂମିଠାରୁ ବଳି ଅଧିକ ସ୍ନେହ ଓ ସମ୍ମାନ କରନ୍ତି ଏବଂ ନିଜେ ଭାରତର ଜଣେ ନାଗରିକ ହେବେ ବୋଲି ୧୯୫୪ ସାଲର ଘୋଷଣାରେ ଆଶା ପ୍ରକାଶ କରିଛନ୍ତି, ତାହାର ତାତ୍ପର୍ଯ୍ୟ କ'ଣ ? ସେ କାହିଁକି ଭାରତବର୍ଷକୁ ଏତେ ଉଚ୍ଚ ଆସନ ଦେଇଛନ୍ତି ? ଭାରତବର୍ଷ ପ୍ରତି ଶ୍ରୀମା'ଙ୍କର ଏ ଅଫୁରନ୍ତ କରୁଣା କାହିଁକି ? ବହୁ ବିଭିନ୍ନ ବାଣୀରେ ଭାରତବର୍ଷକୁ ଶ୍ରୀମା ଏକ ଦିବ୍ୟ ରୂପ ପ୍ରଦାନ କରିଛନ୍ତି, ''ଭାରତ ଏକ ସଜୀବ ଦେବୀ — ଇଚ୍ଛା କଲେ ଏହା ମାନବ ଆଧାରରେ ପ୍ରଘଟ ହୋଇପାରେ'' — ଏପରି ଉକ୍ତି ମଧ କରିଛନ୍ତି । ଭାରତବର୍ଷ ପ୍ରତି ଶ୍ରୀମାଶ୍ରୀଅରବିନ୍ଦଙ୍କର ଏହି ସକଳ ଉକ୍ତିର ପଶ୍ଚାତରେ କି ସତ୍ୟ ନିହିତ ଅଛି ଏବଂ ସେ ସତ୍ୟ କେଉଁ ଭାବରେ ଉଦ୍‌ଘାଟିତ ହେବ ଏବଂ ଭାରତର ଜାତୀୟ ଜୀବନରେ କିପରି ଭାବରେ ସେହି ସତ୍ୟ ପ୍ରସ୍ଫୁଟିତ ହେବ ଏବଂ ଭାରତର ଯୁବକଗଣ ଏହି ପରିପ୍ରେକ୍ଷୀରେ କେଉଁ ଭୂମିକା ଗ୍ରହଣ କରିବେ, ଏହି ପ୍ରବନ୍ଧରେ ତାହାର କିଞ୍ଚିତ୍ ଆଲୋଚନା କରିବା । ବର୍ତ୍ତମାନ ମାନବଜାତି ଯେଉଁ ମୁଖ୍ୟ ପ୍ରଶ୍ନର ସମ୍ମୁଖୀନ ହୋଇଛି ସେହି ପ୍ରଶ୍ନର ସମାଧାନରେ ଭାରତ କେଉଁ ଭୂମିକା ଗ୍ରହଣ କରିପାରେ ଏବଂ ଶ୍ରୀଅରବିନ୍ଦ କିପରି ଭାବରେ ଏହାର ସୁସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି, ତାହା ଏଠାରେ ପ୍ରଥମେ ସଂକ୍ଷେପରେ ପ୍ରକାଶ କରିବା । ଦ୍ୱିତୀୟରେ ଏହି ଭୂମିକା ଗ୍ରହଣହିଁ ଭାରତ-ଜାତୀୟତାର ବିଶିଷ୍ଟ ଲକ୍ଷ୍ୟ ହେବା ଉଚିତ ଏବଂ ଭାରତୀୟ

ଯୁବକ ଓ ଛାତ୍ରଗଣ ଏହି ଭୂମିକାରେ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ଜଗତର କଲ୍ୟାଣ ସାଧିତ ହେବ – ଏ ବିଷୟରେ ସୁସ୍ପଷ୍ଟ ଓ ନିଶ୍ଚିତ ହେବା ଉଚିତ । ଏହି ସମସ୍ୟାର ଉତ୍ଥାନ ଓ ସମାଧାନ ଗଭୀର ଆଲୋଚନାର ବିଷୟ ହେବ, ତଥାପି ଯେତେଦୂର ସମ୍ଭବ ଏ ସମ୍ବନ୍ଧରେ ଆମ୍ଭେମାନେ ଯଥାସାଧ୍ୟ ସୁସ୍ପଷ୍ଟ ଓ ନାତିଦୀର୍ଘ ଆଲୋଚନା କରିବାକୁ ଚେଷ୍ଟା କରିବୁ ।

ବର୍ତ୍ତମାନ ମାନବସମାଜ ତଥା ମାନବଜାତିର ମୁଖ୍ୟ ଏବଂ କଠିନତମ ସମସ୍ୟା, 'ପ୍ରଶ୍ନସ୍ୟ ପ୍ରଶ୍ନମ୍' କ'ଣ ? କେଉଁଟି ମନୁଷ୍ୟଜାତି ଘୂରି ବୁଲୁଛି, ଭୁଆଁ ବୁଲୁଛି ? ଏହି ସମସ୍ୟା କ'ଣ ଆର୍ଥନୈତିକ, ସାମାଜିକ, ଶିକ୍ଷାଗତ, ଶାସନଗତ, ରାଷ୍ଟ୍ରନୈତିକ ନା ଶିଳ୍ପ-ବାଣିଜ୍ୟଗତ ? ମନୁଷ୍ୟଜାତି କ'ଣ ଖୋଜୁଛି, କ'ଣ ଚାହୁଁଛି ? କେହି କେହି ଭାବୁଛନ୍ତି ଧନ-ସମ୍ପଦ, ସୁଖ-ସୁବିଧା, ସୁଯୋଗର ସମବଣ୍ଟନ ଦ୍ୱାରା ଆଜି ସମସ୍ୟାର ସମାଧାନ ହେବ । ଅନ୍ୟ କେହି ଭାବୁଛନ୍ତି ନୈତିକତା ଓ ଧାର୍ମିକତାର ଭିତ୍ତିରେ ମାନବଜାତିର ପୁନର୍ଗଠନ ହେଲେ ସକଳ ଅଶାନ୍ତି ଓ ବିଭେଦ ଦୂର ହେବ । କିନ୍ତୁ ପ୍ରକୃତରେ କ'ଣ ଏହା ଦ୍ୱାରା ସମସ୍ୟାର ସମାଧାନ ହେବ ? ବିଜ୍ଞାନର ଅଭ୍ୟୁଦୟ, ବାହ୍ୟ ପ୍ରକୃତି ଉପରେ ମନୁଷ୍ୟର କର୍ତ୍ତୃତ୍ୱ ସ୍ଥାପନ ଫଳରେ ମନୁଷ୍ୟ ଅତୁଳନୀୟ ବାହ୍ୟ ସମ୍ପଦ, ସାମର୍ଥ୍ୟ ଓ ଶକ୍ତିର ଅଧିକାରୀ ହୋଇଛି, ବହୁବିଧ ସୁଖ-ସୁବିଧାର ଅଧିକାରୀ ହୋଇଛି । କିନ୍ତୁ ଏସବୁ ସତ୍ତ୍ୱେ ମନୁଷ୍ୟ ମଧ୍ୟରେ ଦେଖା ଦେଇଛି ଗୋଟିଏ ବିରାଟ ଶୂନ୍ୟତା, ଅସ୍ୱସ୍ତି ଓ ବିକ୍ଷୋଭ । ଅଶ୍ୱ, ହସ୍ତୀ, ଗୃହ, ଭୂମି – ସବୁକିଛି ଲାଭ କରି ସାରିଲା ପରେ ମୈତ୍ରେୟୀ ଯାଜ୍ଞ୍ୟବଲ୍‌କ୍ୟଙ୍କୁ ପ୍ରଶ୍ନ କରିଥିଲେ, ''ଯେନାହଂ ନାମୃତା ସ୍ୟାମ୍ ତେନାହଂ କିଂ କୁର୍ଯ୍ୟାମ୍ ?'' ''ଏସବୁକୁ ଲାଭ କରି କ'ଣ ହେବ ଯଦି ମୋତେ ତାହା ଅମୃତ ଦାନ ନକରିପାରେ ?'' ମୈତ୍ରେୟୀଙ୍କ ପ୍ରଶ୍ନହିଁ ଆଧୁନିକ ସନ୍ଦେହବାଦୀ, ସଂଶୟସଙ୍କୁଳ ମନର ଆକୁଳ ପ୍ରଶ୍ନ : ଏହି ବିପୁଳ ଐଶ୍ୱର୍ଯ୍ୟ, ସମ୍ପଦ ଓ ସମୃଦ୍ଧିର ଅର୍ଥ କ'ଣ, ଯଦି ଆମ୍ଭେମାନେ ଅନ୍ତରରେ ଶାନ୍ତି, ସମତା, ଐକ୍ୟ, ଜ୍ୟୋତିଃ ଓ ଜ୍ଞାନ – ଗୋଟିଏ କଥାରେ ଅମୃତ ଲାଭ କରି ନପାରିଲୁ ? ଯଥାର୍ଥରେ କହିବାକୁ ଗଲେ ବର୍ତ୍ତମାନ ମନୁଷ୍ୟର ଯେଉଁ ଗଭୀର ସଙ୍କଟ ଉପସ୍ଥିତ ହୋଇଛି ତାହା ତା' ନିଜ ମଧ୍ୟରେ, ତାହାର ଚେତନାରେ, ମନ ରାଜ୍ୟରେ । ସେଥିପାଇଁ ବର୍ତ୍ତମାନ ମାନବିକ ସଙ୍କଟକୁ ଚେତନାଗତ ସଙ୍କଟ ବା ଏକ ବିବର୍ତ୍ତନଗତ ସଙ୍କଟ ବୋଲି କୁହାଯାଇ ଥାଏ । ମନୁଷ୍ୟ ନିଜକୁ ଅତିକ୍ରମ କରିଯିବାରେହିଁ, ଏକ ଊର୍ଦ୍ଧ୍ୱତନ ସୋପାନ, ଊର୍ଦ୍ଧ୍ୱତନ ଶକ୍ତି, ଆଲୋକ, ଜ୍ଞାନର ମଧ୍ୟରେ ପ୍ରବେଶ କରିବା ଦ୍ୱାରାହିଁ ବର୍ତ୍ତମାନର ବିଭେଦ, ଦ୍ୱନ୍ଦ୍ୱ, ଅଶାନ୍ତି ଓ ଅସ୍ୱସ୍ତି ଦୂର ହେବ । ବର୍ତ୍ତମାନ ମନୁଷ୍ୟ ଯେଉଁ ଚେତନା, ଯେଉଁ ଭୂମି, ଯେଉଁ ସ୍ତରରେ ରହିଛି ତାହା ବିବର୍ତ୍ତନର ମନୋମୟ ଭୂମି । ମନର ଭୂମି ବିଭେଦ ଓ ପୃଥକତ୍ୱର ଭୂମି । ଏହି ଭୂମିରେ ସତ୍ୟ, ଶାନ୍ତି, ସମତା, ଏକତ୍ୱ, ଜ୍ୟୋତିଃ, ଜ୍ଞାନ ଓ ସୌହାର୍ଦ୍ଦ୍ୟ ବା ମୈତ୍ରୀ ପ୍ରାପ୍ତ ହୋଇପାରିବ ନାହିଁ । ଏହି ଗୁଣଗୁଡ଼ିକ ଦିବ୍ୟ ଏବଂ ଏହା ଉଚ୍ଚତର ଚେତନାର ଗୁଣଧର୍ମ । ସେହି ଚେତନା-ଭୂମିରେ ପ୍ରବେଶ ଦ୍ୱାରା, ସେହି ସ୍ତରରେ ଉପନୀତ ହେବା ଦ୍ୱାରା ମନୁଷ୍ୟ-ସମସ୍ୟାର ସମାଧାନ ହେବ ।

(କ୍ରମଶଃ)

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ, ଦ୍ୱିତୀୟ ଖଣ୍ଡ, ପୃଷ୍ଠା. ୩୦୦ - ୩୦୪)

ଦୟା ଓ ସ୍ମିତହାସ୍ୟ ସହ ସେ ଆମମାନଙ୍କ ପାଖରେ ରହିଛନ୍ତି ଏବଂ ସାହାଯ୍ୟ କରୁଛନ୍ତି, ସହଜରେ ସେ ବିମୁଖ ବା ନିରାଶ ହୁଅନ୍ତି ନାହିଁ, ପୁନଃ ପୁନଃ ବ୍ୟର୍ଥତା ସତ୍ତ୍ୱେ ବି ସମାନ ଭାବରେ ଉତ୍ସାହ ଦେଉଛନ୍ତି, ପ୍ରତି ପଦରେ ସେ ଆମମାନଙ୍କ ହାତ ଧରି ନେଇ ଚାଲୁଛନ୍ତି; ତାଙ୍କର ଏକମାତ୍ର ଦାବି : ଆମମାନଙ୍କ ସଂକଳ୍ପ ଯେପରି ଏକମୁଖୀ ହୁଏ ଏବଂ ଆମେମାନେ ଯେପରି ହେଉ ସରଳ ଓ ଏକନିଷ୍ଠ ।

– ଶ୍ରୀଅରବିନ୍ଦ

# ମୁକ୍ତି
## ଶ୍ରୀଅରବିନ୍ଦ

ମାନସ ଭ୍ରାମରୀ ନୃତ୍ୟ ମୋଠାରୁ ମୁଁ ନିକ୍ଷେପିଛି ଦୂରେ
ଆତ୍ମାର ସ୍ତବ୍ଧତା ମଧ୍ୟେ ମୁକ୍ତ ହୋଇ ଉଭା ମୁଁ ଏଥର;
କାଳହୀନ, ମୃତ୍ୟୁହୀନ ଏହି ଜୀବଜଗତ ସେପାରେ,
କେନ୍ଦ୍ର ମୁହିଁ ମୋ ନିଜର ସନାତନତ୍ୱର ।

ନିବର୍ତ୍ତି ଆସିଛି ମୁହିଁ, କ୍ଷୁଦ୍ର ସତ୍ତା ଯାଉଛି ମୋ ମରି;
ମୁଁ ତ ଅନିର୍ବଚନୀୟ, ଏକା ଏକ ଏବଂ ଅମର;
ଯେ ବିଶ୍ୱ ମୁଁ ଗଢ଼ିଥିଲି ତହିଁରୁ ମୁଁ ଯାଇଛି ଓହରି,
ମୁଁ ହୋଇଛି ନିରୁପାଧି, ପ୍ରସାର ବାହାର ।

ମନ ମୋର ନୀରବିଛି ପ୍ରସାରିତ ଅନନ୍ତ ଆଲୋକେ,
ହୃଦୟ ମୋ ନିକାଞ୍ଚନ ଏକ ଆନନ୍ଦର ଏବଂ ଶାନ୍ତିର,
ଇନ୍ଦ୍ରିୟ ମୋ ବନ୍ଦୀ ନୁହେଁ ସ୍ପର୍ଶ, ଶବ୍ଦ, ଦୃଶ୍ୟର ନିର୍ମୋକେ,
ଦେହ ମୋର ବିନ୍ଦୁଟିଏ ଶୁକ୍ଳଦ୍ୟୋତି ସର୍ବ ଅସୀମର ।

ଅଦ୍ୱୟ ସତ୍ତାର ମୁହିଁ ଏକମାତ୍ର ଆନନ୍ଦ ଅଟଳ :
ମୁଁ ନୁହେଁ କୌଣସି ଜଣେ, ଯେତେ ଯାହା ଅଛି ମୁହିଁ ଏକା ସେ ।

[ଶ୍ରୀଅରବିନ୍ଦଙ୍କ ରଚିତ '**Liberation** [1]'
କବିତାର ଭାଷାନ୍ତର]
ଅନୁବାଦ : ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ



# ପ୍ରପତ୍ତି

## ଶ୍ରୀ ଗୌର ମହାନ୍ତି

ପ୍ରାୟ ଅର୍ଦ୍ଧ ଶତାବ୍ଦୀରୁ ଅଧିକ ବର୍ଷ ତଳେ ଅଧ୍ୟାପକ କାଙ୍ଗାଳୀ ଚରଣ ପତି ଓଡ଼ିଶାରୁ ଆସି ଆଶ୍ରମରେ ଯୋଗ ଦିଅନ୍ତି । ପରେ ପରେ ସେ ପରିଚିତ ହୁଅନ୍ତି ଶ୍ରୀମାଙ୍କ ପ୍ରଦତ୍ତ ''ପ୍ରପତ୍ତି'' ନାମରେ । ପୂର୍ବାଶ୍ରମର ନାଁ ଲୁଚିଯାଏ ବିସ୍ମୃତି-ଗର୍ଭରେ । ପ୍ରପତ୍ତି ଥିଲେ ଆଶ୍ରମରେ 'ନବଜ୍ୟୋତି' ସଂସ୍ଥାର କର୍ଣ୍ଣଧାର ଓ ଓଡ଼ିଶାରେ ଶ୍ରୀଅରବିନ୍ଦ ଶ୍ରୀମାଙ୍କ ଦର୍ଶନ ପ୍ରସାର-ପ୍ରବାହର ଭଗୀରଥ । ତାଙ୍କ ଉତ୍ସର୍ଗୀକୃତ ଜୀବନାବସାନର ବହୁବର୍ଷ ପରେ ବି ଅଦ୍ୟାବଧି ଶ୍ରୀଅରବିନ୍ଦ ଆଶ୍ରମ ସମ୍ପର୍କିତ ଉତ୍କଳୀୟ ଜନମାନସରେ ପ୍ରପତ୍ତି ଏକ ଶ୍ରଦ୍ଧାପ୍ଲୁତ ନାମବାଚକ ଶବ୍ଦ ।

ପ୍ରପତ୍ତିର ଅର୍ଥ ଆତ୍ମନିକ୍ଷେପ, ଭାରନ୍ୟାସ ବା ଶରଣାଗତି । ଏହାର ଗୁରୁତ୍ୱ ଓ ଯଥାର୍ଥ ସ୍ୱରୂପ ସମ୍ବନ୍ଧରେ ବୈଷ୍ଣବ ଶାସ୍ତ୍ରମାନଙ୍କରେ ବିଶଦ ଓ ବ୍ୟାପକ ବ୍ୟାଖ୍ୟା ଦୃଷ୍ଟିକୁ ଆସେ । ବେଦ ଓ ଉପନିଷଦ୍‌ରେ ଏହାର ସ୍ପଷ୍ଟ ସୂଚନା ପରିଲକ୍ଷିତ :

''ଅଗ୍ନେ ନୟ ସୁପଥା ରାୟେ ଅସ୍ମାନ୍
ବିଶ୍ୱାନି ଦେବ ବୟୁନାନି ବିଦ୍ୱାନ୍ ।
ୟୁୟୋଧ୍ୟସ୍ମଜ୍ଜୁହୁରାଣମେନୋ ଭୂୟିଷ୍ଠାଂ
ତେ ନମଉକ୍ତିମ୍ ବିଧେମ ॥''

ବେଦାନ୍ତ ଦେଶିକାଙ୍କର ଟୀକା ଅନୁସାରେ ଋଗ୍‌ବେଦ ଅନ୍ତର୍ଗତ ଉକ୍ତ ପ୍ରଖ୍ୟାତ ସ୍ତବରେ ଅଗ୍ନି ଅନ୍ତରାତ୍ମା ରୂପେ ପରମ ପୁରୁଷଙ୍କର ପ୍ରତୀକ ଓ ନମଃ ଶବ୍ଦ ସମର୍ପଣ ଭାବର ଦ୍ୟୋତକ । ପୁନଶ୍ଚ, ''ୟାଃ ସମିଧା ୟ ଆହୁତିୟୋ ବେଦେନ ଦଦାସ ମର୍ତ୍ତୋ ଅଗ୍ନୟେ ୟୋ ନମସା ସ୍ୱାଧାରଃ'' । ଅର୍ଥାତ୍, ଯେ ସମର୍ପିତ ଭାବରେ ପ୍ରାର୍ଥନା ନିବେଦନ କରନ୍ତି, ସେ ମନ୍ତ୍ରୋଚ୍ଚାରଣ ସହ ଯଜ୍ଞରେ ସମିଧ ଓ ଆହୁତି ପ୍ରଦାନର ଫଳ ପ୍ରାପ୍ତ କରନ୍ତି । ଶ୍ୱେତାଶ୍ୱତର ଉପନିଷଦ୍ ସ୍ପଷ୍ଟତର ଭାଷାରେ କୁହନ୍ତି, ''ୟୋ ବ୍ରହ୍ମାଣମ୍ ବିଦଧାତି ପୂର୍ବମ୍, ୟୋ ବୈ ବେଦାଂଶ୍ଚ ପ୍ରହିଣୋତି ତସ୍ମୈ ... ମୁମୁକ୍ଷର୍ବୈ ଶରଣମହମ୍ ପ୍ରପଦ୍ୟେ'' । ଅର୍ଥାତ୍, ''ଯେ ପ୍ରଥମେ ବ୍ରହ୍ମାଙ୍କୁ ସୃଷ୍ଟି କଲେ, ଏବଂ ଯେ ତାଙ୍କୁ ବେଦ ପ୍ରଦାନ କଲେ, ମୁଁ ମୋକ୍ଷ ନିମନ୍ତେ ତାଙ୍କର ଶରଣାପନ୍ନ ହେଉଛି !'' ଶ୍ରୀମଦ୍ ଭଗବଦ୍‌ଗୀତାରେ ଭଗବାନଙ୍କର ଶରଣାପନ୍ନ ହେବାହିଁ ସଂସାରର ଦୁସ୍ତର ମାୟାରୁ ମୁକ୍ତି ପାଇବାର ଉପାୟ ବୋଲି ପ୍ରୋକ୍ତ : ''ମାମେବ ୟେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ'' ।

ପରମ ପୁରୁଷାର୍ଥ ବା ମୋକ୍ଷପ୍ରାପ୍ତି ପାଇଁ ଜ୍ଞାନ, କର୍ମ ଓ ଭକ୍ତି ଏହି ତ୍ରିବିଧ ମାର୍ଗ ବ୍ୟତୀତ ନାନ୍ୟଃ ପନ୍ଥା ବିଦ୍ୟତେ । ''ଜ୍ଞାନଂ କର୍ମ ଚ ଭକ୍ତିଶ୍ଚ ନୋପାୟୋଽନ୍ୟୋଽସ୍ତି କୁତ୍ରଚିତ୍'' । ଏଥି ମଧ୍ୟରେ ଭକ୍ତିମାର୍ଗ ଅପେକ୍ଷାକୃତ ପ୍ରଶସ୍ତ ମନେ ହୁଏ । ଭଗବାନ୍ କୃଷ୍ଣ ଶ୍ରୀମଦ୍ ଭାଗବତରେ ଉଦ୍ଧବଙ୍କୁ କହୁଛନ୍ତି : ''ନ ସାଧୟେତ୍ ମାଂ ୟୋଗୋ ନ ସାଂଖ୍ୟଂ ଧର୍ମ ଉଦ୍ଧବ, ନ ସ୍ୱାଧ୍ୟାୟସ୍ତପସ୍ତ୍ୟାଗୋ ୟଥା ଭକ୍ତିର୍ମମାର୍ପିତା ॥'' – ପ୍ରଦୀପ୍ତା ଭକ୍ତି ଯେପରି ମତ୍‌ପ୍ରାପକ ହୁଏ ଅଷ୍ଟାଙ୍ଗ ଯୋଗ, ସାଂଖ୍ୟ ଜ୍ଞାନ, ସ୍ୱାଧ୍ୟାୟ କି ବେଦାଧ୍ୟୟନ, ତପସ୍ୟା ଓ ସନ୍ନ୍ୟାସ ତଦ୍ରୂପ ନୁହେଁ । ''ସା ତୁ କର୍ମଜ୍ଞାନୟୋଗେଭ୍ୟୋଽପ୍ୟଧିକତରା'' – କର୍ମ, ଜ୍ଞାନ, ଯୋଗ ଅପେକ୍ଷା ଭକ୍ତି ଗରୀୟସୀ । ଭକ୍ତିର ଜୟ ଜୟକାର କରି ଶ୍ରୀଭଗବାନ୍ ସ୍ୱୟଂ କୁହନ୍ତି, ମଦ୍‌ଭକ୍ତିର୍ୟୁକ୍ତଃ ଭୁବନଂ ପୁନାତି' – ମୋର ଭକ୍ତ ବିଶ୍ୱ ବ୍ରହ୍ମାଣ୍ଡର ପାବନକାରୀ । ପୁଣି ସୂତ୍ରରେ 'ଅନ୍ୟସ୍ମାତ୍ ସୌଲଭ୍ୟଂ ଭକ୍ତୌ' – ଭକ୍ତ ହୋଇଥିଲେ ମଧ୍ୟ ଯଥାର୍ଥରେ ଭକ୍ତି ସୁଦୁର୍ଲଭ ଓ ଭକ୍ତିଲାଭ ପରମ ଗହନ ଓ ଦୁଷ୍କର ଅଟେ । ଶ୍ରୀମତ୍ ଶଙ୍କରାଚାର୍ଯ୍ୟଙ୍କ ଭାଷାରେ ''ସ୍ୱ-ସ୍ୱରୂପାନୁସନ୍ଧାନଂ ଭକ୍ତିରିତ୍ୟଭିଧୀୟତେ'' । ପୁନଶ୍ଚ ନାରଦୀୟ ସୂତ୍ରରେ ଉକ୍ତ ଯେ ''ୟତ୍ ପ୍ରାପ୍ୟ ନ କିଞ୍ଚିତ୍ ବାଞ୍ଛତି, ନ ଶୋଚତି, ନ ଦ୍ୱେଷ୍ଟି, ନ ରମତେ, ନୋତ୍ସାହୀ ଭବତି'' – ଅର୍ଥାତ୍, ''ଭକ୍ତିଲାଭ ହେଲେ ମନୁଷ୍ୟର କୌଣସି ବିଷୟ ବାସନା, ଶୋକ, ଦ୍ୱେଷ ଏବଂ ଭଗବଦ୍ ଭିନ୍ନ ଅନ୍ୟ କର୍ମରେ ରତି ବା ଉତ୍ସାହ ରହେ ନାହିଁ ।'' ସଂସାରର ସୁଖ ଦୁଃଖ, ଧନ ରତ୍ନ, ବାସନା କାମନା, ଧର୍ମାଧର୍ମ, କର୍ମଜ୍ଞାନ, ଏପରିକି ସ୍ତ୍ରୀ-ପୁତ୍ର ପ୍ରଭୃତି ସମସ୍ତ ଭୁଲି ଭଗବାନଙ୍କଠାରେ ଯେଉଁ ଐକାନ୍ତିକ ଅନୁରକ୍ତି, ତାହାହିଁ ଭକ୍ତି । ''ଅନ୍ୟାଭିଲାଷିତଶୂନ୍ୟଂ ଜ୍ଞାନକର୍ମା-ଦ୍ୟନାବୃତମ୍ ଆନୁକୂଲ୍ୟେନ କୃଷ୍ଣାନୁଶୀଲନଂ ଭକ୍ତିରୁତ୍ତମା'' – ଶ୍ରୀ ରୂପଗୋସ୍ୱାମୀ । ଯେତେବେଳେ କର୍ମଯୋଗ ଦ୍ୱାରା ଗୁଣକ୍ଷୟ ହୋଇ ଚିତ୍ତଶୁଦ୍ଧି ହୁଏ ଏବଂ ଜ୍ଞାନଯୋଗ ଦ୍ୱାରା ମନୁଷ୍ୟ ଅବଗତ ହୁଏ ଯେ କରୁଣାମୟ ଭଗବାନ୍ ସର୍ବଭୂତରେ ବିଦ୍ୟମାନ,

ସେତେବେଳେହିଁ ଭକ୍ତି ସ୍ୱତଃ ମାନବ ହୃଦୟକୁ ଅଧିକାର କରେ ।

ଜ୍ଞାନ, ବେଦନ, ଦର୍ଶନ, ଧ୍ୟାନ, ଧ୍ରୁବସ୍ମୃତି, ନିଦିଧ୍ୟାସନ ଏବଂ ଉପାସନାକୁ ମୋକ୍ଷର ଉପାୟ ଭାବେ ଉପନିଷଦ୍ ନିର୍ଣ୍ଣୟ କରିଛନ୍ତି । ଏଠାରେ ଭକ୍ତି ଶବ୍ଦର ଉଲ୍ଲେଖ ନ ଥାଇ ସମର୍ଥବୋଧକ 'ଉପାସନା' ଶବ୍ଦ ବ୍ୟବହୃତ । ଶ୍ରୀମଦ୍ ଭଗବଦ୍-ଗୀତାର 'ଭକ୍ତିଯୋଗ' ଅଧ୍ୟାୟରେ ''ଉପାସତେ'' ଶବ୍ଦ ଶ୍ରୀଭଗବାନଙ୍କ ଦ୍ୱାରା ଆଦ୍ୟ, ଅନ୍ତ ଓ ମଧ୍ୟ ଶ୍ଳୋକମାନଙ୍କରେ ତ୍ରିବାର ଉଚ୍ଚାରିତ । ଶ୍ରୀମଦ୍ ଭାଗବତ ନବଧା ଭକ୍ତି ରୂପେ ଶ୍ରବଣ, କୀର୍ତ୍ତନ, ସ୍ମରଣ, ପଦସେବନ, ଅର୍ଚ୍ଚନ, ଦାସ୍ୟ, ସଖ୍ୟ ଓ ଆତ୍ମ-ନିବେଦନର ମାର୍ଗ ଦର୍ଶାଇଥିବା ସ୍ଥଳେ ଶ୍ରୀରାମାନୁଜ ଭକ୍ତିଯୋଗ ବା ଉପାସନା ପାଇଁ ସମ ଓ ଦମ ବ୍ୟତୀତ 'ସାଧନ-ସପ୍ତକ'ର ନିର୍ଦ୍ଦେଶ କରିଛନ୍ତି । ଯଥା : ବିବେକ, ବିମୋକ, ଅଭ୍ୟାସ, କ୍ରିୟା, କଲ୍ୟାଣ, ଅନବସାଦ ଓ ଅନୁଦ୍ଧର୍ଷ । ପର୍ଯ୍ୟାୟକ୍ରମେ ସାଧକ ପରା ଭକ୍ତି, ପରଜ୍ଞାନ ଓ ପରିଶେଷରେ ପରମା ଭକ୍ତି ପ୍ରାପ୍ତ କରନ୍ତି – ପରମା ଭକ୍ତିରେହିଁ ପରିପୂର୍ଣ୍ଣ ବ୍ରହ୍ମାନୁଭବ । ଅତଏବ ଭକ୍ତିଯୋଗ ଅତୀବ ଦୁରୂହ ଓ ଦୁଷ୍କର । ଭଗବତ୍ ପ୍ରେମ ସହ କାମନାସର୍ବସ୍ୱ ମାନୁଷୀ ପ୍ରେମକୁ ତୁଳନା କରିବା ଯେପରି ଚରମ ନିର୍ବୋଧତା, ସେହିପରି ଭକ୍ତିଯୋଗ ସହ ତଥାକଥିତ ଭକ୍ତି ନାମରେ ଫୁଲ ଧୂପ ଦ୍ୱାରା ପୂଜା ଅର୍ଚ୍ଚନା, ଭଜନ, କୀର୍ତ୍ତନ, ନାମଜପ ଇତ୍ୟାଦି ସର୍ବସାଧାରଣଙ୍କ ଆଦୃତ ସହଜିଆ ମାର୍ଗକୁ ତୁଳନା କରିବା ଚରମ ଭ୍ରାନ୍ତି – ଉଭୟ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ।

ଏହି ଦୃଷ୍ଟିରୁ ନାଥ ମୁନିଙ୍କଠାରୁ ଆରମ୍ଭ କରି ଶ୍ରୀ ରାମାନୁଜଙ୍କ ପର୍ଯ୍ୟନ୍ତ ବୈଷ୍ଣବ ଆଚାର୍ଯ୍ୟଗଣ ଭକ୍ତିଯୋଗର ବିକଳ୍ପ ଭାବରେ 'ପ୍ରପତ୍ତି'କୁହିଁ ଶ୍ରେୟଷ୍କର ବିବେଚନା କରିଛନ୍ତି ।

''ଭକ୍ତ୍ୟା ପରମୟା ବାପି ପ୍ରପତ୍ତ୍ୟା ବା ମହାମତେ ।
ପ୍ରାପ୍ୟୋଽହମ୍ ନାନ୍ୟଥା ପ୍ରାପ୍ୟୋ ମମ କୈଙ୍କର୍ଯ୍ୟଲିପ୍ସୁଭିଃ ॥''
(ରହସ୍ୟତ୍ରୟସାର)

ପ୍ରପତ୍ତିକୁ ଏକ ସ୍ୱତନ୍ତ୍ର ମାର୍ଗ ବିବେଚିତ କରୁଥିବା ଶ୍ରୀରାମାନୁଜଙ୍କ ମତରେ ପ୍ରପତ୍ତି ଭିନ୍ନ ମନୁଷ୍ୟର ଗତ୍ୟନ୍ତର ନାହିଁ । ତାତ୍ପର୍ଯ୍ୟ ଏହି ଯେ, ଭକ୍ତିଯୋଗକୁ ଉପାୟ ଭାବରେ ଅବଲମ୍ବନ କରୁଥିବା ମୁମୁକ୍ଷୁମାନଙ୍କୁ ମଧ୍ୟ ଭକ୍ତିଯୋଗର ଏକ ଅଙ୍ଗ ଭାବରେ ଭଗବାନଙ୍କର କୃପା ପ୍ରାପ୍ତି ପାଇଁ ପ୍ରପନ୍ନ ହେବାକୁ ପଡ଼ିଥାଏ । ଅନ୍ୟ ପକ୍ଷରେ ପ୍ରପନ୍ନର ମଧ୍ୟ ନୈତିକ କର୍ତ୍ତବ୍ୟ ଭାବରେ କୈଙ୍କର୍ଯ୍ୟ ବା ଭଗବତ୍ ସେବା ନିମିତ୍ତ ଭକ୍ତିଭାବ ଏକାନ୍ତ ଆବଶ୍ୟକ । ବେଦାନ୍ତ ଦେଶିକା ସ୍ୱତନ୍ତ୍ର ମାର୍ଗକୁ ଅଦ୍ୱାରକ ବା ଅଙ୍ଗୀ ପ୍ରପତ୍ତି ଓ ଭକ୍ତିଯୋଗ ମାର୍ଗର ପ୍ରପତ୍ତିକୁ ସଦ୍ୱାରକ ବା ଅଙ୍ଗ ପ୍ରପତ୍ତି ବୋଲି ଅଭିହିତ କରିଛନ୍ତି । ଉପନିଷଦ୍‌ରେ ସଦ୍‌ବିଦ୍ୟା, ମଧୁ ବିଦ୍ୟା, ବୈଶ୍ୱାନର ବିଦ୍ୟା ଇତ୍ୟାଦି ୩୨ ପ୍ରକାରର ଉପାସନା-ପଦ୍ଧତି ରହିଛି । ବେଦାନ୍ତ ସୂତ୍ର ଅନୁଯାୟୀ ସ୍ୱଭାବ ତଥା ଅଧିକାର ଭେଦରେ ମୁମୁକ୍ଷୁମାନଙ୍କ ପାଇଁ ବିଭିନ୍ନ ମାର୍ଗର ବ୍ୟବସ୍ଥା ରହିଛି । 'ଶ୍ରୁତ ପ୍ରକାଶିକା' ଅନୁସାରେ ଏଥି ମଧ୍ୟରେ ଅନ୍ତର୍ଗତ ନ୍ୟାସ ବିଦ୍ୟାହିଁ 'ଭାରନ୍ୟାସ' ବା ପ୍ରପତ୍ତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆଚଣ୍ଡାଳ ବ୍ରାହ୍ମଣ ସମସ୍ତଙ୍କ ପାଇଁ ଏହି ମାର୍ଗର ଦ୍ୱାର ଉନ୍ମୁକ୍ତ । ଏବଂ ଅର୍ଥ, ଐଶ୍ୱର୍ଯ୍ୟ, କୈବଲ୍ୟ ଓ ମୋକ୍ଷ, ଯାହାସବୁ ଭକ୍ତିଯୋଗ ମାଧମରେ ପ୍ରାପ୍ତି ହୋଇଥାଏ, ସେ ସମସ୍ତ ପ୍ରପତ୍ତି-ମାର୍ଗରେ ମଧ୍ୟ ଲଭ୍ୟ । ଏ ମାର୍ଗର ବିଶେଷତ୍ୱ ଏହି ଯେ ଭଗବାନ୍ କେବଳ ଲକ୍ଷ୍ୟ ନୁହନ୍ତି, ସେହିଁ ପନ୍ଥା ଓ ସେହିଁ ପାଥେୟ । ମୁଣ୍ଡକ ଉପନିଷଦ୍ ସେହି ଅର୍ଥରେ ଭଗବାନଙ୍କୁ ''ଅମୃତସ୍ୟ ଏଷ ସେତୁଃ'' ବୋଲି ଅଭିହିତ କରିଛନ୍ତି । ଏହି କାରଣରୁହିଁ ଭଗବାନଙ୍କୁ 'ସିଦ୍ଧୋପାୟ' କୁହାଯାଏ, ଯେହେତୁ ସାଧନା ପୂର୍ବରୁ ସେ ବିଦ୍ୟମାନ । ମନୁଷ୍ୟର ପୁରୁଷକାର ତଥା ଉଦ୍ୟମ ଦ୍ୱାରା ପ୍ରାପ୍ତିକୁ ସାଧ୍ୟୋପାୟ କୁହାଯାଇଥାଏ । ଉଭୟ ମାର୍ଗର ଲକ୍ଷ୍ୟ ହେଲା ଭଗବାନଙ୍କ କୃପା ଲାଭ କରିବା । କେବଳ ଭଗବତ୍ କୃପାହିଁ ମନୁଷ୍ୟକୁ ମୋକ୍ଷ ନିକଟରେ ଉପନୀତ କରାଇପାରେ, କୌଣସି ସାଧନା ନୁହେଁ ।

ପ୍ରପନ୍ନ ପାଇଁ ସାଧାରଣ ଯୋଗ୍ୟତା ଆବଶ୍ୟକ : ଅର୍ଥିତ୍ୱ ବା ମୋକ୍ଷ ପାଇଁ ଯଥାର୍ଥ ବ୍ୟାକୁଳତା, ଏବଂ ସାମର୍ଥ୍ୟ ବା ପ୍ରପତ୍ତି ସମ୍ବନ୍ଧରେ ସାଧାରଣ ଜ୍ଞାନ ସହ ଏହି ମାର୍ଗ ଅବଲମ୍ବନ କରିବା ପାଇଁ ଆବଶ୍ୟକ ଦକ୍ଷତା । ପୁଣି ଏଥିପାଇଁ ବିଶେଷ ଯୋଗ୍ୟତା ହେଲା :

୧. ଆକିଞ୍ଚନ୍ୟ – ବ୍ୟକ୍ତିର ଅନ୍ୟ କୌଣସି ପନ୍ଥା ପାଇଁ ଏକାନ୍ତ ଅକ୍ଷମତା ବା ଉପାୟାନ୍ତରାସମାର୍ଥ୍ୟ ଭାବ, ଏବଂ

୨. ଅନନ୍ୟଗତିତ୍ୱ – ମୁମୁକ୍ଷୁଙ୍କର ଏକମାତ୍ର ଲକ୍ଷ୍ୟ, ମୋକ୍ଷ (ପ୍ରୟୋଜନାନ୍ତର-ବୈମୁଖ୍ୟ); ଓ ଏକମାତ୍ର ଆରାଧ୍ୟ ସ୍ୱୟଂ ପରମାତ୍ମା; ଯେହେତୁ ସେହିଁ କେବଳ ମୋକ୍ଷଦାତା ।

ଶ୍ରୀ ଯମୁନାଚାର୍ଯ୍ୟଙ୍କର ସ୍ତୋତ୍ରରତ୍ନରେ ଶରଣାଗତି ପାଇଁ ପ୍ରାର୍ଥନା –

''ଅକିଞ୍ଚନୋ ଅନନ୍ୟଗତିଃ ଶରଣ୍ୟ ତ୍ୱତ୍‌ପାଦମୂଲମ୍ ଶରଣମ୍ ପ୍ରପଦ୍ୟେ ।'' ଆଚରଣ ବିଧି ଭାବରେ ପ୍ରପନ୍ନର ୬ ଟି ନିୟମ ପାଳନ କରିବା କର୍ତ୍ତବ୍ୟ । ଅହିର୍ବୁଧ୍‌ନ୍ୟ ସଂହିତାରେ 'ଷଡ଼୍‌ବିଧା ଶରଣାଗତିଃ' ବର୍ଣ୍ଣିତ :

୧. ଆନୁକୂଲ୍ୟ ସଂକଳ୍ପ – କେବଳ ସେହି କର୍ମ କରିବା ପାଇଁ ଦୃଢ଼ ନିଷ୍ଠା, ଯାହା ପରମାତ୍ମାଙ୍କର ପ୍ରିୟ ।

୨. ପ୍ରାତିକୂଲ୍ୟ ବର୍ଜନ – ପ୍ରଭୁଙ୍କର ଅପ୍ରିୟ ସମସ୍ତ କାର୍ଯ୍ୟରୁ ବିରତ ହେବା ।

୩. କାର୍ପଣ୍ୟ – ଅନ୍ୟ ପନ୍ଥା ଅବଲମ୍ବନରେ ଅକ୍ଷମତା-ଜନିତ ନିରୁପାୟ ତଥା ବିନମ୍ର ଭାବ ।

୪. ମହାବିଶ୍ୱାସ – ପ୍ରଭୁଙ୍କୁ ଏକମାତ୍ର ସାହାଭରସା ଭାବେ ଗ୍ରହଣ କରି ସମ୍ପୂର୍ଣ୍ଣ ଅବିଚଳିତ ଆସ୍ଥା ସ୍ଥାପନ ।

୫. ଗୋପ୍ତୃତ୍ୱ ବରଣ – ନିରାଶ୍ରୟଃ ମାଂ ଜଗଦୀଶ ରକ୍ଷ – ତଥା ତାଙ୍କରି ଆଶ୍ରୟ ଭିକ୍ଷା କରି ଆନ୍ତରିକ ପ୍ରାର୍ଥନା ।

୬. ଆତ୍ମନିକ୍ଷେପ – ସର୍ବଶେଷ ହେଲେ ବି ସର୍ବପ୍ରଧାନ (ଅଙ୍ଗୀ), ଏବଂ ପୂର୍ବବର୍ଣ୍ଣିତ ପଞ୍ଚବିଧ ସହକାରୀ ଅଙ୍ଗ ଭାବେ ବିବେଚିତ । ଆତ୍ମନିକ୍ଷେପ ଏକ ବିଶେଷ ମାନସିକ ସ୍ଥିତି (ମତି-ବିଶେଷ) ଏବଂ ଏହାର ତିନୋଟି ଅଙ୍ଗ –

(କ) ସ୍ୱରୂପ ସମର୍ପଣ – ଅର୍ଥାତ୍, ମୁଁ ବୋଲାଉଥିବା ଜୀବ ସମ୍ପୂର୍ଣ୍ଣ ଭାବେ ଭଗବାନଙ୍କର ଅଧୀନ ଓ ସେ ତା'ର ପ୍ରଭୁ ଅଟନ୍ତି ।

(ଖ) ଭାର ସମର୍ପଣ – ଅର୍ଥାତ୍ ତା'ର ରକ୍ଷଣା-ବେକ୍ଷଣର ଯାବତୀୟ ଦାୟିତ୍ୱ ଭଗବାନଙ୍କଠାରେ ନ୍ୟସ୍ତ କରିବା ।

(ଗ) ଫଳ ସମର୍ପଣ – ଯାହା କିଛି ପ୍ରାପ୍ତି ସେ ସମସ୍ତ ଭଗବାନଙ୍କର ଏବଂ ସେହିଁ ଯଥାର୍ଥ ଭୋକ୍ତା ।

ଏହି ଆତ୍ମନିକ୍ଷେପର ପୁନଶ୍ଚ ଅନ୍ୟ ତିନୋଟି ଅଙ୍ଗ ହେଲା ତ୍ରିବିଧ ତ୍ୟାଗ : (୧) କର୍ତ୍ତୃତ୍ୱ ତ୍ୟାଗ – ନିଜକୁ କର୍ତ୍ତା ନ ଭାବି ପ୍ରଭୁଙ୍କୁହିଁ କର୍ତ୍ତା ଜ୍ଞାନ କରିବା, (୨) ମମତା ତ୍ୟାଗ – ସମସ୍ତ କିଛି ପ୍ରଭୁଙ୍କର ଓ ମୋର କିଛି ନୁହେଁ ବୋଲି ଜାଣି ରଖିବା, (୩) ଫଳ ତ୍ୟାଗ – ଏହି ବିଷୟରେ ସତତ ସଚେତନ ରହିବା ଯେ ମୁମୁକ୍ଷୁର ସମସ୍ତ ପ୍ରଚେଷ୍ଟା ଓ ଆତ୍ମସମର୍ପଣ କେବଳ ବ୍ୟାଜ – କିନ୍ତୁ ଫଳ ସ୍ୱରୂପ ମୋକ୍ଷର କାରଣ ହୋଇ ନ ପାରେ ।

ଏହା ତପସ୍ୟାଲବ୍ଧ ନୁହେଁ, କେବଳ ଭଗବାନଙ୍କର କୃପା ଦ୍ୱାରାହିଁ ଲଭ୍ୟ ।

''... ନ ମେଧୟା ନ ବହୁନା ଶ୍ରୁତେନ – ଯମେବୈଷ ବୃଣୁତେ ତେନ ଲଭ୍ୟଃ ।''

(ମୁଣ୍ଡକ ଉପନିଷଦ୍)

ସେହି କଥା ବେଦାନ୍ତ ସୂତ୍ରର ଭାଷ୍ୟରେ ଶ୍ରୀରାମାନୁଜ କହୁଛନ୍ତି ''ପ୍ରିୟତମ ଏବ ହି ବରଣୀୟୋ ଭବତି ।''

ଭକ୍ତିନିଷ୍ଠ, ଆଚାର୍ଯ୍ୟନିଷ୍ଠ ଓ କୃତକୃତ୍ୟ, ଏହିପରି ପ୍ରପତ୍ତିର ତିନୋଟି ଶ୍ରେଣୀ ବିଭାଗ ରହିଛି ।

ଭକ୍ତିଯୋଗର ସାଧନା ଜୀବନବ୍ୟାପୀ । ଶ୍ରୀ ରାମାନୁଜଙ୍କର 'ଶରଣାଗତି ଗଦ୍ୟ' ଅନୁସାରେ ପ୍ରପତ୍ତି ସହଜ ଓ ସଳଖ ମାର୍ଗ । ଜଣେ ସୁଦକ୍ଷ ଧନୁର୍ଦ୍ଧର ଏକାଗ୍ର ଚିତ୍ତରେ ଶର ସନ୍ଧାନ କରି ମୁହୂର୍ତ୍ତକ ମଧ୍ୟରେ ଯେପରି ଲକ୍ଷ୍ୟ ଭେଦ କରି ଥା'ନ୍ତି, ପ୍ରପତ୍ତି-ଯୋଗରେ ମୋକ୍ଷପ୍ରାପ୍ତି ମଧ୍ୟ ଅନୁରୂପ ।

''ପ୍ରଣବୋ ଧନୁଃ ଶରୋ ହ୍ୟାତ୍ମା ବ୍ରହ୍ମ ତଲ୍ଲକ୍ଷ୍ୟମୁଚ୍ୟତେ ।
ଅପ୍ରମତ୍ତେନ ବେଦ୍ଧବ୍ୟଂ ଶରବତ୍ ତନ୍ମୟୋ ଭବେତ୍ ॥''

(ମୁଣ୍ଡକ ଉପନିଷଦ୍)

ପ୍ରପତ୍ତି ବା ଶରଣାଗତି ବେଦୋକ୍ତ ପନ୍ଥା ଏବଂ ଏହା ଗୁହ୍ୟବିଦ୍ୟା ଭାବରେ ଗୁରୁ-ପରମ୍ପରା ସୂତ୍ରରେ ଉପଯୁକ୍ତ ଶିଷ୍ୟକୁ ପ୍ରଦାନ କରାଯାଉଥିଲା । ଶ୍ରୀରାମାନୁଜ ଓ ପରବର୍ତ୍ତୀ ବୈଷ୍ଣବ ଆଚାର୍ଯ୍ୟମାନେ ଏହାର ବିସ୍ତୃତ ବ୍ୟାଖ୍ୟା କରିବା ଫଳରେ ଏହା ସ୍ୱତନ୍ତ୍ର ମାର୍ଗ ଭାବେ ସ୍ୱୀକୃତି ପ୍ରାପ୍ତ ହେଲା । ପୁରାଣମାନଙ୍କରେ ଗଜେନ୍ଦ୍ର, ପ୍ରହ୍ଲାଦ, ବିଭୀଷଣ, ଦ୍ରୌପଦୀ ଆଦି ଶରଣାଗତିର ଦୃଷ୍ଟାନ୍ତ ରଖି ଯାଇଛନ୍ତି । ଭଗବାନଙ୍କର ବହୁ ଉପାଧି ମଧ୍ୟରେ ଆମେ ଦେଖିବାକୁ ପାଉ – ସର୍ବଜ୍ଞ, ସର୍ବଶକ୍ତିମାନ୍, ସତ୍ୟସଂକଳ୍ପ, ସର୍ବରକ୍ଷକ, ଶରଣାଗତବତ୍ସଳ, ସହଜ-ସୁହୃତ୍ ଇତ୍ୟାଦି । ଯେ ସମର୍ପିତ ଭାବରେ ଭଗବାନଙ୍କର ଶରଣ ଭିକ୍ଷା କରିଛନ୍ତି, ପ୍ରଭୁ ତା'ର ଭାର ଗ୍ରହଣ କରି ତାକୁ ଅଭୟ ଓ ମୋକ୍ଷ ପ୍ରଦାନ କରିଛନ୍ତି । 'ଶରଣ' ଶବ୍ଦ ପ୍ରୟୋଗ କରି ଭକ୍ତକବି ସାଲବେଗ ତାଙ୍କର 'ଆହେ ନୀଳ ଶଇଳ' ଜଣାଣରେ ଗାଇଛନ୍ତି, ''ରାବଣର ଭାଇ ବିଭୀଷଣ ଗଲା ଶରଣ, ଶରଣ ସମ୍ଭାଳି ତାକୁ ଲଙ୍କେ କଲ ରାଜନ ।'' ଏହି ପ୍ରସଙ୍ଗରେ ଆଦିକାବ୍ୟ ରାମାୟଣରେ ଭଗବାନ୍ ଶ୍ରୀରାମଚନ୍ଦ୍ର ବିଭୀଷଣଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ବୈଷ୍ଣବ ଆଚାର୍ଯ୍ୟମାନେ ଶରଣାଗତିର ରକ୍ଷାକବଚ ଭାବେ ଗ୍ରହଣ କରିଛନ୍ତି :

''ସକୃଦେବ ପ୍ରପନ୍ନାୟ ତବାସ୍ମୀତି ଚ ଯାଚତେ ।

ଅଭୟମ୍ ସର୍ବଭୂତେଭ୍ୟୋ ଦଦାମ୍ୟେତତ୍ ବ୍ରତମ୍ ମମ ॥''

ତାଙ୍କ ଭକ୍ତଙ୍କର ବିନାଶ ହୋଇ ନପାରେ । 'ନ ମେ ଭକ୍ତଃ ପ୍ରଣଶ୍ୟତି' । ଦେବୀମାହାତ୍ମ୍ୟରେ ମଧ୍ୟ ଦେବତାମାନଙ୍କର ଦେବୀଙ୍କୁ କରିଥିବା ସ୍ତବରେ, 'ଦେବୀ ପ୍ରପନ୍ନାର୍ତ୍ତିହରେ ପ୍ରସୀଦ', 'ଶରଣ୍ୟେ ତ୍ର୍ୟମ୍ବକେ ଗୌରି', 'ଶରଣାଗତଦୀନାର୍ତ୍ତ-ପରିତ୍ରାଣପରାୟଣେ'; ଏହିପରି ବାରଂବାର ଶରଣାଗତିର ଉଲ୍ଲେଖ ରହିଛି ।

ସର୍ବୋପନିଷଦ୍-ସାର ଶ୍ରୀମଦ୍ ଭଗବଦ୍ ଗୀତାରେ ପଦ୍ମମୁଖଙ୍କର ମୁଖପଦ୍ମରୁ ନିର୍ଗତ ଶେଷ କଥା ହେଲା ଅନନ୍ୟ ଶରଣାଗତି । ଅନ୍ତିମ ଅଧ୍ୟାୟରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ : ''ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ'' ପର ଶ୍ଳୋକରେ ଏହା 'ଗୁହ୍ୟାଦ୍ ଗୁହ୍ୟତରଂ' ବୋଲି ଅଭିହିତ କରିଛନ୍ତି । ସେତିକିରେ କ୍ଷାନ୍ତ ନ ହୋଇ ପୁନରାୟ କହିଲେ : ''ସର୍ବଗୁହ୍ୟତମଂ ଭୂୟଃ ଶୃଣୁ ମେ ପରମଂ ବଚଃ'' — ତୁମେ ମୋଠାରେ ହୃଦୟ ଅର୍ପଣ କର; ମୋର ଭକ୍ତ ହୁଅ; ମୋର ପୂଜନଶୀଳ ହୁଅ; ମୁଁ ସତ୍ୟପ୍ରତିଜ୍ଞା କରି କହୁଛି ଯେ ତୁମେ ମୋତେହିଁ ପ୍ରାପ୍ତ ହେବ ।'' ପରିଶେଷରେ ଶ୍ରୀଭଗବାନ୍ କହିଲେ, ''ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ'' । ଭଗବାନଙ୍କର ଏହି ଅନ୍ତିମ ଉପଦେଶ ଅର୍ଜୁନଙ୍କ ନିମନ୍ତେ ତଥା ବିଶ୍ୱମାନବଙ୍କ ପାଇଁ — ସବୁ ଧର୍ମାନୁଷ୍ଠାନ ଓ ପ୍ରଚେଷ୍ଟା ତ୍ୟାଗ କରି ସର୍ବତୋଭାବେ ଏକମାତ୍ର ଶ୍ରୀଭଗବାନଙ୍କର ଶରଣାପନ୍ନ ହୁଅ । ଅବଶ୍ୟ ଧର୍ମ ଶବ୍ଦଟି ଏଠାରେ ବ୍ୟାପକ ଅର୍ଥରେ ବ୍ୟବହୃତ । ଆଚାର୍ଯ୍ୟ ଶଙ୍କର ଗୀତାଭାଷ୍ୟରେ କହୁଛନ୍ତି, ''ଧର୍ମଶବ୍ଦେନାତ୍ର ଅଧର୍ମୋଽପି ଗୃହ୍ୟତେ, ସର୍ବଧର୍ମାନ୍ — ସର୍ବକର୍ମାଣୀତ୍ୟେତତ୍'' । ଶ୍ରୀ ମଧୁସୂଦନ ସରସ୍ୱତୀ ମଧ୍ୟ କହିଛନ୍ତି, ବର୍ଣ୍ଣଧର୍ମ, ଆଶ୍ରୟ ଧର୍ମ, ସାମାନ୍ୟ ଧର୍ମ ପ୍ରଭୃତି ସମସ୍ତ ପ୍ରକାର ଧର୍ମତ୍ୟାଗ । ଶ୍ରୀଭଗବାନଙ୍କର ଶରଣ ନେଲେ, ସେ ସକଳ ପାପ, ତାପ ଓ ଭବ ବନ୍ଧନରୁ ମୁକ୍ତ କରିଦେବେ । ଏହାହିଁ ତାଙ୍କର ପରମ କଲ୍ୟାଣମୟୀ ସ୍ୱୀକୃତି । ସମସ୍ତ ଧର୍ମପ୍ରଚେଷ୍ଟାର ଶେଷରେ ଏହି ଶରଣାଗତି ଯୋଗ ।

ବେଦାନ୍ତ ଦେଶିକାଙ୍କର ହୃଦୟସ୍ପର୍ଶୀ ଭାବ ଓ ଭାଷାରେ ରସାଣିତ ଶରଣାଗତ ତଥା ପ୍ରପନ୍ନଜନଙ୍କ ଆତ୍ମନିବେଦନ :

ସ୍ୱାମିନ୍ ସ୍ୱଶେଷମ୍ ସ୍ୱବଶମ୍ ସ୍ୱଭରତ୍ୱେନ ନିର୍ଭରମ୍ ।
ସ୍ୱଦରି-ସ୍ୱଧିୟା ସ୍ୱାର୍ଥମ୍ ସ୍ୱସ୍ମିନ୍ ନ୍ୟସ୍ୟସି ମାଂ ସ୍ୱୟଂ ॥

ଅର୍ଥାତ୍, ହେ ପ୍ରଭୁ, ମୁଁ ଆପଣଙ୍କ ଉପରେ ପୂର୍ଣ୍ଣ ନିର୍ଭରଶୀଳ; ଆପଣଙ୍କର ସମ୍ପୂର୍ଣ୍ଣ ଆୟତ୍ତାଧୀନ; ମୋର ଭାବନା ଓ ଚିନ୍ତାଶକ୍ତି ଆପଣଙ୍କରହିଁ ପ୍ରଦତ୍ତ; ମୋର ଯତ୍କିଞ୍ଚିତ୍ ଜ୍ଞାନ ଆପଣଙ୍କର ପ୍ରସାଦ-ପ୍ରସୂତ; ଏବଂ ଆପଣଙ୍କ ଦ୍ୱାରା ପ୍ରେରିତ ହୋଇ, ଆପଣଙ୍କ ପ୍ରୀତ୍ୟର୍ଥେ ଆପଣଙ୍କ ନିକଟରେ ସମର୍ପିତ ।

ସ୍ୱାଧୀନତାର ପ୍ରାକ୍କାଳ ଏବଂ ଉତ୍ତର ଦଶକରେ, ଯେତେବେଳେ ଇଂରାଜୀ ଶିକ୍ଷାର ପ୍ରାଦୁର୍ଭାବ ଶିଶୁସ୍ତରକୁ ସଂକ୍ରମିତ ହୋଇ ନ ଥିଲା, ଏକଦା ଉତ୍କଳର ପୁରପଲ୍ଲୀରେ ଘରେ ଘରେ ବୋଲା ହେଉଥିଲା, ବର୍ଣ୍ଣବୋଧର ରଚୟିତା ଆଦ୍ୟଗୁରୁ ମଧୁସୂଦନଙ୍କର ପ୍ରାର୍ଥନା, ''ଅଖିଳ ବ୍ରହ୍ମାଣ୍ଡପତି ମୋ ଜୀବନ ସ୍ୱାମୀ...'' ଆଜି ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱ ବ୍ୟବଧାନରେ ଠାଏ ଠାଏ ପାସୋର ଗଲାଣି । କିନ୍ତୁ ଏବେ ବି ଅନ୍ତରରେ ଅନୁରଣିତ ହୁଏ ଭକ୍ତକବିଙ୍କ ବନ୍ଦନାର ଅବିସ୍ମରଣୀୟ ସେଇ ଅନ୍ତିମ ପୟାର —

''ପ୍ରଭୋ, ପରମ ଶରଣ
ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ ।'' ❖

---

ସବୁ ସମୟରେ ତୁମକୁ ସମସ୍ତ ସାହାଯ୍ୟ ଦିଆଯାଉଛି; କିନ୍ତୁ ତାହା ତୁମକୁ ଗ୍ରହଣ କରିବା ପାଇଁ ଶିଖିବାକୁ ହେବ ତୁମ ହୃଦୟର ନୀରବତାରେ, ବାହ୍ୟ ଉପାୟଗୁଡ଼ିକର ମାଧ୍ୟମରେ ନୁହେଁ । ତୁମ ହୃଦୟର ନୀରବତାରେହିଁ ଭଗବାନ୍ ତୁମ ସଙ୍ଗେ କଥା କହିବେ ଓ ତୁମର ପଥ ନିର୍ଦ୍ଦେଶ କରିବେ ଓ ତୁମର ଲକ୍ଷ୍ୟ ଦିଗରେ ତୁମକୁ ଆଗେଇ ନେବେ । କିନ୍ତୁ ସେଥିପାଇଁ ଭଗବତ୍ କୃପା ଓ ପ୍ରେମ ଉପରେ ତୁମର ପୂର୍ଣ୍ଣ ଓ ଅଖଣ୍ଡ ବିଶ୍ୱାସ ରହିବା ଆବଶ୍ୟକ ।

— ଶ୍ରୀମା

# ଶ୍ରୀମାଙ୍କର ବାଲ୍ୟ ଜୀବନରେ ପରିବାରର ଭୂମିକା

## (୨)

### ମମତା ଦାଶ

ଶ୍ରୀମା'ଙ୍କର ବାପା ମରିସ୍‌ସେ ତାଙ୍କୁ ବହୁତ ଭଲ ପାଉଥିଲେ ଓ ତାଙ୍କର ମା' ପୁଅ ମତ୍‌ତେୟୋଙ୍କୁ ବେଶୀ ଭଲ ପାଉଥିଲେ । ପିଲାଟି ଦିନରୁ ଶ୍ରୀମା' ଭିନ୍ନ ପ୍ରକାରର ଥିଲେ ବୋଲି ତାଙ୍କର ମା' ଜାଣିଥିଲେ ଓ ସେଥିପାଇଁ ବିରକ୍ତ ହେଉଥିଲେ । ଶ୍ରୀମା କହିଥିଲେ, ''ମୋର ମା' ମୋତେ ସଦାବେଳେ ଗାଳି ଦେଉଥିଲେ, ଏହା ବେଶ୍ ଭଲ କଥା, ସେଥିରେ ଉତ୍ତମ ଶିକ୍ଷା ମଧ୍ୟ ଥିଲା । ସେ ମୋତେ ଅଧିକାଂଶ ସମୟରେ ଗାଳି ଦେଉଥିଲେ, ମୁଁ ନ କରିଥିବା ଦୋଷ ପାଇଁ । ଥରେ ମୁଁ କରିଥିବା ଗୋଟିଏ କାମ ପାଇଁ ସେ ମୋତେ ଖୁବ୍ ଗାଳି ଦେଲେ, କାରଣ ସେ ତାହାକୁ ଠିକ୍ ଭାବେ ବୁଝି ନଥିଲେ । ମୁଁ ତାହାକୁ ମୋର ସର୍ବୋତ୍ତମ ଚେତନାରେ ରହି କରିଥିଲି । ସେ ମୋତେ ଏପରି ଭର୍ତ୍ସନା କରିଥିଲେ ଯେ ସତେ କି ତାହା ଏକ ଅପରାଧ, ମୁଁ ତାଙ୍କ ବିନାନୁମତିରେ କିଛି ଗୋଟିଏ ଜିନିଷ ଜଣକୁ ଦେଇଥିଲି । ପ୍ରଥମେ ମୁଁ ଦୃଢ଼ ହୋଇଗଲି ଓ କହିଲି, 'ମୁଁ ଏଭଳି କରି ନାହିଁ ।' ସେ କହିଲେ, ମୁଁ ମିଛ କହୁଛି । ତା'ପରେ ହଠାତ୍ ଗୋଟିଏ ବି ଶବ୍ଦ ନକହି ମୁଁ ତାଙ୍କ ଆଡ଼କୁ ଚାହିଁଲି ଏବଂ ମୁଁ ମାନବଜାତିର ଦୁର୍ଦ୍ଦଶା ଓ ଏ ସମସ୍ତ ମିଥ୍ୟାଚାରକୁ ଅନୁଭବ କଲି ଓ ନୀରବ ଅଶ୍ରୁପାତ କଲି । ମା' ମୋତେ କହିଲେ, 'ତୁ କ'ଣ କାନ୍ଦିବାକୁ ଆରମ୍ଭ କଲୁଣି ।' ମୋତେ ଖୁବ୍ କ୍ଳାନ୍ତ ଓ ବିରକ୍ତ ଲାଗିଲା । ମୁଁ ତାଙ୍କୁ କହିଲି, 'ଓଃ, ମୋର ଲୁହ ମୋ ପାଇଁ ନୁହେଁ, ଏ ବିଶ୍ୱର ଦୁର୍ଦ୍ଦଶା ପାଇଁ ।' ମୋ ମା' କହିଲେ, 'ତୁ ପାଗଳ ହୋଇ ଯାଉଛୁ ।' ସତରେ ସେ ଭାବୁଥିଲେ ମୁଁ ପାଗଳ ହୋଇ ଯାଉଛି ।''

ଶ୍ରୀମା'ଙ୍କର ତାଙ୍କ ମା'ଙ୍କ ସହିତ ଏଇଭଳି ସମ୍ପର୍କ ଥିଲା ଯେ ବେଳେ ବେଳେ ସର୍ବୋତ୍ତମ ଉଚ୍ଚତାରେ ରହି ସେ ନିଜକୁ ନିୟନ୍ତ୍ରଣ କରି ପାରୁଥିଲେ । ସେହିପରି ତାଙ୍କର ପିତାଙ୍କ ସହିତ ଏଭଳି ଏକ ଘଟଣାଟିଏ ଘଟିଥିଲା । ଏଥିରେ ମୋର ଭାଇ ମତ୍‌ତେୟୋ ସଂପୃକ୍ତ ଥିଲା । ମୋ ଭାଇଙ୍କୁ ଏଗାର ବର୍ଷ ହୋଇଥିଲା । ମତ୍‌ତେୟୋ ରାଗିଗଲେ ନିଜକୁ ସଂଯତ କରିପାରୁ ନଥିଲେ, ସେ ଉଦ୍ଧତ ଥିଲେ । ଥରେ ସେ ବାପାଙ୍କ ମୁହଁ ଉପରେ ଜବାବ ଦେଲେ । ମୋର ବାପା ଭୟଙ୍କର ଭାବରେ ରାଗିଗଲେ ଓ ଭାଇଙ୍କୁ ତାଙ୍କର ଦୁଇ ଆଣ୍ଠୁ ଭିତରେ ଚାପି ଧରିଲେ । ବାପା ଶାରୀରିକ ଭାବରେ ଖୁବ୍ ବଳବାନ୍ ଥିଲେ । ସେ ମୋର ଭାଇଙ୍କୁ ଚାପି ଧରି ଜୋର୍‌ରେ ମାରିବାକୁ ଆରମ୍ଭ କଲେ । ସେ ମତ୍‌ତେୟୋଙ୍କ ପ୍ୟାଣ୍ଟ୍ ଖୋଲି ଦେଲେ ଓ ମାରିବାକୁ ଆରମ୍ଭ କଲେ । ସେତିକି ବେଳେ ମୁଁ ସେଠାରେ ପ୍ରବେଶ କଲି, ଏକଥା ଡାଇନିଂ ରୁମ୍‌ରେ ଘଟୁଥିଲା । ବାପା ସୋଫା ଉପରେ ବସିଥିଲେ ଓ ତାଙ୍କୁ ମାରୁଥିଲେ । ମୁଁ ମୋ ବାପାଙ୍କୁ ଦେଖିଲି, ମନେ ମନେ କହିଲି, 'ଏ ଲୋକଟି ପାଗଳ ।' ମୁଁ ନିଜକୁ ମୋର ପୂର୍ଣ୍ଣ ଉଚ୍ଚତାକୁ ଉଠାଇ ଧରିଲି ଓ କହିଲି, 'ତୁମେ ସଙ୍ଗେ ସଙ୍ଗେ ଏକଥା ବନ୍ଦ କର, ନହେଲେ ମୁଁ ଘର ଛାଡ଼ି ଚାଲିଯିବି ।' ମୁଁ ଦୃଢ଼ପ୍ରତିଜ୍ଞ ଥିଲି । ମୋ ବାପା ସ୍ତମ୍ଭୀଭୂତ ହୋଇଗଲେ, ମୁଁ ସେକଥା ଏତେ କର୍ତ୍ତୃତ୍ୱବୋଧର ସହିତ କହିଲି ଯେ ସେ ତାହା ବନ୍ଦ କରିଦେଲେ ଓ ଆଉ କେବେ ବି ଏପରି କରି ନଥିଲେ ।'' ଶ୍ରୀମା' ତାଙ୍କ ମାତା, ପିତାଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ମଧ୍ୟ ସେମାନଙ୍କର ସୀମାବଦ୍ଧତାକୁ ନିୟନ୍ତ୍ରଣ କରିବାର କ୍ଷମତା ତାଙ୍କର ଥିଲା ।

ଶ୍ରୀମା ତାଙ୍କର ଭାଇ ମତ୍‌ତେୟୋଙ୍କୁ ବହୁତ ଭଲ ପାଉଥିଲେ, ସେ ଶ୍ରୀମା'ଙ୍କଠାରୁ ଅଠର ମାସ ବଡ଼ ଥିଲେ । ମତ୍‌ତେୟୋ ଆଲେକ୍‌ଜାଣ୍ଡ୍ରିଆରେ, ଜୁଲାଇ ୧୩, ୧୮୭୬ ମସିହାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କୁ ବର୍ଷେ ନ ହେଉଣୁ ଆଲ୍‌ଫାସା ପରିବାର ଫ୍ରାନ୍ସ ଚାଲି ଯାଇଥିଲେ । ମତ୍‌ତେୟୋ ଖୁବ୍ ବୁଦ୍ଧିମାନ୍ ଥିଲେ, ଅଠର ବର୍ଷ ବୟସରେ ସେ ମର୍ଯ୍ୟାଦାପୂର୍ଣ୍ଣ ଫରାସୀ ଉଚ୍ଚ ବୈଷୟିକ ଶିକ୍ଷାସ୍ଥଳ ଏକୋଲ୍ ପଲିଟେକ୍‌ନିକ୍‌ରେ ପ୍ରବେଶ କଲେ, ଯେଉଁଠାରେ ଫରାସୀ ଇଞ୍ଜିନିୟର, ଶାସକ ଗୋଷ୍ଠୀର ସର୍ବୋତ୍କୃଷ୍ଟ ବ୍ୟକ୍ତିମାନେ ଶିକ୍ଷା ଲାଭ କରୁଥିଲେ । ସେଠାରୁ ବାହାରି ସେ ଫ୍ରାନ୍ସର ଓଭରସିଜ୍ ଡିପାର୍ଟମେଣ୍ଟ ମାର୍ଟିନିକ୍‌ରେ ନିଯୁକ୍ତ ହେଲେ । ମାର୍ଟିନିକ୍ ୱେଷ୍ଟ ଇଣ୍ଡିଜ୍‌ର ଗୋଟିଏ ଦ୍ୱୀପ, ସେଠାରେ ଏବେ ମଧ୍ୟ ତାଙ୍କ ନାମରେ ଗୋଟିଏ ରାସ୍ତା ରହିଛି ।

ମତ୍‌ତେୟୋଙ୍କର ଜୀବନର ପ୍ରଥମ ଅଠର ବର୍ଷ, ତାଙ୍କର ଭଉଣୀ ମୀରା (ଶ୍ରୀମା)ଙ୍କ ସହିତ ଅବିଚ୍ଛେଦ୍ୟ ସମ୍ପର୍କ ରହିଥିଲା । ମତ୍‌ତେୟୋଙ୍କ ସମ୍ବନ୍ଧରେ ଶ୍ରୀମା' କହିଥିଲେ – ''ସେ ସାଂଘାତିକ ଗମ୍ଭୀର ପିଲା । ତାଙ୍କର ଦୃଢ଼ ଚରିତ୍ରବତ୍ତା ଓ ଇଚ୍ଛାଶକ୍ତି ରହିଥିଲା । ତାଙ୍କ ଭିତରେ କିଛି ଗୋଟିଏ ସୁନ୍ଦର କଥା ରହିଥିଲା । ଯେତେବେଳେ ସେ ପଲିଟେକ୍‌ନିକ୍‌ରେ ନାମ ଲେଖାଇବା ପାଇଁ ପଢୁଥିଲେ, ମୁଁ ତାଙ୍କ ସହ ପଢୁଥିଲି । ତାହା ମୋତେ ପ୍ରୋତ୍ସାହିତ କରିଥିଲା । ତାଙ୍କର ପ୍ରଚଣ୍ଡ ଚାରିତ୍ରିକ ଦୃଢ଼ତା ରହିଥିଲା ।'' ଶ୍ରୀମା' ତାଙ୍କ ଭାଇଙ୍କର ଅତିରିକ୍ତ କ୍ରୋଧ ସମ୍ବନ୍ଧରେ ବି କହିଥିଲେ । ''ଦିନେ ଆମେ ଏକାଠି କ୍ରୋକେ (ଏକ ପ୍ରକାର ଫରାସୀ ଖେଳ) ଖେଳୁଥିଲୁ । ତାଙ୍କୁ ବୋଧହୁଏ କେହି ମାରିଲା କିଂବା କୌଣସି କାରଣରୁ ସେ ହଠାତ୍ ରାଗିଗଲେ ଓ ତାଙ୍କର କ୍ରୋକେ ବାଡ଼ିରେ ମୋତେ ଜୋର୍‌ରେ ଆଘାତ କଲେ, ସୌଭାଗ୍ୟବଶତଃ କେବଳ ସାମାନ୍ୟ କ୍ଷତ ହୋଇଗଲା ଓ ମୁଁ ରକ୍ଷା ପାଇଗଲି । ଆଉ ଥରେ ଆମେ ଏକାଠି ବସିଥିଲୁ, ସେ ମୋ ଉପରେ ଗୋଟିଏ ବଡ଼ ଚେୟାରକୁ ଫିଙ୍ଗି ଦେଇଥିଲେ, ମୁଁ ନଇଁ ପଡ଼ିଲି ଓ ଚେୟାରଟି ମୋ ମୁଣ୍ଡ ଉପର ଦେଇ ଚାଲିଗଲା । ତୃତୀୟ ଥର ଆମେ ଗୋଟିଏ ଘୋଡ଼ା ଗାଡ଼ିରୁ ଓହ୍ଲାଉଥିଲୁ, ସେ ମୋତେ ତା' ତଳକୁ ଠେଲି ଦେଲେ, ସୌଭାଗ୍ୟବଶତଃ ଘୋଡ଼ା ଚାଲିଲା ନାହିଁ । ସେ ମୋତେ ତିନିଥର ମରିବା ଅବସ୍ଥାରେ ପକାଇ ଥିବାରୁ, ତୃତୀୟ ଥର ମୋ ମା କହିଥିଲେ, 'ଏଥରକ ତୁ ତାକୁ ନିଶ୍ଚୟ ମାରିଦେବୁ ।' ସଙ୍ଗେ ସଙ୍ଗେ ସେ ପ୍ରତିଜ୍ଞା କରିଥିଲେ ଯେ ଆଉ କେବେ ବି ଏପରି ଘଟିବ ନାହିଁ, ଏହା ଆଉ କେବେ ଘଟିଲା ନାହିଁ ।

୧୯୧୯ ମସିହାରେ ମତ୍‌ତେୟୋ ସେଣ୍ଟ୍ରାଲ୍ ଆଫ୍ରିକାରେ କଙ୍ଗୋର ରାଜ୍ୟପାଳ ଭାବରେ ନିଯୁକ୍ତ ହୋଇଥିଲେ ଓ ୧୯୩୪ ମସିହାରେ ସେ ଫ୍ରେଞ୍ଚ୍ ଇକୁରାଇ (Ecureuil)ରେ ରାଜ୍ୟପାଳ ହେଲେ । ସେହି ଚଉଦ ବର୍ଷ କାଳ ଆଫ୍ରିକାରେ ରାଜ୍ୟପାଳ ଥିଲାବେଳେ ତାଙ୍କୁ କେହି ରାଗିବାର ଦେଖି ନଥିଲେ । ସେ ଜଣେ ଭଦ୍ର, ସୂକ୍ଷ୍ମ ରୁଚିସମ୍ପନ୍ନ ତଥା ସଂସ୍କୃତିସମ୍ପନ୍ନ ବ୍ୟକ୍ତି ଥିଲେ । ସମସ୍ତେ ତାଙ୍କ ନ୍ୟାୟର ଅବବୋଧ ଦ୍ୱାରା ପ୍ରଭାବିତ ହେଉଥିଲେ ।

ମତ୍‌ତେୟୋଙ୍କୁ ଅଠର ବର୍ଷ ହୋଇଥିଲା ବେଳେ ତାଙ୍କର ଏକ ଅଲୌକିକ ଅଭିଜ୍ଞତା ହୋଇଥିଲା । ସେତେବେଳେ ପଲିଟେକ୍‌ନିକ୍ ପ୍ରବେଶିକା ପରୀକ୍ଷା ପାଇଁ ସେ ପଢୁଥିଲେ । ଦିନେ ସେ ସେନ୍ ନଦୀ ପାର ହେଉଥିବା ବେଳେ ଅଧା ବାଟରେ ହଠାତ୍ ଅନୁଭବ କଲେ ଯେ କିଛି ଗୋଟାଏ ତାଙ୍କ ଉପରକୁ ଓହ୍ଲାଇ ଆସିଲା, ଯାହାକି ତାଙ୍କୁ ଏତେ ଶକ୍ତିଶାଳୀ ଭାବରେ ଅଚଳ କରିଦେଲା ଯେ ଯାହାଫଳରେ ସେ ସେହି ସ୍ଥାନରେ ପଥର ପରି ଦୃଢ଼ ହୋଇ ରହିଗଲେ । ତା'ପରେ ସେ ଶୁଣିଲେ, ''ତୁମେ ଚାହିଁଲେ ଜଣେ ଦେବତା ହୋଇ ପାରିବ ।'' ସମ୍ପୂର୍ଣ୍ଣ ଭାବରେ ଏକ ପ୍ରଚଣ୍ଡ ଶକ୍ତି ଯାହାକି ଅତ୍ୟନ୍ତ ଆଲୋକିତ ତାହା ତାଙ୍କୁ କବଳିତ କରିଦେଲା । ସେହି ଅଭିଜ୍ଞତା ଭିତରେ ଥାଇ ସେ ସେଇ ମୁହୂର୍ତ୍ତରେ ଉତ୍ତର ଦେଲେ, ''ନା, ମୁଁ ମାନବଜାତିର ସେବା କରିବାକୁ ଚାହେଁ ।'' ସେ ଶକ୍ତି ଚାଲିଗଲା । ଏକଥା ମତ୍‌ତେୟୋ ତାଙ୍କର ମା'ଙ୍କୁ କହି ନଥିଲେ, କିନ୍ତୁ ଶ୍ରୀମା'ଙ୍କୁ କହିଥିଲେ । ଶ୍ରୀମା କହିଥିଲେ, ''ତୁମେ କେତେ ବୋକା ସତରେ ।'' ''ସେ ତ ଆଧ୍ୟାତ୍ମିକ ଅଭିଜ୍ଞତା ଲାଭ କରି ପାରିଥା'ନ୍ତେ, ତାଙ୍କର ସେ କ୍ଷମତା ଥିଲା ।''

ମତ୍‌ତେୟୋ ମାନବଜାତିର ସେବା କରିବାକୁ ଚାହିଁଥିଲେ । କିନ୍ତୁ ଦୁଃଖର କଥା ଯେ ଶ୍ରୀମା ଓ ଶ୍ରୀଅରବିନ୍ଦ ମାନବଜାତିର ମୌଳିକ ଅଗ୍ରଗତି ପାଇଁ ଯେଉଁ ପ୍ରୟାସ କରୁଥିଲେ, ସେକଥାକୁ ସେ ଆଦୌ ବୁଝି ନଥିଲେ । ତଥାପି ମଧ୍ୟ ଶ୍ରୀମା' କହିଥିଲେ, ''ସେ ଜଣେ ବୁଦ୍ଧିମାନ୍ ସମର୍ଥ ମଣିଷ ଥିଲେ, ସେ ରାଜ୍ୟପାଳ ହେଲେ, ଅନେକ ଦେଶର ସଫଳ ରାଜ୍ୟପାଳ ହେଲେ, କିନ୍ତୁ ସେ କିଛି ବୁଝି ନଥିଲେ ।

ମାନବଜାତିର ସେବା କରିବା ବ୍ୟତୀତ ଶ୍ରେୟସ୍କର ଆଉ କିଛି ଅଛି ବୋଲି ସେ କଳ୍ପନା କରିପାରି ନଥିଲେ । ସେଥିପାଇଁ ସେ ରାଜ୍ୟପାଳ ହେବାକୁ ବାଛିଥିଲେ, – ଅନଗ୍ରସର ଜାତିମାନଙ୍କର ଉନ୍ନତିରେ ସାହାଯ୍ୟ କରିବା ପାଇଁ । ମତ୍‌ତେୟୋ ଜାଣି ନଥିଲେ ଯେ ଶ୍ରୀମା ଓ ଶ୍ରୀଅରବିନ୍ଦ ସମଗ୍ର ମାନବଜାତିକୁ ପରବର୍ତ୍ତୀ ବିବର୍ତ୍ତନ ପାଇଁ ପ୍ରସ୍ତୁତ କରୁଛନ୍ତି । ଶ୍ରୀମା'ଙ୍କର ମନରେ ଏଥିପାଇଁ କିଛିଟା ଦୁଃଖ ରହିଥିଲା । ଶ୍ରୀମା ପୁଣି କହିଥିଲେ, ''କିନ୍ତୁ ମୋ ଭାଇ ତାଙ୍କ ଜୀବନରେ ଗୋଟିଏ ମାତ୍ର ଭଲ କାମ କରିଥିଲେ । ସେ ମିନିଷ୍ଟ୍ରି ଅଫ୍ କଲୋନିରେ ଥିଲେ । ମିନିଷ୍ଟରମାନେ ତାଙ୍କ ଠାରୁ ବୟସରେ ବଡ଼ ଥିଲେ ଓ ତାଙ୍କର ବନ୍ଧୁ ଥିଲେ । ମୋ ଭାଇଙ୍କର କ'ଣ ପଦବୀ ଥିଲା କେଜାଣି, ତାଙ୍କ ମାଧ୍ୟମରେ କାଗଜପତ୍ର ସବୁ ଯାଉଥିଲା । ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ବେଳେ ମୁଁ ସେଠାରେ ଥିଲି, ବ୍ରିଟିଶ ସରକାର ଫରାସୀ ସରକାରଙ୍କୁ କହିଲେ, ଶ୍ରୀଅରବିନ୍ଦଙ୍କୁ ବହିଷ୍କାର କରି

ଆଲ୍‌ଜେରିଆକୁ ଦ୍ୱୀପାନ୍ତରିତ କରିବା ପାଇଁ । ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ରହନ୍ତୁ ବୋଲି ସେମାନେ ଚାହୁଁ ନଥିଲେ, ଭୟ କରୁଥିଲେ । ତେଣୁ ଆମେ ଯେତେବେଳେ ଏକଥା ଜାଣିଲୁ, ମୁଁ ମୋ ଭାଇଙ୍କ ପାଖକୁ ଚିଠି ଲେଖିଲି, ‘‘ଏହା ଯେମିତି ଅନୁମୋଦିତ ନହୁଏ ।’’ ବହିଷ୍କାରର ଆଦେଶ କଲୋନିଆଲ୍ ଅଫିସକୁ ଅନୁମୋଦନ ପାଇଁ ଯାଇଥିଲା । ଭାଇଙ୍କ ହାତରେ ସେହି ଅନୁମୋଦନ କାଗଜପତ୍ର ରହିଥିଲା । ସେ ସମସ୍ତ କାଗଜପତ୍ରକୁ ଡ୍ରୟାରରେ ରଖିଦେଲେ ଓ ବିସ୍ମୃତ ହୋଇଗଲେ । ଏହାହିଁ ବାକୀ ସବୁକିଛିର କ୍ଷତିପୂରଣ କରିଦେଲା ।’’

ମତ୍‌ତେୟୋ ଏହିପରି ଭାବରେ ତାଙ୍କର ଅବୁଝାମଣାର କ୍ଷତିପୂରଣ କରିଥିଲେ । ଶ୍ରୀଅରବିନ୍ଦ ଏ ସମ୍ବନ୍ଧରେ କହିଥିଲେ ଯେ ଜଣେ ଯୋଗୀ ବାହ୍ୟ ଘଟଣା ସହିତ କାରବାର କଲାବେଳେ କିପରି ଭାବରେ ଅନ୍ତଃସ୍ଥ ଶକ୍ତିକୁ ପ୍ରୟୋଗ କରିଥାଏ । ମାର୍ଚ୍ଚ ୨୦, ୧୯୩୫ ମସିହାରେ ଶ୍ରୀଅରବିନ୍ଦ ଲେଖିଥିଲେ ଯେ, ‘‘ଆମ ବିରୋଧରେ ପ୍ୟାରିସ୍‌ର ମିନିଷ୍ଟର ଅଫ୍ କଲୋନିରେ ଦରଖାସ୍ତ ଦିଆଯାଇଥିଲା; ଏଠାକାର ରାଜ୍ୟପାଳଙ୍କଠାରୁ ଗୋଟିଏ ରିପୋର୍ଟ ମଗା ହୋଇଥିଲା । ଏହା ସକ୍ରିୟ ହୋଇଥିଲେ ଆଶ୍ରମକୁ ସାଂଘାତିକ ବିପଦରେ ପଡ଼ିବାକୁ ହୋଇଥା’ନ୍ତା । ଆମେ ମା’ଙ୍କର ଭାଇଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ କହିଥିଲୁ ।’’ ଅବଶ୍ୟ ଶ୍ରୀଅରବିନ୍ଦ ଏଥିପାଇଁ ନିଜର ଶକ୍ତିକୁ ମଧ୍ୟ ପ୍ରୟୋଗ କରିଥିଲେ ।

ଶ୍ରୀମା’ଙ୍କର ମା ଯେଉଁ ସଂକଳ୍ପ କରିଥିଲେ ‘‘ମୋର ପିଲାମାନେ ସର୍ବୋତ୍ତମ ହେବେ’’ ତାହା ସଫଳ ହୋଇଥିଲା । ମତ୍‌ତେୟୋ ଜଣେ ଅସାଧାରଣ ବ୍ୟକ୍ତି ଥିଲେ, ସେ ତାଙ୍କ ନିଜ ଇଚ୍ଛାନୁସାରେ ମାନବ ସେବା କରିଥିଲେ । ଶ୍ରୀମା’ ମଧ୍ୟ ପୃଥିବୀର ଆଧ୍ୟାତ୍ମିକ ପରିସରକୁ ଆଗେଇ ନେବା ପାଇଁ, ମଣିଷର ବିବର୍ତ୍ତନ ପାଇଁ ନିଜର ଅସାମାନ୍ୟ ଶକ୍ତି ପ୍ରୟୋଗ କରି ସମଗ୍ର ବିଶ୍ୱକୁ ଏକ ଅସାଧାରଣ ଲକ୍ଷ୍ୟ ଆଡ଼କୁ ନେଇ ଯାଇଥିଲେ ।

ଶ୍ରୀମା’ ଏହିପରି ଏକ ବଂଶରୁ ଆସିଥିଲେ । ବାଲ୍ୟକାଳରେ ସେ ମାତା, ପିତା ଓ ଭାଇଙ୍କଠାରୁ ଦୃଢ଼ତା, କର୍ତ୍ତବ୍ୟବୋଧ, ଆତ୍ମିକ ଓ ଶାରୀରିକ ବଳ ସମ୍ବନ୍ଧରେ ଶିକ୍ଷା କରିଥିଲେ । ସେ ଯେଉଁ ବିଶେଷ ଲକ୍ଷ୍ୟ ନିମିତ୍ତ ପୃଥିବୀପୃଷ୍ଠରେ ଜନ୍ମଗ୍ରହଣ କରିଥିଲେ ଏବଂ ତାହାର ପୂର୍ଣ୍ଣତା ନିମିତ୍ତ ଯେଉଁ ଭଳି ପରିସ୍ଥିତି ଦରକାର, ଯେଉଁଭଳି ପରିବାର ଦରକାର, ସେସବୁକୁ ଜନ୍ମ ହେବା ପୂର୍ବରୁ ବାଛିଥିଲେ । ଶ୍ରୀମା’ କିନ୍ତୁ ଏହି ପରିସ୍ଥିତିରେ ସୀମାବଦ୍ଧ ହୋଇ ନଥିଲେ, ଏହା ଭିତରୁ ସାରତତ୍ତ୍ୱ ସଂଗ୍ରହ କରି, ଏହାକୁ ଅତିକ୍ରମ କରି ଭଗବାନଙ୍କର ସଂକଳ୍ପକୁ ପୂର୍ଣ୍ଣ କରିବାର ଦୁଃସାହସିକ ଯାତ୍ରା ପଥରେ ଯିବାକୁ ମଣିଷମାନଙ୍କୁ ସାହାଯ୍ୟ କରିଥିଲେ ଏବଂ ଏପର୍ଯ୍ୟନ୍ତ କରୁଛନ୍ତି ମଧ୍ୟ ।

(ସୁଜାତା ନାହାରଙ୍କର ‘‘ଶ୍ରୀମା’ଙ୍କର ଜୀବନ କଥା’’ ପ୍ରଥମ ଭାଗରୁ ସଂଗୃହୀତ)

... ମା ହେଲେ ପରମେଶ୍ୱରଙ୍କର ଚେତନା ଓ ଶକ୍ତି, ନିଜର ଯାବତୀୟ ସୃଷ୍ଟିର ବହୁ ଊର୍ଦ୍ଧ୍ୱରେ ସେ । ବିଶେଷ ବିଗ୍ରହସବୁର ମଧ୍ୟଦେଇ ଏବଂ ସେ ଯେଉଁ ନାନା ଦେବୀ-ମୂର୍ତ୍ତି ଧରି ସୃଷ୍ଟ ଜୀବର କଲ୍ୟାଣ ନିମିତ୍ତ କୃପା କରି ନିଜକୁ ସେମାନଙ୍କ ପାଖରେ ପ୍ରକାଶ କରିଛନ୍ତି, ସେହି ସକଳ ମଧ୍ୟ ଦେଇ ତାଙ୍କର ଗତିବିଧି ଆମ୍ଭେମାନେ କିଛି ଦେଖିପାରୁ ଓ ଅନୁଭବ କରିପାରୁ, କାରଣ ଏହିସବୁ ଅପେକ୍ଷାକୃତ ସହଜଗ୍ରାହ୍ୟ – ଏହିସବୁର ଗୁଣ ଓ କ୍ରିୟା ଅଧିକତର ନିର୍ଦ୍ଦିଷ୍ଟ ଓ ସୀମାବଦ୍ଧ ।

(‘ମା’ ପୁସ୍ତକ, ପୃଷ୍ଠା : ୨୮)

– ଶ୍ରୀଅରବିନ୍ଦ

ସାଧନା-ପରମ୍ପରା :

# ଯୋଗବାଶିଷ୍ଠ ରାମାୟଣ

## (୫)

[ସଂସ୍କୃତ ଭାଷାରେ ବତିଶ ହଜାର ଶ୍ଳୋକ ବା ଚଉଷଠି ହଜାର ପଂକ୍ତି ସମ୍ବଳିତ ଏହି 'ଯୋଗବାଶିଷ୍ଠ ରାମାୟଣ' ଗ୍ରନ୍ଥଟି ବେଦାନ୍ତ ଦର୍ଶନ ଉପରେ ଆଧାରିତ । ବିଷୟବସ୍ତୁକୁ ଏହିପରି ଏକ ଆଖ୍ୟାନ ଅବଲମ୍ବନରେ ଉପସ୍ଥାପିତ କରାଯାଇଛି : ଯୁବରାଜ ରାମଚନ୍ଦ୍ରଙ୍କର ବୈରାଗ୍ୟ ଉଦୟ ଫଳରେ ଯେତେବେଳେ ସେ ରାଜକାର୍ଯ୍ୟ ଓ ସଂସାରର ଅନ୍ୟାନ୍ୟ କର୍ମ, ଭୋଗ, ସମ୍ପଦ ଓ ଐଶ୍ୱର୍ଯ୍ୟ ଆଦି ପ୍ରତି ଉଦାସୀନ ଓ ବୀତଶ୍ରଦ୍ଧ ହୋଇ ବିମର୍ଷ ହୋଇ ପଡ଼ିଲେ ସେତେବେଳେ ମହାରାଜା ଦଶରଥଙ୍କ ଅନୁରୋଧ କ୍ରମେ ମହର୍ଷି ବଶିଷ୍ଠ ତାଙ୍କ ଭିତରେ ବିମର୍ଷତା ଦୂର କରି ସବୁକିଛି ସମ୍ପର୍କରେ ଯଥାର୍ଥ ମନୋଭାବ ଓ ସତ୍ୟଦୃଷ୍ଟି ଆଣି ଦେବା ପାଇଁ ତାଙ୍କ ଆଗରେ ଅଜସ୍ର ଉପଦେଶ, ଗଳ୍ପ, ଆଖ୍ୟାୟିକା ଓ ତାତ୍ତ୍ୱିକ ବ୍ୟାଖ୍ୟା ଆଦି ବାଢ଼ି ଆତ୍ମଜ୍ଞାନ ଓ ନିର୍ବାଣ ବା ମୁକ୍ତିକୁ ଜୀବନର ଲକ୍ଷ୍ୟ ରୂପେ ଉପସ୍ଥାପିତ କଲେ ଓ ଯଥାର୍ଥ ସତ୍ୟଦୃଷ୍ଟି ଥିଲେ ଏହି ଲକ୍ଷ୍ୟ ଲାଭରେ ସଂସାରର କୌଣସି କର୍ମ ବାଧାସ୍ୱରୂପ ହୁଏ ନାହିଁ ବୋଲି ବୁଝାଇ ଦେଲେ ।

ଏହି ଗ୍ରନ୍ଥଟି 'ମହାରାମାୟଣ', 'ଆର୍ଷ ରାମାୟଣ', 'ଜ୍ଞାନବାଶିଷ୍ଠ', 'ବାଶିଷ୍ଠ ରାମାୟଣ' ବା କେବଳ 'ବାଶିଷ୍ଠ' ନାମରେ ମଧ୍ୟ ପରିଚିତ । ଏହାର ରଚନାକାଳ ସମ୍ପର୍କରେ ନାନା ମତପାର୍ଥକ୍ୟ ରହିଥିଲେ ମଧ୍ୟ ଏହା ଆନୁମାନିକ ଷଷ୍ଠ ଖ୍ରୀଷ୍ଟାବ୍ଦରେ ରଚିତ ବୋଲି ଅନେକଙ୍କର ମତ ।]

### ଭୁଶଣ୍ଡକାକ ଉପାଖ୍ୟାନ

### (୧)

ବଶିଷ୍ଠ କହିଲେ – ହେ ରାମ ! ଏହି ଭୁଶଣ୍ଡ (ନାମାନ୍ତରେ 'ଭୁଶୁଣ୍ଡି')ଙ୍କର ବୁଦ୍ଧି ଅତୀବ ସରଳ । ଦେଖିବାକୁ ସେ ବର୍ଷାକାଳ ମେଘପରି ନିବିଡ଼ ଶ୍ୟାମବର୍ଣ୍ଣ । ତାଙ୍କ ବାକ୍ୟ ଗମ୍ଭୀର ଓ ସ୍ନେହମୟ । ସେ ସର୍ବଦା ହାସ୍ୟମୁଖରେ ଆଳାପ କରନ୍ତି । ଏହି ଜଗତର ସମସ୍ତ ବିଷୟ ତାଙ୍କର ପରିଜ୍ଞାତ ଏବଂ ସେ ଭୋଗସବୁକୁ ତୃଣବତ୍ ତୁଚ୍ଛ ମନେ କରନ୍ତି । ତତ୍ତ୍ୱ ବିଚାର କରି ସେ ଏପରି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ, ଜୀବସକଳ କାମନା ପଛେ ପଛେ ଧାବିତ ହୁଅନ୍ତି ବୋଲି ସେମାନେ ଜନ୍ମ ଓ ମୃତ୍ୟୁରୂପ ସଂସାରଦଶା ପ୍ରାପ୍ତ ହୁଅନ୍ତି । ତାଙ୍କୁ ଦେଖି ଧୀର ବୋଲି ମନେ ହୁଏ ଏବଂ ସେ ପର ଓ ଅପର ବ୍ରହ୍ମଙ୍କର ସାକ୍ଷାତ୍କାର ଲାଭ କରିଛନ୍ତି । ତାଙ୍କ ବୁଦ୍ଧି ବିଶ୍ରାନ୍ତ, ଅନ୍ତରରେ ସେ ପରମ ଆନନ୍ଦରସ ଆସ୍ୱାଦନ କରନ୍ତି ଏବଂ ଆତ୍ମତତ୍ତ୍ୱ ଓ ମାୟାତତ୍ତ୍ୱ, ଉଭୟ ତତ୍ତ୍ୱ ସେ ପରିଜ୍ଞାତ ଅଛନ୍ତି । ଆତ୍ମ-ସାକ୍ଷାତ୍କାର ଲାଭ କରି ସେ ଅଭୟ ବ୍ରହ୍ମ ରୂପରେ ବିରାଜମାନ ଏବଂ ତାଙ୍କ ସହାସ୍ୟ ବଦନ ଜିଜ୍ଞାସୁଗଣଙ୍କର ପ୍ରଶ୍ନସବୁର ଉତ୍ତର ଦେବାକୁ ସର୍ବକ୍ଷଣ ଉନ୍ମୁଖ । ସେ ନିଜର ବୃତ୍ତାନ୍ତସକଳ ଏହିଭାବେ ମୋତେ କହିଲେ :

*

ଭୁଶଣ୍ଡ କହିଲେ – ହେ ମୁନୀନ୍ଦ୍ର ! ମୁଁ ବହୁ ପୂର୍ବ କଳ୍ପରେ ଜନ୍ମ ଗ୍ରହଣ କରି ସେହି କଳ୍ପର କଳ୍ପବୃକ୍ଷ ନୀଡ଼ରେ ଅବସ୍ଥାନ କଲେ ମଧ୍ୟ ବର୍ତ୍ତମାନ କଳ୍ପ ପରି ତାହାର ବର୍ଣ୍ଣନା କଲି । କାରଣ, ଏହି କଳ୍ପରେ ମଧ୍ୟ ମୁଁ ପୂର୍ବ ପୂର୍ବ କଳ୍ପ ପରି ସବୁ ଦେଖୁଅଛି । ହେ ମୁନେ ! ମୁଁ ଯେ ଆଜି ଆପଣଙ୍କ ଦର୍ଶନ ଲାଭ କଲି, ଏହା ମୋର ପୂର୍ବ ସଞ୍ଚିତ ପୁଣ୍ୟଫଳରେ ଘଟିଲା । ହେ ମୁନିବର ! ଆପଣଙ୍କ ପଦାର୍ପଣରେ ଏହି କଳ୍ପତରୁ ଏବଂ ତହିଁରେ ଅବସ୍ଥିତ ମୋର ଏହି ନୀଡ଼ ପବିତ୍ର ହେଲା । ହେ ଋଷେ ! ଏକ୍ଷଣି ଆପଣ ମୋ ପ୍ରଦତ୍ତ ପାଦ୍ୟ ଓ ଅର୍ଘ୍ୟ ଗ୍ରହଣ କରି ମୋତେ ପବିତ୍ର କରନ୍ତୁ; ଏବଂ ଆପଣ ଆଉ ଯାହା ଶୁଣିବାକୁ ଇଚ୍ଛା କରନ୍ତି, ତାହା ଆଦେଶ କରନ୍ତୁ ।

*

ହେ ମୁନେ ! ଆମେମାନେ ଏହିଠାରେ ବହୁକାଳ ଅତିବାହିତ କରିଅଛୁଁ । ହେ ଅନଘ ! ଯେପରି ଦିବା ଆସେ ଓ ଚାଲିଯାଏ, ସେହିପରି କେତେ ଯୁଗ ଯେ ଚାଲି ଯାଇଛି, ତାହାର ସଂଖ୍ୟା ଗଣନା କରାଯାଇ ପାରିବ ନାହିଁ । ଇତିମଧ୍ୟରେ

ମୋର ଅନୁଜଗଣ ସମସ୍ତେ ଏକେ ଏକେ ଦେହ ତ୍ୟାଗ କରି ପରମ-ପଦଙ୍କଠାରେ ପ୍ରବିଷ୍ଟ ହୋଇଛନ୍ତି ।

ବଶିଷ୍ଠ କହିଲେ — ହେ ଭୁଶଣ୍ଡ ! ଯେତେବେଳେ ପ୍ରଳୟକାଳ ସମାଗତ ହୁଏ, ବାତସ୍କନ୍ଧ ନାମକ ପ୍ରଳୟ ଝଞ୍ଜା ଯେତେବେଳେ ପ୍ରବଳ ବେଗରେ ବହୁଥାଏ ସେତେବେଳେ ଆପଣଙ୍କର କିଛି କଷ୍ଟ ହୁଏ କି ? ପ୍ରଳୟ ସମୟରେ ଯେତେବେଳେ ସମଗ୍ର ଜଗତ୍ ବିକ୍ଷୁବ୍ଧ ହୋଇଉଠେ, ସେତେବେଳେ ଏହି କଳ୍ପବୃକ୍ଷ ଭଗ୍ନ ହୁଏନା କାହିଁକି; କୁହନ୍ତୁ ।

ଭୁଶଣ୍ଡ କହିଲେ — ହେ ବ୍ରହ୍ମନ୍ ! ବିହଗମାନଙ୍କର ଅତିଶୟ ଦୁଃଖଜନକ ଅବସ୍ଥା ବିଷୟ ଆପଣଙ୍କୁ କ'ଣ କହିବି ? ସେମାନଙ୍କ ପରି କଷ୍ଟକର ଅବସ୍ଥା ଜଗତରେ ବୋଧହୁଏ ଅନ୍ୟ କୌଣସି ପ୍ରାଣୀଙ୍କର ନାହିଁ । କିନ୍ତୁ ହେ ଭଗବନ୍ ! ଆମେମାନେ ନିତ୍ୟ ଆତ୍ମାଙ୍କଠାରେ ସନ୍ତୁଷ୍ଟ ଥାଉଁ; ସେଥିପାଇଁ ଏହିସବୁ ବିପଦ-ଆପଦରେ କୌଣସି କଷ୍ଟ ଅନୁଭବ କରୁନା । ହେ ବ୍ରହ୍ମନ୍ ! ଆମେମାନେ ଏହିସବୁ ଦୁଃଖରୁ ମୁକ୍ତ ରହି କାଳ ଅତିବାହିତ କରୁଅଛୁଁ । ମୁଁ ଜୀବିତ ରହି ଐହିକ ବା ପାରତ୍ରିକ କର୍ମାନୁଷ୍ଠାନରେ ଇଚ୍ଛୁକ ନୁହେଁ । ପୁଣି ଶରୀରତ୍ୟାଗ କରିବାକୁ ମଧ୍ୟ ଇଚ୍ଛୁକ ନୁହେଁ । ନୈଷ୍କର୍ମ୍ୟ ଅବଲମ୍ବନପୂର୍ବକ ନିତ୍ୟ ବୁଦ୍ଧ ଓ ପୂର୍ଣ୍ଣାନନ୍ଦ ଆତ୍ମ-ସ୍ୱରୂପରେ ମୁଁ ସଂସ୍ଥିତ ଅଛି ଏବଂ ପରେ ଏହିପରି ରହିବି । ଏହି କଳ୍ପପାଦପରେ ଅବସ୍ଥାନପୂର୍ବକ ଆତ୍ମାଲୋକ ଦ୍ୱାରା ଅତୀବ ସୂକ୍ଷ୍ମ କାଳଗତି ଦେଖି ଦେଖି ଆମ୍ଭେମାନେ ଚଳୁଁ । ହେ ବ୍ରହ୍ମନ୍ ! ଯଦିଓ ଏହି କଳ୍ପଭବନରେ ଦିବା ଓ ରାତ୍ରିର ବିଭାଗ ଦେଖା ଯାଏନା, ତଥାପି ପ୍ରାଣପ୍ରବାହ ଦ୍ୱାରା ଆମ୍ଭେମାନେ କାଳଗତି ଉତ୍ତମ ରୂପେ ଜାଣୁ ଅଛୁଁ । ହେ ମୁନେ ! ମୋ ମନ ସର୍ବକ୍ଷଣରେ ଶାନ୍ତ ଓ ସ୍ଥିର ଅଛି; ସେଥିପାଇଁ କୌଣସିଥିରେ ମୁଁ କଷ୍ଟ ଭୋଗ କରେନା । ଏହି ଜଗତକୁ ମୁଁ ମାୟାନିର୍ମିତ ଦର୍ଶନ କରେ ବୋଲି ଏଥିରେ ମୋର ସତ୍ୟ ବୁଦ୍ଧି ନାହିଁ । ସୁତରାଂ ଏହାର ଯେତେବେଳେ ପ୍ରଳୟ ଉପସ୍ଥିତ ହୁଏ ସେତେବେଳେ ମୁଁ କୌଣସି କଷ୍ଟ ଅନୁଭବ କରେନା । ହେ ମହାମତେ ! ଅତୀବ କଷ୍ଟକର ଅବସ୍ଥା ଉପସ୍ଥିତ ହେଲେ ମଧ୍ୟ ଆମ୍ଭେମାନେ ତହିଁରେ ପର୍ବତ ପରି ଅଚଳ ହୋଇ ରହିପାରୁ; ସେଥିପାଇଁ ଜାଗତିକ ଦୁଃଖରେ ଆମ୍ଭମାନଙ୍କର ଦୁଃଖ ଭୋଗ ହୁଏନା । ହେ ଭଗବନ୍ ! ସଂସାରରୂପ ଏହି ଯେଉଁ ନଦୀ, ଭୂତଗଣଙ୍କୁ ନେଇ କାଳସମୁଦ୍ରରେ ପ୍ରବିଷ୍ଟ ହେଉଅଛି, ସେଥିରେ ଆମ୍ଭମାନଙ୍କର କୌଣସି କ୍ଷତି ବୃଦ୍ଧି ନାହିଁ । କାରଣ, ଆମ୍ଭେମାନେ ତ ସଂସାର ନଦୀର ତୀରଦେଶରେ ଅବସ୍ଥିତ ଅଛୁ । ସେହିପରି ରହି, ଗ୍ରହଣ ବା ତ୍ୟାଗ କିଛି ନ କରି, ଏକ ଭାବରେ ବର୍ତ୍ତମାନ ଅଛୁଁ । ହେ ଭଗବନ୍ ! ବ୍ୟବହାର ଦଶାରେ ଆମ୍ଭମାନଙ୍କ ମନ ବିଷୟ ସହିତ ସଂଯୁକ୍ତ ହେଲେ ମଧ୍ୟ, ସେ ତହିଁରେ କଦାପି ଅନୁରକ୍ତ ହୁଏନା । କାରଣ, ସେ ଯେ ବିଷୟତତ୍ତ୍ୱ ପରିଜ୍ଞାତ ହୋଇଛି ! ହେ ବ୍ରହ୍ମନ୍ ! ମନ୍ଦରଗିରି ଦ୍ୱାରା ମଥିତ ହୋଇ କ୍ଷୀର-ସମୁଦ୍ରରୁ ଯେଉଁ ଅମୃତ ଉତ୍‌ଥିତ ହୋଇଥିଲା, ଆପଣଙ୍କ ପଦାର୍ପଣ ମାତ୍ରେ ଆମ୍ଭେମାନେ ସେହି ଅମୃତ ଆସ୍ୱାଦ ପାଇ ତୃପ୍ତ ହୋଇଅଛୁଁ । କାହିଁକିନା, ତତ୍ତ୍ୱଜ୍ଞାନସମ୍ପନ୍ନ ସାଧୁମାନଙ୍କ ସଙ୍ଗ ଗୁଣରେ ଆତ୍ମକଲ୍ୟାଣ ଲବ୍ଧ ହୋଇଥାଏ । ବିଷୟଭୋଗ ମଧ୍ୟରେ ସାର ପଦାର୍ଥ କିଛି ନାହିଁ । ସତ୍‌ସଙ୍ଗରୁ ସାରବସ୍ତୁ ଲାଭ କରାଯାଏ । ହେ ମୁନେ ! ଆପଣ ଏହି ତ୍ରିଲୋକ-ରୂପ ପଦ୍ମର ଏକମାତ୍ର ଭ୍ରମର । କାରଣ, ମୁଁ ଯଦିଓ ପୂର୍ବରୁ ପରମାତ୍ମତତ୍ତ୍ୱ ପରିଜ୍ଞାତ ହୋଇଛି, ତଥାପି ମୋର ବୋଧ ହେଉଛି ଯେ, ଆପଣଙ୍କୁ ଦେଖି ମୋର ସବୁ ପାପ ଧ୍ୱଂସ ହେଲା ଏବଂ ତହିଁରେ ମୁଁ ପରମାତ୍ମତତ୍ତ୍ୱ ବିଜ୍ଞାତ ହେଲି । ହେ ସାଧୋ ! ମୋ ଜନ୍ମ ସଫଳ ହେଲା ।

ଭୁଶଣ୍ଡ କହିଲେ — ପ୍ରଳୟ କାଳରେ ଯେତେବେଳେ ଜଗତ୍ କ୍ଷୁବ୍ଧ ଏବଂ ଘୋର ଝଞ୍ଜା ବହୁଥାଏ, ଏହି କଳ୍ପପାଦପ ସେତେବେଳେ ଅଚଞ୍ଚଳ ଥାଏ, ତିଳେମାତ୍ର ବିଚଳିତ ହୁଏନା । ହେ ସାଧୋ ! ଏହି କଳ୍ପବୃକ୍ଷ ନାନାଲୋକବାସୀ ସର୍ବଭୂତର ଅଗମ୍ୟ; ଏଥିପାଇଁ ଆମ୍ଭେମାନେ ଏଠାରେ ସୁଖରେ ବସବାସ କରୁଁ । ଜଗତରେ ଯେତେବେଳେ ଯେକୌଣସି ଉତ୍ପାତ ଓ ଉପଦ୍ରବ ଉପସ୍ଥିତ ହୋଇଛି, ଏହି କଳ୍ପବୃକ୍ଷ କୌଣସିଥିରେ କମ୍ପିତ ହୁଏ ନାହିଁ । ହେ ମୁନିଶ୍ରେଷ୍ଠ ! ପ୍ରଳୟ କାଳରେ ଅବିନଶ୍ୱର ଏହି କଳ୍ପବୃକ୍ଷ ଯେତେବେଳେ ଆମ୍ଭମାନଙ୍କର ବାସସ୍ଥାନ, ସେତେବେଳେ ଆମ୍ଭମାନଙ୍କର ବିପଦ ଆପଦ ଆସିବ କେଉଁଠୁ ? କଦର୍ଯ୍ୟ ସ୍ଥାନରେ ବାସ କରି ପ୍ରାଣିଗଣ ବିପଦାପନ୍ନ ହୋଇଥା'ନ୍ତି ।

ବଶିଷ୍ଠ ଜିଜ୍ଞାସା କଲେ — ହେ ମହାମତେ ! ପ୍ରଳୟ କାଳରେ ଯେତେବେଳେ ଉତ୍ପାତ ଝଞ୍ଜା ବହୁଥାଏ ଏବଂ ଯେତେବେଳେ ଏକ ସମୟରେ ଦ୍ୱାଦଶ ସୂର୍ଯ୍ୟ ଉଦିତ ହୁଅନ୍ତି, ସେତେବେଳେ ତ ସମସ୍ତଙ୍କର କ୍ଲେଶ ହେବାର କଥା; ତେବେ ଆପଣ ଅକ୍ଲିଷ୍ଟ ହୋଇ ରହନ୍ତି କିପରି ?

ଭୁଶଣ୍ଡ କହିଲେ — ପ୍ରଳୟ କାଳରେ ଯେତେବେଳେ

ଜୀବସମୂହଙ୍କର ଜଗଦ୍‌ବ୍ୟବହାର ବିପର୍ଯ୍ୟସ୍ତ ହୋଇ ବିଶୃଙ୍ଖଳ ଭାବେ ସବୁ ବିଲୀନ ହୁଏ ସେତେବେଳେ ମୁଁ ଏହି ନୀଡ଼ ତ୍ୟାଗ କରି ଆକାଶରେ ଅବସ୍ଥାନ କରେଁ । ଏକ ସମୟରେ ଯେତେବେଳେ ଦ୍ୱାଦଶ ଆଦିତ୍ୟ ଉଦିତ ହୋଇ ପ୍ରଚଣ୍ଡ ତାପ ଦିଅନ୍ତି ସେତେବେଳେ ମୁଁ ଜଳଶରୀରୀ ବରୁଣ ହୋଇ ଅବସ୍ଥାନ କରେ । ପ୍ରଳୟ ଝଞ୍ଜା ଯେତେବେଳେ ବହୁଥାଏ, ସେତେବେଳେ ନିଜକୁ ମୁଁ ପର୍ବତ ଜ୍ଞାନ କରି ଅଟଳ, ଅଚଳଭାବେ ସଂସ୍ଥିତ ଥାଏ । ସୁମେରୁ ପ୍ରଭୃତି ଗିରି ବିଗଳିତ ହୋଇ ଜଗତ୍ ଯେତେବେଳେ ଏକାର୍ଣ୍ଣବରେ ପରିଣତ ହୁଏ ସେତେବେଳେ ନିଜକୁ ମୁଁ ବାୟୁବୋଧ କରି ଆକାଶରେ ବିଚରଣ କରେ । ପରିଶେଷରେ ବ୍ରହ୍ମାଣ୍ଡର ଅବ୍ୟାକୃତି ଅବସ୍ଥା ପ୍ରାପ୍ତ ହୋଇ ନିର୍ବିକଳ୍ପ ସମାଧି ଯୋଗରେ ନିର୍ମଳ ବ୍ରହ୍ମଙ୍କଠାରେ ସଂସ୍ଥିତ ଥାଏ । ପୁନରାୟ ଯେତେବେଳେ ପଦ୍ମଯୋନି ବ୍ରହ୍ମା ଜଗତ୍ ସୃଷ୍ଟି କରନ୍ତି, ସେତେବେଳେ ତାଙ୍କ ବ୍ରହ୍ମାଣ୍ଡରେ ପ୍ରବିଷ୍ଟ ହୋଇ ଏହି ନୀଡ଼ରେ ବସବାସ କରେ ।

ବଶିଷ୍ଠ କହିଲେ – ହେ ପକ୍ଷୀନ୍ଦ୍ର ! ପ୍ରଳୟ ସମୟରେ ଯେପରି ବୋଧଶକ୍ତି ବଳରେ ଆପଣ ଅକ୍ଷୀଣ ଦେହରେ ବର୍ତ୍ତମାନ ଥାଆନ୍ତି, ଅପରାପର ଯୋଗୀଗଣ ସେପରି ପାରନ୍ତି ନାହିଁ କାହିଁକି ?

ଭୁଶଣ୍ଡ କହିଲେ – ହେ ବ୍ରହ୍ମନ୍ ! ପରମେଶ୍ୱରଙ୍କ ନିୟତି ଓ ତାଙ୍କ ଅନୁସରଣରେ ମୋ ସଂକଳ୍ପ ଏପରି ଯେ, ପ୍ରତିକଳ୍ପରେ ମୁଁ ଏହିପରି ଅବସ୍ଥାନ କରିବି; ଏହି ପର୍ବତରେ ଏହି କଳ୍ପତରୁ ଏହି ଭାବରେ ଉଦ୍ଭୂତ ହେବ ଏବଂ ତହିଁରେ ମୁଁ ବାସ କରିବି । ନିୟତିକୁ କେହି ଲଂଘନ କରି ପାରେନା । ସୁତରାଂ ନିୟତି ଏବଂ ତଦନୁସାରେ ମୋ ସଂକଳ୍ପବଶତଃ ଏପରି ଘଟିଥାଏ ।

ବଶିଷ୍ଠ କହିଲେ – ହେ ବିହଙ୍ଗରାଜ ! ଆପଣଙ୍କ ଆୟୁ ଅସୀମ; ସେଥିପାଇଁ ଆପଣଙ୍କ ପରି ବହୁଦର୍ଶୀ ଅନ୍ୟ କେହି ନାହିଁ । ଆପଣ ବହୁ ସୃଷ୍ଟିର ଉଦ୍ଭବ ଓ ବିଲୟ ଦେଖିଛନ୍ତି । ହେ ମଙ୍ଗଳମୟ ! ଆପଣଙ୍କ ଦୃଷ୍ଟ ସେହିସବୁ ସୃଷ୍ଟି ମଧ୍ୟରେ ସର୍ବାପେକ୍ଷା ଆଶ୍ଚର୍ଯ୍ୟ କ'ଣ, ତାହା ଆପଣଙ୍କ ସ୍ମୃତି ପଥାରୂଢ଼ ଅଛି କି ?

ଭୁଶଣ୍ଡ କହିଲେ – ହେ ମହାନ୍ ! ମୋର ମନେ ହେଉଛି, ସୁମେରୁ ଗିରିର ଅଧୋଦେଶସ୍ଥ ଏହି ପୃଥିବୀ ଗୋଟିଏ ସୃଷ୍ଟିରେ ପର୍ବତ, ବୃକ୍ଷ ଓ ତୃଣଶୂନ୍ୟ ଥିଲା । ପୁଣି କେଉଁ ସୃଷ୍ଟିରେ ଏହି ପୃଥିବୀ ଏକାଦଶ ସହସ୍ର ବର୍ଷ ପର୍ଯ୍ୟନ୍ତ ଭସ୍ମାଚ୍ଛାଦିତ ଥିଲା । ସେତେବେଳେ ଚନ୍ଦ୍ର, ସୂର୍ଯ୍ୟ ବା ଦିବାରାତି ନ ଥିଲା । ଅନ୍ୟ ଗୋଟିଏ ସୃଷ୍ଟିରେ ଦେଖିଥିଲି, ସୁମେରୁ ଗିରିର ରତ୍ନସମୂହ ଜ୍ୟୋତିଃରେ ଏହି ଜଗତ୍ ଅର୍ଦ୍ଧ ଉଜ୍ଜ୍ୱଳ ଓ ଅର୍ଦ୍ଧ ତିମିରାବୃତ ହୋଇ ଲୋକାଲୋକ ପର୍ବତ ପରି ପ୍ରତୀତ ହେଉଥିଲା । ପୁଣି ମନେହୁଏ, ଦେବ ଓ ଅସୁରଗଣଙ୍କ ଯୁଦ୍ଧରେ ଗୋଟିଏ ସୃଷ୍ଟିରେ ଏହି ପୃଥିବୀ ଜନଶୂନ୍ୟ ହୋଇଥିଲା । ପୁଣି କେତେବେଳେ ପୃଥିବୀର ସମସ୍ତ ଭୂଭାଗ ଜଳମଗ୍ନ ହୋଇଯାଇଥିଲା । ପୁଣି କେଉଁ ସୃଷ୍ଟିରେ ଯୁଗଦ୍ୱୟ ପର୍ଯ୍ୟନ୍ତ ପୃଥିବୀ କେବଳ ବନରାଜିରେ ଆକୀର୍ଣ୍ଣ ଥିଲା; ଏହି ସମୟରେ ଅନ୍ୟ କୌଣସି ପ୍ରାଣୀ ପୃଥିବୀରେ ଜନ୍ମଗ୍ରହଣ କରି ନ ଥିଲେ । ହେ ବ୍ରହ୍ମନ୍ ! ଏକ ସମୟରେ କେବଳ ତେଜଃପୁଞ୍ଜମୟ ଗୋଟିଏ ସୃଷ୍ଟି ଦେଖିଥିଲି । ତହିଁରେ ସ୍ତ୍ରୀ, ପୁରୁଷଙ୍କ ମିଳନ ବ୍ୟତୀତ ସଂକଳ୍ପ ବଳରେ ପ୍ରଜା ଉତ୍ପନ୍ନ ହେଉଥିଲେ । ଆଉ ଏକ ସୃଷ୍ଟିରେ ଦେଖିଥିଲି – ମୃତ୍ତିକାଦି କିଛି ନାହିଁ; ଦେବ ଓ ମନୁଷ୍ୟଗଣ ଆକାଶରେ ଅବସ୍ଥାନ କରୁଛନ୍ତି । ବତ୍ସ ବଶିଷ୍ଠ ! ଆପଣଙ୍କ ବୟସ ମୋ ଅପେକ୍ଷା ଅନେକ ଅଳ୍ପ । ତଥାପି ଏହି କଳ୍ପର ଅତୀତ ଘଟଣା ଆପଣ ସବୁ ଜାଣନ୍ତି ବୋଲି ତାହା ଆଉ କହୁ ନାହିଁ । ଚିରଞ୍ଜୀବୀ ବୋଲି ପ୍ରତି କଳ୍ପରେ ମୁଁ ଯେଉଁସବୁ ଘଟଣା ଘଟିବା ଦେଖିଛି, ତାହା କହି ଶେଷ କରିହେବ ନାହିଁ । ଏହି କଳ୍ପର ବିଷ୍ଣୁଙ୍କୁ ଅତୀତ କଳ୍ପରେ ବ୍ରହ୍ମା ରୂପେ ଆବିର୍ଭୂତ ହେବା ମୁଁ ଦେଖିଛି । ଅନ୍ୟ କଳ୍ପରେ ପୁଣି ସେହି ବ୍ରହ୍ମା ରୁଦ୍ର ହୋଇଥିବାର ଦେଖିଛି । ଏହି ରୁଦ୍ରଙ୍କୁ ଅନ୍ୟ ଏକ କଳ୍ପରେ ବିଷ୍ଣୁ ହେବା ଦେଖିଛି ।

ବଶିଷ୍ଠ କହିଲେ – ହେ ରାମ ! ଏହାପରେ ମୁଁ ତାଙ୍କୁ ଜିଜ୍ଞାସା କଲି, ହେ ବିହଗ ରାଜେନ୍ଦ୍ର ! ଆପଣ ଯେତେବେଳେ ଏହି ଜଗତର ଅନ୍ତର୍ଗତ, ସେତେବେଳେ ଆପଣଙ୍କୁ ମୃତ୍ୟୁ ଗ୍ରାସ କରି ପାରେନା କାହିଁକି ?

ଭୁଶଣ୍ଡ କହିଲେ – ହେ ବ୍ରହ୍ମନ୍ ! ଯେଉଁମାନଙ୍କ ହୃଦୟ ଦୋଷ-ଜାଲରେ ଜଡ଼ିତ ନୁହେଁ ଏବଂ ବାସନାସୂତ୍ରରେ ଗ୍ରଥିତ ନୁହେଁ, ମୃତ୍ୟୁ ତାଙ୍କୁ ହନନ କରେ ନାହିଁ । ଯେଉଁ ବ୍ୟକ୍ତି ରାଗ, ଦ୍ୱେଷ, କାମ, କ୍ରୋଧ ଓ ଲୋଭର ବଶୀଭୂତ ନୁହେଁ, ସେ ମୃତ୍ୟୁକର୍ତ୍ତୃକ ଆକ୍ରାନ୍ତ ହୁଅନ୍ତି ନାହିଁ । ଯାହାଙ୍କ ଚିତ୍ତ ପରମପଦଙ୍କ ଠାରେ ବିଶ୍ରାମ ଲାଭ କରିଅଛି, ମୃତ୍ୟୁ ତାଙ୍କୁ ହନନ କରିବାକୁ ଅନିଚ୍ଛୁକ । ଶରୀରରୂପ ବନରେ ପ୍ରବେଶ କରି ଯାହାଙ୍କ ମନ ମର୍କଟବତ୍ ଚଞ୍ଚଳତା ପ୍ରକାଶ କରେନା, ତାଙ୍କୁ ମୃତ୍ୟୁ ବଧ କରେ ନାହିଁ । ହେ ବ୍ରହ୍ମନ୍ ! ଚିତ୍ତ ଯାହାଙ୍କର ସମାଧିମାନ୍ ହୋଇଅଛି,

ସଂସାରର କାରଣ ସ୍ୱରୂପ ପୂର୍ବକଥିତ ଦୋଷସମୂହରେ ସେ ବିଜଡ଼ିତ ହୁଅନ୍ତି ନାହିଁ । ସେ ସୁପ୍ତ ବା ଜାଗ୍ରତ୍ ନୁହନ୍ତି । ତାଙ୍କର ଉଦୟ, ଅସ୍ତ, ସ୍ମୃତି, ବିସ୍ମୃତି କିଛି ନଥାଏ । କାମ ଓ କ୍ରୋଧଜନିତ ଯେଉଁ ସକଳ ଭାବ ହୃଦୟାକାଶକୁ ଆଚ୍ଛନ୍ନ ଓ ଅନ୍ଧକାରପୂର୍ଣ୍ଣ କରେ, ସମାଧିମାନ୍ ପୁରୁଷକୁ ସେସବୁ ଭାବ ସ୍ପର୍ଶ କରେ ନାହିଁ । ତାଙ୍କର ଆଦାନ-ପ୍ରଦାନ, ପ୍ରାର୍ଥନା, ତ୍ୟାଗ ଆଦି କୌଣସି କର୍ମ ନଥାଏ; ଅଥଚ ସେ ସବୁ କରନ୍ତି । ସୁତରାଂ ଯାହା ସର୍ବକାଳରେ ଓ ସର୍ବ ଅବସ୍ଥାରେ ମଧୁର, ହିତକର ଓ ପରମ ସୁଖସ୍ୱରୂପ, ମନକୁ ସେହି ବ୍ରହ୍ମଙ୍କଠାରେ ଅନୁରକ୍ତ କରିବା କର୍ତ୍ତବ୍ୟ । ବୁଦ୍ଧିର ଯିଏ ଆଲୋକ, ଅମୃତଠାରୁ ଯିଏ ଅମୃତ, ଯାହାଙ୍କଠାରେ ପରମ ଆନନ୍ଦ ଭିନ୍ନ ଅନ୍ୟ କିଛି ନାହିଁ, ସେହି ଆତ୍ମତତ୍ତ୍ୱରେ ମନକୁ ବିଲୀନ କରିବା କର୍ତ୍ତବ୍ୟ । ସୁର-ସେବିତ ସ୍ୱର୍ଗଲୋକରେ ମଧ୍ୟ ଚିରସ୍ଥାୟୀ ମଙ୍ଗଳକର କିଛି ନାହିଁ, ମର୍ତ୍ତ୍ୟାଦି ଅନ୍ୟାନ୍ୟ ଲୋକ ବିଷୟରେ ଆଉ କ'ଣ କହିବି ? ବିବେକସମ୍ପନ୍ନ ସାଧୁପୁରୁଷଙ୍କ ଚିତ୍ତ ଯାହାଙ୍କୁ ଲାଭ କରି ଚିରଦିନ ବିଶ୍ରାମ ଲାଭ କରେ, ସେ କେବଳ ଏକମାତ୍ର ନିତ୍ୟବସ୍ତୁ ଏବଂ ତାଙ୍କ ନିକଟରେ ଅନ୍ୟ ସବୁ ଅତିଶୟ ତୁଚ୍ଛ । ତେବେ ଯେଉଁ ମନୁଷ୍ୟଗଣ ରାଜୈଶ୍ୱର୍ଯ୍ୟକୁ ସୁଖକର ବୋଲି ପ୍ରାର୍ଥନା କରନ୍ତି, ତାହା କେବଳ ମୋହର ଫଳ । ବିବେକ ପ୍ରଭାବରେ ଯେଉଁମାନେ ପରମପଦଙ୍କୁ ପ୍ରାପ୍ତ ହୋଇଛନ୍ତି, ସେମାନେ ଏହା ତୁଚ୍ଛ ମନେ କରନ୍ତି ।

ଭୁଶଣ୍ଡ କହିଲେ – ସର୍ବପ୍ରକାର ଜ୍ଞାନ ମଧ୍ୟରେ ଏକମାତ୍ର ଭ୍ରାନ୍ତିବିହୀନ ଅଦ୍ୱୈତ ଜ୍ଞାନହିଁ ଉତ୍ତମ । ଆଉ ଆତ୍ମଭାବନା ଜୀବଗଣଙ୍କୁ ସର୍ବବିଧ ଦୁଃଖରୁ ପରିତ୍ରାଣ କରେ । କାହିଁକିନା, ଆତ୍ମଜ୍ଞାନ ଉଦୟରେ ସଂସାରଭ୍ରାନ୍ତି ଦୂରୀଭୂତ ହୋଇଥାଏ । ହେ ଭଗବନ୍ ! ଯେଉଁ ଆତ୍ମଭାବନା କଥା ମୁଁ କହିଲି, ଏହା ସମସ୍ତ କଳ୍ପନାର ଅତୀତ । ହେ ମୁନିବର ! ଏହି ଆତ୍ମଭାବନାର ସଖୀସ୍ଥାନୀୟ ଅନେକ ଭାବନା ଅଛି; ସେହି ସକଳ ଭାବନା ମଧ୍ୟ ଆତ୍ମଭାବନା ତୁଲ୍ୟ, କଥଞ୍ଚିତ୍ ସହଜସାଧ୍ୟ । ହେ ମୁନୀଶ୍ୱର ! ତନ୍ମଧ୍ୟରେ ମୁଁ ଗୋଟିଏ ମାତ୍ର ଭାବନାରେ ଅଭ୍ୟସ୍ତ ହୋଇଅଛି; ତାହାର ନାମ ପ୍ରାଣଭାବନା । ପ୍ରାଣଭାବନା ମଧ୍ୟ ସର୍ବଦୁଃଖହାରିଣୀ, ସର୍ବସୌଭାଗ୍ୟର ଜନନୀ ଏବଂ ସେହି ଭାବନା ଫଳରେ ମୁଁ ଏହିପରି ଦୀର୍ଘଜୀବନ ଲାଭ କରିଅଛି ।

ବଶିଷ୍ଠ କହିଲେ – ଏହିସବୁ ଭାବନା ବିଷୟ ଯଦିଓ ମୁଁ ପରିଜ୍ଞାତ ଅଛି, ତଥାପି ଭୁଶଣ୍ଡଙ୍କୁ ମୁଁ ଜିଜ୍ଞାସା କଲି – ହେ ସାଧୋ ! ପ୍ରାଣଭାବନା ବିଷୟରେ ଆପଣ ମୋ ନିକଟରେ ବ୍ୟକ୍ତ କରନ୍ତୁ ।

ଭୁଶଣ୍ଡ କହିଲେ – ହେ ମୁନେ ! ଆପଣ ବେଦାନ୍ତଶାସ୍ତ୍ର ସମ୍ୟକ୍ ପରିଜ୍ଞାତ ଅଛନ୍ତି ଏବଂ ସମସ୍ତଙ୍କ ସନ୍ଦେହ ବିଦୂରିତ କରନ୍ତି । ତଥାପି ଏହି ବାୟସକୁ ଜିଜ୍ଞାସା କରୁଛନ୍ତି, ଏହା ବଡ଼ ଆଶ୍ଚର୍ଯ୍ୟ । ଯାହାହେଉ, ଆପଣଙ୍କ ସହିତ ପୁନରାୟ ଆଲୋଚନା କଲେ ମୋର ଆଉ ଅଧିକ ଶିକ୍ଷା ହୋଇ ପାରିବ । ସୁତରାଂ ହେ ଭଗବନ୍ ! ପ୍ରାଣ ସମାଧିପ୍ରାପ୍ତ ହୋଇ ମୁଁ ଯେପରି ଦୀର୍ଘଜୀବୀ ହୋଇଅଛି, ତାହା କହୁଅଛି, ଶୁଣନ୍ତୁ । ହେ ଭଗବନ୍ ! ଏହି ଶରୀରରୂପ ଗୃହର ତିନୋଟି ସ୍ତମ୍ଭ, ନଅଟି ଦ୍ୱାର; ଏହି ଗୃହର ଅଧିପତି ହେଲା ଅହଙ୍କାର; ସେ ପୁର୍ଯ୍ୟଷ୍ଟକ ନାମକ ପରିବାରବର୍ଗ ଓ ପଞ୍ଚତନ୍ମାତ୍ରା ନାମକ ସ୍ୱଜନଗଣଙ୍କ ସହିତ ଏହି ଗୃହରେ ବସବାସ କରେ ଓ ଏହାର ରକ୍ଷଣାବେକ୍ଷଣ କରେ । କେଶସମୂହ ଏହି ଗୃହର ଆଚ୍ଛାଦନ, କର୍ଣ୍ଣଗହ୍ୱରଦ୍ୱୟ ଚନ୍ଦ୍ରଶାଳା, ନେତ୍ରଦ୍ୱୟ ଗବାକ୍ଷ, ମୁଖ ପ୍ରଧାନଦ୍ୱାର, ବାହୁ ଓ ପାର୍ଶ୍ୱଦ୍ୱୟ ଦୁଇ ପାର୍ଶ୍ୱ ଏବଂ ବଦନରୂପ ପ୍ରଧାନ ଦ୍ୱାରର ମଧ୍ୟଦେଶ ଦନ୍ତଶ୍ରେଣୀରୂପ ବକୁଳମାଲ୍ୟରେ ଭୂଷିତ । ରୂପରସ ପ୍ରଭୃତି ବାହ୍ୟ ବିଷୟ ସମୂହର ଆହରଣକାରୀ ଜ୍ଞାନେନ୍ଦ୍ରିୟ ପଞ୍ଚକ ଦ୍ୱାରପାଳ ଏବଂ ଏହି ଗୃହ ଆତ୍ମା ଆଲୋକରେ ଉଦ୍ଭାସିତ । ଗୃହପତି ଜାଗ୍ରତ୍ କାଳରେ ନେତ୍ରତାରାରୂପ ଅଳିନ୍ଦ ବା ବାରଣ୍ଡାରେ ଅବସ୍ଥିତ ଥାଏ । ଅସ୍ଥିରୂପ କାଷ୍ଠ ଏବଂ ଶିରାରୂପ ରଜ୍ଜୁ ଦ୍ୱାରା ଏହି ଗୃହ ଦୃଢ଼ଭାବେ ବନ୍ଧ ଏବଂ ରକ୍ତମାଂସ ଓ ମେଦରୂପ ଜଳ, ମାଟି ଓ ଗୋମୟ ଦ୍ୱାରା ସଂଲିପ୍ତ । ହେ ମୁନିନାୟକ ! ଏହି ଗୃହ ମଧ୍ୟରେ ଦୁଇପାର୍ଶ୍ୱର ଦୁଇଖଣ୍ଡି ଘର-ଆକାରୀୟ ଇଡ଼ା ଓ ପିଙ୍ଗଳା ନାମରେ ଦୁଇଟି ସୂକ୍ଷ୍ମ ନାଡ଼ୀ ଅନୁନ୍ମେଷିତ ଭାବେ ବର୍ତ୍ତମାନ ଏବଂ ତାହା ମଧ୍ୟରେ ଦୁଇଟି ପଦ୍ମ ଅବସ୍ଥିତ । ସେହି ପଦ୍ମଦ୍ୱୟର ନାଡ଼ସକଳ ଅଧଃ ଓ ଉର୍ଦ୍ଧ୍ୱ ଦିଗରେ ପ୍ରସୃତ ଏବଂ ଦଳଗୁଡ଼ିକ ପରସ୍ପର ମିଳିତ । ନାସା ଅଗ୍ରଭାଗରୁ ପଦଦ୍ୱୟ ଅବଧି ସମଗ୍ର ଶରୀରାକାଶରେ ପ୍ରବାହିତ ଚନ୍ଦ୍ରନାମକ ଅପାନ ବାୟୁର ଅମୃତ ବର୍ଷଣରେ ଏହି ଦଳସମୂହ ବିକଶିତ । ପ୍ରାଣ ଓ ଅପାନ ବାୟୁର ସଞ୍ଚଳନ ଦ୍ୱାରା ଏହାର ପତ୍ର ସକଳ ବିକଶିତ ଓ ଉଚ୍ଛ୍ୱସିତ ହୁଏ । ପ୍ରବଳ ବାୟୁ ଅରଣ୍ୟସ୍ଥ ଲତା ଓ ପତ୍ରାଦିରେ ପ୍ରତିହତ ହୋଇ ଯେପରି ବିକ୍ଷୁବ୍ଧ ହୋଇପଡ଼େ, ସେହିପରି ପ୍ରାଣ ଓ ଅପାନ ବାୟୁର ସଞ୍ଚରଣ ଏହି ପତ୍ରସକଳରେ ପ୍ରତିହତ ଓ ଚାରିଦିଗରେ ପ୍ରସ୍ତୁତ ହୋଇ

ସମସ୍ତ ନାଡ଼ି ଛିଦ୍ରରେ ପ୍ରବେଶପୂର୍ବକ ବର୍ଦ୍ଧିତ ହୁଏ । ଏହି ବର୍ଦ୍ଧିତ ବାୟୁ ଶରୀର ମଧ୍ୟରେ ପୃଥକ୍ ପୃଥକ୍ ସ୍ଥାନ କଳ୍ପନାପୂର୍ବକ ପ୍ରାଣ, ଅପାନ, ସମାନ, ଉଦାନ, ବ୍ୟାନ – ଏହି ପଞ୍ଚନାମରେ ପଞ୍ଚଧା ବିଭକ୍ତ ହୋଇ ଉର୍ଦ୍ଧ୍ୱ ଓ ଅଧୋଦେଶସ୍ଥ ନାଡ଼ି ସକଳରେ ପ୍ରବିଷ୍ଟ ଓ ପ୍ରବାହିତ ହୁଏ । ଏହି ପ୍ରକାରେ ଏହି ଏକ ପ୍ରାଣ ପାଞ୍ଚ ଭାଗରେ ବିଭକ୍ତ ହୋଇ ଭିନ୍ନ ଭିନ୍ନ କାର୍ଯ୍ୟ ସମ୍ପନ୍ନ କରେ । ଚନ୍ଦ୍ରରୁ ଯେପରି କିରଣ ସବୁ ବର୍ଷିତ ହୁଏ, ସେହିପରି ଏହି ହୃତ୍‌ପଦ୍ମରୁ ସମସ୍ତ ପ୍ରାଣଶକ୍ତି ନିଃସୃତ ହୋଇ ଶରୀରର ଉର୍ଦ୍ଧ୍ୱ ଓ ଅଧୋଭାଗରେ ବିସ୍ତୃତ ହେଉଅଛି । ଏହି ପ୍ରାଣଶକ୍ତି ସକଳ ନାଡ଼ି ମଧ୍ୟରେ ଆଗମନ ଗମନ, ହରଣ-ବିହରଣ-କର୍ଷଣ, ପତନ ଉତ୍ପତନ ପ୍ରଭୃତି ନାନା କ୍ରିୟା କରୁଅଛି । ହୃଦୟ-ପଦ୍ମସ୍ଥ ଏହି ବାୟୁକୁ ପଣ୍ଡିତଗଣ ପ୍ରାଣ କୁହନ୍ତି । ହେ ମୁନେ ! ଏହି ପ୍ରାଣବାୟୁର ଏକ ଶକ୍ତି ଚକ୍ଷୁ ସ୍ପନ୍ଦିତ କରେ, ଏକ ଶକ୍ତି ସ୍ପର୍ଶକ୍ରିୟା ସମ୍ପନ୍ନ କରେ, ଏକ ଶକ୍ତି ନାସିକା ମଧ୍ୟ ଦେଇ ପ୍ରବାହିତ ହୁଏ, ଏକ ଶକ୍ତି ଭୁକ୍ତ ଅନ୍ନ ପରିପାକ କରେ, ଏକ ଶକ୍ତି ବାକ୍ୟ ରୂପେ ନିର୍ଗତ ହୁଏ । ଯାନ୍ତ୍ରିକ ଯେପରି ଯନ୍ତ୍ରକୁ ସ୍ୱେଚ୍ଛାମତେ ପରିଚାଳିତ କରେ, ଭଗବାନ୍ ପ୍ରାଣବାୟୁକୁ ମଧ୍ୟ ସେହିପରି ଶରୀରକୁ ପରିଚାଳିତ କରୁଛନ୍ତି । ହେ ମୁନେ ! ମୁଁ ସର୍ବକ୍ଷଣ ଏହି ପ୍ରାଣ ଓ ଅପାନ; ଏହି ଦୁଇ ବାୟୁର ଅନୁବର୍ତ୍ତନ କରିଥାଏ । ଏହି ଦୁଇ ବାୟୁ ଶୀତ ଓ ଉଷ୍ଣଭାବମୟ ଏବଂ ଆକାଶମାର୍ଗରେ ବିଚରଣଶୀଳ । ଏହି ଶରୀରରୂପ ଯନ୍ତ୍ରକୁ ବହନ କରି ଏମାନେ କଦାପି ଶ୍ରାନ୍ତ ହୁଅନ୍ତି ନାହିଁ । ଏହି ବାୟୁଦ୍ୱୟ ହୃଦୟାକାଶର ସୂର୍ଯ୍ୟ ଓ ଚନ୍ଦ୍ର ସ୍ୱରୂପ; କେହି କେହି ଏମାନଙ୍କୁ ଅଗ୍ନି ଓ ସୋମ ସ୍ୱରୂପ ମଧ୍ୟ କୁହନ୍ତି । ଏହି ବାୟୁଦ୍ୱୟ ମନର ରଥଚକ୍ର, ପୁଣି ଅହଙ୍କାରରୂପ ଭୂପତିଙ୍କର ଦୁଇଟି ଉତ୍ତମ ଅଶ୍ୱ । ହେ ବ୍ରହ୍ମନ୍ ! ଜାଗ୍ରତ୍, ସ୍ୱପ୍ନ, ସୁଷୁପ୍ତି ସକଳ ଅବସ୍ଥାରେ ଏହି ବାୟୁଦ୍ୱୟ ସମଭାବେ ପ୍ରବାହିତ । ମୁଁ ଅବିଚ୍ଛିନ୍ନ ଭାବରେ ଏମାନଙ୍କ ଗତି ଅନୁସରଣ କରି ସୁଷୁପ୍ତଙ୍କ ପରି ଦିନ ଅତିବାହିତ କରେ ଏବଂ ଯାବଜ୍ଜୀବନ ସେହିପରି କରିବି । ଏହି ବାୟୁଯୁଗଳର ଗତି ଏତେ ସୂକ୍ଷ୍ମ ଯେ, ମୃଣାଳ ସୂତ୍ରର ସହସ୍ର ଭାଗର ଗୋଟିଏ ଭାଗ ଅପେକ୍ଷା ମଧ୍ୟ ଦୁର୍ଲକ୍ଷ୍ୟ । ହେ ମହାତ୍ମନ୍ ! ଏହି ଦୁଇବାୟୁ ହୃଦୟ ମଧ୍ୟରେ ନିରନ୍ତର ଯାତାୟାତ କରୁଛନ୍ତି । ବହୁ ଶ୍ରୁତିବାକ୍ୟରେ ବହୁଭାବେ କୀର୍ତ୍ତିତ ଏହି ପ୍ରାଣଗତିର ଅନୁବର୍ତ୍ତନ ଯେଉଁ ବ୍ୟକ୍ତି କରନ୍ତି, ସେ ମୃତ୍ୟୁବନ୍ଧନରୁ ମୁକ୍ତ ହୋଇ ସଂସାରରେ ଆଉ ଜନ୍ମ ଗ୍ରହଣ କରନ୍ତି ନାହିଁ ।

(କ୍ରମଶଃ)

(ଶ୍ରୀ ନାରାୟଣ ବୀରବର ସାମନ୍ତଙ୍କ ଦ୍ୱାରା
ଅନୁବାଦିତ ''ଯୋଗବାଶିଷ୍ଠ ରାମାୟଣ''
ପୁସ୍ତକରୁ ସଂଗୃହୀତ) ❖

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

অন্তরাল জগত্ :

# ଢେଲା-ପଥର ଫିଙ୍ଗୁଥିବା ପ୍ରାଣ ଜଗତର କ୍ଷୁଦ୍ର କ୍ଷୁଦ୍ର ସତ୍ତା

## (ଶ୍ରୀମାଙ୍କ ସହ କଥୋପକଥନ)

*ପ୍ରଶ୍ନ : ଆପଣ ଆମକୁ ଢେଲା ପଡ଼ିବାର କାହାଣୀ କହିବେ ବୋଲି କହିଛନ୍ତି ।*

ଶ୍ରୀମା : ସେଇଟି ହେଉଛି ଏକେବାରେ ଅନ୍ୟ ଜଗତର କଥା । ତାହା ମୃତ୍ୟୁ ଜଗତର କଥା ନୁହେଁ; ଏହା ହେଉଛି ଭୌତିକ ପ୍ରାଣର, ଏକେବାରେ ସ୍ଥୂଳ ଭୌତିକ ପ୍ରାଣ ଜଗତର କଥା, ଯାହାକି ପାର୍ଥିବ ଜଗତକୁ ନିୟନ୍ତ୍ରଣ କରେ, ଏହି ଜଗତଟି ପାର୍ଥିବ ଜଗତର ଠିକ୍ ପଶ୍ଚାତରେ ବିଦ୍ୟମାନ — ଭୌତିକ ପ୍ରାଣ ଜଗତ୍ ।

ବହୁତ ଦିନ ତଳର କଥା । ସେତେବେଳେ ଆମେ ଏହି ଖେଳପଡ଼ିଆ ନିକଟସ୍ଥ ରାସ୍ତାକୁ ଲାଗିଥିବା କୋଠାରେ ରହୁଥାଉ । ତାହାକୁ କୁହାଯାଉଥିଲା 'ଗେଷ୍ଟ ହାଉସ୍' । ଶ୍ରୀଅରବିନ୍ଦ ରହୁଥିଲେ ଉପରେ, ଶେଷ ଘର ଦୁଇଟିରେ ଓ ମୁଁ ରହୁଥିଲି ଏହି ପାଖରେ । ଏ ପାଖରେ ଲଗାଲଗି ଦୁଇଟି ଘର ଥିଲା । ତହିଁରୁ ଗୋଟିଏ ଥିଲା ମୋର ଗାଧୁଆ ଘର ।

ସେତେବେଳେ ସେହି ଘରେ ଆମେ କେତେଜଣ ବାସ କରୁଥିଲୁ ? ... ଅମୃତ ଥିଲେ (ଶିଷ୍ୟଙ୍କ ଆଡ଼କୁ ଅନାଇ), ଅମୃତ, ତୁମେ ଥିଲ ନା ? ତୁମର ସେହି ଦିନଟି କଥା ମନେ ଅଛି ? (*ସମସ୍ତେ ହସିଲେ*) ଜଣେ ରାନ୍ଧୁଣିଆ ଥିଲା, ତା'ର ନାମ ଭାତେଲ୍ । ଲୋକଟା ଟିକେ ଅବୁଝା ଥିଲା । କେହି ତା'ର କାମରେ ତ୍ରୁଟି ଧରିଲେ ସେ ଆଦୌ ତାହା ସହ୍ୟ କରିପାରୁ ନଥିଲା । ଗୁଣିଗାରେଡ଼ି ଜାଣିଥିବା କେତେଜଣ ଲୋକଙ୍କ ସଙ୍ଗେ ତା'ର ଘନିଷ୍ଠତା ଥିଲା । ସେମାନଙ୍କର କୁଆଡ଼େ ବ୍ଲାକ୍-ମ୍ୟାଜିକ୍ ଓ ତନ୍ତ୍ରମନ୍ତ୍ର ସମ୍ବନ୍ଧରେ ଖଣ୍ଡେ ବହି ଥିଲା ଏବଂ ସେମାନଙ୍କର ଗୁଣିଗାରେଡ଼ି କରିବାରେ କ୍ଷମତା ମଧ୍ୟ ଥିଲା ।

ଦିନେ ଭାତେଲ୍‌ର ଗୋଟାଏ ଅତ୍ୟନ୍ତ ଭୁଲ୍ କାମ ପାଇଁ ତାହାକୁ ଦତ୍ତା (ଅନ୍ତେବାସୀ ସାଧିକା)ଙ୍କଠାରୁ ଖୁବ୍ ଗାଳି ଶୁଣିବାକୁ ପଡ଼ିଥିଲା । ତହିଁରେ ସେ ଖୁବ୍ ରାଗିଯାଇ ଧମକ ଶୁଣାଇ କହିଗଲା ଯେ ସେ ଏହାର ଏପରି ପ୍ରତିଶୋଧ ନେବ ଯେ ସେହି କୋଠାରେ କେହି ବି ରହିପାରିବେ ନାହିଁ । ଅବଶ୍ୟ ସେତେବେଳେ କେହି ତା' କଥାରେ କାନ ଦେଇ ନଥିଲେ ।

ବୋଧହୁଏ ତା'ର ଦୁଇ, ତିନିଦିନ ପରେ ମୋତେ ଜଣେ ଆସି କହିଲା ଯେ ଅଗଣାରେ ଢେଲା ପଡୁଛି । ତିନି, ଚାରିଟା ଢେଲା ଦେଖି ମନେହେଲା ଯେପରିକି ପାଖ କୋଠାରୁ କେହି ଇଚ୍ଛା କରି ତାହା ଫୋପାଡୁଛି । ଆମ କୋଠାର ଲୋକମାନେ ଚାରିଆଡ଼େ ଦୃଷ୍ଟି ରଖିଲେ ଓ ଛାତ ତଥା ପାଚେରି ଉପରକୁ ଯାଇ ଅନ୍ଧିକନ୍ଧି ବୁଲି ଦେଖିଲେ । କିନ୍ତୁ ତ୍ରି-ସୀମାରେ କୌଣସି ଢେଲାପଥର ବା ସନ୍ଦେହଜନକ କୌଣସି ଲୋକକୁ ସେମାନେ ଦେଖିଲେ ନାହିଁ । ଢେଲା ପଡ଼ିବା ଆରମ୍ଭ ହୋଇଥିଲା ପ୍ରାୟ ଅପରାହ୍ଣ ୪ଟା କି ୫ଟା ସମୟରେ ଓ ବେଳ ଯେତେ ଗଡ଼ିବାକୁ ଲାଗିଲା ଢେଲା ପଡ଼ିବା ସେତେ ବଢ଼ିବାକୁ ଲାଗିଲା ।

ଦ୍ୱିତୀୟ ଦିନ ଢେଲାର ସଂଖ୍ୟା ଆହୁରି ବଢ଼ିବାକୁ ଲାଗିଲା । ମନେହେଲା ଯେପରି ରୋଷେଇଘର ଦରଜା ଉପରେହିଁ ତା'ର ବେଶୀ ଆକ୍ରୋଶ । ଦୁମ୍‌ଦାମ୍ ଢେଲା ପଡୁଥିଲା ଓ ଅଗଣା ବାଟ ଦେଇ ଯାଉଥିବା ଦତ୍ତାଙ୍କ ହାତରେ ଗୋଟାଏ ଢେଲା ଖୁବ୍ ଜୋର୍‌ରେ ଆସି ବାଜିଲା । କ୍ରମେ କ୍ରମେ ଢେଲାର ସଂଖ୍ୟା ଆହୁରି ବଢ଼ିବାକୁ ଲାଗିଲା ଓ ଆମ କୋଠାର ଲୋକମାନଙ୍କର ଏ ସଂପର୍କରେ କୌତୂହଳ ଯେତେ ବଢ଼ିଲା, ଢେଲାର ସଂଖ୍ୟା ମଧ୍ୟ ସେଇ ଅନୁସାରେ ବଢ଼ିଚାଲିଲା । ଦେଖାଗଲା ଯେ ଏକାବେଳେକେ ଏକାଧିକ ଦିଗରେ ଢେଲା ପଡୁଛି । ଏପରି କି ଝରକା ଦରଜା ନ ଥିବା ସ୍ଥାନରେ ମଧ୍ୟ ଆସି ଢେଲା ପଡ଼ିବାକୁ ଲାଗିଲା । ଠିକ୍ ଯେପରି ପାଖରୁ କେଉଁଠୁ ତୀର ବେଗରେ ଢେଲା ଆସି ପଡୁଛି । ଉପରେ ଛାଉଣୀ ଦିଆଯାଇଥିବା ଶିଢ଼ି ଉପରେ ଢେଲା ପଡ଼ିଲାବେଳେ ତାହା ଛାଉଣୀ ଭେଦ କରି ଉପରୁ ତଳକୁ ନ ପଡ଼ି ଗୋଟିଏ ପାଖରୁ ପଡୁଥିଲା ।

ଭାତେଲ୍ କହିଯାଇଥିଲା, ତା'ର ଦେହ ଭଲ ନାହିଁ, ତେଣୁ ଦୁଇଦିନ ଧରି ସେ ଆସୁ ନଥିଲା, ଅର୍ଥାତ୍ ପଥର ପଡ଼ିବା ଦିନଠାରୁ ତା'ର ଦେଖା ନଥିଲା । କିନ୍ତୁ ତା'ର ସହକାରୀ ରାନ୍ଧୁଣିଆ ପିଲାଟି ଆସୁଥିଲା । ତେର, ଚଉଦ ବର୍ଷ ବୟସର ପିଲାଟିର ଚେହେରା ବେଶ୍ ଡଉଲଡାଉଲ, ଶାନ୍ତ ପ୍ରକୃତିର କିନ୍ତୁ ଟିକେ ବୋକା ବୋକା ।

ଲକ୍ଷ୍ୟ କରାଗଲା ଯେ ସେହି ପିଲାଟି କୋଠାର ଯେଉଁ

ଅଂଶରେ ଚଲାବୁଲା କରୁଛି ସେହି ସ୍ଥାନରେହିଁ ସବୁଠୁ ବେଶୀ ଢେଲା ପଡୁଛି । ତା'ପରେ ପିଲାଟିକୁ ଗୋଟାଏ ଘରେ ରଖି କବାଟ ଝରକା ଆଦି ବନ୍ଦ କରି ଦିଆଗଲା । ଆମ ଭିତରୁ ଜଣେ ତା' ପାଖରେ ରହିଲା । ଆଉ ଥରେ ପରୀକ୍ଷା କରି ନିଆଗଲା ଝରକା କବାଟ ଠିକ୍ ବନ୍ଦ ଅଛି ନା ନାହିଁ । ସମସ୍ତେ ଅପେକ୍ଷା କରିବାକୁ ଲାଗିଲେ । ସମସ୍ତଙ୍କ ମନରେ ଅସୀମ କୌତୂହଳ – ଢେଲାଗୁଡ଼ିକ କେଉଁଠୁ ଆସୁଛି ଦେଖିବା ପାଇଁ । ଆଶ୍ଚର୍ଯ୍ୟର ବିଷୟ, ପିଲାଟି ସେହି ବନ୍ଦ ଘର ଭିତରେ ବସି ରହିଛି ଅଥଚ ସେହି ବନ୍ଦ ଘର ଭିତରୁହିଁ ଢେଲା ପଡୁଛି ଓ କ୍ରମଶଃ ତାହା ବଢ଼ିବାରେ ଲାଗିଛି । ବିଚରା ପିଲାଟିର ଆଣ୍ଠୁରେ ଗୋଟାଏ ଢେଲା ବାଜି ତାକୁ ଜଖମ କରିଦେଲା । ଉପଦ୍ରବଟା ତା'ର ଚରମ ସୀମାକୁ ଗଲାଣି । କିଛି ଗୋଟାଏ କରିବା ଦରକାର ।

ମୁଁ ସେତେବେଳେ ଶ୍ରୀଅରବିନ୍ଦଙ୍କ କକ୍ଷରେ ତାଙ୍କ ସହ ଶାନ୍ତ ଭାବରେ ଧ୍ୟାନ କରୁଛି । ଜଣେ ଦୁଆର ପର୍ଯ୍ୟନ୍ତ ଆସି ଟିକେ ଉଙ୍କି ମାରି ଦେଖିନେଲା; ତା'ପରେ ଭିତରକୁ ଆସି ବିସ୍ତାରିତ ଭାବେ ଘଟଣାଟି ବର୍ଣ୍ଣନା କରି କହିଲା ଯେ ଏଥରକ ଘଟଣାଟି ଚରମକୁ ଉଠିଲାଣି । ମୁଁ ତା'ର ସବିଶେଷ ବର୍ଣ୍ଣନାରୁ ଘଟଣାଟି କ'ଣ ତତ୍‌କ୍ଷଣାତ୍ ବୁଝିନେଲି । ଅବଶ୍ୟ କହି ରଖିବା ଦରକାର ଯେ ଏଇ କେତେଦିନ ମଧ୍ୟରେ ଏହାର ଯେତେ ପ୍ରକାରର କାରଣ ସମ୍ଭବ ହୋଇପାରେ ସେଗୁଡ଼ିକ ତନ୍ନ ତନ୍ନ କରି ଅନୁସନ୍ଧାନ କରାଯାଇଥିଲା, କିଛି ବି ବାକି ନଥିଲା; ଯେପରିକି କେହି କହିପାରିବେ ନାହିଁ ଅମୁକ କାରଣରୁ ଏହା ଘଟିଥାଇପାରେ । ପୋଲିସକୁ ବି ଖବର ଦେଇ ଅଣା-ଯାଇଥିଲା । ସେମାନଙ୍କୁ କୁହାଯାଇଥିଲା ଯେ କେତେକ ଲୋକ ଆମ ଘରକୁ ଢେଲା ଫିଙ୍ଗୁଛନ୍ତି ଏବଂ ସେମାନେ ଯେମିତି ଆସି କେଉଁଠୁ ଓ କେମିତି ଢେଲାଗୁଡ଼ିକ ଆସି ପଡୁଛି ତାହା ଖୋଜି ବାହାର କରନ୍ତି ।

ଜଣେ ପୋଲିସ ଆସି ପହଞ୍ଚିଲେ, ଘଟଣାଟି ଶୁଣି କହିଲେ, ''ଓଃ, ଭାଟେଲ୍ ବୋଧହୁଏ ଆପଣଙ୍କର ରାନ୍ଧୁଣିଆ, ଆଉ କିଛି କହିବାକୁ ପଡ଼ିବ ନାହିଁ, ବ୍ୟାପାରଟା ବୁଝିପାରିଛି । ସେ ରୀତିମତ ପିସ୍ତଲ ଧରି ଅଗଣାରେ ଛିଡ଼ା ହୋଇରହିଲା । ଗୋଟିଏ ହେଲେ ବି ଢେଲା ଆଉ ପଡ଼ିଲା ନାହିଁ । ମୁଁ ସେତେବେଳେ ଦୋତାଲାରେ ଶ୍ରୀଅରବିନ୍ଦଙ୍କ ସଙ୍ଗେ ତାଙ୍କ କକ୍ଷ ସଂଲଗ୍ନ ଛାତ ଉପରେ ଛିଡ଼ା ହୋଇ ଘଟଣାଟି ଦେଖୁଥିଲି । ମୁଁ ଶ୍ରୀଅରବିନ୍ଦଙ୍କୁ କହିଲି, ଘଟଣାଟି ଜଟିଳ ହୋଇଉଠିଲାଣି । ଆମେ ପୋଲିସକୁ ଡାକି ଆଣିଲୁ ଓ ସଙ୍ଗେ ସଙ୍ଗେ ଢେଲା ପଡ଼ିବା ବନ୍ଦ ହୋଇଗଲା । ଏବେ ସେମାନେ କହିବେ ଆମ କଥାଗୁଡ଼ିକ ମନଗଢ଼ା । ଘଟଣାଟି ସତ୍ୟ ନୁହେଁ ।'' କହୁ କହୁ ପୁଣି ଢେଲା ପଡ଼ିବା ଆରମ୍ଭ ହୋଇଗଲା । କିନ୍ତୁ ଢେଲାଗୁଡ଼ିକ ଆମ ଛାତର ଟିକିଏ ଦୂରରେ ପଡ଼ିବାକୁ ଆରମ୍ଭ କଲା । ଆମ ଆଡ଼େ ଗୋଟିଏ ବି ପଡୁ ନଥିଲା । ସେତେବେଳେ ପୋଲିସ କର୍ମଚାରୀ ଜଣକ କହିଲେ, ''ମୋର ଏଠାରେ ଆଉ ରହିବା ଦରକାର ନାହିଁ । ମୁଁ ଘଟଣାଟି ଭଲ ଭାବେ ବୁଝିଗଲିଣି । ଏସବୁ ଆପଣଙ୍କର ସେହି ଭାଟେଲ୍‌ର କାଣ୍ଡ । ଏହା ପଛରେ ତା'ରି ହାତ ଅଛି । ମୁଁ ଯାଉଛି ।'' ଟିକିଏ ଅସ୍ୱାଭାବିକ ଭାବରେ ସେ ସେଇ ଜାଗା ଛାଡ଼ି ଚାଲିଗଲେ ।

ମୁଁ ସେତେବେଳେ ଅନ୍ୟମାନଙ୍କୁ କହିଲି ପିଲାଟିକୁ ଅନ୍ୟତ୍ର ପଠାଇ ଦେବାକୁ । କେହି ତା'ର ଶୁଶ୍ରୂଷା କର, କିନ୍ତୁ ଏଠାରେ ଆଉ ତାକୁ ମୁହୂର୍ତ୍ତେ ମାତ୍ର ରଖ ନାହିଁ । ତା'ପରେ ଆଉ କିଛି କରିବାର ଦରକାର ନାହିଁ । ତୁମେମାନେ ଶାନ୍ତ ରୁହ, ଟିକିଏ ବି ଭୟ କରନା ।

ମୁଁ ଶ୍ରୀଅରବିନ୍ଦଙ୍କ କକ୍ଷରେ ବସିଥିଲି । ଭାବିଲି ଦେଖାଯାଉ ଘଟଣାଟି କ'ଣ ? ତା'ପରେ ମୁଁ ଧ୍ୟାନରେ ବସି ଛୋଟ ଆବାହନଟିଏ କରି କହିଲି, ''କିଏ ତୁମେ ସବୁ, ମୋ ଆଗକୁ ଆସ ଓ କୁହ ଦେଖି କିଏ ଆମମାନଙ୍କ ଉପରକୁ ଢେଲା ଫିଙ୍ଗୁଛି ?'' ଡାକିବା କ୍ଷଣି ଦେଖିବାକୁ ପାଇଲି, ମୋ ଆଗରେ ଆସି ହାଜର ହେଲେ ତିନିଟି ପ୍ରାଣ ଜଗତର କ୍ଷୁଦ୍ର କ୍ଷୁଦ୍ର ସତ୍ତା । ଆକାରରେ ଅତିଶୟ କ୍ଷୁଦ୍ର । ଏମାନଙ୍କର ନିଜର କୌଣସି ଶକ୍ତି ନାହିଁ । ଏହି କ୍ଷୁଦ୍ର ସତ୍ତାମାନେ ଗୋଟାଏ ନିର୍ଦ୍ଦିଷ୍ଟ କାମର ଉପଯୋଗୀ, ଖୁବ୍ ସୀମିତ, ସାମାନ୍ୟ କିଛି ଚେତନା ମାତ୍ର ଅଛି; ପ୍ରାୟ କିଛି ନୁହେଁ ବୋଲି କହିଲେ ଚଳେ । କିନ୍ତୁ ଯେଉଁମାନେ ଗୁଣିଗାରେଡ଼ି ଜାଣନ୍ତି, ସେହିମାନେହିଁ ଏମାନଙ୍କୁ କାମରେ ଲଗାନ୍ତି । ଗୁଣି ପ୍ରୟୋଗ କରି ସେମାନେ ଡାକିବାମାତ୍ରେହିଁ ଏମାନେ ଆସନ୍ତି ଏବଂ ସେମାନଙ୍କ ଆଦେଶ ମୁତାବକ କାମ କରନ୍ତି । ଏହିସବୁ ପ୍ରକ୍ରିୟା ପାଇଁ ବିଶେଷ ସଙ୍କେତ ଓ ଶବ୍ଦ ବା ବାକ୍ୟମାନ ଅଛି ।

ଯା'ହେଉ ସେଇ ସତ୍ତାମାନେ ଆସି ମୋ ଆଗରେ ଛିଡ଼ା ହେଲେ ଆଉ ଡରରେ ଗୋଟାପଣେ ଥରିବାକୁ ଲାଗିଲେ – ଭୀଷଣ ଡରି ଯାଇଥିଲେ ସେମାନେ । ମୁଁ ସେମାନଙ୍କୁ କହିଲି, ''ଆଚ୍ଛା ଏପରି ଭାବରେ ଢେଲା ଫିଙ୍ଗିବାର ଅର୍ଥ କ'ଣ ? ଏହି ବଦଖିଆଲର କାରଣ କ'ଣ କୁହ ତ ?''

ତା'ପରେ ସେମାନେ କହିଲେ, ''ଦେଖନ୍ତୁ, ଆମର କୌଣସି ଦୋଷ ନାହିଁ, ଆମେମାନେ ଆଜ୍ଞାପାଳନ କରିବାକୁ ବାଧ୍ୟ। ଆମ ଉପରେ ହୁକୁମ ଜାରି ରହିଛି, ଅପରାଧ ଆମର ନୁହେଁ।'' ଶୁଣି ମୋତେ ଖୁବ୍ ହସ ଲାଗିଲା। କିନ୍ତୁ ସେମାନଙ୍କ ଆଗରେ ମୁଁ ନିଜର ଗାମ୍ଭୀର୍ଯ୍ୟ ରଖି ବେଶ୍ ସ୍ପଷ୍ଟ ଭାବରେ ସେମାନଙ୍କୁ କହିଲି, ''ଛାଡ଼, ଏହା ପରଠାରୁ ଆଉ ଢେଲା ପଥର ଫିଙ୍ଗିବ ନାହିଁ, ବୁଝିଲ ?'' ଏହା ଶୁଣି ସେମାନେ ମୋତେ କହିଲେ, ''ଆପଣ ଆମକୁ ରଖନ୍ତୁ, ଆମେ ଆପଣଙ୍କ ଆଦେଶ ମାନି କାମ କରିବୁ।'' ସେତେବେଳ ମୁଁ ଭାବିଲି ଏହା ବେଶ୍ ଏକ ମଜାର ବିଷୟ; ତା'ପରେ ସେମାନଙ୍କୁ ପଚାରିଲି, ''ତୁମେମାନେ କି କାମ କରିପାର ?'' ସେମାନେ କହିଲେ, ''ଆମେମାନେ ଢେଲା ଫିଙ୍ଗିପାରୁ।'' ମୁଁ କହିଲି, ''ସେଥିରେ ମୋର କିଛି ଲାଭ ନାହିଁ, କାରଣ ମୁଁ କାହା ଉପରକୁ ଢେଲା ଫିଙ୍ଗିବାକୁ ଚାହେଁ ନାହିଁ। କିନ୍ତୁ ତୁମେମାନେ ମୋତେ ଫୁଲ ଆଣି ଦେଇପାରିବ କି ? ଧର ଭଲ ଗୋଲାପ ଫୁଲ ?'' ସେତେବେଳେ ସେମାନେ ଅପ୍ରସ୍ତୁତ ହୋଇ ପରସ୍ପର ଆଡ଼କୁ ଚାହିଁଲେ ଓ ମୋତେ କହିଲେ, ''ନା, ସେପରି କାମ କରିବାକୁ ଆମେ ତିଆରି ହୋଇ ନାହୁଁ। ସେ କାମ ଆମକୁ ଜଣା ନାହିଁ।'' ମୁଁ କହିଲି, ''ତା'ହେଲେ ତୁମମାନଙ୍କଠାରେ ମୋର କୌଣସି ଦରକାର ନାହିଁ, ତୁମେମାନେ ଚାଲିଯାଅ, କିନ୍ତୁ ସାବଧାନ, କେବେହେଲେ ଏ ଆଡ଼କୁ ଆସିବ ନାହିଁ, ଆସିଲେ ତୁମମାନଙ୍କ ଅବସ୍ଥା ଶୋଚନୀୟ ହେବ।'' ସେମାନେ ପଳାଇ ଯାଇ ରକ୍ଷା ପାଇଲେ, ଆଉ କୌଣସି ଦିନ ଆସି ନାହାନ୍ତି।

ଗୋଟିଏ ଜିନିଷହିଁ ଲକ୍ଷ୍ୟ କରିଥିଲି ଯେ ଘର ଭିତର ଛାତର ଠିକ୍ ତଳୁ ଏହି ଟେକା ପଡ଼ିବାଟା ଆଖିରେ ଦେଖିବାକୁ ମିଳୁଥିଲା। ଅର୍ଥାତ୍, ଛାତଠାରୁ ଚଟାଣ ପର୍ଯ୍ୟନ୍ତ ସେହି ଟିକକ ଉଚ୍ଚତା ମଧ୍ୟରେହିଁ ତାହା ଆଖିରେ ପଡୁଥିଲା। ବାହାର ଦିଗରୁ ଛାତର ଆଗ ପର୍ଯ୍ୟନ୍ତ କିଛି ନଥିଲା। ତା'ମାନେ ବସ୍ତୁଟି ଆକାର ନେଉଥିଲା ଏହି ଜାଗାଠାରୁ। ଶୂନ୍ୟ ଆକାଶରେ ଟେକା ବା ପଥର ଉଡ଼ି ଆସୁଥିବାର କେହି ଦେଖୁ ନଥିଲେ। କୋଠାର ବାୟୁମଣ୍ଡଳ ମଧ୍ୟକୁ ଆସିବା ପରଠାରୁହିଁ ସେଗୁଡ଼ିକ ବାସ୍ତବ ଆକାର ନେଉଥିଲେ ଏବଂ ଆସି ତଳେ ପଡୁଥିଲେ।

ଯା'ହେଉ ବ୍ୟାପାରଟି ସଂପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ମୁଁ ତା'ପର ଦିନ ସକାଳେ ତଳକୁ ଯାଇ ରୋଷେଇ ଘର ଭିତରକୁ ଗଲି ଓ ଚାରିଆଡ଼କୁ ଚାହିଁବାକୁ ଲାଗିଲି। ଘଟଣାଟି ଘଟିଥିଲା ତା' ପୂର୍ବଦିନ ସନ୍ଧ୍ୟାରେ; ଦେଖିଲି ରୋଷେଇ ଘର ଭିତରେ ଗୋଟିଏ ଖମ୍ବ ଦେହରେ କୋଇଲା ଦେଇ ମୋଟା ମୋଟା ଅକ୍ଷରରେ ତାମିଲ ଭାଷାରେ କିଛି ଲେଖା ହୋଇଛି। କେତେଗୁଡ଼ିଏ ଗାର କଟାଯାଇ କିଛି ଚିହ୍ନ ଅଙ୍କା ଯାଇଥିଲା ଓ କେତେକ ଶବ୍ଦ ଲେଖାଥିଲା। ସେଗୁଡ଼ିକର ରେଖାଚିତ୍ର ବର୍ତ୍ତମାନ ମନେପଡୁ ନାହିଁ। ତାହା ଦେଖି ମୁଁ ସେଗୁଡ଼ିକୁ ଭଲ ଭାବରେ ପୋଛି ପକାଇଲି ଓ ଦିବ୍ୟ ଶକ୍ତିଙ୍କୁ ଆବାହନ କଲି। ତା'ପରେ ଏହିଠାରେ ନାଟକଟିର ସମାପ୍ତି ଘଟିଲା।

କିନ୍ତୁ ଏହାର ଶେଷ ଏଇଠି ଘଟି ନଥିଲା। ଭାଟେଲ୍‌ର ଝିଅ ଥିଲା ଆମର ଆୟା ବା ଚାକରାଣୀ। ଖରାବେଳେ ସେ ଆସି ହାଜର ହେଲା, ଭୟରେ କଳାକାଠ ପଡ଼ିଯାଇଥାଏ। କାନ୍ଦି କାନ୍ଦି କହିଲା ତା'ର ବାପାଙ୍କ ଅବସ୍ଥା ଖୁବ୍ ଖରାପ, ତାଙ୍କୁ ଡାକ୍ତରଖାନାକୁ ନିଆଯାଇଛି। ସକାଳେ ତାଙ୍କର ଦେହ ହଠାତ୍ କ'ଣ ହୋଇଗଲା ଓ ବର୍ତ୍ତମାନ ମରଣାପନ୍ନ ଅବସ୍ଥା। ମୁଁ ବ୍ୟାପାରଟି ବୁଝିପାରିଲି ଓ ଯାଇ ଶ୍ରୀଅରବିନ୍ଦଙ୍କୁ କହିଲି, ''ଜାଣନ୍ତି, ଭାଟେଲ୍‌କୁ ଡାକ୍ତରଖାନାକୁ ନିଆଯାଇଛି, ତା'ର ଅବସ୍ଥା ମରଣାପନ୍ନ।'' ଶ୍ରୀଅରବିନ୍ଦ ମୋ' ଆଡ଼କୁ ଚାହିଁ ଟିକେ ମୃଦୁ ହସି କହିଲେ, ''ବିଚରା ! ମାତ୍ର ସେଇ କେଇଟା ଟେକା ଫିଙ୍ଗିଛି ବୋଲି।'' ସେହିଦିନ ସନ୍ଧ୍ୟାବେଳେହିଁ ସେ ଭଲ ହୋଇଗଲା। ପରେ କିନ୍ତୁ ସେ କେବେ ବି ସେପରି କାଣ୍ଡ ଆଉ କରି ନାହିଁ।

*ପ୍ରଶ୍ନ : ମା', କାହିଁକି ଇଟା ଖଣ୍ଡସବୁ ସେହି ସ୍ୱଳ୍ପ ସ୍ଥାନ ଭିତରେ ଦେଖିବାକୁ ମିଳୁଥିଲା ?*

**ଶ୍ରୀମା** : ତାହାହିଁ ବିସ୍ମୟକର। ଶୁଣାଯାଏ ଯେ ଏପରି ଲୋକମାନେ ଅଛନ୍ତି ଯେଉଁମାନେ ଜିନିଷର ବସ୍ତୁଗତ ଆକାରକୁ ଲୋପ କରିଦେଇ ପୁଣି ସେଗୁଡ଼ିକୁ ବସ୍ତୁଗତ ଆକାର ଦେଇ ବାସ୍ତବ ଜଗତକୁ ଫେରାଇ ଆଣିପାରନ୍ତି। ଏ କ୍ଷେତ୍ରରେ ବସ୍ତୁ ଥିଲା ଇଟାଖଣ୍ଡମାନ, ଅତି ସାଧାରଣ ଇଟାଖଣ୍ଡ। କିନ୍ତୁ ଏଗୁଡ଼ିକ ବାସ୍ତବ ଆକାର ନେଉଥିଲା, — ମାତ୍ର ସେଇ ଟିକକ ସ୍ଥାନରୁ, ଯେଉଁଠାରୁ ଏହି ଗୁଣି ଶକ୍ତି କାର୍ଯ୍ୟକାରୀ କରାଯାଉ ଥିଲା। ଏହି ଶକ୍ତି ପ୍ରଯୁକ୍ତ ହୋଇଥିଲା କେବଳ ଏହି କୋଠାଟି ଉପରେ ଏବଂ ବିଶେଷ କରି କୋଠାର ଅଗଣା ଉପରେ ଏବଂ ପ୍ରାଣଜଗତର ନିମ୍ନଶକ୍ତିଗୁଡ଼ିକ କେବଳ ଏହି ଜାଗାଟି ଉପରେ କାମ କରୁଥିଲେ। ଏଇଥିପାଇଁ ମୁଁ ଯେତେବେଳେ ସେହି ପିଲାଟିକୁ ଏ ସ୍ଥାନରୁ ଅନ୍ୟତ୍ର ପଠାଇଦେଲି, ତା'ପରଠାରୁ

ସେ ଆଉ ଟେକା ପଡ଼ିବାର ଆଘାତ ସହି ନାହିଁ । କାରଣ ଏହି ଗୁଣିଟା ବିଶେଷ କରି ଏହି କୋଠାଟି ପାଇଁ କରାଯାଇଥିଲା ଏବଂ ଅଦୃଶ୍ୟ ଟେକାଗୁଡ଼ିକ ପୁଣି ଏହି କୋଠାର ଅଗଣାରେ ଆସି ବାସ୍ତବ ରୂପ ପାଉଥିଲା । ଦତ୍ତା ବିରୋଧରେହିଁ ବେଶୀ ଆକ୍ରୋଶ, ସେଥିପାଇଁ ଟେକା ଆସି ତାଙ୍କ ହାତରେ ଲାଗିଲା ।

ହଁ, ମନେ ପଡୁଛି ଆହୁରି ଏକ ମଜାର ଜିନିଷ; କାହା ପାଖକୁ ଭାଟେଲ୍ ଯାଇଥିଲା ଏହି କାଣ୍ଡଟି କରିବା ପାଇଁ ତାହା ଆମେ ଅନେକ ଦିନ ପରେ ଜାଣିବାକୁ ପାଇଲୁ । ସେ ଏକ ଗୁଣିଆ, ଏ ଅଞ୍ଚଳର ଲୋକମାନଙ୍କ ନିକଟରେ ଖୁବ୍ ପରିଚିତ, ଭାଟେଲ୍ ତାକୁ ଯାଇ କହିଲା, ସେ ଆମ ସମସ୍ତଙ୍କୁ ଘରଛଡ଼ା କରିବାକୁ ଚାହେଁ । ସେ ଭୀଷଣ ରାଗିଯାଇଥିଲା ଓ ସେହି ଗୁଣିଆକୁ ଟେକା ପକାଇବା ପାଇଁ କହିଥିଲା ।

ତାହା ଶୁଣି ଗୁଣିଆଜଣକ କହିଲା, ‘‘କିନ୍ତୁ ସେ କୋଠାରେ ଶ୍ରୀଅରବିନ୍ଦ ବାସ କରନ୍ତି ବୋଲି କହୁଛ ପରା ?’’ ଭାଟେଲ୍ କହିଲା, ‘‘ହଁ’’ । ଗୁଣିଆ ଜଣକ କହିଲା, ‘‘ନା, ତା’ହେଲେ ମୋ ଦ୍ୱାରା ସେ କାମ ହେବ ନାହିଁ, ତୁମେ ଯାହା ଖୁସି କରିପାର । ମୁଁ କିନ୍ତୁ ସେ ସ୍ଥାନରେ କିଛି କରିପାରିବି ନାହିଁ ।’’ ଭାଟେଲ୍ ତା’ପରେ ତାକୁ ବହୁତ ଅନୁରୋଧ କରି ଟଙ୍କା ଆହୁରି ବଢ଼ାଇ ଦେବାର ପ୍ରଲୋଭନ ମଧ୍ୟ ଦେଖାଇଲା । ତା’ପରେ ଗୁଣିଆ ତାକୁ କହିଲା, ‘‘ଆଚ୍ଛା, ଗୋଟାଏ ରଫା ହୋଇଯାଉ । ଶ୍ରୀଅରବିନ୍ଦଙ୍କୁ କେନ୍ଦ୍ର କରି ୨୫ ମିଟର ବୃତ୍ତ ଭିତରେ ଟେକା ପଡ଼ିବ ନାହିଁ । ଟେକା ଯେଉଁଠାରେ ପଡ଼ିବ ସେଠାରୁ ଶ୍ରୀଅରବିନ୍ଦ ରହିବେ ସବୁବେଳେ ୨୫ ମିଟର ତଫାତ୍‌ରେ । ଏହି ସର୍ତ୍ତରେ ରାଜି ହୋଇ ଉକ୍ତ ଗୁଣିଆ ତା’ର ଗୁଣି ପ୍ରୟୋଗ କଲା ଏବଂ ଟେକା ପଡ଼ିବାକୁ ଲାଗିଲା । କିନ୍ତୁ କୌଣସି ଦିନ ଖଣ୍ଡିଏ ହେଲେ ଟେକା ଆମ ନିକଟରେ ଆସି ପଡ଼ି ନାହିଁ । ଆମେ ସ୍ୱଚକ୍ଷୁରେ ଦେଖିଛୁ ଅଗଣାର ଶେଷ ପ୍ରାନ୍ତରେ ଯାଇ ପଡ଼ିଛି ।

ଏସବୁ କାଣ୍ଡ ସେମାନେ ଘଟାଇ ପାରନ୍ତି । କିପରି ଏହା କରିବାକୁ ହୁଏ ତାହା ବହିରେ ଲେଖା ଅଛି । ତା’ହେଲା କେତେଗୁଡ଼ିଏ ଶବ୍ଦ ଓ କ୍ରିୟାକର୍ମର ଅନୁଷ୍ଠାନ । ସେସବୁର ଏକ ବିଶେଷ ଶକ୍ତି ଅଛି । ଏହା ସତ ଯେ ଯେଉଁ ଲୋକଟି ଏସବୁ କାମ କରେ, ଆମ ମଧ୍ୟରେ ମଧ୍ୟ ସେହି ଜାତୀୟ ଗୋଟାଏ ଶକ୍ତି ଥିବା ଦରକାର । ତା’ହେଲା ପ୍ରାଣସ୍ତରର ଗୋଟାଏ ଶକ୍ତି; ସେଥିସଙ୍ଗେ ମନର ଶକ୍ତି ବି ଟିକେ ଥିବା ଦରକାର, ଖୁବ୍ ବେଶୀ ନୁହେଁ, ତେବେ ସାମାନ୍ୟ ଟିକେ ହେଲେ ବି ଚଳିବ । କିନ୍ତୁ ପ୍ରାଣର ପ୍ରଚୁର ଶକ୍ତି ଥିବା ଦରକାର, ଯେପରିକି ସେ ସେହିସବୁ କ୍ଷୁଦ୍ର ସତ୍ତାମାନଙ୍କୁ ନିଜ ଆୟତ୍ତରେ ରଖିପାରିବ ଏବଂ ବ୍ୟବହାର କରିପାରିବ । ଅବଶ୍ୟ ସେହି କ୍ଷୁଦ୍ର ସତ୍ତାମାନେ ଯେ ସେହି ଲୋକକୁ ମାନି ଚଳନ୍ତି, ତାହା କେବଳ ଭୟର ତାଡ଼ନାରେ । କାରଣ ତା’ ନହେଲେ ଏହି ଗୁଣିଆମାନେ ସେମାନଙ୍କୁ ପୂରା ବିଲୋପ କରିଦେବେ । ଗୁଣିଆମାନଙ୍କର ଏହି କ୍ଷମତା କଥା ସେମାନେ ଭଲଭାବେ ଜାଣନ୍ତି, ତେଣୁ ଖୁବ୍ ଭୟ କରନ୍ତି ।

କିନ୍ତୁ ଏହିପରି ଘଟଣାଗୁଡ଼ିକ ଉପରେ, ଏହିସବୁ ପ୍ରାଣ ଜଗତର କ୍ଷୁଦ୍ରସତ୍ତା ବା ଗଠନଗୁଡ଼ିକ ଉପରେ ସାମାନ୍ୟ ଟିକେ ବିଶୁଦ୍ଧ ଆଲୋକ ରେଖା ପକାଇ ପାରିଲେହିଁ ଯଥେଷ୍ଟ – ବିଶୁଦ୍ଧ ଶୁଭ୍ର ଜ୍ୟୋତିଃର କଣିକା, ତାହା ହେଲା ଦିବ୍ୟ ଗଠନର ଆଲୋକ; ତାହାର ଗୋଟିଏ ବିନ୍ଦୁ ଏମାନଙ୍କ ଉପରେ ପ୍ରୟୋଗ କଲା ମାତ୍ରେ, ଏମାନେ ଏକାଥରେ ମିଳାଇଯିବେ, ଯେପରି କି ଏମାନଙ୍କ ଅସ୍ତିତ୍ୱ କେବେ ବି ନଥିଲା । ଅଥଚ ଏହି ଦିବ୍ୟଜ୍ୟୋତିଃର ଯେଉଁ ଶକ୍ତି, ତାହା ଧ୍ୱଂସର ନୁହେଁ, ତାହାହେଲା ଗଠନର ଶକ୍ତି ଏବଂ ତାହା ଏହି ଅପଶକ୍ତିମାନଙ୍କର ଏପରି ପ୍ରକୃତି ବିରୁଦ୍ଧ ଯେ ତା’ର ସଂସ୍ପର୍ଶକୁ ଆସିବା ମାତ୍ରେହିଁ ସେମାନେ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇ ଯାଆନ୍ତି । ସେଇଥିପାଇଁ ମୁଁ ସେମାନଙ୍କୁ ଯେତେବେଳେ ଡାକିଲି ସେମାନେ ଏତେ ଭୟଭୀତ ହୋଇପଡ଼ିଲେ । କାରଣ ସେହି ଦିବ୍ୟଜ୍ୟୋତିଃର ଶୁଭ୍ରକଣିକା ସେମାନଙ୍କୁ ଦେଖାଇ କହିଥିଲି, ‘‘ଦେଖୁଛ ତ, ଏଠାରେ ଏହି ବସ୍ତୁ ରହିଛି ! ଏଥର ମୋ ଆଗକୁ ଚାଲିଆସ ଓ ମୋ ପ୍ରଶ୍ନର ଉତ୍ତର ଦିଅ ।’’ ମାତ୍ର ସେମାନେ ଯାହା କହିଲେ ତାହା ପ୍ରକୃତରେ ଭାରି ପ୍ରାଣସ୍ପର୍ଶୀ : ‘‘ଆପଣ ଯାହା ଚାହିଁବେ, ଆମେ ତାହା କରିବାକୁ ପ୍ରସ୍ତୁତ ଅଛୁ ।’’ ମୁଁ କହିଲି, ‘‘ଆଚ୍ଛା, ତେବେ ତୁମେମାନେ କ’ଣ କରିପାରିବ ?’’– ‘‘ଆମେ ଢେଲା ପକାଇ ପାରିବୁ !’’ (*ସମସ୍ତେ ହସିଲେ*)

(CWM, Vol. 6, page : 57 - 62)

**ଶେଷ ପୃଷ୍ଠା :**

# ଜୀବନ ଓ ପୂର୍ଣ୍ଣଯୋଗ

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ଧର୍ମ ସମ୍ବନ୍ଧରେ ଅରୋଭିଲ୍‌ବାସୀମାନଙ୍କୁ ଦେଇଥିବା ଏକ ପୁସ୍ତକରେ ମା'ଙ୍କର ଏକ ବାଣୀ ଥିଲା ।

"Our research will not be a search effected by mystic means. It is in life itself that we wish to find the Divine. And it is through this discovery that life can really be transformed."

''ଆମର ଗବେଷଣା ଏପରି ଏକ ସନ୍ଧାନ ହେବ ନାହିଁ ଯାହା ଗୂଢ଼ ବା ରହସ୍ୟମୟ ଉପାୟସବୁକୁ ଆଶ୍ରୟ କରେ । ଜୀବନ ଭିତରେହିଁ ଆମେ ଭଗବାନଙ୍କୁ ପାଇବାକୁ ଚାହୁଁ ଏବଂ ଏହି ଆବିଷ୍କାର ଜରିଆରେହିଁ ଜୀବନର ପ୍ରକୃତ ରୂପାନ୍ତର ସମ୍ଭବପର ।''

ଏହି ବାର୍ତ୍ତା ସମ୍ପର୍କରେ ଜଣେ ଅରୋଭିଲ୍‌ବାସୀ ମା'ଙ୍କୁ ପଚାରିଥିଲେ ଗୂଢ଼ ବା ରହସ୍ୟମୟ ଉପାୟସବୁ କହିଲେ କ'ଣ ବୁଝାଏ ଓ କାହିଁକି ତା' ଆମ ସନ୍ଧାନର ଉପାୟ ହେବ ନାହିଁ । ଏହାର ଉତ୍ତରରେ ମା' କହିଥିଲେ :

''ଗୂଢ଼ ରହସ୍ୟମୟ ଉପାୟ ସବୁ ବୋଲି ମୁଁ ସେହିମାନଙ୍କ ମାର୍ଗ ସମ୍ପର୍କରେ କହିଛି ଯେଉଁମାନେ ଜୀବନରୁ ନିଜକୁ ଅପସାରିତ କରି ନିଅନ୍ତି; ଉଦାହରଣସ୍ୱରୂପ, ସେହିସବୁ ସାଧୁସନ୍ଥ ଯେଉଁମାନେ ଜୀବନରୁ ଅପସରି ଯାଇ ମଠ ବା କନ୍‌ଭେଣ୍ଟ ଆଦିର ଆଶ୍ରୟ ନିଅନ୍ତି ବା ଏଠାକାର ସନ୍ନ୍ୟାସୀମାନେ ଯେଉଁମାନେ ଆଧ୍ୟାତ୍ମିକ ଜୀବନ ଲାଭ ଉଦ୍ଦେଶ୍ୟରେ ବାସ୍ତବ ଜୀବନକୁ ବର୍ଜନ ବା ତହିଁରୁ ପଳାୟନର ପନ୍ଥା ଗ୍ରହଣ କରନ୍ତି । ସେମାନେ ଏ ଦୁଇଟି ଭିତରେ ଏକ ବିରୋଧ ଛିଡ଼ା କରାଇ କୁହନ୍ତି, 'ଏହି ଦୁଇଟି ଭିତରୁ ତୁମକୁ ଗୋଟିକୁହିଁ ବାଛି ନେବାକୁ ହେବ ।' କିନ୍ତୁ ଆମେ କହୁ, 'ଏହା ସତ୍ୟ ନୁହେଁ । ଜୀବନରେ ଏବଂ ସମଗ୍ର ଭାବରେ ଜୀବନଯାପନ କରିବା ଦ୍ୱାରାହିଁ ଆମେ ଆଧ୍ୟାତ୍ମିକ ଜୀବନଯାପନ କରିପାରିବା, ଏହି ଭାବରେହିଁ କେବଳ ଆଧ୍ୟାତ୍ମିକ ଜୀବନ ଲାଭ କରିବାକୁ ହେବ । ପରମ ଦିବ୍ୟ ଚେତନାକୁ ଏହିଠାରେହିଁ ଉତାରି ଆଣିବାକୁ ହେବ ।' ନିରୋଳା ଜଡ଼ ଓ ଭୌତିକ ଦୃଷ୍ଟିକୋଣରୁ ମଣିଷ ସର୍ବଶେଷ ଜୀବ ନୁହେଁ । ଯେପରି ପଶୁ ପରେ ଆସିଛି ମଣିଷ ସେହିପରି ମଣିଷର ପରବର୍ତ୍ତୀ ଜୀବ ରୂପେ ଆସିବ ଆଉ ଏକ ସତ୍ତା । କେବଳ ଗୋଟିଏ ମାତ୍ର ଦିବ୍ୟ ଚେତନା ରହିଛି । ସେହି ଏକ ଚେତନାହିଁ ମନୁଷ୍ୟର ଅନୁଭୂତି ଲାଭ କରିବା ପରେ ଏକ ଅତିମାନବ ସତ୍ତାର ଅନୁଭୂତି ଲାଭ କରିବ । ଏବଂ ଆମେ ଯଦି ଜୀବନକୁ ଛାଡ଼ି ପଳାଇଯାଉ, ଯଦି ଜୀବନକୁ ବର୍ଜନ କରୁ ତା'ହେଲେ ଆମେ କେବେହେଲେ ତାହା କରିବା ପାଇଁ ପ୍ରସ୍ତୁତ ହୋଇ ପାରିବୁ ନାହିଁ ।''

ପ୍ରକୃତରେ ଯୋଗ ହେଉଛି ନିଜର ଦିବ୍ୟ ପୂର୍ଣ୍ଣତାର ପଥରେ ଜୀବନର ସହଜ, ସୁସ୍ଥ ଓ ସ୍ୱାଭାବିକ ବିକାଶ, ହୁଏତ ଦ୍ରୁତତର ବିକାଶ ବୋଲି କୁହାଯାଇପାରେ । କିନ୍ତୁ ଏହାକୁ ଏକ mystic, ଏକ ରହସ୍ୟାବୃତ ଦୁର୍ବୋଧ, ଦୁର୍ଜ୍ଞେୟ ଓ ଅସାଧ, ପ୍ରାୟ ଅସ୍ୱାଭାବିକ ପଥ ବୋଲି ମନେ କରିବା ପଛରେ ରହିଛି ଜୀବନ ଓ ଯୋଗକୁ ଅଲଗା ଅଲଗା କରି ଦେଖିବାର ଭୁଲ୍ । ଆମେ ଯାହାକୁ ସ୍ୱାଭାବିକ ଜୀବନ ବୋଲି କହୁ ତାହା ଏକ ଅତି ସୀମିତ ଜୀବନ । ସୀମାଟାକୁ ଗ୍ରହଣ କରିନେଇ ତାକୁ ସ୍ୱାଭାବିକତାର ନାମ ଦିଆଯାଇଛି । ଆମ ଆଖିରେ ଯାହା ସହଜ ଓ ସ୍ୱାଭାବିକ ଜୀବନ ମା ତାହାର ଏକ ଚିତ୍ର ଦେଇ କହିଛନ୍ତି, –

''ଅଧିକାଂଶ ମଣିଷ, ସେମାନେ ଯାହାକୁ 'ବିକ୍ଷୋଭହୀନ' ଓ 'ଶାନ୍ତିମୟ' ଜୀବନ ବୋଲି କୁହନ୍ତି, ସେହିଭଳି ଏକ ଜୀବନଯାପନ କରିବାକୁ ଇଚ୍ଛା କରନ୍ତି । ସେମାନେ ଆପଣାର ସାନ ଫିତାଟି ଅନୁସାରେ ମପା ଯାଇଥିବା ଗୋଟିଏ ସାନ ସଂଗଠନ ଭିତରେ ରହିବାକୁ ଚାହାନ୍ତି । ସେହି ସଂଗଠନଟି ସାଧାରଣତଃ ଅତ୍ୟନ୍ତ କ୍ଷୁଦ୍ରାୟତନ ହୋଇ ରହିଥାଏ, ସବୁବେଳେ ପ୍ରାୟ ସମାନ କେତୋଟି କାର୍ଯ୍ୟରେ ବାନ୍ଧି ଦିଆ ଯାଇଥିବା ଏକ ନିୟମବଦ୍ଧ ରୁଟିନ୍ ହୋଇ ରହିଥାଏ, ସୀମାଗୁଡ଼ିକ ମଧ୍ୟ ସବୁବେଳେ ପ୍ରାୟ ସେହିପରି ହୋଇ ରହିଥାଆନ୍ତି । ଏବଂ ସେପରି କୌଣସି ବଡ଼ ପାର୍ଥକ୍ୟ ନଥାଇ ତାହାରହିଁ ପୁନରାବୃତ୍ତି ହେବାରେ ଲାଗିଥାଏ ।

''... ସାଧାରଣ ଭାବରେ କହିବାକୁ ଗଲେ ସବୁଠାରୁ ଅଧିକ ସାଧାରଣ ଆଦର୍ଶ ହେଉଛି ଯେ ମନୁଷ୍ୟ ଏପରି ଏକ

ପରିବେଶ ଭିତରେ ଜନ୍ମ ନେବ ଯାହାକି ଯଥେଷ୍ଟ ପରିମାଣରେ ଆରାମଦାୟକ ହୋଇଥିବ, ସେ ଏପରି ଜଣକୁ ବିବାହ କରିବ ଯାହା ଦ୍ୱାରା କି ଜୀବନରେ ବେଶୀଗୁଡ଼ିଏ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ହଁ, ତା'ର ପିଲାମାନେ ମଧ୍ୟ ସୁସ୍ଥ ଓ ସାଧାରଣ ହୋଇ ସେହି ପରିବେଶରେ ମଣିଷ ହୋଇପାରିବେ । ସେମାନେ ମଧ୍ୟ ଯେପରି କଷ୍ଟ ଓ କଷଣର ସମ୍ମୁଖୀନ ନହେବେ, ସେଇଥିଲାଗିହିଁ ସାଧାରଣ ଜୀବନଟି ଭିତରେ ସୁରୁଖୁରୁରେ ବଞ୍ଚିଯାଇ ପାରିବେ । ଶେଷକୁ ବୁଢ଼ା କାଳରେ ଯେପରି ଜୀବନ ବିକ୍ଷୋଭହୀନ ଓ ସୁଖଶାନ୍ତିମୟ ହୋଇ କଟିଯାଇପାରିବ, ଅଧିକ ରୋଗବ୍ୟାଧି ଭୋଗିବାକୁ ପଡ଼ିବ ନାହିଁ ... ଏବଂ ସର୍ବଶେଷରେ ଯେତେବେଳେ ଅବସନ୍ନତା ଆସି ପହଞ୍ଚିବ, ସେତେବେଳେ ଧରାପୃଷ୍ଠରୁ ବିଦାୟ ନେଇ ଯାଇହେବ । ଏଠାରେ ମଧ୍ୟ ସେହି କଥା – ଆମେ କୌଣସି ପ୍ରକାର କଷ୍ଟ ପଡୁ ବୋଲି ଇଚ୍ଛା କରୁ ନାହିଁ ବୋଲି ଶାନ୍ତିରେ ସଂସାରରୁ ବିଦାୟ ନେଇ ଚାଲି ଯିବାକୁ ଇଚ୍ଛା କରୁଥାଉ ... ଏହାହିଁ ସାଧାରଣ ମନୋଭାବ, ଏବଂ ଏହିପରି ଭାବରେ ଆମେ ଭଉଁରି ବୁଲିବାରେ ଲାଗିଥାଉ, ସେହି ଗୋଟିଏ ବୃତ୍ତରେ ପରିକ୍ରମା କରୁଥାଉ । କେତେବେଳେ ଲୁହାର ବୃତ୍ତଟିଏ ତ ପୁଣି କେତେବେଳେ ସୁନାର ବୃତ୍ତଟିଏ ପରିକ୍ରମା କରିବାରେ ଲାଗି ଥାଉ । ମାତ୍ର, ଏହିପରି ଭାବରେହିଁ ଭଉଁରି ବୁଲିବାରେ ଲାଗି ଥାଉ; ଆମ ପରେ ଆମ ପିଲାମାନେ ଓ ତାଙ୍କ ପରେ ତାଙ୍କ ପିଲାମାନେ ବି ଭଉଁରି ବୁଲିବାରେ ଲାଗି-ଥାଆନ୍ତି ।''

କିନ୍ତୁ ସାଧାରଣ ଜୀବନର ଏହି ଗତାନୁଗତିକ ବାହ୍ୟ ରୂପ ଛଡ଼ା ମଣିଷ ଭିତରେ ଆଉ କିଛି ଗଭୀରତର, ମହତ୍ତର ଓ ଉର୍ଦ୍ଧ୍ୱତର ସତ୍ୟ ରହିଛି । ଭିତରର ସେହିସବୁ ସତ୍ୟ ସମ୍ପର୍କରେ ତା'ର ବାହ୍ୟ ସତ୍ତା ସଚେତନ ନଥିଲେ ମଧ୍ୟ ପ୍ରତ୍ୟେକ ମଣିଷ ତା' ନିଜର ଗଭୀର ଗୋପନରେ ଏପରି ଏକ ଚେତନା ଓ ସତ୍ତା ବହନ କରି ଚାଲିଛି ଯାହାକି ଏହିସବୁ ସତ୍ୟ ସହ ଘନିଷ୍ଠଭାବେ ସଂପୃକ୍ତ ଓ ଜଡ଼ିତ । ଯେତେବେଳେ କୌଣସି ନା କୌଣସି ଉପଲକ୍ଷ୍ୟରେ ଅନ୍ତରର ସେହି ସତ୍ୟର କିଛିଟା ସୂକ୍ଷ୍ମ ସ୍ପର୍ଶ ମଣିଷ ପାଏ ସେତେବେଳେ ତା' ପାଇଁ ବାହ୍ୟ ଜୀବନର ଏହି ଗତାନୁଗତିକ ଧାରା ଦୁର୍ବିଷହ ହୋଇଉଠେ, ସେ ଛଟପଟ କରିଉଠେ ଜୀବନର ଏହି ଅନ୍ଧ ଆବର୍ତ୍ତରୁ ବାହାରି ଯିବା ପାଇଁ । ଜୀବନଟା ତାକୁ ଲାଗେ ଏକ ବନ୍ଧନ ପରି, ଏକ କାରାଗାର ପରି; ଲାଗେ ନିତାନ୍ତ ନୀରସ, ଶୁଷ୍କ, ମୂଲ୍ୟହୀନ ଏକ ବୋଝ ପରି । ସେ ଖୋଜେ ସେହି ପଥ, କେମିତି ସେ ଏଥିରୁ ନିଷ୍କୃତି ପାଇବ । ସେ ଖୋଜେ ଅନ୍ତରର ସେହିସବୁ ନିଭୃତ କନ୍ଦର ଯେଉଁଠି ବାହ୍ୟ ଜୀବନର କୌଣସି ପ୍ରଭାବର ପ୍ରତିକ୍ରିୟା ତା' ପାଖରେ ପହଞ୍ଚି ପାରୁ ନାହିଁ, ସେ ଖୋଜେ ଚେତନାର ସେହିସବୁ ଉର୍ଦ୍ଧ୍ୱତର ସ୍ଥିତି ଯାହାକି ବାହ୍ୟ ଜୀବନର ହାତପାହାନ୍ତା ହୋଇ ରହି ନାହିଁ ।

ଏହିସବୁ ଅନ୍ୱେଷଣରେ ଆଗେଇ ଯାଉ ଯାଉ ସେ ସନ୍ଧାନ ପାଏ ପ୍ରକୃତରେ ଅନ୍ତରର ଗଭୀରରେ, ମନର ଉର୍ଦ୍ଧ୍ୱରେ ଅପାର ଶାନ୍ତି, ଆନନ୍ଦ, ଜ୍ଞାନ ଓ ଆଲୋକର ଏପରି ସବୁ ଦିବ୍ୟସମ୍ପଦ ରହିଛି, ଏପରି ସବୁ ଦିବ୍ୟ ଉପସ୍ଥିତି ରହିଛି, ଯାହା ଭିତରେ ସେ ଅନନ୍ତ କାଳ ପାଇଁ ମଜ୍ଜି ରହିପାରେ, ସେଠାରେ ସ୍ଥାନ ଓ କାଳର କୌଣସି ସୀମା ନାହିଁ; ତା'ର ନବଲବ୍ଧ ଚେତନା ନେଇ ଦେଖେ ତା' ଆଗରେ ରହିଛି ଜ୍ଞାନ, ଶକ୍ତି, ଆନନ୍ଦ ଓ ଆଲୋକର ରସମୟ ଏକ ବିପୁଳ ସମୁଦ୍ର ଯାହା ଭିତରେ ଝାସ ଦେଇ ଚିରକାଳ ପାଇଁ ବିଲୀନ ହୋଇଯିବା ଠାରୁ ଅଧିକ ସାର୍ଥକତା ଆଉ କିଛି ନାହିଁ ।

ଜୀବନର ଯେଉଁ ଜଞ୍ଜାଳ ଓ ସୀମିତ ରୂପରୁ ବାହାରି ଆସି ସେ ଏହି ଦିବ୍ୟ ଅନୁଭୂତି ଲାଭ କରିଛି, ତା' ତୁଳନାରେ ସେହି ବାହ୍ୟ ଜୀବନ ଯେ ନିତାନ୍ତ ତୁଚ୍ଛ, ଅର୍ଥହୀନ ଏକ ଭ୍ରମ ବା ଦୁଃସ୍ୱପ୍ନ ପରି ମନେହେବ, ଏହା ସ୍ୱାଭାବିକ । ଆନ୍ତର ଆଧ୍ୟାତ୍ମିକ ଅନୁଭୂତିର ଏହି ଦିବ୍ୟରସ ଆସ୍ୱାଦନ କଲା ପରେ ତେଣିକି ତା'ର ବାହ୍ୟ ଜୀବନର ରୂପ କେମିତି ହେବ ସେ ନେଇ ମଥା ଘୂରାଇବାର କୌଣସି ଆବଶ୍ୟକତା ସେ ଅନୁଭବ କରିବ କାହିଁକି ? ବଞ୍ଚିଥିବା ପର୍ଯ୍ୟନ୍ତ, ଯେଉଁ ଭାବରେ ବି ସେ ଜୀବନ ନିର୍ବାହ କରୁଥାଉନା କାହିଁକି, ତା'ର ଆନ୍ତର ଆନନ୍ଦରୁ ତ କେହି ତାକୁ ବଞ୍ଚିତ କରୁ ନାହିଁ । କାରଣ ସେ ଆନନ୍ଦ କୌଣସି ବାହ୍ୟ ଜିନିଷ ଉପରେ ନିର୍ଭରଶୀଳ ନୁହେଁ, ତାହା ସ୍ୱୟଂସିଦ୍ଧ, ସ୍ୱୟଂପ୍ରତିଷ୍ଠ । ବାହାର ଜୀବନରେ କୌଣସି ସୌନ୍ଦର୍ଯ୍ୟ, କୌଣସି ଭାରସାମ୍ୟ ରଖିବାରେ ତା'ର ଆବଶ୍ୟକତା ବା କେଉଁଠି ? ଲୋକେ ତାକୁ ପାଗଳ, ଜଡ଼ ବା ପିଶାଚ କହିଲେ ସେଥିରେ ତା'ର ଯାଏ ଆସେ କ'ଣ ? ବସ୍ତୁତଃ ଆମର ଆଧ୍ୟାତ୍ମିକ ପରମ୍ପରାରେ ଯୋଗସିଦ୍ଧ ପରମହଂସମାନଙ୍କର ଆଚରଣ ବାଳବତ୍, ଜଡ଼ବତ୍, ପିଶାଚବତ୍ ବା ଉନ୍ମାଦବତ୍ ହେବାହିଁ ସ୍ୱାଭାବିକ ବୋଲି କୁହାଯାଇଛି । ଆଧ୍ୟାତ୍ମିକ ଜୀବନ ବା ଯୋଗ-ଜୀବନ କହିଲେ ଆମ ମନରେ ସବୁବେଳେ ଆସେ

ବାସ୍ତବ ଜୀବନଠାରୁ ବିଚ୍ଛିନ୍ନ କୌଣସି ରହସ୍ୟମୟ, ଅଲୌକିକ, ଅସାଧ, ଦୁର୍ଜ୍ଞେୟ ପଥ ।

ଏହାର କାରଣ ହେଉଛି ସାଧାରଣତଃ ଆମର ଆଧାତ୍ମିକ ପରମ୍ପରାମାନଙ୍କରେ ଜୀବନ ଭିତରୁ ଅପସରି ଯାଇ କେବଳ ଆନ୍ତର ସତ୍ୟର ଏହିସବୁ ଦିବ୍ୟ ଅନୁଭୂତି ଲାଭ କରିବାର ଧାରାକୁହିଁ ଯୋଗ ବୋଲି କୁହାଯାଇଛି । ସେହିସବୁ ଆଧାତ୍ମିକ ଅନୁଭୂତିର ବାହାର ଜୀବନ ପାଇଁ କୌଣସି ଉପଯୋଗ କଥା କ୍ୱଚିତ୍ କୁହାଯାଇଛି । ସେହିସବୁ ଆଧାତ୍ମିକ ଅନୁଭୂତିରୁ ଉପଲବ୍ଧ ସତ୍ୟରେ ବାହ୍ୟ ଜୀବନକୁ ଗଢ଼ିବାର କୌଣସି ଅନ୍ତର୍ନିହିତ ସମ୍ଭାବନା ଜୀବନ ଭିତରେ ଅଛି କି ନାହିଁ ସେସମ୍ପର୍କରେ କୌଣସି ପରୀକ୍ଷା ବା ପ୍ରଚେଷ୍ଟା ହୋଇ ନାହିଁ । ମନେହୁଏ ଯେପରିକି ଆନ୍ତର ଅନୁଭୂତିର ଆନନ୍ଦ ଓ ଆଲୋକରେ ବୁଡ଼ି ରହିବା ପରେ ପୁଣି ଜୀବନ ଆଡ଼କୁ ଦୃଷ୍ଟି ଫେରାଇବା ପାଇଁ ଆଉ କୌଣସି ଅବସର ମିଳି ନାହିଁ ।

ଶ୍ରୀଅରବିନ୍ଦ ଓ ଶ୍ରୀମା କିନ୍ତୁ ଯେଉଁ ପୂର୍ଣ୍ଣଯୋଗ କଥା କହିଛନ୍ତି ତାହା ବିଷୟଟିକୁ ନେଇଛି ଭିନ୍ନ ଭାବରେ । ପୂର୍ଣ୍ଣଯୋଗର ଦୃଷ୍ଟିରେ ଜୀବନର ଲକ୍ଷ୍ୟ ଓ ଯୋଗର ଲକ୍ଷ୍ୟ ଭିନ୍ନ ନୁହେଁ । ଜୀବନହିଁ ଯୋଗର ଚରମ ସିଦ୍ଧିର କ୍ଷେତ୍ର । ଜୀବନକୁ ବାଦ୍ ଦେଇ ଜଣେ ଆଧାତ୍ମିକ ସତ୍ୟଲାଭ କରିପାରେ, ତହିଁରେ ପ୍ରବେଶ କରିପାରେ, କିନ୍ତୁ ତାହାକୁ ଆଧାତ୍ମିକ ଜୀବନ ବୋଲି କୁହାଯାଇ ପାରିବ ନାହିଁ । ଆଧାତ୍ମିକ ଜୀବନ ହେଉଛି ଆଧାତ୍ମିକ ସତ୍ୟକୁ ଜୀବନରେ ଫୁଟାଇ ତୋଳିବା, ଏହି ସଂସାର ଓ ଜୀବନରେ ତାହାକୁ ଏପରି ରୂପାୟିତ କରିବା ଯେତେବେଳେ କି ଦୁଇଟି ଭିତରେ କେବଳ ଯେ କିଛି ବିରୋଧ ରହିବ ନାହିଁ, ଖାଲି ସେତିକି ନୁହେଁ, ଦୁଇଟିଯାକ ହୋଇଉଠିବେ ଏକ ଏବଂ ଅଭିନ୍ନ । ଜୀବନ ଭିତରେହିଁ ପ୍ରତ୍ୟକ୍ଷୀଭୂତ ଓ ପ୍ରକଟିତ ହେବ ଦିବ୍ୟସତ୍ୟର ଏକ ପୂର୍ଣ୍ଣାଙ୍ଗ ରୂପ । ସେଇଥିପାଇଁ ତ ଆମେ ଚାହୁଁଛୁ ମାନବ-ପ୍ରକୃତିର ଦିବ୍ୟ ରୂପାନ୍ତର, ଯାହାଫଳରେ ସମ୍ଭବ ହେବ ସେହି ଦିବ୍ୟଜୀବନ, ବିବର୍ତ୍ତନର ଯେଉଁ ପରିଣତି ଦିଗରେ ସମଗ୍ର ବିଶ୍ୱପ୍ରକୃତି ଭଗବତ୍ ସଂକଳ୍ପ ସହ ଯୋଗଯୁକ୍ତ ହୋଇ କ୍ରିୟା କରିଚାଲିଛି ।

ଜୀବନ ହେଉଛି ଦିବ୍ୟସତ୍ୟର ଅନନ୍ତ ଅଭିବ୍ୟକ୍ତିର ଏକ ଶାଶ୍ୱତ ଧାରା । କିନ୍ତୁ ଏହି ସତ୍ୟଟିକୁ ଠିକ୍ ଭାବରେ ବୁଝିବା ପାଇଁ ପାରମ୍ପରିକ ଅଧ୍ୟାତ୍ମବାଦୀ ଓ ଜଡ଼ବାଦୀ ଉଭୟେ ଅସମର୍ଥ ହୋଇଛନ୍ତି । ଏ ସମ୍ପର୍କରେ ଉଭୟେ ସମାନ ଭୁଲ୍ କରିଛନ୍ତି ଓ ସେ ଭୁଲ୍‌ଟି ହେଲା ଜୀବନର କେବଳ ବାହ୍ୟ ରୂପଟିକୁ ଦେଖି ସେହି ରୂପଟିକୁହିଁ ଜୀବନର ସମଗ୍ର ସତ୍ୟ ବୋଲି ଦେଖିବା ଓ ନିଜ ସୀମିତ ଅନୁଭୂତିରେ ଆବଦ୍ଧ ହୋଇ ସେହି ବାହାର ରୂପଟିକୁହିଁ ଜୀବନ ଆଗରେ ଏକ ଦୁର୍ଲଙ୍ଘ୍ୟ ସୀମା ରୂପେ ରଖିବା ।

ତେଣୁ ବାହ୍ୟ ଜୀବନ ଉପରେ ଅସାଧାରଣ କର୍ତ୍ତୃତ୍ୱ ଓ ପ୍ରଭୁତ୍ୱ ଫଳାଇ ପାରିବା ପାଇଁ ସକ୍ଷମ ସେ ଯେତେ ବଡ଼ ଜଡ଼ବାଦୀ ହୁଅନ୍ତୁ ନା କାହିଁକି ବା ଆନ୍ତର ଜୀବନର ମହାନ୍ ଆଧାତ୍ମିକ ଉପଲବ୍ଧି ପାଇଁ ସମର୍ଥ ସେ ଯେତେ ବଡ଼ ଆଧାତ୍ମିକ ମହାପୁରୁଷ ହୁଅନ୍ତୁ ନା କାହିଁକି, ଜୀବନ ସମ୍ପର୍କରେ ଉଭୟଙ୍କ ଦୃଷ୍ଟିକୋଣ ସୀମିତ । ସେଇଥିପାଇଁ ଜଡ଼ବାଦୀ ଜଣକ ଜୀବନ ପଛରେ ଯେଉଁ ଅନନ୍ତ ଗଭୀର ଶାଶ୍ୱତ ସତ୍ୟ ରହିଛି, ଯଥାର୍ଥରେ ଯାହାହିଁ ଜୀବନର ମୂଳ ଭିତ୍ତିସ୍ୱରୂପ, ତାହାଠାରୁ ଜୀବନକୁ ବିଚ୍ଛିନ୍ନ କରି ଦେଖିବା ଫଳରେ ତା' ପାଇଁ ବାହ୍ୟ ଜୀବନହିଁ ଏକମାତ୍ର ସତ୍ୟ । ତେଣୁ ଜୀବନର ସମସ୍ତ ସାର୍ଥକତା ସେ ଖୋଜୁଛି କାମନାବାସନାକୁ ଚରିତାର୍ଥ କରି ଭୋଗର ଆନନ୍ଦରେ ମଜ୍ଜି ରହିବାରେ । ଅପର ପକ୍ଷେ ଅଧ୍ୟାତ୍ମବାଦୀ ଜଣକ ଅନ୍ତରରେ ଆଧାତ୍ମିକ ସତ୍ୟକୁ ଉପଲବ୍ଧି କରି ତାହାର ଜ୍ଞାନ ଓ ଆନନ୍ଦରେ ବୁଡ଼ି ରହି ସେହି ଆଧାତ୍ମିକ ସତ୍ୟକୁ ବିଚ୍ଛିନ୍ନ କରିଦେଖୁଛି ଜୀବନଠାରୁ । ସେ ତା'ର ସମସ୍ତ ତୃପ୍ତି ଓ ସିଦ୍ଧି ଖୋଜିଛି ଅନ୍ତରରେ ଆଧାତ୍ମିକ ସତ୍ୟକୁ ଉପଲବ୍ଧି କରି ସେଇଥିରେ ବାସ କରିବାରେ, ବାହ୍ୟ ଜୀବନର ରୂପ ଯା' ହେଉନା କାହିଁକି ସେଥିରେ ତା'ର କିଛି ଯାଏ ଆସେ ନାହିଁ । କାରଣ ତା' ଦୃଷ୍ଟିରେ ବାହ୍ୟ ଜୀବନ ସବୁକାଳ ପାଇଁ ଶାଶ୍ୱତ ସତ୍ୟଠାରୁ ବିଚ୍ଛିନ୍ନ ଏକ ଅନ୍ଧ ଆବର୍ତ୍ତ, ଏକ ଅର୍ଥହୀନ ପ୍ରହେଳିକା, ଏକ ମାୟାର ଇନ୍ଦ୍ରଜାଲ ହୋଇରହିବ । ଜୀବନ ସମ୍ପର୍କରେ ଏହା ଏକ ସମ୍ପୂର୍ଣ୍ଣ ଭୁଲ୍ ଦୃଷ୍ଟିକୋଣ, ଜଡ଼ବାଦୀର ଭୁଲ୍‌ଠାରୁ ଏହି ଭୁଲ୍ କୌଣସି ଗୁଣରେ କମ୍ ନୁହେଁ ।

ପୂର୍ଣ୍ଣଯୋଗ କିନ୍ତୁ ଜୀବନକୁ ଦେଖେ ଭିନ୍ନ ଭାବରେ । ଯଦି ଏ ସମସ୍ତ ସୃଷ୍ଟି – ସ୍ଥାବର, ଜଙ୍ଗମ ସବୁକିଛିହିଁ ବ୍ରହ୍ମ, ତା'ହେଲେ ଏହି ବିଶ୍ୱପ୍ରକୃତି, ଏହି ସଂସାର, ଏହି ଜୀବନ ତା'ର ବାହ୍ୟ ରୂପରେ ଯେଡ଼େ ଅଜ୍ଞାନମୟ ପ୍ରତୀତ ହେଲେ ବି ସେସବୁ ବ୍ରହ୍ମର ଲୀଳାବିଳାସର ନାନା ସ୍ପନ୍ଦନ ଓ ବିଭିନ୍ନ ସ୍ଫୁରଣ ଛଡ଼ା ଅନ୍ୟ କିଛି ନୁହେଁ । ଯଦି ସର୍ବଭୂତରେ ଭଗବାନ୍ ବିଦ୍ୟମାନ, ଯଦି ସମସ୍ତଙ୍କ ହୃଦୟରେ ଅନ୍ତର୍ଯାମୀ ରୂପେ ସେ ବିରାଜମାନ,

ଯଦି ସେ ସମସ୍ତଙ୍କ ଭିତରେ ଓ ସମସ୍ତେ ତାଙ୍କ ଭିତରେ ରହିଛନ୍ତି, ତେବେ ଜୀବନ ଭିତରେ ମଧ୍ୟ ସେ ରହିଛନ୍ତି ଓ ତାଙ୍କର ସମସ୍ତ ସତ୍ୟ ଏହି ଜୀବନ ଭିତରୁ ଖୋଜିବାରେ ଅସୁବିଧା କେଉଁଠି ? ତେବେ ଜୀବନ ବୋଲି ଆମେ ଯେଉଁ ସୀମିତ ଦେହ, ପ୍ରାଣ ଓ ମନର ଅଂଶଟିକୁ ସମଗ୍ର ଜୀବନ ବୋଲି ବୁଝୁ, ଭାବନା ଓ ଅନୁଭୂତିର ସେହି ସୀମାଟିକୁ ଛାଡ଼ିବାକୁ ହେବ । ଜୀବନର କେବଳ ବାହ୍ୟ ରୂପ ନୁହେଁ, ତା'ର ଆନ୍ତର ରୂପକୁ; କେବଳ ବ୍ୟକ୍ତିଗତ ରୂପ ନୁହେଁ, ତା'ର ବିଶ୍ୱଗତ ଓ ବିଶ୍ୱାତୀତ ରୂପ ଓ ସତ୍ୟସବୁକୁ ଏକତ୍ର ଧରି ରଖିବାକୁ ହେବ ଆମ ସତ୍ତାର ଏକ ସୀମାହୀନ ଅନନ୍ତ ଉନ୍ମୋଚନ ଭିତର ଦେଇ । ଅହଂଚାଳିତ ଜୀବନର କ୍ଷୁଦ୍ର ଗଣ୍ଡିଟିରୁ ମୁକ୍ତ ହୋଇ ଏକ ଅନନ୍ତ ମହାଜୀବନର ଧାରାକୁ ଆଲିଙ୍ଗନ କରିବାକୁ ହେବ । ବୁଝିବାକୁ ହେବ 'ମୁଁ' ବା 'ମୋର ଜୀବନ' ବୋଲି କିଛି ନାହିଁ, — ତାହାହିଁ ମାୟା; ଏକ ଶାଶ୍ୱତ ସତ୍ୟର ଜୀବନଲୀଳାହିଁ ମୂର୍ତ୍ତ ହେଉଛି ପ୍ରତ୍ୟେକଟି ଜୀବର ଜୀବନ ଭିତରେ । ନିଜର ଦିବ୍ୟ ଭଗବତ୍ ସ୍ୱରୂପକୁ ଭୁଲି ଯାଇଥିବାରୁହିଁ ଜୀବ ଏଠି ନିଜକୁ ମାୟାଗ୍ରସ୍ତ ଆବଦ୍ଧଜୀବ ବୋଲି ମନେକରୁଛି । ଆମର ସେହି ଦିବ୍ୟ ସ୍ୱରୂପକୁ ଆମକୁ ସ୍ମରଣ କରିବାକୁ ହେବ କେବଳ ଅନ୍ତର ଭିତରେ ନୁହେଁ, ଜୀବନର ସମସ୍ତ କର୍ମ ଓ ପ୍ରକାଶ ଭିତରେ । ଯେଉଁ ସତ୍ୟରେ ଜୀବନ ଓ ସଚ୍ଚିଦାନନ୍ଦ ଏକ ଓ ଅଭିନ୍ନ, ସେହି ସତ୍ୟକୁ ଆମକୁ ଜୀବନ ଭିତରେହିଁ ଆବିଷ୍କାର କରିବାକୁ ହେବ; ଆମର ଯେଉଁ ସତ୍ତାରେ ଆମେ ଭଗବାନଙ୍କ ସହ ଏକ ଓ ଅଭିନ୍ନ ସେହି ସତ୍ତାରେ ବାସ କରିବାକୁ ହେବ । ଜୀବନ ବିକାଶର ସମସ୍ତ ଧାରାକୁ ନେଇ ଆମକୁ ମିଳିତ ହେବାକୁ ହେବ ସେସବୁର ଯୁଗପତ୍ ଉତ୍ସ ଓ ଲକ୍ଷ୍ୟ ସେହି ଅନନ୍ତ ଶାଶ୍ୱତ ଦିବ୍ୟସତ୍ୟ ସହ ଏବଂ ସେହି ସତ୍ୟର ମହାପ୍ଲାବନରେ ପରିପ୍ଲାବିତ କରି ଦେବାକୁ ହେବ ଆମର ଭିତର ବାହାର ସବୁକିଛିକୁ ।

ଏହାହିଁ ପୂର୍ଣ୍ଣଯୋଗର ଧାରା । ପୂର୍ଣ୍ଣଯୋଗର ଅର୍ଥ ବୁଝାଇବାକୁ ଯାଇ ଶ୍ରୀଅରବିନ୍ଦ ଜଣେ ସାଧକଙ୍କୁ ଲେଖିଥିବା ପତ୍ରରେ ଅତି ସଂକ୍ଷେପରେ ସୂଚାଇ ଥିଲେ,

''ପୂର୍ଣ୍ଣଯୋଗର ଅର୍ଥ ହେଉଛି :

୧. ଭଗବାନଙ୍କୁ ପାଇବା ପାଇଁ ଆମର ସାଧନାକୁ କେବଳ ମନ ଭିତର ଦେଇ (ଜ୍ଞାନ) ବା କେବଳ ହୃଦୟ ଭିତର ଦେଇ (ଭକ୍ତି) ବା କେବଳ ସଂକଳ୍ପ ଓ କର୍ମ ଭିତର ଦେଇ (କର୍ମଯୋଗ) ଆଗେଇ ନେବା ପରିବର୍ତ୍ତେ ଆମର ଚେତନା ଓ ସତ୍ତାର ସମଗ୍ର ଅଂଶ ଓ ଶକ୍ତି ନେଇ ଆମକୁ ଭଗବାନଙ୍କୁ ଖୋଜିବାକୁ ହେବ ଗୋଟିଏ ମାତ୍ର ଯୋଗରେ (ଭଗବାନଙ୍କ ସହ ମିଳନର ପଥ) । ଏହି ତିନୋଟି ମାର୍ଗକୁ ଏକତ୍ର କରିବାକୁ ହେବ ଏବଂ ସମସ୍ତ ଚେତନା ଓ ସତ୍ତା ଭିତରେ ଭଗବାନଙ୍କୁ ପାଇବାକୁ ହେବ ତାଙ୍କ ଉପସ୍ଥିତିରେ, ତାଙ୍କ ଚେତନାରେ, ତାଙ୍କ ଶକ୍ତି ଓ ଆଲୋକ ଏବଂ ତାଙ୍କ ଆନନ୍ଦରେ ।

୨. କେବଳ ଆତ୍ମା ଓ ଅନ୍ତରାତ୍ମାରେ ଆମେ ଯେ ଭଗବାନଙ୍କୁ ଉପଲବ୍ଧି କରିବାକୁ ଚାହୁଁଛୁ ଖାଲି ସେତିକି ନୁହେଁ, ଆମର ସମଗ୍ର ପ୍ରକୃତିରେ ତାଙ୍କୁ ଉପଲବ୍ଧି କରିବାକୁ ଚାହୁଁ । (ତାହାର ଅର୍ଥ ହେଲା ଏହି ନିମ୍ନତର ମାନବ ପ୍ରକୃତିକୁ ଦିବ୍ୟ ଆଧ୍ୟାତ୍ମିକ ପ୍ରକୃତିରେ ରୂପାନ୍ତର ସାଧନ ।)

୩. କେବଳ ଜୀବନର ଅତୀତ ବା ଊର୍ଦ୍ଧ୍ୱରେ ଯେ ଆମେ ଭଗବାନଙ୍କୁ ଚାହୁଁଛୁ (ଜନ୍ମଚକ୍ରରୁ ମୁକ୍ତ ହୋଇ), ଖାଲି ସେତିକି ନୁହେଁ, ଆମେ ତାଙ୍କୁ ଚାହୁଁଛୁ ଜୀବନ ନିମନ୍ତେ, ଯେପରିକି ଜୀବନଟାହିଁ ହେବ ଭଗବାନଙ୍କର ଉପଲବ୍ଧି ଓ ଦିବ୍ୟ ଭଗବତ୍ ପ୍ରକୃତିର ଏକ ଅଭିବ୍ୟକ୍ତି ।'' ❖

ବିଜ୍ଞାନ ଓ ଆଧ୍ୟାତ୍ମିକତା ଉଭୟଙ୍କର ଲକ୍ଷ୍ୟ ଏକ — ସେହି ଲକ୍ଷ୍ୟ ହେଉଛି ସର୍ବୋଚ୍ଚ ଦିବ୍ୟସତ୍ତାଙ୍କର ଉପଲବ୍ଧି । ଦୁଇଟି ମଧ୍ୟରେ ଏହି ଗୋଟିଏ ମାତ୍ର ପାର୍ଥକ୍ୟ ରହିଛି ଯେ ଦ୍ୱିତୀୟଟି ସେହି ଲକ୍ଷ୍ୟଟି ସମ୍ବନ୍ଧରେ ଅବଗତ ରହିଥାଏ ଓ ପ୍ରଥମଟି ସେ ବିଷୟରେ ଅବଗତ ନ ଥାଏ ।
(ଡିସେମ୍ବର, ୧୯୬୨)

- ଶ୍ରୀମା